



# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR | ♦VOLUME- 43 ♦ISSUE-105 ♦SATURDAY ♦11 OCTOBER 2025 ♦PAGE-12 ♦₹ 6.00

♦ବର୍ଷ-୪୩ ♦ସଂଖ୍ୟା-୧୦୫ ♦ଶନିବାର ♦୧୧ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ମାରିଆ ମାଚାଡ଼ୋଙ୍କୁ 'ନୋବେଲ ଶାନ୍ତି'



**ଭେନେଜୁଏଲାରେ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ୨୦ ବର୍ଷଧରି ପ୍ରଚେଷ୍ଟାରତ**

**ଟ୍ରମ୍ପ ନିରାଶ**

■ **ଷ୍ଟକହାମ୍, ୧୦।୧୦ (ଏଜେନ୍ସି):** ନୋବେଲ୍ ଶାନ୍ତି ପୁରସ୍କାର ପାଇଁ ନିଜ ସପକ୍ଷରେ ବିଶ୍ୱବ୍ୟାପୀ ସମର୍ଥନ ଜୁଟାଇବାର ବହୁ ପ୍ରୟାସ ଓ ପ୍ରଚାର ସତ୍ତ୍ୱେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ନିରାଶ ହେବାକୁ ପଡ଼ିଛି। ଲାଟିନ ଆମେରିକୀୟ ଦେଶ ଭେନେଜୁଏଲାର ଆଇରନ ଲେଡି ଭାବେ ପରିଚିତ ୫୮ ବର୍ଷୀୟା ମାରିଆ କୋରିନା ମାଚାଡୋଙ୍କୁ ୨୦୨୫ ପାଇଁ ନୋବେଲ ଶାନ୍ତି ପୁରସ୍କାର ପାଇଁ ମନୋନୀତ କରାଯାଇଛି। ବିରୋଧୀ ଦଳ ନେତ୍ରୀ ମାରିଆଙ୍କ ଜୀବନ ପ୍ରତି ବିପଦ ଥିବାରୁ ସେ ଏବେ ଅଜ୍ଞାତବାସରେ ଅଛନ୍ତି। ଦେଶରେ ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ଦୀର୍ଘ ▶ପୃଷ୍ଠା-୧୦

### ପୁଲିସ ଚାକିରି ବେପାର


## ପୂର୍ବତନ ଜେଲ୍ ଡିଆଇଜି କ୍ରାଇମବ୍ରାଞ୍ଚ୍‌ରେ ହାଜର

**ଟଙ୍କା ଜମା କରିଥିବା ୨୦ ଜଣଙ୍କୁ ନୋଟିସ୍; ୫ ପୁଲିସ ଅଧିକାରୀଙ୍କୁ ମାଫ୍**

**ମୁନ୍ନା ସହ ଯୋଗାଯୋଗରେ ନୟାଗଡ଼ର ଶ୍ରୀକାନ୍ତ**

■ **ଭୁବନେଶ୍ୱର, ୧୦।୧୦ (ସମିସ):** ପୁଲିସ୍ ଏସ୍ଆଇ ଚାକିରି ବିକ୍ରି ଘଟଣା ଓଡ଼ିଶା ସୀମା ଡେଇଁ ଜାତୀୟସ୍ତରରେ ପହଞ୍ଚିଛି। ଯୋଜନାବଦ୍ଧ ଭାବରେ ହୋଇଥିବା ଏହି ଚାକିରି ବିକ୍ରି ଷଡ଼ଯନ୍ତ୍ର ମଧ୍ୟପ୍ରଦେଶର କୁଖ୍ୟାତ ବ୍ୟାପମ୍ ସ୍କାମକୁ ବି ଟପି ଯାଇଥିବା କୁହାଯାଉଛି। ଏହି କ୍ରମରେ ଘଟଣାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ଆଜି ପୂର୍ବତନ ଜେଲ ଡିଆଇଜି କୁଳମଣି ବେହେରାଙ୍କୁ ଆଜି ପଚାରାଉଚରା କରିଛି। କ୍ରାଇମବ୍ରାଞ୍ଚ ଅଧିକାରୀମାନେ ଏହି ଘଟଣା ସମ୍ପର୍କରେ ଶ୍ରୀ ବେହେରାଙ୍କୁ ପ୍ରାୟ ୪୫ ମିନିଟ ଧରି ବିଭିନ୍ନ ପ୍ରସଙ୍ଗରେ ପଚାରାଉଚରା କରିଛନ୍ତି। କ୍ରାଇମବ୍ରାଞ୍ଚର ଜଣେ ଡିଆଇଜି ପାହ୍ୟାର ଅଧିକାରୀଙ୍କ ନେତୃତ୍ୱରେ ୪ଜଣିଆ ଦଳ ପୂର୍ବତନ ଜେଲ୍ ଡିଆଇଜିଙ୍କୁ ଓ ପରେ ବଣିକ କୋଚିଂ ସେଣ୍ଟରର ଅଧିକାରୀଙ୍କୁ ଦିନ ସାଢ଼େ ୧୧ଟାରୁ ଅଢ଼େଇଟା ପର୍ଯ୍ୟନ୍ତ ଦୁଇ ପର୍ଯ୍ୟାୟରେ ଜେରା କରିଛନ୍ତି। ଗତ ୩୦ ତାରିଖରେ ଶ୍ରୀକାକୁଳମ୍‌ରୁ ଗିରଫ ହୋଇଥିବା ୧୧୪ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଶ୍ରୀ ବେହେରାଙ୍କ ପୁଅ ଅମୀର ବେହେରା ଅଛନ୍ତି। ତେଣୁ ସେ ମଧ୍ୟ ଚାକିରି ପାଇଁ ଟଙ୍କା ଦେଇଥିବା ଚର୍ଚ୍ଚା ହେଉଛି। ପୁଲିସ ଚାକିରି ପାଇଁ ଜଣ ପିଛା ୨୫ରୁ ୩୫ ଲକ୍ଷ ଟଙ୍କା ଲେଖାଏଁ ▶ପୃଷ୍ଠା-୧୦

## ଦିଲ୍ଲୀରୁ ଫେରିଲେ ନବୀନ



**ଖୁବ୍‌ଶୀଘ୍ର ନୂଆପଡ଼ା ଉପନିର୍ବାଚନ ପ୍ରାର୍ଥୀଙ୍କ ନାମ ଘୋଷଣା**

■ **ଭୁବନେଶ୍ୱର, ୧୦।୧୦ (ସମିସ):** ଶୁକ୍ରବାର ଅପରାହ୍ଣରେ ଦିଲ୍ଲୀରୁ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଗତମାସରେ ନବୀନ ବ୍ୟକ୍ତିଗତ କାର୍ଯ୍ୟବଶତଃ ନୂଆଦିଲ୍ଲୀ ଯାଇଥିଲେ ଓ ନିଜ ବାସଭବନରେ ଅବସ୍ଥାନ କରୁଥିଲେ। ଏହି ସମୟରେ ସେ ନିଜ ପରିବାର ସଦସ୍ୟ ଓ ସାଙ୍ଗସାଥୀଙ୍କୁ ମଧ୍ୟ ଭେଟିଥିଲେ। ଦିଲ୍ଲୀରେ ଏସିଆନ୍ ୱାଇଲ୍ଡଲାଇଫ୍ ଟ୍ରଷ୍ଟ ଏବଂ ଏସିଆନ୍ ହାର୍ଟ ଇନଷ୍ଟିଚ୍ୟୁଟ୍‌ର ପ୍ରତିଷ୍ଠାତା ପଦ୍ମଭୂଷଣ ଡାକ୍ତର ରମାକାନ୍ତ ପଣ୍ଡାଙ୍କ ଦ୍ୱାରା ଆୟୋଜିତ ୱାଇଲ୍ଡଲାଇଫ୍ ଫଟୋ ପ୍ରଦର୍ଶନୀ ସହ ଇଣ୍ଡିଆ ହାବିଟାଟ୍ ସେଣ୍ଟରରେ ଚାଲିଥିବା 'ଭୟେଜେସ୍, ଦି ଆନ୍ସିଏଣ୍ଟ ମେରିଟାଇମ୍ ସିଲ୍କ ରୁଟ୍' କଳା ପ୍ରଦର୍ଶନୀରେ ମଧ୍ୟ ନବୀନଙ୍କୁ ଦେଖିବାକୁ ମିଳିଥିଲା। ଏହା ସତ୍ତ୍ୱେ ନବୀନ ଓଡ଼ିଶାରେ ଘଟୁଥିବା ଘଟଣାକ୍ରମ ଉପରେ ତୀକ୍ଷ୍ଣ ▶ପୃଷ୍ଠା-୧୦



# ଦେଢ଼ କିଲୋମିଟର କାଦୁଅ ରାସ୍ତାରେ ଚାଲିଚାଲି ଆସିଲେ ଗର୍ଭବତୀ



ମାଥିଲି, ୧୦।୧୦(ସମିସ): କାଦୁଅ ରାସ୍ତାରେ ଯାଇପାରିଲାନି ଆମ୍ବୁଲାନ୍ସ। ଦେଢ କିଲୋମିଟର ଚାଲି ଆସିଲେ ଗର୍ଭବତୀ। ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ କତାପାଲି ପଞ୍ଚାୟତ ଅଧିନ ବେଦୁରୁପାଲି ଗାଁରୁ ଆସିଛି ପୁଣି ଜନନୀ ଯନ୍ତ୍ରଣାର ଚିତ୍ର। କାଦୁଅ ରାସ୍ତା ଯୋଗୁ ଆମ୍ବୁଲାନ୍ସ ଯାଇନପାରିବାରୁ ଖୋଦ ଗର୍ଭବତୀଙ୍କୁ ଚଲାଇ ଚଲାଇ ଆଣିଛନ୍ତି ଆଶା ଦିଦି ଏବଂ ସମ୍ପର୍କୀୟ। ଗାଁର କନକ ଦେଈ ଦୁରୁଆଙ୍କର ସକାଳୁ ସକାଳୁ ଗର୍ଭଯନ୍ତ୍ରଣା ହେବାରୁ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ ଗାଁର ଆଶା ଦିଦି। କିନ୍ତୁ କାଦୁଅ ରାସ୍ତା ପାଇଁ ଗାଁ ଯାଇପାରିନଥିଲା ଆମ୍ବୁଲାନ୍ସ। ଶେଷରେ ଚଲାଇ ଚଲାଇ କତାପାଲି ଛକ ଯାଏଁ ଆଣିଥିଲେ ପରିବାର ଏବଂ ଆଶାଦିଦି। ବାରମ୍ବାର ରାସ୍ତା ଶୋଚନୀୟ ଥିବାରୁ ଆମ୍ବୁଲାନ୍ସ ପହଞ୍ଚିପାରୁନଥିବାବେଳେ ରୋଗୀ ହଟହଟା ହେଉଥିବା ଖବର ସାମ୍ନାକୁ ଆସୁଛି।

## ଦୁଇ ରେଳ ଷ୍ଟେସନରେ ଅମୃତ ସମ୍ବାଦ ଅଭିଯାନ

ରାୟଗଡ଼ା,୧୦।୧୦(ସମିସ): ରେଳ ଏବଂ ଦେଶର ସୁବର୍ଣ୍ଣ ଯାତ୍ରାର ସାକ୍ଷୀ ହେବା ପାଇଁ ତଥା ବିକଶିତ ରାଷ୍ଟ୍ରର ଅଧାରକୁ ନେଇ ରେଳବାଇ ପକ୍ଷରୁ ଗୁରୁବାର ବିଶାଖାପଟଣମ ଓ ରାୟଗଡ଼ା ରେଳ ଷ୍ଟେସନ ଠାରେ ଅମୃତ ସମ୍ବାଦ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୱାଲଟିୟର ରେଳ ଡିଭିଜନର ସ୍ୱତନ୍ତ୍ର ଅଭିଯାନ ୫.୦ର ଅଂଶ ଭାବରେ ଅମୃତ ସମ୍ବାଦ ନାମକ ନାଗରିକ-କେନ୍ଦ୍ରୀକ ପଦକ୍ଷେପ ଜାରି ରଖାଯାଇଛି। ଏହି ପରିପ୍ରେକ୍ଷୀରେ ଆଜି ଅମୃତ ସମ୍ବାଦ ବିଶାଖାପାଟଣ ରେଳ ଷ୍ଟେସନର ଏସି ୱେଟିଂ ହଲ ଠାରେ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ବରିଷ୍ଠ ଡିଭିଜନାଲ ସିଗନାଲ ଏବଂ ଟେଲିକମ ଇଂଜିନିୟର ଦୀପ୍ତାଂଶୁ ଶର୍ମା ଯୋଗ ଦେଇଥିଲେ। ରାୟଗଡ଼ା ରେଳ ଷ୍ଟେସନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଂଜିନିୟର ବି.ଅବିନାଶ ଯୋଗ ଦେଇ ସିଧାସଳଖ ଉନ୍ନତି, ପରାମର୍ଶ ଏବଂ ମୂଲ୍ୟବାନ ମତାମତ ରେଳଯାତ୍ରୀଙ୍କ ଠାରୁ ସଂଗ୍ରହ କରିଥିଲେ। ଏହି ସ୍ୱତନ୍ତ୍ର ଅଭିଯାନ ଆସନ୍ତା ୩୧ଅକ୍ଟୋବର ପର୍ଯ୍ୟନ୍ତ ଜାରି ରହିବ ବୋଲି ରେଳବାଇ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଷ୍ଟେସନଗୁଡିକରେ ଯାତ୍ରୀଙ୍କ ପାଇଁ ଥିବା ଉପଲବ୍ଧ ସୁବିଧା ଉପରେ ସନ୍ତୁଷ୍ଟତା ପ୍ରକାଶ କରି ଯାତ୍ରୀମାନେ ନିଜ ଲୋକପ୍ରିୟ ଗନ୍ତବ୍ୟସ୍ଥଳକୁ ସଂଯୋଗ କରିବା ପାଇଁ ଅଧିକ ଟ୍ରେନ ଚଳାଚଳ ପାଇଁ ପ୍ରସ୍ତାବ ରଖିଥିଲେ।

## ସିଆର୍‌ପି, ସିଏମ୍ ସଂଘର ଜିଲ୍ଲାପାଳଙ୍କୁ ଦାବିପତ୍ର




ରାୟଗଡ଼ା,୧୦।୧୦(ସମିସ): ଅଲ୍ ଓଡ଼ିଶା ସିଆର୍‌ପି, ସିଏମ୍ ଆସୋସିଏସନ ରାୟଗଡ଼ା ଜିଲ୍ଲା ଶାଖା ସଭାନେତ୍ରୀ ଶ୍ରୀମତୀ ଭାରତୀ ନାୟକ ଏବଂ ଜିଲ୍ଲା ସମ୍ପାଦିକା ଶ୍ରୀମତୀ ହିରା ଦେବୀ ପ୍ରଧାନଙ୍କ ନେତୃତ୍ୱରେ ରାୟଗଡ଼ା ଜିଲ୍ଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାୟଗଡ଼ା ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବି ପତ୍ରରେ ସଂଘ ପକ୍ଷରୁ ସ୍ୱଷ୍ଟ ଭାବରେ ଉଲ୍ଲେଖ କରାଯାଇଛି ଯେ ରାଜ୍ୟରେ କୌଣସି ସ୍ଥାନରେ ଆମ ସଂଘ ତରଫରୁ ସରକାରଙ୍କ ବିରୁଦ୍ଧରେ ଆନ୍ଦୋଳନ କରାଯାଉନାହିଁ। ଦଶହରା ପର୍ବ ଥିବା କାରଣରୁ ସିଆର୍‌ପି ସିଏମମାନଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରିବାକୁ ନିବେଦନ କରିଛନ୍ତି। ଏହା ବ୍ୟତୀତ ରାଜ୍ୟରେ କାର୍ଯ୍ୟରତ ଥିବା କୌଣସି ସିଆର୍‌ପିମାନଙ୍କୁ କାର୍ଯ୍ୟରୁ ବାହାର କରା ନ ଯାଇ ପୂର୍ବରୁ ସଂଘ ପକ୍ଷରୁ ଦିଆଯାଇଥିବା ଦାବିଗୁଡ଼ିକ ପୂରଣ ଦିଗରେ ପୁର୍ନବିଚାର କରାଯାଉ ଓ ତତ୍ ସଙ୍ଗେ ସଙ୍ଗେ ସିଆର୍‌ପି ସିଏମମାନଙ୍କ ସମସ୍ୟା ନେଇ ସଂଘର କର୍ମକର୍ତ୍ତାମାନଙ୍କ ସହ ସରକାର ଆଲୋଚନା କରିବା ପାଇଁ ସୁଯୋଗ ଦେବା ନେଇ ଅନୁରୋଧ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ଉପସଭାନେତ୍ରୀ ଏସକେ ପଙ୍କଜିନୀ ନାଗ, କୋଷାଧକ୍ଷ ଯାଗାମା ପେରିସିକା, ଗଲ୍ୟାତ ବ୍ରେକବେଡା, ଲକ୍ଷ୍ମୀ ହିସାବ ସହ ଅଲ୍ ଓଡ଼ିଶା ସିଆର୍‌ପି, ସିଏମ୍. ଆସୋସିଏସନର ସମସ୍ତ ବ୍ଲକ୍‌ର ସିଆରପି ସିଏମ ମାନେ ଯୋଗ ଦେଇଥିଲେ।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ଦୁଇ ଗୁରୁତର

କୋଲନାରା, ୧୦।୧୦(ସମିସ):

ରାୟଗଡ଼ା ଜିଲ୍ଲା ଚାନ୍ଦିଲି ଥାନା ଅନ୍ତର୍ଗତ ଝିଞ୍ଜିଲିବାଡ଼ି ନିକଟ ପେଟ୍ରୋଲ ପମ୍ପ ସମ୍ମୁଖ କୁମୁତାଲପେଟା ମୁନିଗୁଡା ମୁଖ୍ୟ ରାସ୍ତାରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏହି ସଡ଼କ ଦୁର୍ଘଟଣାରେ ଉଭୟ ବାଇକ୍ ଅରୋହୀ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ନିମନ୍ତେ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ କୋଲନରା ବ୍ଲକ ଅନ୍ତର୍ଗତ ଗଦବାଗୁଡ଼ାର ରାମଚନ୍ଦ୍ର ହୁଇକା ନିଜ ଘରୁ କୌଣସି କାଯ୍ୟବଶତଃ ଜେକେପୁରୁ ଅଭିମୁଖେ ଯାଉଥିବା ବେଳେ ରାୟଗଡା ବ୍ଲକ ଅନ୍ତର୍ଗତ ପେଣ୍ଟା ପଞ୍ଚାୟତର ଝିଞ୍ଜିଲିବାଡିର ଶ୍ୟାମ କାଡ୍ରକା ଜେକେପୁରରୁ ଘରକୁ ଫେରିବା ସମୟରେ ଝିଞ୍ଜିଲିବାଡ଼ି ନିକଟରେ ଏହି ଦୁର୍ଘଟଣାର ଶିକାର ହୋଇଥିଲେ। ବର୍ତ୍ତମାନ ଶ୍ୟାମଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତ୍ୱର ରହିଛି। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି।

### ୭ ବର୍ଷ ହେଲା ଶେଷ ହେଉନି ପିଏମ୍‌ଏୱାଇ ଗୃହ ନିର୍ମାଣ କାର୍ଯ୍ୟ

# ଦଲାଲ ଖାଇଗଲେ ଟଙ୍କା; ହିତାଧିକାରୀ ହନ୍ତସନ୍ତ

ଜୟପୁର,୧୦।୧୦(ସମିସ): ଗରିବ ଲୋକଙ୍କୁ ପକ୍କା ଗୃହ ଯୋଗାଇବା ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମଏୱାଇ) ଗତ ୨୦୧୫ ମସିହାରେ ଶୁଭାରମ୍ଭ ହୋଇଥିଲା। ମୁଖ୍ୟତଃ ଗରୀବ, ନିରକ୍ଷର ଏବଂ ଗୃହହୀନ ଲୋକମାନେ ଏହା ଦ୍ୱାରା ଉପକୃତ ହୋଇପାରିବେ ବୋଲି ଲକ୍ଷ୍ୟ ରଖାଯାଇ ଏହି ଯୋଜନା ଆରମ୍ଭ କରାଯାଇଥିଲା। କିନ୍ତୁ କିଛି ଦଲାଲ ମାନଙ୍କ ହାବୁଡରେ ଏହି ନିରୀହ ଆଦିବାସୀ, ଗରିବ ଶ୍ରେଣୀର ଲୋକମାନେ। ସେମାନେ ସରକାରଙ୍କ ପକ୍ଷରୁ ପିଏମଏୱାଇ ଯୋଜନାରେ ସାମିଲ ହୋଇଥିଲେ ସୁଦ୍ଧା ଗୃହ ନିର୍ମାଣ ସମାପ୍ତ ହୋଇପାରୁନାହିଁ। ପାଲଟା ଉକ୍ତ ଦଲଲା ଟଙ୍କା ଖାଇ ଅଧପାନ୍ତିଆ ଭାବେ ଗୃହକୁ ନିର୍ମାଣ କରାଯାଉଛି। ଏହି ଯୋଜାନାରେ ସାମିଲ ହୋଇଥିବା ହିତାଧିକାରୀ ଆଶା ରଖିଥିବା ନୂତନ ପକ୍କା ଗୃହରେ ରହିବା କେବଳ ସ୍ୱପ୍ନରେ ରହିଯାଉଛି। ହିତାଧିକାରୀ ମାନେ ସେହି ପୁରୁଣା ଏବଂ ମାଟି ଗୃହରେ ରହୁଛନ୍ତି। ଜୟପୁର ବ୍ଲକ ଅନ୍ତା ପଞ୍ଚାୟତର ସଦର ଗ୍ରାମର ଜଣେ ଦଲାଲ ପ୍ରାୟ ପଞ୍ଚାୟତର ୧୯ଟି ଗୃହ ନିର୍ମାଣ କରିବା ନେଇ ହିତାଧିକାରୀ ମାନଙ୍କ ଟଙ୍କା ନେଇଥିଲେ ସୁଦ୍ଧ ଅଧପାନ୍ତିଆ ଭାବେ ପକାଇ ରଖିଛି। ଫଳରେ ହିତାଧିକାରୀ ମାନେ ସେମାନଙ୍କ ଗୃହ ନିର୍ମାଣ ସମାପ୍ତ କରିପାରୁନାହାଁନ୍ତି। ହାତରୁ ଟଙ୍କା ଖର୍ଚ୍ଚ କରିବା ସହ ସିମେଣ୍ଟ କଂକ୍ରିଟ ଛାତ ବଦଳରେ ଟିଣ ଏବଂ ଝିକର





ଛପର ଗୃହ ନିର୍ମାଣ କରୁଛନ୍ତି। କେତେକ ଗୃହ କେବଳ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡିରହିଛି। ବର୍ତ୍ତମାନ ସରକାରଙ୍କ ନିର୍ଦ୍ଦେଶକ୍ରମେ ପ୍ରତ୍ୟେକ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ପ୍ରଶାସନ ପକ୍ଷରୁ ପିଏମଏୱାଇ ଅନ୍ତପାନ୍ତିଆ ଗୃହନେଇ ସର୍ଭେ କରାଯାଉଥିବା ବେଳେ ଏହିପରି ଘଟଣା ପଦାକୁ ଆସିଛି। ଏଥିନେଇ ବିଡିଓ ଶକ୍ତି ମହାପାତ୍ରଙ୍କ ନିକଟରେ ହିତାଧିକାରୀ ମାନେ ଅଭିଯୋଗ କରିଥିଲେ। ଦଲାଲ ମାନଙ୍କ ବିରୋଧରେ ଥାନାରେ ଅଭିଯୋଗ କରିବାକୁ ବିଡିଓ ଶ୍ରୀ ମହାପାତ୍ର ଅଭିଯୋଗକାରୀ ମାନଙ୍କୁ ପରାମର୍ଶ ଦେଇଛନ୍ତି। ଅନ୍ତା ଗ୍ରାମପଞ୍ଚାୟତରେ ଗତ ୨୦୧୮-୧୯ ମସିହାରେ ଏପରି ପ୍ରାୟ ୧୯ଟି ଘର ଅଧପନ୍ତରିଆ ଭାବେ ପଡିରହିଥିବା ବେଳେ ସ୍ଥାନୀୟ ଗ୍ରାମର ଜଣେ ଦଲଲା ନିଜକୁ ସାମ୍ବାଦିକ କହି ଗରିବ ତଥା ନିରୀହ ଆଦିବାସୀ ସଂପ୍ରଦାୟର ହିତାଧିକାରୀଙ୍କ ଗୃହ ନିର୍ମାଣ କାର୍ଯ୍ୟ କରିବା ଲାଳସା ଦେଖାଇଥିଲେ। ସେମାନଙ୍କ ବ୍ୟାଙ୍କ ଖାତାରୁ ଟଙ୍କା ଉଠାଣ କରୁଥିବା ବେଳେ ଗୃହ ନିର୍ମାଣ ଆରମ୍ଭ କରିଥିଲେ ସୁଦ୍ଧା ଅଧପାନ୍ତିଆ ଭାବେ ଗୃହ ଗୁଡିକ ନିର୍ମାଣ କରି ରଖିଛନ୍ତି। ଗତ ୭ ବର୍ଷ ମଧ୍ୟରେ ୨ ଜଣ ହିତାଧିକାରୀ ବୈଦି ନାୟକ ଏବଂ ଚନ୍ଦ୍ର ବାରାହାଣ୍ଡିଙ୍କ ମୃତ୍ୟୁ ହୋଇଛି। ଭିନ୍ନକ୍ଷମ ଲୁକୁ ଚଲାଣ ମଧ ଏହି ଦଲଲାଙ୍କ ଶୀକାର ହୋଇଛନ୍ତି। ହିତାଧିକାରୀ ମାନେ ତାଙ୍କୁ ଗୃହ ନିର୍ମାଣ ସମାପ୍ତ କରିବାକୁ କହିଲେ ସୁଦ୍ଧା , ସେ ଏଥିପ୍ରତି କୌଣସି କର୍ଣ୍ଣପାତ କରୁନଥିବା ବେଳେ ଗତ କିଛ ଦିନ ପୂର୍ବରୁ ଗ୍ରାମ ଛାଡି ଚାଲିଯାଇଥିଲେ। ପୁଣି ନିଜ ଗ୍ରାମକୁ ଫେରିବା ପରେ ହିତାଧିକାରୀ ମାନେ ପୁଣି ତାଙ୍କୁ ଗୃହ ନିର୍ମାଣ କରିବାକୁ ବାଧକରିବାରୁ ସେ ମାନସିକ ରୋଗାକ୍ରାନ୍ତ ବୋଲି ହିତାଧିକାରୀଙ୍କ ଠକି ଚାଲିଛନ୍ତି। ଅନ୍ତା ଗ୍ରାମପଞ୍ଚାୟତର ସରପଞ୍ଚ ବାବୁଲା ଦିସାରୀ ହିତାଧିକାରୀ ମାନଙ୍କୁ ସ୍ଥାନୀୟ ଦଲାଲଙ୍କ ଦ୍ୱାରା ଠକାମୀ କରିଥିବା ନେଇ ତଦନ୍ତ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ବାଗ୍ରାଗୁଡା ଗ୍ରାମର ହିତାଧିକାରୀ ଦାମ ମୁଦୁଲୀ ସଂପୃକ୍ତ ଦଲଲାଙ୍କ ବିରୋଧରେ ସଦରଥାନାର ଦ୍ୱାରସ୍ଥ ହୋଇଥିବା କହିଛନ୍ତି। ପ୍ରକାଶ ଯେ, ଅନ୍ତା ପଞ୍ଚାୟତର ସଦରଗ୍ରାମ ଠାରେ ୧୧ ଜଣ ହିତାଧିକାରୀଙ୍କ ଗୃହ ଅଧପାନ୍ତିଆ ଭାବେ ପଡିରହିଛି। ସେମାନଙ୍କ ମଧ୍ୟରୁ ବନସିଂ ପାଣ୍ଡେଙ୍କ ଟଙ୍କା ଉଠାଣ କରାଯାଇ କେବଳ ଛାତ ପର୍ଯ୍ୟନ୍ତ ନିର୍ମାଣ କରାଯାଇ ରଖାଯାଇଥିଲା। ଏହାପରେ ହିତାଧିକାରୀ ଶ୍ରୀ ପାଣ୍ଡେ ନିଜେ ଟିଣ ଛପର ଏବଂ ଘରକୁ ପ୍ଲାଷ୍ଟର କରିବା ସହ ବର୍ତ୍ତମାନ ସେଠାରେ ରହୁଛନ୍ତି। ଏହିପରି ଗ୍ରାମର ହିତାଝିକାରୀ ଡମୁ ବୋଦାପଟିଆ, ଶ୍ରୀକର ନାୟକ, ଭକ୍ତରାମ ତଲିଆ, ଦୁଇଟି କିସ୍ତିରେ ୫୫ ହଜାର ଟଙ୍କା ଉଠାଣ କରାଯାଇଛି। କିନ୍ତୁ ଗୃହ ଗୁଡିକ ଅଧପାନ୍ତିଆ ହୋଇପଡିଛି ଏବଂ କିଛ ଘର ବିନା ସିମେଣ୍ଟ କଂକ୍ରିଟ ଛାତରେ, ଟିଣ ଛପର କରି ରହୁଛନ୍ତି। ସେହିପରି ମତ କମାରଙ୍କ ଘରର ତିନୋଟି କିସ୍ତିରେ ପ୍ରାୟ ଏକ ଲକ୍ଷ ଟଙ୍କା ଉଠାଣ ହୋଇଛି। କିନ୍ତୁ କେବଳ ଭତ୍ତିପ୍ରସ୍ତର ହୋଇ ପଡିରହିଛି। କପିଳ ବୋଦାପୁଟିଆ, ଲୁକୁ ଚଲାଣଜୟରାମ ପୂଜାରୀଙ୍କ ୩ଟି କିସ୍ତିରେ ଏକ ଲକ୍ଷ ଟଙ୍କା ଉଠାଣ କରାଯାଇଛି। କିନ୍ତୁ ଘର ଗୁଡିକ ଅଧପାନ୍ତିଆ ହୋଇ ପଡିରହିଛି। ମୃତକ ବୈଦି ନାୟକ ଏବଂ ଚନ୍ଦ୍ର ବରାହାଣ୍ଡିଆଙ୍କ ହିତାଧିକାରୀଙ୍କ ନାମରେ ୧ ଲକ୍ଷ ଟଙ୍କା ଉଠାଣ କରାଯାଇଛି ଏବଂ ଗୃହ ଗୁଡିକ ଅଧପାନ୍ତିଆ ହୋଇ ପଡିରହିଛି।

## ଦୁଇ ବାଇକ୍ ମୁହାଁମୁହିଁ, ୨ ଗୁରୁତର

କୋଷାଗୁମୁଡା,୧୦।୧୦(ସମିସ): ଆଜି କୋଷାଗୁମୁଡା ମୁଖ୍ୟ ବଜାର ରାସ୍ତା ତଥା ଟିଅମି ବିଦ୍ୟାଳୟ ସମ୍ମୁଖ ରାସ୍ତା ଉପରେ ବିପରିତ ଦିଗରୁ ଦୁଇ ବାଇକ୍ ଚାଳକ ମୁହାଁମୁହିଁ ହୋଇ ଗୁରୁତର ଅବସ୍ଥାରେ କୋଷାଗୁମୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ସେହି ବାଇକ ଚାଳକ ମାନେ ହେଲେ ଢଳେଶ୍ୱର ମାଝୀ(୧୭) ସନ୍ତୋଷପୁର ଓ ମହେଶ୍ୱର ବିନ୍ଧାଣି ସିର୍ସିଆଗୁଡାର ବୋଲି ଜଣାପଡିଛି। ସ୍ଥାନୀୟ କୋଷାଗୁମୁଡା ପୁଲିସ ଦୁଇ ବାଇକକୁ ଥାନାରେ ରଖିଥିବା ଜଣାପଡିଛି। ଦୁଇ ଆହତ ଯୁବକ ଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ପ୍ରାଥମିକ ଚିକିତ୍ସା କରି ଘରକୁ ପଠାଇଦିଆଯାଇଛି ବୋଲି ଡାକ୍ତର ସ୍ୱାଧୀନ ପାଇକରାଇ ସୂଚନା ଦେଇଛନ୍ତି। କୋଷାଗୁମୁଡାରେ ଶୁକ୍ରବାର ସାପ୍ତାହିକ ବଜାର ଭିଡ଼ରେ ନୂଆ ବାଇକ୍ ଚାଳକ, ମଦୁଆ ବାଇକ୍ ଚାଳକ ବେପରୁଆ ଗାଡି ଚଳାଇ ଅନେକ ଥର ଦୁର୍ଘଟଣା ଘଟାଉଥିବା ଜଣାପଡ଼ିଛି।

## ଡାବୁଗାଁରେ ବରିଷ୍ଠ ନାଗରିକ ଦିବସ

ଡାବୁଗାଁ, ୧୦।୧୦(ସମିସ):



ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷଠାରେ ବରିଷ୍ଠ ନାଗରିକ ଦିବସ-୨୦୨୫ ବ୍ଲକ ଅଧକ୍ଷା ବୀଣା ମାଝିଙ୍କ ଅଧକ୍ଷତାରେ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ସମ୍ମାନିତ ଅତିଥି ଭାବେ ରାଜ୍ୟସଭା ସାଂସଦଙ୍କ ପ୍ରତିନିଧି ରାମାରାଓ ଚୌଧୁରୀ, ଜିଲାପରିଷଦ ସଭ୍ୟ ଧନସିଂ ଭତ୍ରା ଓ ଗୁପ୍ତ ବିଶୋଇ, ଭାଜପା ଜିଲା ଯୁବ ମୋର୍ଚ୍ଚା ସଭାପତି ଶୁଭଜିତ ପାଣିଗ୍ରାହୀ, ଭାଜପା ବୋରିଗାଁ ମଣ୍ଡଳ ସଭାପତି ଜଗଦୀଶ ଭତ୍ରା, ବିଡିଓ ଶରତ ମାଝି, ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଆଦିତ୍ୟ ନାରାୟଣ ରଥ, ବ୍ଲକ କଂଗ୍ରେସ ସଭାପତି ଜି. ସାଇ ରାଜୁ, ବରିଷ୍ଠ ବିଜେଡି ନେତା ଏମ୍. ଆପ୍ପା ରାଓ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ଉପସ୍ଥିତ ବରିଷ୍ଠ ନାଗରିକ ମାନଙ୍କୁ ଉତ୍ତୋରୀୟ ଦେଇ ସମ୍ମାନିତ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ରଚନା ପ୍ରତିଯୋଗୀତାରେ କୃତକାର୍ଯ୍ୟ ହୋଇଥିବା ରେବତୀ ମିର୍ଗାନ (୧ମ), ବନିତା ବିଶୋଇ (୨ୟ) ଓ ପରମାନନ୍ଦ ଭତ୍ରା (୩ୟ) ସ୍ଥାନ ଅଧିକାର କରିଥିବାରୁ ମାନପତ୍ର ସହ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ଏହା ସହ ୫ଟି ପରିବାରକୁ ରାସନ କାର୍ଡ ପ୍ରଦାନ କରାଯାଇଥିଲା । ଏଥିରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ କଲ୍ୟାଣ ସଂଘର ସଭାପତି ନିତ୍ୟାନନ୍ଦ ମହାନ୍ତି, ସମ୍ପାଦକ ମୁରଲୀଧର ଡାକୁଆ, ନବ କିଶୋର ଜୟସିଂ, ସେନାପତି ବେହେରା, ପୀତାମ୍ବର ଜେନା, କାଶୀନାଥ ତ୍ରିପାଠୀ, ଲକ୍ଷ୍ମୀଧର ଶୁଦ୍ଧି, ପୂର୍ଣ୍ଣଚନ୍ଦ୍ର ପୂଜାରୀ, ରବିନାରାୟଣ ମହାନ୍ତି, ସିମାଞ୍ଚଳ ଦାସ, ସମସ୍ତ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ମୋଟ ୭୦ ଜଣ ବରିଷ୍ଠ ନାଗରିକ ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ ପରିଚାଳନା କରିଥିଲେ।

## ବାଇକ୍-ସ୍କୁଟି ମୁହାଁମୁହିଁ ଧକ୍କା, ଜଣେ ମୃତ

ଉମରକୋଟ,୧୦।୧୦(ସମିସ) ବାଇକ୍ ଏବଂ ସ୍କୁଟି ମୁହାଁମୁହିଁ ଧକ୍କା ହେବାରୁ ଜଣେ ମୃତ୍ୟୁବରଣ କରିଥିବା ବେଳେ ଜଣେ ଗୁରୁତର ହୋଇଛି। ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର ସ୍ଥିତ ୟୁଭି ୩ ଡଙ୍ଗରିଗୁଡ଼ା ଛକ କାଳୀ ମନ୍ଦିର ନିକଟରେ ଅପରାହ୍ନ ୩ ଘଣ୍ଟା ସମୟରେ ଗୋଟିଏ ସ୍କୁଟି ଏବଂ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ସେମାନଙ୍କୁ ସ୍ଥାନୀୟ ଲୋକ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ଫଳରେ ଜଣକର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛି। ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ମୃତକ ଜଣକ ହେଲେ ଛତିଶଗଡ଼ ରାଜ୍ୟର ଭିଲେଇ ନିବାସୀ ବିକାଶ ଚୌଧୁରୀ। ଗୁରୁତର ଜଣକ ହେଲେ ଉମରକୋଟ ସ୍ଥିତ ଡିଏନକେର ଅମିତ ସୁରଜ। ସୂଚନାଯୋଗ୍ୟ, ବିକାଶ ଚୌଧୁରୀ ଘରୁ ଖାଇ ଡଙ୍ଗରିଗୁଡା ଠାରେ ଥିବା ଦୋକାନକୁ ଯାଉଥିବା ବେଳେ ବିପରିତ ଦିଗରୁ ଅମିତ ସୁରଜ ଦ୍ରୁତଗତିରେ ବାଇକ୍‌ରେ ମୁହାଁମୁହିଁ ଧକ୍କା ଦେଇଥିଲେ। ଫଳରେ ସ୍କୁଟିରେ ଥିବା ବିକାଶଙ୍କ ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଦୁଇଟି ଗାଡ଼ିକୁ ଜବତ କରିଥିଲେ।

## ଜିଲ୍ଲାସ୍ତରୀୟ ବିଶ୍ୱ ଅଣ୍ଡା ଦିବସ

ନବରଙ୍ଗପୁର,୧୦।୧୦(ସମିସ): ନବରଙ୍ଗପୁର ଜିଲ୍ଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ବିଶ୍ୱ ଅଣ୍ଡା ଦିବସ ୨୦୨୫ ପାଳିତ ହୋଇଯାଇଛି। ଏହି ଅବସରରେ ଏହି ବର୍ଷର ବିଷୟ ବସ୍ତୁ "ଶକ୍ତିଶାଳୀ ଅଣ୍ଡା ପ୍ରାକୃତିକ ପୋଷଣରେ ଭରପୁର' ଜିଲ୍ଲା ସ୍ତରୀୟ ଉତ୍ସବ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟାକ୍ରମରେ ଅଙ୍ଗନବାଡି କର୍ମୀ, ଅଗ୍ରଣୀ କୁକୁଡା ଚାଷୀ, କୁକୁଡା ଚାଷ ଉଦ୍ୟୋଗୀ, ସମସ୍ତ ପ୍ରାଣୀ ଚିକିତ୍ସକ, ପ୍ରାଣୀ ଧନ ନିରୀକ୍ଷକ ଏବଂ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ନବରଙ୍ଗପୁରର ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହ୍ନର, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ରାଧେଶ୍ୟାମ ଲାଏକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ନବରଙ୍ଗପୁର ବ୍ଲକର ଉତ୍କଳ ବାଳିକା ଆଶ୍ରମ ଓ ନନ୍ଦାହାଣ୍ଡି ବ୍ଲକର ଉତ୍କଳ ବାଳାଶ୍ରମରେ ଅନାଥ ଶିଶୁ ମାନଙ୍କୁ ସିଝା ଅଣ୍ଡା ବିତରଣ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ରରେ ସଭା କାର୍ଯ୍ୟାକ୍ରମ ଆୟୋଜିତ ହେଇଥିଲା। ଡା. ପ୍ରଜ୍ଞା ପରିମିତା ପଣ୍ଡା ଅଣ୍ଡାର ପୋଷଣ ମୂଲ୍ୟ ବିଷୟରେ ଓ ଡା. ସ୍ମିତାଶ୍ରୀ ପଟ୍ଟନାୟକ ଅଣ୍ଡାର ଉତ୍ପାଦନ ବୃଦ୍ଧି ପାଇଁ ଯୋଜନାମୂଳକ ପଦକ୍ଷେପ ବିଷୟରେ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମରେ ଅଣ୍ଡାଦିଆ କୁକୁଡା ପାଳନ ଉଦ୍ୟୋଗୀ ସୁବଳ ଅଧିକାରୀ, ଝରିଗାଁ ବ୍ଲକ, ଶ୍ରୀମତୀ ସ୍ୱାତୀ ପି, ତେନ୍ତୁଳିଖୁଣ୍ଟି ବ୍ଲକ ଏବଂ ଦିଲୀପ ମନହିରା, ଚନ୍ଦାହାଣ୍ଡି ବ୍ଲକ୍‌ଙ୍କୁ ଉପଢୌକନର ଦେଇ ସମ୍ମାନିତ କରାଯାଇଥିଲା।




## ଚାଉଳ ବାଟମାରଣା ଘଟଣା ନେଇ କାର୍ଯ୍ୟାନୁଷ୍ଠାନ ହେବ: ବିଡିଓ

କାଲିମେଳା,୧୦।୧୦(ସମିସ):

ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ମାନ୍ୟମକୋଣ୍ଡା ପଞ୍ଚାୟତରେ ହିତାଧିକାରୀଙ୍କ ମାସିକ ଚାଉଳ ବାଟମାରଣା ଘଟଣା ଖବର ପ୍ରକାଶ ପରେ ଚେତିଲେ ବ୍ଲକ ପ୍ରଶାସନ। ସୂଚନା ମୁତାବକ ଉକ୍ତ ପଞ୍ଚାୟତ ରେ ବିଭିନ୍ନ ଯୋଜନାରେ ୧୬୭୨ ଜଣ ହିତାଧିକାରୀଙ୍କୁ ପିଡିଏସ୍ ବ୍ୟବସ୍ଥାରେ ଗତ ଜୁନ ମାସରେ ଯୋଗାଇ ଦିଆଯିବା ପାଇଁ ଆସିଥିବା ଚାଉଳକୁ ତତ୍କାଳୀନ ଯୋଗାଣ ସହାୟକ ରଘୁ ବଡ଼ନାୟକ ହିତାଧିକାରୀଙ୍କୁ ପ୍ରଦାନ ନ କରି ରାସନ୍ କାର୍ଡ ଖାତାରେ ପ୍ରଦାନ କରାଯାଇଥିବା ଦର୍ଶାଇ ହରିଲୁଟ କରିଥିବା ଜଣାପଡିଛି। ଜଣେ ଯୋଗାଣ ସହାୟକ ହିତାଧିକାରୀଙ୍କୁ ଚାଉଳ ନ ଦେଇ କୁଣ୍ଟାଲ୍ କୁଣ୍ଟାଲ୍ ଚାଉଳ ବାଟମାରଣା କରିବା ପଛରେ କେଉ ଅଧିକାରୀଙ୍କ ହାତ ରହିଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପଞ୍ଚାୟତରୁ ହିତାଧିକାରୀଙ୍କ ମାସକ ଚାଉଳ ଉଭା ହେବା ଏବଂ ଏହା କାଲିମେଳା ଯୋଗାଣ ନିରୀକ୍ଷକ ଜାଣିନପାରିବା ତାଙ୍କ କାଯ୍ୟ ଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ସରକାରୀ ନିୟମ ଅନୁଯାୟୀ ଯୋଗାଣ ନିରୀକ୍ଷକ ପଞ୍ଚାୟତ ଗୁଡ଼ିକୁ ଗ୍ରସ୍ତ କରି ପିଡିଏସ୍ ସାମଗ୍ରୀ ଓ ରେକର୍ଡ ପତ୍ର ଯାଞ୍ଚ୍ କରୁନଥିବା ଯୋଗୁ ଚାଉଳ ବାଟମାରଣା ହେଉଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କାଲିମେଳା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର କରଙ୍କୁ ଯୋଗାଯୋଗ କରିବାରୁ ପଞ୍ଚାୟତର ଯୋଗାଣ ସହାୟକଙ୍କୁ କାର୍ଯ୍ୟରେ ଅବହେଳା ପାଇଁ ମୋଟୁ ପଞ୍ଚାୟତକୁ ବଦଳି କରାଯାଇଛି । ହିତାଧିକାରୀଙ୍କ ମାସିକ ଚାଉଳ ବାଟମାରଣା ଘଟଣାରେ ତଦନ୍ତ ପାଇଁ ଯୋଗାଣ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ତେବେ ହିତାଧିକାରୀଙ୍କୁ କେବେ ନ୍ୟାୟ ମିଳିବ ତାହା ଦେଖିବାକୁ ଲୋକେ ଚାହିଁ ରହିଛନ୍ତି।

### ଦୁର୍ବଳ ସେବା ପାଇଁ ୧୦ ବର୍ଷରେ ଛାଡ଼ିଲେଣି ୨ ଲକ୍ଷ ଗ୍ରାହକ

# ନେଟ୍‌ୱର୍କ ପାଇଁ ସଂଘର୍ଷ କରୁଛି ବିଏସ୍‌ଏନ୍‌ଏଲ୍

**ବାରିପଦା, ୧୦।୧୦(ସମିସ)**

ବଣପାହାଡ ଘେରା ମୟୂରଭଞ୍ଜ ଜିଲ୍ଲାରେ ନେଟୱାର୍କ ପାଇଁ ସଂଘର୍ଷ କରୁଛି ଭାରତ ସଞ୍ଚାର ନିଗମ (ବିଏସଏନଏଲ)। ଡିଜିଟାଲ ଇଣ୍ଡିଆ ଇନିସିଏଟିଭିରେ ଜିଲ୍ଲାରେ ରହିଥିବା ୩୦୦ରୁ ଊର୍ଦ୍ଧ୍ୱ ଛାୟା ନେଟ୍‌ୱାର୍କ ଅଞ୍ଚଳରୁ ୧୦୦ଟିରେ ୪-ଜି ନେଟ୍‌ୱାର୍କ ଆସୁଥିବାବେଳେ ୨୬ଟି ବ୍ଲକରେ ଏବେ ବି ୨୦୦ରୁ ଅଧିକ ଗାଁକୁ ଛାୟା ନେଟୱାର୍କ ଅଞ୍ଚଳରୁ ବାହାର କରିବାକୁ ଯୋଜନା କରୁଛି। ପ୍ରାଥମିକ ତଥ୍ୟ ଅନୁସାରେ ଜିଲ୍ଲାରେ ୯୯ଟି ଟାୱାର ସଂସ୍ଥାପନ କାର୍ଯ୍ୟ ଶେଷ ହୋଇଛି। ସେଥିରୁ ୬୩ଟିର କାର୍ଯ୍ୟ ସମାପ୍ତ ହୋଇ ନେଟୱାର୍କ ଯୋଗାଣ ହେଉଥିବାବେଳେ ଶିମିଳିପାଳରେ ରହିଥିବା ୨୧ଟି ଟାୱାର ସ୍ଥାପନ ପାଇଁ ଅନୁମତି ମିଳିନାହିଁ। ହେଲେ ୧୪ଟି ଟାୱାର କାର୍ଯ୍ୟକ୍ଷମ ନିମନ୍ତେ କେନ୍ଦ୍ର ସରକାରଙ୍କ ଅନୁମତି ପାଇଁ ଅପେକ୍ଷା କରିଛି। ତେବେ ଜିଲ୍ଲାରେ ୩ଟି ସାଟେଲାଇଟ୍ ଟାୱାର ବସିବାକୁ ଯୋଜନା ହୋଇଥିବାବେଳେ ଗୋଟିଏ କାର୍ଯ୍ୟକ୍ଷମ ନିମନ୍ତେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅନ୍ୟ ଦୁଇଟି ଆସନ୍ତା ଡିସେମ୍ବର ମଧ୍ୟରେ କାର୍ଯ୍ୟକ୍ଷମ ହେବ। ଏହି ସାଟେଲାଇଟ ଟାୱାର କାର୍ଯ୍ୟକାରୀ ହେଲେ ଶିମିଳିପାଳ ଅଞ୍ଚଳରେ ନୋ ନେଟୱାର୍କ ଜୋନ ହଟିବା ଆଶା କରାଯାଉଛି। ମୟୂରଭଞ୍ଜ ଜିଲ୍ଲାର ଛାୟା ନେଟୱାର୍କ ରହିଥିବା ଆଦିବାସୀ ଅଞ୍ଚଳରେ ନେଟୱାର୍କ ସହ ୪-ଜି ଡାଟା ପ୍ରସାର କରିବା ଲକ୍ଷ୍ୟରେ ଏହି ଯୋଜନା ୨୦୨୨-୨୩ରେ କେନ୍ଦ୍ର ସରକାର ଯୋଜନା କରିଥିଲେ। ଗତ ୨୦୨୪ ମାର୍ଚ୍ଚରେ ଏହାର ସର୍ଭେ ଶେଷ ହୋଇଥିଲା। ଟାଟା ପକ୍ଷରୁ ଇକ୍ୟୁପମେଣ୍ଟ ଓ ଜିଓ ପକ୍ଷରୁ ସ୍ଥାନ ଏବଂ ଅନ୍ୟ ସାମଗ୍ରୀ ଯୋଗାଇବାକୁ ଚୁକ୍ତି ହୋଇ ଜିଲ୍ଲାକୁ ୧୫୦ କୋଟି ଟଙ୍କାର ବ୍ୟୟ ବରାଦ ହୋଇଥିଲା। ଜିଲ୍ଲାର ୧୮ଟି ବ୍ଲକର ୯୯ଟି ଗ୍ରାମରେ ୪-ଜି ସେବା ଯୋଗାଇବାକୁ ଥିବା ନୂତନ ୪-ଜି ଟାୱାର




ମଧ୍ୟରୁ ୬୩ଟି ଚାଲୁ ହୋଇସାରିଛି; ଯଦ୍ୱାରା ଅଞ୍ଚଳବାସୀଙ୍କୁ ଦ୍ରୁତଗତିର ଇଣ୍ଟରନେଟ ସେବା ମିଳୁଛି। କାଁ ଭାଁ ସମସ୍ୟା ଯୋଗୁଁ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି ଉପଭୋକ୍ତା। ତଥାପି ଏହି ପ୍ରକଳ୍ପ ଯଶିପୁର ବ୍ଲକରେ ବିଏସଏନଏଲ ପାଇଁ ସମସ୍ୟା ସୃଷ୍ଟି ହୋଇଛି। ସେଠାରେ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ରହିଥିବା ୨୧ଟି ପ୍ରସ୍ତାବିତ ଟାୱାର ପାଇଁ ବନ ବିଭାଗ ଅନୁମତି ପ୍ରଦାନ କରି ନାହିଁ; ଯଦ୍ୱାରା ବ୍ଲକର ଡିଜିଟାଲ ଉନ୍ନୟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଅଟକିଯାଇଛି। ଯଶିପୁର ବ୍ଲକ ପାଇଁ ମୋଟ ୩୪ଟି ଟାୱାର ଯୋଜନା କରାଯାଇଥିବାବେଳେ କେବଳ ୯ଟି କାର୍ଯ୍ୟକ୍ଷମ ହୋଇଛି। କେବଳ ଯଶିପୁର ନୁହେଁ, ବିଶୋଇ ବ୍ଲକର କୁଲଗିଡିହି

**ଏବେ ବି ଛାୟା ଅଞ୍ଚଳରେ ଶତାଧିକ ଗାଁ**

**୭୮ଟିରେ ଆସୁଛି ୪-ଜି, ଡିସେମ୍ବର ସୁଦ୍ଧା ୫-ଜି**

**୧୦୦ଟି ୪-ଜି ଟାୱାରକୁ ଅନୁମୋଦନ**

**ଶିମିଳିପାଳର ୨୨ଟି ଟାୱାରକୁ ମିଳିଲାନି ଅନୁମତି**

ଗ୍ରାମରେ ଆଉ ଏକ ଟାୱାର ବନ ଅନୁମତି ପାଇଁ ଅପେକ୍ଷାରେ ଅଛି। ଏଥିସହିତ, ସାରସକଣା, ଠାକୁରମୁଣ୍ଡା, ଶରତ ଆଦି ବ୍ଲକରେ ମୋଟ ୧୪ଟି ଟାୱାର ଅନ୍ୟାନ୍ୟ କାରଣରେ (ଯେପରିକି ଅନୁମୋଦନ ସମସ୍ୟା) ଯୋଗୁଁ ଅଧୁରାରେ ଅଛି। ଏହି ବାଧାଗୁଡିକ ସତ୍ତ୍ୱେ ଅନେକ ବ୍ଲକରେ ଏହି ପ୍ରକଳ୍ପ ଉଲ୍ଲେଖନୀୟ ସଫଳତା ଅର୍ଜନ କରିଛି। ବାଙ୍ଗିରିପୋଷି, ବେତନଟୀ, କପ୍ତିପଦା, କରଞ୍ଜିଆ ଏବଂ ରାଇରଙ୍ଗପୁର ବ୍ଲକଗୁଡିକ ଯୋଜନାକୃତ ସମସ୍ତ ଟାୱାର ସଫଳତାର ସହିତ ଚାଲୁ କରିବାରେ ସକ୍ଷମ ହୋଇଛି ବିଏସଏନଏଲ। ସମ୍ପ୍ରତି ଜିଲ୍ଲାରେ ମୋବାଇଲ ବ୍ୟବହାରକାରୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଦୁର୍ବଳ ସେବା ପାଇଁ ୧୦ ବର୍ଷରେ ୨ଲକ୍ଷ ଗ୍ରାହକ ବିଏସଏନଏଲ ଛାଡି ଅନ୍ୟ କମ୍ପାନୀ ସହ ଯୋଡି ହୋଇଛନ୍ତି। ଜିଲ୍ଲାରେ ୨୦୧୫ରେ ୩ଲକ୍ଷ ୮୦ ହଜାର ଉପଭୋକ୍ତା ରହିଥିଲାବେଳେ ଏବେ ୧ଲକ୍ଷ ୮୦ହଜାରକୁ ହ୍ରାସ ପାଇଛି। ଅନ୍ୟ ନେଟୱାର୍କ ପ୍ରଦାନକାରୀ ସଂସ୍ଥାକୁ ଛାଡି ଗତ ୨୦୨୪ ମାର୍ଚ୍ଚ ମାସରେ ଏହା ୧ ଲକ୍ଷରେ ପହଞ୍ଚି ରହିଥିବାବେଳେ ୨୦୨୪ରୁ ଏବେ ଯାଏ ୮୦ ହଜାର ଉପଭୋକ୍ତଙ୍କୁ ନିଜ ଆଡକୁ ଆଣି ପାରିଛି ବିଏସଏନଏଲ। ତେବେ ଜିଲ୍ଲାରେ ପୂର୍ବରୁ ମୋଟ ୩୧୦ଟି ସ୍ଥାନରେ ନେଟୱାର୍କ ରହିଥିବାବେଳେ ନୂଆ ଟାୱାରକୁ ମିଶାଇ ୨୯୪ ୪-ଜି ନେଟୱାର୍କ ଟାୱାର କାମ କରୁଛି। ଏନେଇ ବାରିପଦା ବିଏସଏନଏଲ କାର୍ଯ୍ୟାଳୟର ଡିଜିଏମ ମନୋରଞ୍ଜ ସିଂଙ୍କୁ ଯୋଗାଯୋଗ କରିବାରୁ ସବୁ ଅଞ୍ଚଳରେ ଏବେ ୪-ଜି ନେଟୱାର୍କ ଚାଲୁ ହୋଇଛି। ଆସନ୍ତା କିଛି ଦିନ ମଧ୍ୟରେ ୫-ଜି ଆସିବା ପରେ କେବଳ ସଫ୍ଟୱେୟାର ଅପଗ୍ରେଡ କରି ସେବା ଯୋଗାଇବାକୁ ଯୋଜନା କରିଛୁ। ଏବେ କାର୍ଯ୍ୟାଳୟରେ ନୂଆ ସିନ ନେବାକୁ ସମସ୍ତଙ୍କୁ ଆହ୍ୱାନ କରାଯାଉଛି। ସେମାନେ ମୁକ୍ତ ଭାବେ ଏହି ଯୋଜନାର ଲାଭ ନେଇପାରିବେ ବୋଲି ସେ କହିଛନ୍ତି।

## ଗଛକୁ ଧକ୍କା ଦେଇ ଜଳିଗଲା ସିଏନ୍‌ଜି କାର୍



**ବାରିପଦା, ୧୦।୧୦(ସମିସ):** ବାରିପଦା ସହରର ତକତପୁର ନିକଟରେ ଏକ କାର ଗଛକୁ ଧକ୍କା ଦେଇ ଜଳିଯାଇଛି। ଫଳରେ ଚାଳକ ବାରିପଦା ଟାଉନ ଥାନା ଅନ୍ତର୍ଗତ ମଧୁବନ ଅଞ୍ଚଳର ଶୁଭମ ବେହେରା ଗୁରୁତର ହୋଇ ଏବେ ସେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ସୂଚନା ଅନୁଯାୟୀ, ଶୁଭମ ଗୁରୁବାର ବିଳମ୍ବିତ ରାତିରେ ଏକ କାରରେ ଘରକୁ ଫେରୁଥିବା ବେଳେ ଭଞ୍ଜପୁର ଥାନା ଅନ୍ତର୍ଗତ ତକତପୁର ଅଞ୍ଚଳର ରାଣୀବନ୍ଧ ନିକଟରେ ହଠାତ ସମ୍ମୁଖ ଭାଗର ଏକ ଚକ ଫାଟି ଯାଇଥିଲା। ଫଳରେ କାରଟି ଭାରସାମ୍ୟ ହରାଇ ରାସ୍ତାର ବାମ କଡ଼କୁ ମାଡି ଯାଇ ଏକ ଗଛକୁ ଧକ୍କା ଦେଇଥିଲା। ଫଳରେ କାରଟି ସମ୍ପୂର୍ଣ୍ଣ ଜଳି ଯାଇଥିଲା। ସ୍ଥାନୀୟ ଲୋକମାନେ ଶୁଭମଙ୍କୁ ଉଦ୍ଧାର କରିବା ସହ ନିଆଁ ଆୟତ୍ତ କରିବାକୁ ପ୍ରୟାସ କରିଥିଲେ। ଶୁଭମଙ୍କୁ ପ୍ରଥମେ ପିଆରଏମ ଏବଂ ପରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। କାରଟି ପେଟ୍ରୋଲ ସହ ସିଏନଜି ଯୁକ୍ତ ଥିବା ବେଳେ ଧକ୍କା ଦେବାରୁ ଅଗ୍ନିକାଣ୍ଡ ଘଟିଥିବା ନେଇ ସନ୍ଦେହ କରାଯାଉଛି। ତେବେ ପ୍ରକୃତ କାରଣ ଜଣାପଡ଼ିନାହିଁ। ଏନେଇ ପୁଲିସ ପକ୍ଷରୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ସୀମାନ୍ତ ଆଇଟିଆଇର ଦୀକ୍ଷାନ୍ତ ସମାରୋହ




**ସାରସକଣା, ୧୦।୧୦(ସମିସ):** ସୀମାନ୍ତ ଆଇଟିଆଇ ପରିସରରେ ୨୦୨୩-୨୫ ଶିକ୍ଷାବର୍ଷ ଛାତ୍ରଙ୍କ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଅଶୋକ କୁମାର ପୁଷ୍ଟିଙ୍କ ସଂଯୋଜନାରେ ଅନୁଷ୍ଠାନର ଅଧ୍ୟକ୍ଷ ଇଂ ରାକେଶ ଚୌଧୁରୀ ଦାସଙ୍କ ସଭାପତିତ୍ୱରେ ଏହି ସମାରୋହରେ ଅନୁଷ୍ଠିତ ହୋଇଥିଲା। ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ପ୍ରଫେସର ଡକ୍ଟର ସରୋଜ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜ୍ଞାନ ଓ କର୍ମକୁଶଳତା ମଣିଷକୁ ସ୍ୱାବଲମ୍ବୀ ଓ ମହାନ କରିଥାଏ ବୋଲି ବକ୍ତବ୍ୟ ଉପସ୍ଥାପନ କରିଥିଲେ। ମୁଖ୍ୟ ବକ୍ତାଭାବେ ଇଂ ମାନସରଞ୍ଜନ ପୁଷ୍ଟି ଯୋଗଦେଇ ଆଧୁନିକ ରାଷ୍ଟ୍ରଗଠନରେ ଯାନ୍ତ୍ରିକ ଜ୍ଞାନର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ସୁରେନ୍ଦ୍ର ମୁର୍ମୁ, ଚନ୍ଦ୍ରଶେଖର ପଣ୍ଡା, ଚନ୍ଦ୍ରଶେଖର ମହାପାତ୍ର, ସତ୍ୟବ୍ରତ ମହାନ୍ତ, ବାସୁଦେବ ସିଂ, ଚିରପ୍ରକାଶ ମହାପାତ୍ର, ରାଜକିଶୋର ଗୋଛାୟତ ଅତିଥି ଭାବେ ଯୋଗ ଦେଇଥିଲେ। ସଞ୍ଜୀବ କୁମାର ସାହୁ, ଲିଟନ କୁମାର ପଣ୍ଡା, ରାମେଶ୍ୱର ମହାନ୍ତ, ଶାମ୍ଭୁନାଥ ସେଠୀ, ନିରଞ୍ଜନ କଳିଆ, ବିମଳ ସାହୁ, ନରେନ୍ଦ୍ର ମହାନ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅତିଥିମାନେ ସଫଳ ଛାତ୍ରଙ୍କୁ ଆଇଟିଆଇ ପାସ ସାର୍ଟିଫିକେଟ ପ୍ରଦାନ କରିଥିଲେ।

## ଜିଲ୍ଲାସ୍ତରୀୟ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ




**ବାରିପଦା, ୧୦।୧୦(ସମିସ):** ଜିଲ୍ଲାସ୍ତରୀୟ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଭିନ୍ନ ମହାବିଦ୍ୟାଳୟର ୫୦ରୁ ଅଧିକ ଛାତ୍ରଛାତ୍ରୀ ଏକ ସଚେତନତା ଶୋଭାଯାତ୍ରା ଆୟୋଜନ କରିବା ସହିତ ମାନସିକ ରୋଗ ନିରାକରଣ ସମ୍ବନ୍ଧୀୟ ପ୍ରଚାର ପ୍ରସାର କରାଯାଇଥିଲା। ସଚେତନତା ସଭାରେ ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧିକାରୀ ଡା ଜୟସ୍ୱରୂପ ମହାନ୍ତି ସ୍ୱାଗତ ଭାଷଣ ଦେବା ସହ ନିଶା ଦ୍ରବ୍ୟରୁ ଦୂରେଇ ରହିବା ପାଇଁ ପରାମର୍ଶ ଦେଇଥିଲେ। ଏହାପରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା କିଶୋର କୁମାର ଆଚାର୍ଯ୍ୟ ଓ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା ସୁବାସ ଚନ୍ଦ୍ର ନାୟକ ମାନସିକ ସ୍ୱାସ୍ଥ୍ୟ ସେବାର ଉପଯୋଗିତା ଓ ଆବଶ୍ୟକତା ସମ୍ବନ୍ଧରେ ଆଲୋଚନା କରିଥିଲେ। ପଣ୍ଡିତ ରଘୁନାଥ ମୁର୍ମୁ ଭେଷଜ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡା ଚୁନୁରାମ ସୋରେନ, ଜିଲ୍ଲା କୁଷ୍ଠ ଅଧିକାରୀ ଡା ଶାନ୍ତନୁ କୁମାର ଦାସ ଓ ଅଣସଂକ୍ରାମକ ରୋଗ ବିଭାଗ ଅଧିକାରୀ ଡା ଜ୍ଞାନେନ୍ଦ୍ର କୁମାର ମହାନ୍ତି ମାନସିକ ରୋଗର ଇତିହାସ ଓ ଜିଲ୍ଲାରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଏବଂ ମାନସିକ ସ୍ୱାସ୍ଥ୍ୟ ସେବା କିପରି ଭାବେ ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚି ପାରିବ ସେଥିପ୍ରତି ଗୁରୁତ୍ୱାରୋପ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କୁ ଟେଲି ମାନସ ହେଲ୍ପଲାଇନ ନମ୍ବର ୧୪୪୧୬ର ଗୁରୁତ୍ୱ ଓ ସମସ୍ତେ କିପରି ଏହାର ଲାଭ ଉଠାଇ ପାରିବେ ସେ ବିଷୟରେ ସୂଚନା ଦିଆଯାଇଥିଲା। ଶେଷରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଧନୁରାମ ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଗଣେଶ୍ୱର ମହାନ୍ତି, ଅମ୍ବିକା ପ୍ରସାଦ ମହାପାତ୍ର, ଗୌରାଙ୍ଗ ପରିଡ଼ା ଏବଂ ମାନସିକ ମାନସିକ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ବନ୍ଦନା ମିଶ୍ର, ଶ୍ରାବଣୀ ମିଶ୍ର, ଦେବାଶିଷ ପାଇକରାୟ, ଚନ୍ଦ୍ରଶେଖର ଦାସ ଓ ସଞ୍ଜୟ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।


### ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ

## ପ୍ରଶାନ୍ତ ମଣ୍ଡଳ ଓ ରସାନନ୍ଦ ଲେଙ୍କାଙ୍କୁ ସମ୍ବର୍ଦ୍ଧନା



**ବାରିପଦା, ୧୦।୧୦(ସମିସ):** ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ତଥା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ସହିଦ ସ୍ମୃତି ଭବନରେ ବରିଷ୍ଠ ନାଗରିକ ଦିବସ-୨୦୨୫ ପାଳିତ ହୋଇଯାଇଛି। ଏଥିରେ ଜିଲ୍ଲାର ୨୮୦ ଜଣ ବରିଷ୍ଠ ନାଗରିକ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଏକ ଯୋଗ, ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଏବଂ ନାଟକ ପରିବେଷଣ ହୋଇଥିଲା। ଯୋଗ ଶିବିରରେ ଜିଲ୍ଲା ପତଞ୍ଜଳୀ ଯୋଗ ପ୍ରଭାରୀ ବ୍ରହ୍ମାନନ୍ଦ ନାୟକ ଯୋଗଦେଇ ବିଭିନ୍ନ ଯୋଗ ପ୍ରଣାଳୀ ଶିଖାଇଥିଲେ। ସେହିପରି ଭେଷଜ, ଶଲ୍ୟ, ଅସ୍ଥିଶଲ୍ୟ, ଚକ୍ଷୁ, ଚର୍ମ, କର୍ଣ୍ଣ, ନାସା ଓ ଗଳା ଏବଂ ଦନ୍ତର ବିଶେଷଜ୍ଞ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପ୍ରାରମ୍ଭରେ ସମସ୍ତ ବରିଷ୍ଠ ନାଗରିକଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ସମ୍ମାନିତ ଅତିଥି ଭାବେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ମୁଖ୍ୟବକ୍ତା ଭାବେ ବାରିପଦା ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡ଼ା ଏବଂ ଅନ୍ୟାନ୍ୟ ନିମନ୍ତ୍ରିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଗୌତମ କିଶାନ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା ବିଜୟ କୁମାର ଦାଶ ଯୋଗଦେଇ ବରିଷ୍ଠ ନାଗରିକ ଦିବସ ପାଳନର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ସଭାରେ ମୟୂରଭଞ୍ଜ ବରିଷ୍ଠ ନାଗରିକ ସଂଘର ସମ୍ପାଦକ ଶ୍ୟାମସୁନ୍ଦର ଦାଶ ଯୋଗଦେଇ ବରିଷ୍ଠ ନାଗରିକଙ୍କ ନିମନ୍ତେ ଥିବା ଯୋଜନାଗୁଡିକ କେମିତି ସହଜରେ ସମସ୍ତଙ୍କ ନିକଟରେ ପହଞ୍ଚିବ ତଥା ବ୍ୟାଙ୍କ, ଚିକିତ୍ସାଳୟରେ ବରିଷ୍ଠ ନାଗରିକଙ୍କ ନିମନ୍ତେ ପୃଥକ ଧାଡ଼ି ଓ ବସଷ୍ଟାଣ୍ଡରେ ବସିବା ନିମନ୍ତେ ସ୍ଥାନ କରାଯିବା ପାଇଁ ସରକାରଙ୍କ ନିକଟରେ ନିଜର ମତ ରଖିଥିଲେ। ଏହି ଅବସରରେ ଉଦଳାର ପୂର୍ବତନ ସେନା ଅଧିକାରୀ ପ୍ରଶାନ୍ତ କୁମାର ମଣ୍ଡଳ ଏବଂ ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ ପଶୁଦା ଗ୍ରାମର ବରିଷ୍ଠ ଆଇନଜୀବୀ ତଥା ସମାଜସେବୀ ରସାନନ୍ଦ ଲେଙ୍କାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବାରିପଦା ଠାରେ ବରିଷ୍ଠ ନାଗରିକ ଦିବସ ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ରଚନାଲିଖନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ 'ଅଶୁଭ ଲଗ୍ନ' ନାଟକ ପରିବେଷଣ କରାଯାଇଥିଲା। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରଣଜିତ ସୋରେନଙ୍କ ସଭାପତିତ୍ୱରେ ପରିଚାଳିତ ସଭାକୁ କଳାକାର ରାଜେଶ ଦାଶ ପରିଚାଳନା କରିଥିଲେ। ସାମାଜିକ ସୁରକ୍ଷା ବିଭାଗର କର୍ମକର୍ତ୍ତା, ଆରଡିଏସି, ରୋଜ, ମନୋବିକାଶ, ତଥା ଅନ୍ଧ, ମୂକ ଓ ବଧିର ସ୍ୱତନ୍ତ୍ର ବିଦ୍ୟାଳୟ, ଲକ୍ଷ୍ମୀପୋଷିର କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ।

## ଏମ୍‌ପିସି କଲେଜରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ



**ବାରିପଦା, ୧୦।୧୦(ସମିସ):** ଏମପିସି ସ୍ୱୟଂଶାସିତ କଲେଜରେ ମନସ୍ତତ୍ତ୍ୱ ବିଭାଗ ପକ୍ଷରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ର. ବେହେରା ମନ ମୂଳେ ଏ ଜଗତ କଥା ଉଲ୍ଲେଖ କରିବା ସହ ମାନସିକ ସ୍ୱାସ୍ଥ୍ୟ ଏହି ସମୟର ଏକ ବଡ଼ ଆହ୍ୱାନ ବୋଲି କହିଥିଲେ। ବିଭିନ୍ନ ପ୍ରସିଦ୍ଧ ମନସ୍ତତ୍ତ୍ୱବିତଙ୍କର ତତ୍ତ୍ୱର ଉଦାହରଣ ଦେଇ ସେ ମଣିଷର ମାନସିକ ସ୍ଥିତାବସ୍ଥାକୁ ଦର୍ଶାଇଥିଲେ। କାର୍ଯ୍ୟକ୍ରମରେ ବିଷୟ ବିଶାରଦ ଭାବରେ ଏମପିସି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଉପେନ୍ଦ୍ର କୁମାର ମାଝୀ ଏବଂ ମନୋଚିକିତ୍ସକ ତଥା ସମାଜସେବୀ ସଞ୍ଜୟ କୁମାର ସାହୁ ଯୋଗଦେଇ ପିପିଟି ମାଧ୍ୟମରେ ମାନସିକ ସ୍ୱାସ୍ଥ୍ୟ ବିଷୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ପ୍ରାରମ୍ଭରେ ବିଭାଗୀୟ ମୁଖ୍ୟ ଡ. ପ୍ରଭାକର ଦୁଆରୀ ଅତିଥିଙ୍କ ପରିଚୟ ଦେଇଥିଲେ। ବିଭାଗୀୟ ଅଧ୍ୟାପକ ଡ ମନୋଜ କୁମାର ସେଠୀ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ କଲେଜର ଅଧ୍ୟାପକ-ଅଧ୍ୟାପିକା ଡ ରତ୍ନୀ ହାଁସଦା, ଡ ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର, ଡ ଦୀପକ କୁମାର ବେହେରା, ଭୀମ ଚରଣ ମୁର୍ମୁ, ଡ ସିଦ୍ଧେଶ୍ୱର ପଣ୍ଡା, ଡ ଅନାମ ରାଉଳ ଓ ରାଇମଣି ମାର୍ଣ୍ଡି ଉପସ୍ଥିତ ଥିଲେ। ଅଧ୍ୟାପିକା ଦିଗୀମଣି ସୋରେନ ଧନ୍ୟବାଦ ଅର୍ପଣ କରିଥିଲେ।

## ବରିଷ୍ଠ ସାମ୍ବାଦିକ ଅରୁଣ ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭା

**ଉଦଳା, ୧୦।୧୦(ସମିସ):** ମୟୂରଭଞ୍ଜ ଜିଲ୍ଲାର ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ମହାନ୍ତି (ଲିଲୁ)ଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ଉଦଳା ପ୍ରେସ କ୍ଲବ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ପ୍ରେସ କ୍ଲବ ସଭାପତି ଆନନ୍ଦ ଦାସଙ୍କ ସଭାପତିତ୍ୱରେ ଦୁଇ ମିନିଟ ନିରବ ପ୍ରାର୍ଥନା ପୂର୍ବକ ସ୍ମୃତିଚାରଣ କରାଯାଇଥିଲା। ସମ୍ପାଦକ ଜଗବନ୍ଧୁ ପ୍ରଧାନ ଅରୁଣ ମହାନ୍ତିଙ୍କ ସାମ୍ବାଦିକ ବୃତ୍ତି ଓ ଉଦଳା ପ୍ରେସ କ୍ଲବ ଗଠନରେ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଉପସଭାପତି ହିମାଦ୍ରୀ ଶେଖର ପାଲ, ଆପଦ ରାଉତ ଓ ସୁବ୍ରତ ମହାନ୍ତି ଅରୁଣ ବାବୁଙ୍କ ବ୍ୟକ୍ତିତ୍ୱ ଓ ସ୍ୱାଭିମାନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଆଜି ମେଣ୍ଢାଖାଇ ବାସଭବନରେ ଶେଷ ଦର୍ଶନ ପାଇଁ ଉଦଳା ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ରାଜନେତା, ସମାଜସେବୀ, ଆଇନଜୀବି, ସାମ୍ବାଦିକ ଅମର ଆତ୍ମାର ସଦଗତି କାମନା କରିଥିଲେ। ତାଙ୍କ ମରଶରୀରକୁ ବାସଭବନରୁ ରାହାସ ପଡ଼ିଆ ଦେଇ ମେଣ୍ଢାଖାଇ, କୃଷକ ବଜାର ଚକାଡୋଳା ଛକ, ମୁଖ୍ୟ ସହର ଓ କଚେରୀ ପରିସର ଏବଂ ହାଇସ୍କୁଲ ଛକ ଦେଇ ୪ନଂ ରାସ୍ତାରେ ଶ୍ମଶାନ କାଳୀ ମନ୍ଦିର ନିକଟସ୍ଥ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବିଧାୟକ ଭାସ୍କର ମଢେଇ, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ନଗରପାଳ ପ୍ରମିଳା ପଣ୍ଡା, ବିଜେଡି ଜିଲ୍ଲା ସଭାପତି ଦେବାଶିଷ ମାରାଣ୍ଡି, କଂଗ୍ରେସ ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ବିଜେପି ଜିଲ୍ଲା ସଭାପତି ନିହାର ମୋଦୀ, ଉଦଳା ବାର ଅସସିଏସନର ସଭାପତି ଲମ୍ବୋଧର ବେହେରା, ସମ୍ପାଦକ ବସନ୍ତ ପରିଡ଼ା, ଉପଖଣ୍ଡ ସଙ୍ଘର ରଜତ ମହାପାତ୍ର, ରତିକାନ୍ତ ବେହେରା ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ସେ 'ସମାଜ'ର ଉଦଳା ପ୍ରତିନିଧି ଭାବେ ୨୦୦୪ ମସିହାରୁ କାର୍ଯ୍ୟ କରୁଥିଲେ।

## କଂଗ୍ରେସର ଭୋଟ୍ ଚୋରି ଦସ୍ତଖତ ଅଭିଯାନ

**ବିଶୋଇ, ୧୦।୧୦ (ସମିସ):** କଂଗ୍ରେସ ପକ୍ଷରୁ ଭୋଟ ଚୋରି ଦସ୍ତଖତ ଅଭିଯାନ ଆଜି ବିଶୋଇ ବ୍ଲକରେ ଅନୁଷ୍ଠିତ ହୋଇଯାଇଛି। ବାରିପଦା ପର୍ଯ୍ୟବେକ୍ଷକ ନିରୋଜ ଦାସ, ବାଲେଶ୍ୱର ପର୍ଯ୍ୟବେକ୍ଷକ ସୁଧାଂଶୁ ଜେନାଙ୍କ ନେତୃତ୍ୱରେ ପିସିସି ସଦସ୍ୟ ନାରାୟଣ ମହାପାତ୍ର ଓ ବିଶୋଇ ବ୍ଲକ ସଂଯୋଜକ ସୁବାଷ ପାତ୍ରଙ୍କ ତତ୍ତ୍ୱାବଧାନରେ ବ୍ଲକର ମଣଦା ଜୋନ ଅଧୀନ ମଣଦା, ଜଗନ୍ନାଥପୁର ଏବଂ ବନେଇକଳା ଗ୍ରାମ ପଞ୍ଚାୟତରେ ଏହି ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କର୍ମୀ ନୀଳରତ୍ନ ସାହୁ, ଯଶୋବନ୍ତ ଗିରି, ପାରାଉ ଟୁଡୁ, ଅର୍ଜୁନ ବେଶ୍ରା, ଯୁବ ନେତା ହରିହର ନାଏକ, ପୁରୁଷୋତ୍ତମ ନାଏକ ପ୍ରମୁଖ ସାମିଲ ଦସ୍ତଖତ ସଂଗ୍ରହ କରିଥିଲେ।

# ୧୧୭୦ ବୁଥ୍‌ରେ ୨.୧୨ଲକ୍ଷ ଶିଶୁଙ୍କୁ ବୁନ୍ଦା ଖୁଆଇବା ଲକ୍ଷ୍ୟ

**ବାରିପଦା, ୧୦।୧୦(ସମିସ)**



**୧୨ରୁ ପଲ୍ସ ପୋଲିଓ ଅଭିଯାନ**

ଆସନ୍ତା ରବିବାରରୁ ପଲ୍ସ ପୋଲିଓ ଅଭିଯାନ ଆରମ୍ଭ ହେବ। ଏହି ଅଭିଯାନ ମଙ୍ଗଳବାର ପର୍ଯ୍ୟନ୍ତ ଚାଲିବ। ଏ ନେଇ ଶୁକ୍ରବାର ମୟୂରଭଞ୍ଜ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କିଶୋର କୁମାର ଆଚାର୍ଯ୍ୟ, ଏଡିପିଏଚଓ (ପରିବାର କଲ୍ୟାଣ) ଡା. ସୁନନ୍ଦା ମିଶ୍ର, ବାରିପଦା ପୌରପାଳିକା ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି, ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁ ଚରଣ ମଲ୍ଲିକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ରୋଟାରୀ କ୍ଲବର ସଭାପତି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଡିଏମଆରପିଏଚ ଏଲିନା ସାମଲ ପାୱାର ପଏଣ୍ଟ ଜରିଆରେ ଉକ୍ତ କାର୍ଯ୍ୟକ୍ରମ ସମ୍ପର୍କିତ ପ୍ରାକ ପ୍ରସ୍ତୁତି ବିସ୍ତୃତ କାର୍ଯ୍ୟସୂଚୀ ଏବଂ ଏହାର କାର୍ଯ୍ୟାନ୍ୱୟନ ବିଷୟରେ ଉପସ୍ଥାପନ କରିଥିଲେ। ପ୍ରତ୍ୟେକ ପିତାମାତା ସେମାନଙ୍କ ଶିଶୁଙ୍କୁ ପୋଲିଓ ମୁକ୍ତ କରିବା ପାଇଁ ଜନ୍ମରୁ ୫ ବର୍ଷ ପର୍ଯ୍ୟନ୍ତ ପ୍ରତ୍ୟେକ ଥର ପୋଲିଓ ବୁନ୍ଦା ନିଶ୍ଚିତ ଭାବେ ଖୁଆଇବା ପାଇଁ ପରାମର୍ଶ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ରବିବାର ପୋଲିଓ ଦିବସ ଭାବେ ପାଳିତ ହେବ ଏବଂ ମଙ୍ଗଳବାର ପର୍ଯ୍ୟନ୍ତ ଶୂନରୁ ୫ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ଟିକାକରଣ ଜରିଆରେ ପୋଲିଓ ବୁନ୍ଦା ଖୁଆଇବା ପାଇଁ ପ୍ରଯତ୍ନ କରାଯିବ। ଏହି ପୋଲିଓ ବୁନ୍ଦା ଖୁଆଇବା କାର୍ଯ୍ୟକ୍ରମ ଜିଲ୍ଲା ସଦର ଚିକିତ୍ସାଳୟ, ସମସ୍ତ ଉପଖଣ୍ଡ ଚିକିତ୍ସାଳୟ ସମେତ ପ୍ରତ୍ୟେକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଆରୋଗ୍ୟ ମନ୍ଦିର, ଅଙ୍ଗନବାଡି କେନ୍ଦ୍ର ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସେବା କେନ୍ଦ୍ରକୁ ମିଶାଇ ୧୧୭୦ ବୁଥରେ ଉପଲବ୍ଧ ହେବ। ଜିଲ୍ଲାରେ ୨ଲକ୍ଷ ୧୨ହଜାର ୧୯୯ ଶିଶୁଙ୍କୁ ଏହି ବୁନ୍ଦା ଖୁଆଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ଏବଂ ୨ଲକ୍ଷ ୫୦ହଜାର ଭେକସିନ ମହଜୁଦ ରହିଛି। ଏହାର ସୁପରିଚାଳନ ପାଇଁ ୨ହଜାର ୩୪୦ଟି ଟିମ ଗଠନ ସହିତ ୭୬ଟି ଆଇଏଲଆର ପଏଣ୍ଟ ଏବଂ ୨୩୪୦ ଭେକସିନ କ୍ୟାରିଅରର ବ୍ୟବସ୍ଥା କରାଯାଇଛି। ଏଥି ନିମନ୍ତେ ୪ ତାରିଖରେ ପ୍ରଶିକ୍ଷଣ ଆୟୋଜିତ ହୋଇଥିଲା। ଏ ସମ୍ବନ୍ଧରେ ଅଧିକ ବିବରଣୀ ପାଇଁ ସ୍ଥାନୀୟ ଆଶା କର୍ମୀ, ଏଏନଏମ ଏବଂ ଅଙ୍ଗନବାଡି କର୍ମୀଙ୍କ ସହ ଯୋଗାଯୋଗ କରିବା ପାଇଁ ପରାମର୍ଶ ଦିଆଯାଇଛି। କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ଜନ ସଚେତନତା ସୃଷ୍ଟି କରାଯାଉଛି ବୋଲି କହିଥିଲେ। ସମସ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ପରେ ଜିଲ୍ଲାପାଳ କହିଥିଲେ ଯେ ଏହି ରୋଗର ଭୟାବହତା ଅତ୍ୟନ୍ତ ଦୁଃଖଦାୟକ। ତେଣୁ ଶିଶୁଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଏହି କାର୍ଯ୍ୟକ୍ରମର ଶତ ପ୍ରତିଶତ ସଂତୃପ୍ତି ହାସଲ ଦିଗରେ ସମ୍ପୃକ୍ତ ଅଧିକାରୀ ଯତ୍ନବାନ ହୋଇ କାର୍ଯ୍ୟ କରିବା ଉଚିତ। ଏଥିପାଇଁ ସେବା ମନଭାବ ସହ ସମ୍ବେଦନଶୀଳ ହୋଇ ନିଜ ନିଜ ଦାୟିତ୍ୱ ସମ୍ପାଦନ କରିବା ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହିତ ନିଜର ତଥା ନିଜ ସମ୍ପର୍କୀୟ ଓ ବନ୍ଧୁ ପରିଜନଙ୍କ ଶୂନରୁ ୫ବର୍ଷ ଶିଶୁଙ୍କୁ ବୁଥକୁ ଆଣି ପୋଲିଓ ବୁନ୍ଦା ଖୁଆଇବା ପାଇଁ ପ୍ରଶାସନ ତରଫରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଉଛି।

## ବିଭିନ୍ନ ସ୍ଥାନରେ ଗୋପବନ୍ଧୁଙ୍କ ଜୟନ୍ତୀ



**ରାଉରକେଲା, ୧୦।୧୦(ସମିସ) :** ସ୍ଥାନୀୟ ଛେଣ୍ଡସ୍ଥିତ ରାଉରକେଲାର ପ୍ରମୁଖ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ଗୋପବନ୍ଧୁ ପାଠାଗାରରେ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ସହ ଦ୍ୱାବିଂଶତମ ବାର୍ଷିକ ଉତ୍ସବ ଉଦ୍‌ଘାଟତ ହୋଇଯାଇଛି। ପାଠାଗାରର ଅଧ୍ୟକ୍ଷ ନବଘନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଉରକେଲାର ବିଧାୟକ ସାରଦା ପ୍ରସାଦ ନାୟକ ପାଠାଗାରର ବାର୍ଷିକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ଶଙ୍କର ପ୍ରସାଦ ତ୍ରିପାଠୀ ଓ ସମ୍ମାନିତ ଅତିଥି ଭାବେ କବି ରାଜୀବ ପାଣି ଯୋଗଦେଇଥିଲେ। ଉତ୍କଳମଣି ଗୋପବନ୍ଧୁ ଦାସ ଓଡ଼ିଆ ଜାତିର ସ୍ୱାଭିମାନ ଓ ସେବାର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବୋଲି ଅତିଥିମାନେ କହିଥିଲେ। ସଭାରେ ସାଧାରଣ ସମ୍ପାଦକ ହରିହର ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିଲେ। ହରିହର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ପାଇଁ ସନ୍ଦୀପ କୁମାର ପଟ୍ଟନାୟକ, ବିଜୟ କୁମାର ମହାନ୍ତି, ପ୍ରଦୀପ କୁମାର ପ୍ରଧାନ, ଭୋଜରାଜ ସାହୁ ଏବଂ ମହେନ୍ଦ୍ର କୁମାର ସାହୁଙ୍କୁ ପାଠାଗାର ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କୋଷାଧ୍ୟକ୍ଷ ଲକ୍ଷ୍ମଣ ନାଥ ଦାସ ଏବଂ ଗଦାଧର ରଥ ମାନପତ୍ର ପାଠ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ସୂର୍ଯ୍ୟ ନାରାୟଣ ପଣ୍ଡା, ବିଶ୍ୱନାଥ ଜେନା, ଜ୍ଞାନେନ୍ଦ୍ର କୁମାର ରାୟ, ଦେବରାଜ ଗଉଡ଼ଙ୍କ ସହ ପାଠାଗାରର ସମସ୍ତ କର୍ମକର୍ତ୍ତା ସହାୟତା କରିଥିବାବେଳେ ମହେନ୍ଦ୍ର କୁମାର ପଟ୍ଟନାୟକ, ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ଡାକ୍ତର ଗୋକୁଳାନନ୍ଦ ସାହୁ, ଜୟନ୍ତ କୁମାର ମିଶ୍ର, ସୁଶାନ୍ତ କୁମାର ଦାସ, ପ୍ରମିଳା ପଣ୍ଡା, ବିଜୟଲକ୍ଷ୍ମୀ ପଟ୍ଟନାୟକ, ସବିତା ସାହୁ, ଗୁରୁ ଚରଣ ପଟ୍ଟନାୟକ, ଅଶୋକ କୁମାର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।



### ଓଡ଼ିଆ ଭାଷା ବିକାଶ ମଞ୍ଚ

**ରାଉରକେଲା:** ଓଡ଼ିଆ ଭାଷା ବିକାଶ ମଞ୍ଚ ପକ୍ଷରୁ ପୁଣ୍ୟାତ୍ମା ଗୋପବନ୍ଧୁଙ୍କ ଜୟନ୍ତୀ ଅବସରରେ ଆମ୍ରବାଗନସ୍ଥିତ ଗୋପବନ୍ଧୁଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ଭକ୍ତିପୂର୍ଣ୍ଣ କୁସୁମାଞ୍ଜଳି ଅର୍ପଣ କରାଯାଇଥିଲା। ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଆବାହକତ୍ୱରେ ଓ ସଭାପତି ପ୍ରଶାନ୍ତ କୁମାର ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ବିଭିନ୍ନ ସାହିତ୍ୟାନୁଷ୍ଠାନକୁ ପ୍ରତିନିଧିତ୍ୱ କରୁଥିବା ବହୁ ସାରସ୍ୱତ ସାଧକ ଗୋପବନ୍ଧୁଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ରାଉରକେଲା ସାହିତ୍ୟ ସଂସଦର ସାଧାରଣ ସମ୍ପାଦକ ବିଜୟ କୁମାର ସାହୁ, ସଙ୍ଗୀତ ସାଧକ ଶରତଚନ୍ଦ୍ର ପଣ୍ଡା, ସାହିତ୍ୟ ସାଧକ ଗଙ୍ଗାଧର ପୁହାଣ, କବି ଗୌତମ ଦାସ, ସଂଗଠକ ଖଦାଳ ସେଠୀ, କବି ଦିବାକର ଦାସ, ଧାମରା ସଂଘର ସମ୍ପାଦକ ସୁଶାନ୍ତ କୁମାର ନାୟକ ପ୍ରଭୃତି ବହୁ ସାହିତ୍ୟ ସଂଗଠନର କର୍ମକର୍ତ୍ତା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

### ସୁନ୍ଦରଗଡ଼ ବିଜେଡି



**ରାଉରକେଲା:** ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୮ତମ ଜୟନ୍ତୀ ଅବସରରେ ସୁନ୍ଦରଗଡ଼ ବିଜୁ ଜନତା ଦଳ ତରଫରୁ ବିଜେଡିର ବରିଷ୍ଠ ନେତା ତଥା ବିଧାୟକ ଯୋଗେଶ କୁମାର ସିଂଙ୍କ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ସଦ୍‌ଭାବନା ଭବନସ୍ଥିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ବିଧାୟକ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ପୂର୍ବତନ ଉପନଗରପାଳ ସୁମନ୍ତ ପଣ୍ଡା, ଅଶୋକ କୁମାର ମହାନ୍ତି, ନିତ୍ୟାନନ୍ଦ ପଟେଲ, ମନୋଜ ପଟେଲ ଏବଂ ବିଜୟ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## ଲ୍ୟାଣ୍ଡମାଇନ ବିସ୍ଫୋରଣ କରି କଲ୍‌ଭର୍ଟ ଉଡ଼ାଇଲେ ମାଓବାଦୀ

# ସିଆର୍‌ପିଏଫ୍ ଇନ୍ସପେକ୍ଟର ଆହତ

**ରାଉରକେଲା, ୧୦।୧୦(ସମିସ):** ଓଡ଼ିଶା - ଝାଡ଼ଖଣ୍ଡ ସୀମାନ୍ତ ସରଣ୍ଡା ଜଙ୍ଗଲରେ ଶୁକ୍ରବାର ସନ୍ଧ୍ୟାରେ ମାଓବାଦୀଙ୍କ ଦ୍ୱାରା ଦୁଇଟି ଲ୍ୟାଣ୍ଡମାଇନ ବିସ୍ଫୋରଣ କରାଯାଇଛି। ଏଥିଯୋଗୁଁ ଏକ କଲଭର୍ଟ ଉଡ଼ି ଯାଇଥିବାବେଳେ ଜଣେ ସିଆରପିଏଫ୍ ଇନ୍ସପେକ୍ଟର ଆହତ ହୋଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ ବିଶ୍ରା ବ୍ଲକର ଜରାଇକେଲା ପଞ୍ଚାୟତ ସୀମାନ୍ତରେ ଥିବା ଝାଡ଼ଖଣ୍ଡସ୍ଥିତ ସରଣ୍ଡା ଜଙ୍ଗଲରେ ମାଓବାଦୀମାନେ ପୁଣି ଥରେ ଲ୍ୟାଣ୍ଡମାଇନ ବିସ୍ଫୋରଣ କରି ନିଜର ଉପସ୍ଥିତି ଜାହିର କରିଛନ୍ତି। ଏକ ଭୟଙ୍କର ବିସ୍ଫୋରଣରେ ସିଆରପିଏଫ୍‌ର ଜଣେ ଇନ୍ସପେକ୍ଟର ଆହତ ହୋଇଥିବା ଜଣାପଡ଼ିଛି। ଜିଲ୍ଲା ପୁଲିସ, ସିଆରପିଏଫ ଏବଂ ଅନ୍ୟାନ୍ୟ ସୁରକ୍ଷା ବାହିନୀର ଯବାନମାନେ ସରଣ୍ଡାର ଜରାଇକେଲା ଥାନା ଅଧୀନରେ ଥିବା ସମଠା ଅଞ୍ଚଳର ବାବୁଡେରା ଗାଁରେ ମାଓବିରୋଧୀ ଅଭିଯାନ ଅଧୀନରେ କମ୍ବିଂ ଅପରେସନ ଚଳାଇଥିଲେ। ଏହି ସମୟରେ ଏକ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ସିଆରପିଏଫ ୬୦ ବାଟାଲିୟନର ଇନ୍ସପେକ୍ଟର କେ କେ ମିଶ୍ର ଗୁରୁତର ଭାବେ ଆହତ ହୋଇଥିଲେ। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଝାଡ଼ଖଣ୍ଡ ସରକାରୀ ହସ୍ପିଟାଲର ଡାକ୍ତରୀ ଦଳ ଘଟଣାସ୍ଥଳକୁ ପହଞ୍ଚିଛନ୍ତି। ଏ ନେଇ ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମି ଜିଲ୍ଲା ଏସ୍‌ପି ଅମିତ ରେଣୁ କହିଛନ୍ତି ଯେ ସରଣ୍ଡା ଜଙ୍ଗଲରେ ମାଓ ବିରୋଧୀ ଅଭିଯାନ ଅଧୀନରେ ଜିଲ୍ଲା ପୁଲିସ, ସିଆରପିଏଫ ଏବଂ ସୁରକ୍ଷା ଯବାନମାନେ କମ୍ବିଂ ଅପରେସନ କରୁଥିବାବେଳେ ଶୁକ୍ରବାର ସନ୍ଧ୍ୟାରେ ନକ୍ସଲମାନେ ଲ୍ୟାଣ୍ଡମାଇନ ବିସ୍ଫୋରଣ କରିଥିଲେ। ଏହି ବିସ୍ଫୋରଣରେ ଜଣେ ସିଆରପିଏଫ ଅଧିକାରୀ ଆହତ ହେଇଛନ୍ତି। ଆହତ ଯବାନଙ୍କୁ ଚିକିତ୍ସା ପାଇଁ ରାଉରକେଲା ସ୍ଥିତ ଏକ ଘରୋଇ ହସ୍ପିଟାଲକୁ ଚିକିତ୍ସା ପାଇଁ ପଠାଯାଇଛି। ସେହିପରି ସରଣ୍ଡାର ଅନ୍ୟ ଏକ ସ୍ଥାନରେ ମାଓବାଦୀଙ୍କ ଦ୍ୱାରା ହୋଇଥିବା ଅନ୍ୟ ଏକ ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ଜଙ୍ଗଲ ମଧ୍ୟରେ ଏକ କଲଭର୍ଟଟି ସମ୍ପୂର୍ଣ୍ଣ ଉଡ଼ିଯାଇଥିଲା। ଉଲ୍ଲେଖନୀୟ ଯେ ଗତ କିଛିଦିନ ଧରି ସରାଣ୍ଡା ଶାନ୍ତିପୂର୍ଣ୍ଣ ଥିଲାବେଳେ ଆଜି ହଠାତ୍ ଏଭଳି ମାଓ ହିଂସା ଅଞ୍ଚଳରେ ପୁଣି ଥରେ ଭୟର ବାତାବରଣ ସୃଷ୍ଟି କରିଛି। ସୁରକ୍ଷା ବାହିନୀ ସମଗ୍ର ଅଞ୍ଚଳକୁ ଘେରି ସର୍ଚ୍ଚ ଅପରେସନକୁ ଜୋରଦାର କରିଛନ୍ତି।

## ଗୋମାଂସ ଜବତ; ୫ କୋର୍ଟ ଚାଲାଣ



**କୁତ୍ରା, ୧୦।୧୦(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଥାନା ଅଧୀନ ଖତକୁରବାହାଲଠାରେ ଗୋ ମାଂସ କାଟୁଥିବା ବେଳେ କୁତ୍ରା ପୁଲିସ ଖବର ପାଇ ଚଢଉ କରି ୩୩୦କେଜି ଗୋମାଂସ ଜବତ କରି ୫ ଜଣଙ୍କୁ ଗିରଫ୍ କରି କୋର୍ଟ ଚାଲାଣ କରିଛି। ଶୁକ୍ରବାର ସକାଳୁ କୁତ୍ରା ପୁଲିସ ଖତକୁରବାହଲଠାରେ ଗୋ ମାଂସ କାଟୁଥିବା ଜାଣି ଚଢ଼ଉ କରି ବହୁ ପରିମାଣରେ ଗୋମାଂସ ଜବତ କରିବା ସହିତ ଖତକୁରବାହାଲ ଗ୍ରାମର ଏମଡି ନିମ୍ନ (୬୩), ଏମଡି ଅହସନ (୩୫) ଅକଦାସ ରାଜା (୨୦) ଓ ଇମତିଆଜ ଅନସାରି (୪୨)କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ମିଶନ ଶକ୍ତି ମହିଳାଙ୍କ ଆନ୍ଦୋଳନ ଚେତାବନୀ

# ଉପଜିଲ୍ଲାପାଳଙ୍କ ଜରିଆରେ ସଚିବଙ୍କୁ ଦାବିପତ୍ର



**ବଣାଇଁ, ୧୦।୧୦(ସମିସ)**

ମିଶନଶକ୍ତି ପୁନର୍ଗଠନ ଆଦେଶ ଉପରେ ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ଅବମାନନା ବନ୍ଦ କରିବା ସହ ପୁନର୍ଗଠନ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଦାବିନେଇ ଶୁକ୍ରବାର ବଣାଇଁ ଉପଖଣ୍ଡ ଚାରୋଟି ବ୍ଲକର ସଭାପତି, ସମ୍ପାଦିକା ଏବଂ ସଦସ୍ୟମାନେ ସେମାନଙ୍କ ନ୍ୟାର୍ଯ୍ୟ ଦାବି ନେଇ ସଚିବଙ୍କ ଉଦ୍ଦେଶ୍ୟରେ ବଣାଇଁ ଉପଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘ ପକ୍ଷରୁ ଜଣାଇଛନ୍ତି ଯେ ଓଡ଼ିଶାରେ ମିଶନ ଶକ୍ତି ଅଧୀନରେ ବିଭିନ୍ନ ମହିଳା ଗୋଷ୍ଠୀ ସଂଗଠନ ମାଧ୍ୟମରେ ଜୀବିକା ମିଶନ ସ୍କିମ୍ କାର୍ଯ୍ୟକାରୀ କରାଯାଇଥିବାବେଳେ ମହିଳା ଗୋଷ୍ଠୀଙ୍କ ଦ୍ୱାରା ମନୋନୀତ ଇ.ସି. ସଦସ୍ୟମାନେ ଏହି ସ୍କିମର ଶ୍ରମିକ ଭାବେ ସ୍କିମ୍ କାର୍ଯ୍ୟକାରୀ ହେବା ଠାରୁ ଏପର୍ଯ୍ୟନ୍ତ କାର୍ଯ୍ୟ କରିଆସୁଛନ୍ତି। ମିଶନ ଶକ୍ତିର ଏକ ଅକାର୍ଯ୍ୟକ୍ଷମ ତଥାକଥିତ ଗାଇଡ୍‌ଲାଇନ୍‌ରେ ପ୍ରତି ଦୁଇ ବର୍ଷକୁ ଥରେ ପୁନର୍ଗଠନ ସମ୍ପର୍କରେ ଉଲ୍ଲେଖ ଥିଲେ ବି ଗତ ୨୩ବର୍ଷ ଧରି ଏଭଳି ପୁନର୍ଗଠନ କେବେ କାର୍ଯ୍ୟକାରୀ କରାଯାଇ ନ ଥିଲା। କିନ୍ତୁ ସରକାର ୨୦୨୨ରେ ବିଭାଗର ଏକ ସର୍ବୋଚ୍ଚ ସମ୍ମିଳନୀର ନିଷ୍ପତ୍ତି ଭିତିରେ ପୁନର୍ଗଠନର ଆବଶ୍ୟତା ନାହିଁ ବୋଲି ନିଷ୍ପତ୍ତି ହେବାସହ ଏହା ସମଗ୍ର ରାଜ୍ୟକୁ ସରକାରୀ ନିର୍ଦ୍ଦେଶ ଭାବେ ମିଶନଶକ୍ତି ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଗତ ଜାନୁଆରୀ ମାସରେ ସରକାର ନିୟମ କାନୁନ୍ ନମାନି ମନମୁଖୀଭାବେ ନୀୟମାବଳିକୁ ଅପବ୍ୟବହାର କରି ଲକ୍ଷ ଲକ୍ଷ କାର୍ଯ୍ୟରତ ମହିଳା କର୍ମୀଙ୍କୁ ବାହାର କରି ମହିଳା ଗୋଷ୍ଠୀଙ୍କ ଭିତରେ ଅସ୍ଥିରତା ସୃଷ୍ଟି ସହ ଜୀବିକା ମିଶନର ମହାଦ୍ରୁମକୁ ଧ୍ୱଂସ କରିବାକୁ ବସିଛନ୍ତି। ଏହି ବେନିୟମ ନିର୍ଦ୍ଦେଶ ଉପରେ ମାନ୍ୟବର ଓଡ଼ିଶା ହାଇକୋର୍ଟ ପ୍ରଥମେ ୧୭ ଏପ୍ରିଲ, ୨୦୨୫ରେ ରହିତାଦେଶ ଦେଲାପରେ ମଧ ମିଶନ ଶକ୍ତି ବିଭାଗରୁ ମାନ୍ୟବର କୋର୍ଟଙ୍କ ଆଦେଶର ଅବମାନନା ପୂର୍ବକ ପୁନର୍ଗଠନ କାର୍ଯ୍ୟ ବଜାୟ ରଖିଲେ। ଏହାପରେ ପୁଣି ବିଭାଗ ମାନ୍ୟବର ହାଇକୋର୍ଟଙ୍କ ଠାରେ ପୁନର୍ଗଠନ କାର୍ଯ୍ୟକାରୀ ନକରିବା ପାଇଁ ଅଣ୍ଡର ଟେକିଙ୍ଗ୍ ଲେଖି ଆସିଥିଲେ ବି ବିଭାଗୀୟ ଅଧିକାରୀମାନେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଖୋଲାଖୋଲି ଅବମାନନା କରିଚାଲିଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ପୁନର୍ଗଠନ, ଆଞ୍ଚଳିକ ମଞ୍ଚର ପୁନର୍ଗଠନ, ଜିପିଏଲଏଫ୍‌ର ବ୍ୟାଙ୍କ ଜମା ଖାତା ପରିଚାଳନାରେ ସଭାପତି ଓ ସମ୍ପାଦକଙ୍କ ସ୍ୱାକ୍ଷରକୁ ବାଦ ଦେଇ ବିଭାଗୀୟ ଅଧିକାରୀମାନଙ୍କ ସ୍ୱାକ୍ଷରକୁ ସାମିଲ କରାଇବା ଘଟଣା କେବଳ ମାନ୍ୟବର କୋର୍ଟଙ୍କ ଆଦେଶକୁ ଅବମାନନା କରି ଚାଲିଥିବା କହିଛନ୍ତି ମହିଳା ଗୋଷ୍ଠୀ। ଏଥିରେ ଲହୁଣୀପଡ଼ା ବ୍ଲକ ସଭାପତି ସନ୍ଧ୍ୟା ରାଜପୁତ, ସମ୍ପାଦିକା ଚମ୍ପାବତୀ ମାହାନ୍ତ, କୋଇଡା ବ୍ଲକ ସଭାପତି ରଶ୍ମିବାଳା ନାଏକ, ସମ୍ପାଦିକା ଆଲୋକୀ ବାରିକ, ବଣାଇଁ ର ମିଥିଳା ସାହୁ, ରିତା ସାହୁ, ଗୁରୁଣ୍ଡିଆ ରୁ ସରୋଜିନୀ କିସାନ, ଡିଲେଶ୍ୱରୀ ସିଂ ପ୍ରମୁଖ ଉପସ୍ଥିତ ରହି ଦାବି ପତ୍ର ପ୍ରଦାନ କରିଥିଲେ।

## ଅଜିଜ୍ ନକ୍‌ଆଉଟ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ରାଉରକେଲା, ୧୦।୧୦(ସମିସ):** ଦୁର୍ଗାପୁର ସ୍ଥିତ ଓରାମପଡ଼ା ଆଦିବାସୀ ଯୁବ କ୍ଲବ୍ ପକ୍ଷରୁ ଉଦିତନଗର ମିନି ଷ୍ଟାଡିୟମରେ ଅଜିଜ୍ ନକ୍‌ଆଉଟ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ - ୨୦୨୫ ଉଦ୍‌ଘାଟିତ ହୋଇଯାଇଛି। ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାୟ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଏହି ଫୁଟବଲ୍ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟରେ ୧୬ଟି ଫୁଟବଲ ଦଳ ଅଂଶଗ୍ରହଣ କରିଛନ୍ତି। ଆଜିର ପ୍ରଥମ ମ୍ୟାଚ୍ ବିଜୟ ବ୍ରଦର୍ସ ଏବଂ ଟିମ୍ କ୍ରିଷ୍ଟାଲ୍ ଫ୍ୟୁଜ୍ ମଧ୍ୟରେ ଖେଳାଯାଇଥିଲା। ଯେଉଁଥିରେ ବିଜୟ ବ୍ରଦର୍ସ ୫ଟି ଗୋଲ୍ ସ୍କୋର୍ କରିଥିଲେ। ଅନ୍ୟପକ୍ଷରେ କ୍ରିଷ୍ଟାଲ୍ ଦଳ କେବଳ ଗୋଟିଏ ଗୋଲ ସ୍କୋର କରିପାରିଥିଲେ। ଯାହା ଫଳରେ ପ୍ରଥମ ମ୍ୟାଚ୍ ବିଜୟ ବ୍ରଦର୍ସ ବିଜୟୀ ହୋଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଡିଆଇଜି ଶ୍ରୀ ରାଏ କହିଥିଲେ ଯେ, ସୁନ୍ଦରଗଡ଼ ହକିର ଗଡ଼ ହୋଇଥିବାବେଳେ ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟ ଜିଲ୍ଲାରେ ଯୁବପିଢ଼ିଙ୍କୁ ଆହୁରି ପ୍ରେରଣା ଦେବ। ୧୨ ତାରିଖ ଦିନ ହେବାକୁ ଥିବା ଫାଇନାଲ ମ୍ୟାଚ୍‌ର ବିଜେତା ଦଳକୁ ୧ ଲକ୍ଷ ଟଙ୍କା ନଗଦ, ଉପବିଜେତା ଦଳକୁ ୭୦ ହଜାର ଟଙ୍କା, ତୃତୀୟ ଦଳକୁ ୨୫ ହଜାର ଟଙ୍କା ଏବଂ ଚତୁର୍ଥ ସ୍ଥାନ ଅଧିକାର ଦଳକୁ ୨୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। ଏହି ଅବସରରେ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଗୋଲକିପର ଏବଂ ଶ୍ରେଷ୍ଠ ଡିଫେଣ୍ଡରଙ୍କୁ ମଧ୍ୟ ପୁରସ୍କୃତ କରାଯିବ। ଏହି ଅବସରରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ମୁଖ୍ୟ ଅତିଥି ଏବଂ ବରିଷ୍ଠ କଂଗ୍ରେସ ନେତା ପ୍ରମୋଦ ଦାସ, ଶିବୁ ଦୀପ, ସମାଜସେବୀ ଗଣେଶ ଜୟସ୍ୱାଲ, ବରିଷ୍ଠ ବିଜେପି ନେତା ଆଶା ନାଇଡୁ, ଆଦିବାସୀ ଯୁବ କ୍ଲବ ସଭାପତି ଲୁଣ୍ଡାଇ ଓରାମଙ୍କ ସମେତ ଅନ୍ୟାନ୍ୟ ବ୍ୟକ୍ତିବିଶେଷ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ଥିଲେ। ଆଜିର ଏହି ନକଆଉଟ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ଏହି ଅବସରରେ କଂଗ୍ରେସ ନେତା ପ୍ରମୋଦ ଦାସ, ଶିବୁ ଦୀପ, ଗଣେଶ ଜୟସ୍ୱାଲ, ବରିଷ୍ଠ ବିଜେପି ନେତା ଆଶା ନାଇଡୁ, ଆଦିବାସୀ ଯୁବ କ୍ଲବ ସଭାପତି ଲୁଣ୍ଡାଇ ଓରାମଙ୍କ ସମେତ ଅନ୍ୟାନ୍ୟ ବ୍ୟକ୍ତି ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ଥିଲେ। ପଦ୍ମନାଭ ମହାପାତ୍ର ଓ ରାଜୀବ ଭାଗ ମଞ୍ଚ ପରିଚାଳନା କରିଥିଲେ।

## ବଣାଇଁ ବନଖଣ୍ଡ ପକ୍ଷରୁ ବନ୍ୟପ୍ରାଣୀ ସପ୍ତାହ ପାଳିତ

**ବଣାଇଁ, ୧୦।୧୦(ସମିସ):** ବଣାଇଁ ବନଖଣ୍ଡ ପକ୍ଷରୁ ଜାତୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର ଯୋଗଦେଇ ଜଙ୍ଗଲ ସୁରକ୍ଷା ସହ ବନ୍ୟପ୍ରାଣୀଙ୍କ ସୁରକ୍ଷା କିପରି କରିବା ତାହା ଉପରେ ସେ ଆଲୋକପାତ କରିଥିଲେ। ଏହି ଅବସରରେ ବଣାଇଁର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀଙ୍କୁ ନେଇ ଏକ ଚିତ୍ରାଙ୍କନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ୧୭ ଜଣ ଛାତ୍ରଛାତ୍ରୀ ଯୋଗଦେଇଥିବା ବେଳେ ବରିଷ୍ଠ ଏବଂ କନିଷ୍ଠ ବିଭାଗରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ସହକାରୀ ବନ ସଂରକ୍ଷକ ରବିକାନ୍ତ ମିନା, ନଳିନୀ କାନ୍ତ ବେହେରା, ଦୁର୍ଯ୍ୟୋଧନ ଜେରେଇ ଙ୍କ ସମେତ ବଣାଇଁ ରେଞ୍ଜ ଅଧିକାରୀ ଦେବାଶିଷ ନାୟକ, ଜର୍ଡା ରେଞ୍ଜ ଅଧିକାରୀ କୈଳାସ କିସାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଭାବେ ଜର୍ଡା ରେଞ୍ଜ ମଜୁରଡିମା ସେକ୍ସନ ପକ୍ଷରୁ ବନପାଳ ପ୍ରତାପ କୁମାର ସାହୁଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରାର ଆୟୋଜନ କରାଯାଇ ସ୍ଥାନୀୟ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା।

## ୧୧ ଏସ୍‌ଆଇଙ୍କ ଅଦଳବଦଳ

**ରାଉରକେଲା, ୧୦।୧୦(ସମିସ):** ରାଉରକେଲା ଜିଲ୍ଲା ପୁଲିସର ବିଭିନ୍ନ ଥାନାରେ କାର୍ଯ୍ୟରତ ୧୧ ଜଣ ପୁଲିସ ସବଇନିସପେକ୍ଟରଙ୍କର ଅଦଳବଦଳ ହୋଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି କ୍ରମରେ ସେକ୍ଟର -୩ ଥାନାର ଏସଆଇ ଗୟାଧର ବାରିକଙ୍କର ସେକ୍ଟର -୧୫ ଥାନାକୁ ବଦଳି କରାଯାଇଥିବା ବେଳେ ଟାଙ୍ଗରପାଲ୍ଲୀ ଥାନାର ଏସଆଇ ଋଷଭ କୁମାର ପଣ୍ଡାଙ୍କର କୋଇଡା ଥାନା, ଛେଣ୍ଡ ଥାନାର ଓମ୍ ପ୍ରକାଶ ରାଉତରାୟଙ୍କ ଲହୁଣୀପଡ଼ା, ବ୍ରାହ୍ମଣୀ ତରଙ୍ଗ ଥାନାର ଉଦୟକୁମାର ସାହୁଙ୍କ ବଣାଇଁ, ଟେନସା ଆଉଟ୍ ପୋଷ୍ଟର ସୁଦର୍ଶନ ଦେହୁରୀଙ୍କ ଟାଙ୍ଗରପାଲି, କେ. ବଲାଙ୍ଗ ଥାନାର ରଞ୍ଜିତ କୁମାର କୁଲୁଙ୍କ ଲହୁଣୀପଡ଼ା, ବଣାଇଁ ଥାନାର ମିତାଲି ମଧୁଛନ୍ଦା ସ୍ୱାଇଁଙ୍କ ପୁଲିସ ମୁଖ୍ୟାଳୟକୁ ବଦଳି ହୋଇଥିବା ବେଳେ ସେକ୍ଟର -୧୫ ଥାନାର ସୁନିଲ ରଞ୍ଜନ ଦାଶଙ୍କ ସେକ୍ଟର -୩, କୋଇଡା ଥାନାର ଦେବାଶିଷ ସେନାପତିଙ୍କ ବନ୍ଧମୁଣ୍ଡା, ଲହୁଣୀପଡ଼ା ଥାନାର ପ୍ରିୟବ୍ରତ ବେହେରାଙ୍କ ବ୍ରାହ୍ମଣୀ ତରଙ୍ଗ ଓ ପୁଲିସ ମୁଖ୍ୟାଳୟରୁ ନୀଳକଣ୍ଠ ବେହେରାଙ୍କ କେ. ବଲାଙ୍ଗ ଥାନାକୁ ବଦଳି କରା ଯାଇଥିବା ଜଣାପଡ଼ିଛି।




## ପଦ୍ମବର୍ଣ୍ଣା ସାଂସ୍କୃତିକ ସଂଗଠନ ନାଟକ ପ୍ରତିଯୋଗିତା ଉଦ୍‌ଘାଟିତ



**ରାଉରକେଲା, ୧୦।୧୦(ସମିସ)**

ସ୍ଥାନୀୟ ସେକ୍ଟର -୬ ସ୍ଥିତ ଏଚ୍ ବ୍ଲକ ଦୁର୍ଗାପୂଜା ପଡ଼ିଆଠାରେ ପଦ୍ମବର୍ଣ୍ଣା ସାଂସ୍କୃତିକ ସଂଗଠନ ପକ୍ଷରୁ ୨୫ ତମ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା-୨୦୨୫ ଉଦ୍‌ଘାଟିତ ହୋଇଯାଇଛି। ରଘୁନାଥପଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପଦ୍ମବର୍ଣ୍ଣା ଅନୁଷ୍ଠାନର ଅଧ୍ୟକ୍ଷ ମିହିର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଜେପି ରାଜ୍ୟ ମୁଖପାତ୍ର ଧୀରେନ ସେନାପତି, ସମାଜସେବୀ ଜିତେନ୍ ମହାନ୍ତି, ସୁବ୍ରତ ପଟ୍ଟନାୟକ ଯୋଗ ଦେଇଥିଲେ। ପ୍ରଥମ ସଂଧ୍ୟାରେ ମଞ୍ଚସ୍ଥ ହୋଇଥିଲା ଆମ ମଞ୍ଚ ରାଉରକେଲା ନାଟ୍ୟ ଅନୁଷ୍ଠାନ ପକ୍ଷରୁ ଗଙ୍ଗାଧର ରାଉତଙ୍କ ନିର୍ଦ୍ଦେଶିତ ତଥା ଅଧ୍ୟାପକ ରମେଶ ସାହୁଙ୍କ ରଚିତ ନାଟକ 'ତୋ କଥା ଭାରି ମନେ ପଡେ'। ଭଗବାନଙ୍କ ଏ ସୃଷ୍ଟିରେ ମଣିଷ ଅନ୍ୟତମ। ଭୁଲ ବୁଝାମଣା ଦ୍ୱାରା ଆଜିର ସମାଜରେ ଅନେକ ବନ୍ଧୁତାର ସମ୍ପର୍କ ନଷ୍ଟ ହେଇଯାଉଛି। ଏହି ସମ୍ପର୍କ ନଷ୍ଟ ହେବା ଦ୍ୱାରା କିପରି ନିଜ ପରିବାର ଏବଂ ସନ୍ତାନ ସନ୍ତତିଙ୍କ ଉପରେ ଏହାର ପ୍ରଭାବ ପଡୁଛି ଏବଂ ଯାହାଦ୍ୱାରା ପରିବାର ଭାଙ୍ଗି ଛାରଖାର ହେଇଯାଉଛି ତାକୁ ନେଇ ଗତିଶୀଳ ହୋଇଥିଲା ଏହି ନାଟକ। ବିଭିନ୍ନ ଚରିତ୍ରରେ ମହେନ୍ଦ୍ର ପଟ୍ଟନାୟକ ଭୂମିକାରେ ରାଜେଶ ରାୟ, ମନୋଜ ପଟ୍ଟନାୟକ ଭୂମିକାରେ ଶୁଶାନ୍ତ କୁମାର ମହାନ୍ତି, ମାଗୁଣି ଭୂମିକାରେ ବାପି ପଲ୍ଲେଇ, ମହେଶ ଚୌଧୁରୀ ଭୂମିକାରେ ଶୁଭେନ୍ଦୁ ସାମଲ, ମାନସ ଚୌଧୁରୀ ଭୂମିକାରେ ବିଜୟ ନାୟକ, ଚକରା ଭୂମିକାରେ ପ୍ରଜ୍ଞାନନ୍ଦ ମହାନ୍ତି, ଚଣ୍ଡିୟା ଭୂମିକାରେ ଗଙ୍ଗାଧର ରାଉତ, ଜଗନ୍ ସମାନ୍ତ ଭୂମିକାରେ ପ୍ରବୀର କୁମାର ଦାସ, ଜିତେନ୍ ସାମନ୍ତ ଭୂମିକାରେ ସୁଶାନ୍ତ କୁମାର ନାୟକ, ଓଧ ଭୂମିକାରେ ଅଭିଳାଷ ସାହୁ, କନଷ୍ଟେବଲ ଭୂମିକାରେ ନିଶିକାନ୍ତ ବାରିକ, ମିତା ଭୂମିକାରେ ଗୌରିପ୍ରିୟା ମହାନ୍ତି, ମାନି ଭୂମିକାରେ ପ୍ରିୟା ଦାସ ଯୁହି ଭୂମିକାରେ ଗିତା ପଣ୍ଡା, ଅଙ୍ଗୁର ଭୂମିକାରେ ସୁଭାଙ୍ଗିନି ମହାପତ୍ର ପ୍ରମୁଖ ଅଭିନୟ କରିଥିଲେ। ସଙ୍ଗୀତରେ ଭରଦ୍ୱାଜ ଓଝା ସହାୟତା କରିଥିବା ବେଳେ ନୃତ୍ୟରେ ବିଜୟ କୁମାର ନାୟକ ସହଯୋଗ କରିଥିଲେ।

### ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ

# ସୁସ୍ଥ ସମାଜ ଗଠନରେ ବୟସ୍କଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭଦ୍ରକ, ୧୦।୧୦(ସମିସ)




ବୟୋଜ୍ୟେଷ୍ଠ ନାଗରିକମାନେ କେବଳ ନିଜ ପରିବାରର ମୁଖ୍ୟ ନୁହନ୍ତି, ସେମାନେ ସମାଜର ମେରୁଦଣ୍ଡ ତଥା ଦେଶର ଦିଗଦର୍ଶକ। ଗୋଟିଏ ପରିବାର ଯେମିତି ଜଣେ ବରିଷ୍ଠ ମୁରବୀଙ୍କ ଦ୍ୱାରା ପରିଚାଳିତ ହୋଇଥାଏ। ସମାଜ ସେହିଭଳି ବରିଷ୍ଠ ନାଗରିକ ମାର୍ଗଦର୍ଶନରେ ପରିଚାଳିତ ହୁଏ। ଗୋଟିଏ ସମାଜ ଚଳାଇବା ପାଇଁ ଉଭୟ ଯୁବଶକ୍ତି ଓ ବରିଷ୍ଠ ନାଗରିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯୁବ ଶକ୍ତି ଓ ସାମର୍ଥ୍ୟ ଓ ବୟସ୍କଙ୍କ ଅଭିଜ୍ଞତା ଉଭୟ ସୁସ୍ଥ ସମାଜ ଗଠନରେ ସହାୟକ ହୋଇଥାଏ। ବରିଷ୍ଠଙ୍କ ଅବସର କେବଳ ବିଶ୍ରାମ ପାଇଁ ନୁହେଁ, ଏକ ନୂଆ ଶ୍ରମ ପାଇଁ ପ୍ରେରଣା ଦେଇଥାଏ। ବରିଷ୍ଠମାନେ ସାମଜ ପାଇଁ ଅଲୋଡା ନୁହଁନ୍ତି। ସେମାନେ ବରଗଛ ପରି ସମାଜିକ ଜୀବନକୁ ଶୀତଳ ଛାୟା ପ୍ରଦାନ କରିଥାନ୍ତି। ବରିଷ୍ଠ ନାଗରିକ ବିନା ସମାଜ ଦିଗହରା। ଯୁବଶକ୍ତି ଉଦ୍ୟମତାକୁ ନିୟନ୍ତ୍ରଣ କରିବା ପାଇଁ ବରିଷ୍ଠଙ୍କ ଅଭିଜ୍ଞତା ଏକାନ୍ତ ଜରୁରୀ। ନଚେତ ସମାଜ ବ୍ୟବସ୍ଥା ଭୁଶୁଡିଯିବ ବୋଲି ବକ୍ତାମାନେ ବକ୍ତବ୍ୟ ରଖିଥିଲେ। ସେମାନେ ବହୁ ଅଭିଜ୍ଞତା, ଅନୁଭବ ଜ୍ଞାନର ଭଣ୍ଡାର। ତେଣୁ ତାଙ୍କ ପ୍ରତି ଅବହେଳା, ଅନାଦାର କୁ ଉପେକ୍ଷା ସମୀଚୀନ ନୁହେଁ। ଏବେର ସମାଜରେ ନାନାଦି ନକାରାତ୍ମକ କାରଣରୁ ଅବକ୍ଷୟମୁଖୀ ସମାଜରେ ବରିଷ୍ଠ ନାଗରିକମାନେ ଅବହେଳିତ ହେଉଥିବା ଯୁଗ ଯନ୍ତ୍ରଣାରେ ପରିଣତ ହେବା ଆଦୌ ଶୁଭ ସଙ୍କେତ ନୁହେଁ। ସେମାନଙ୍କପ୍ରତି ଆମ ସମସ୍ତଙ୍କର ସାମାଜିକ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ବନ୍ଧରେ ବିଶେଷକରି ଆଜିର ଯୁବଗୋଷ୍ଠୀ ମଧ୍ୟରେ ସଚେତନତାର ଯଥେଷ୍ଟ ଆବଶ୍ୟକ ଅଛି ବୋଲି ଭଦ୍ରକ ଜିଲ୍ଲା ପ୍ରସାଶନ ଆନୁକୂଲ୍ୟରେ ସହିଦ୍ ସ୍ମୃତି ଭବନରେ ଅନୁଷ୍ଠିତ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବରେଣ୍ୟ ଅତିଥି ବୃନ୍ଦ ଏହା ପ୍ରକାଶ କରିଛନ୍ତି। ବରିଷ୍ଠଙ୍କ ବିଭିନ୍ନ ସମସ୍ୟା, ଭବନ ନିର୍ମାଣ, ସରକାରୀ ସୁବିଧା ସୁଯୋଗ ଆଦି ବିଭିନ୍ନ ଦିଗରେ ଆଲୋକପାତ କରିଥିଲେ। ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ

**ସମ୍ବର୍ଦ୍ଧିତ ହେଲେ ୫୦ ବରିଷ୍ଠ ଓ ୩୧୯ କୃତୀ ପ୍ରତିଯୋଗୀ**

ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଂସଦ ଅଭିମନ୍ୟୁ ସେଠୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅନ୍ୟତମ ସମ୍ମାନିଥ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ଅତିରିକ୍ତ ଏସ୍.ପି ସମ୍ବିତ କୁମାର ମାଝୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁଧୀର ରଞ୍ଜନ ନାୟକ, ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତ, ବରିଷ୍ଠ ନାଗରିକ ସଂଘର ସଭାପତି ଲଳାଟେନ୍ଦୁ ମହାନ୍ତି, ସମ୍ପାଦକ କୈଳାସ ଚନ୍ଦ୍ର ନାୟକ ପ୍ରମୁଖ ଯୋଦଗେଇ ଦିବସ ପାଳନ ଭିତିକ ବାର୍ତ୍ତା ପ୍ରଦାନ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ ଦିବସ ପାଳନ କାର୍ଯ୍ୟକ୍ରମ ଆଭିମୁଖ୍ୟ ଓ ବରିଷ୍ଠମଙ୍କ ପାଇଁ ଅଭିପ୍ରେତ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାରେ ଉପାଦେୟତା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ପ୍ରାକ୍ତନ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ସଭା ପରିଚାଳନା କରିଥିଲେ। ଜିଲ୍ଲାରେ ଗଠିତ ୨୪ ଟି ବରିଷ୍ଠ ନାଗରିକ ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ଯୋଗଦେଇଥିଲେ। ଏହି ଅବସରରେ ୫୦ ଜଣ ବରିଷ୍ଠ ନାଗରିକଙ୍କୁ ସାଲ ଓ ମାନପତ୍ର ପ୍ରଦାନ କରାଯାଇ ସ୍ୱତନ୍ତ୍ରଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଦିବସ ପାଳନ ଉପଲକ୍ଷେ ପୂର୍ବରୁ ବ୍ଲକ ଓ ଜିଲ୍ଲା ସ୍ତରରେ ଆୟୋଜିତ ହାଇସ୍କୁଲ ଓ କଲେଜ ସ୍ତରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ବିତରଣ କରାଯାଇଥିଲା। ପ୍ରାକ୍ତନ କ୍ରୀଡା, ସ୍ୱଳ୍ପ ସଞ୍ଚୟ ଅଧିକାରୀ ପଦ୍ମନ ରାୟ ଧନ୍ୟବାଦ ଦେଇଥିଲେ। ରାଜନେତା କର୍ମୀ ସମାଜସେବୀ ବରିଷ୍ଠ ନାଗରିକ ସଂଘର ପରାମର୍ଶଦାତା ଅଜୟ ନାୟକ, ବରିଷ୍ଠ ସଦସ୍ୟ ରାଧାରାଣୀ ମହାପାତ୍ର, ଶଶିକାନ୍ତ ପାଢ଼ୀ, ବିଚିତ୍ରାନନ୍ଦ ମହାନ୍ତି, ବାଦଲ କିଶୋର ମହାପାତ୍ର, ପ୍ରଶାନ୍ତ ଦେ, ବିଜୟ ସେନାପତି ପ୍ରମୁଖ ଆନୁଷ୍ଠାନିକ ସହଯୋଗ କରିଥିଲେ। ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସ୍ମିତା ମାଝୀ, ବି.ଏସ.ଏସ.ଓ. ଭଣ୍ଡାରିପୋଖରୀ ସନ୍ତନା ଦାସ, ବାସୁଦେବପୁର ଆଭା ରଞ୍ଜିତା ପୁହାଣ, ଧାମନଗର ଯଶୋଦାରାଣୀ ସାହୁ, ବନ୍ତ ର ପ୍ରକାଶ ଚନ୍ଦ୍ର ସାହୁ ଓ ବରିଷ୍ଠ ସହାୟକ ବିଦୁଶଙ୍କର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ।

## ଶିଶୁ ମହୋତ୍ସବ ସୁରଭି ଓ ପ୍ରତିଯୋଗିତା



**ବନ୍ତ/ଆଗରପଡ଼ା, ୧୦।୧୦(ସମିସ):** ବନ୍ତ ବ୍ଲକ ଛୟାଳସିଂହ ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟଶିଶୁମହୋତ୍ସବସୁରଭିଓପ୍ରତିଯୋଗିତା କାର୍ଯ୍ୟକ୍ରମ ଖଗେଶ୍ୱର ଉ.ପ୍ରା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗିରିଜା ଶଙ୍କର ଲେଙ୍କାଙ୍କ ତତ୍ତ୍ୱାବଧାନ ଓ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଜୟନ୍ତୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବିଆରସିସି ହରେକୃଷ୍ଣ ଆପଟ୍, ମୁଖ୍ୟବକ୍ତା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ଅଲେଖ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ସାଂସଦ ପ୍ରତିନିଧି ସନ୍ତୋଷ କୁମାର ନାୟକ, ପ୍ରାକ୍ତନ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଭରତ ଚନ୍ଦ୍ର ଓଝା, ସମାଜସେବୀ ଖଗେଶ୍ୱର ବେହେରା, ବିବି ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ଆନନ୍ଦଚନ୍ଦ୍ର ରାଉତ, କିଶୋର ଚନ୍ଦ୍ର ନାୟକ, ସୂର୍ଯ୍ୟମଣି ପାତ୍ର, ସୁଦର୍ଶନ ଘଡ଼ାଇ, ବଳରାମ ଜେନା, ସ୍ନିଗ୍ଧା ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ସୁରଭି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀଙ୍କ ଭିତରେ ଥିବା ଅନ୍ତର୍ନିହିତ ସମସ୍ତ ଗୁଣାବଳି ପରିପ୍ରକାଶ ହୋଇଥାଏ ବୋଲି କହିଥିଲେ। ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ରାଉତଙ୍କ ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ପ୍ରଧାନଶିକ୍ଷୟିତ୍ରୀ ରାଜଶ୍ରୀ ନାୟକ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଅନିମା ଦାସ ଧନ୍ୟବାଦ ଅର୍ପଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ୯ ଟି ବିଦ୍ୟାଳୟର ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ବକ୍ତୃତା, ନାଚ, ସଙ୍ଗୀତ, ଚିତ୍ରାଙ୍କନ, କୁଇଜ୍ ସମେତ ୧୧ଟି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତି ପ୍ରତିଯୋଗିତାରେ ଜଣେ ଲେଖାଏ କୃତୀ ଛାତ୍ରଛାତ୍ରୀ ବ୍ଲକ, ଜିଲ୍ଲା ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ। ପ୍ରକାଶ ଚନ୍ଦ୍ର ଜେନା, ଅନିରୁଦ୍ଧ ଜେନା, କଲ୍ଲୋଳପ୍ରଭା ବାରିକ୍, ଅନୁସୟା ବାରିକ୍, ଗୋପବନ୍ଧୁ ସାହୁ, ଏନ କେ ପ୍ରଜ୍ଞାସ୍ମିତା ବାରିକ୍, ଶିର୍ଷାନନ୍ଦ ରାଉତ୍ ପରିଚାଳନାରେ ସହଯୋଗ କରିଥିଲେ।

## ଓକିଲ ସଂଘ ପକ୍ଷରୁ ଆଇନ ସଂକ୍ରାନ୍ତ ଆଲୋଚନାଚକ୍ର



**ଭଦ୍ରକ, ୧୦।୧୦(ସମିସ):** ବିଶିଷ୍ଟ ଆଇନଜୀବୀ ତଥା ସମାଜସେବୀ ଯତୀନ୍ଦ୍ର ମୋହନ ମହାନ୍ତିଙ୍କ ସ୍ମୃତିରେ ଭଦ୍ରକ ଓକିଲ ସଂଘ ଓ ଯତୀନ୍ଦ୍ର ମୋହନ ସ୍ମୃତି ସଂସଦ ସହଯୋଗରେ 'ଆଇନ ସମ୍ପର୍କିତ ଆଲୋଚନାଚକ୍ର' ଓ 'ଯୁବ ଆଇନଜୀବୀ ସମ୍ମାନ ପ୍ରଦାନ' ଓକିଲ ସଂଘ ସଭାପତି ଆଇନଜୀବୀ ସନ୍ତୋଷ କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ପର୍ଶୁରାମ ଦ୍ୱିବେଦୀ, ଦିବ୍ୟସିଂହ ନାୟକ, ବଟକୃଷ୍ଣ ଦାଶ, ସନ୍ତୋଷ ନାୟକ, ଅରୁଣ ଚାନ୍ଦ, ରାଧାରାଣୀ ମହାପାତ୍ର, ଶଶିଭୂଷଣ ପଣ୍ଡା(କ), ପବନ ଶର୍ମା ପ୍ରମୁଖ ସାମାଜିକ ନ୍ୟାୟ ପ୍ରତିଷ୍ଠାରେ ଓକିଲାତିର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ବିଜନ ଜେନା, ସନାତନ ଦୀକ୍ଷିତ, ନିଶିକାନ୍ତ ନାୟକ, ଶଶିଭୂଷଣ ପଣ୍ଡା(ଖ) ଓ ମୋହରୀର ସଂଘର ସମ୍ପାଦକ ରାମଚନ୍ଦ୍ର ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଯୁବ ଆଇନଜୀବୀ ଦେବାଶିଷ ନାୟକଙ୍କୁ 'ଯତୀନ୍ଦ୍ର ମୋହନ ଯୁବ ଆଇନଜୀବୀ ସମ୍ମାନ' ପ୍ରଦାନ କରାଯାଇଥିଲା। ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ମହାନ୍ତି ସ୍ୱାଗତ ଭାଷଣ ଓ ସଂଘର ଉପ-ସଭାପତି ଆଇନଜୀବୀ ଅଶୋକ ନାୟକ ଧନ୍ୟବାଦ ଦେଇଥିଲେ।

## ପୀତବାସ ପଣ୍ଡାଙ୍କ ହତ୍ୟାକାରୀକୁ ଗିରଫ ଦାବିରେ କଲମ ଛାଡ଼



**ଧାମନଗର, ୧୦।୧୦(ସମିସ):** ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟାକାରୀକୁ ଗରିଫ କରିବା ଦାବିରେ ଧାମନଗର ଓକିଲ ସଂଘର କଲମ ଛାଡ ଆନ୍ଦୋଳନ କରିଛି। ଏହି ଅବସରରେ ଧାମନଗର ଓକିଲ ସଂଘ ମଧ୍ୟ ଗତ ବୁଧବାର କଲମ ଛାଡ କରିବା ସହ ସ୍ୱର୍ଗତ ପଣ୍ଡାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓକିଲ ସଙ୍ଘର ସଭାପତି ଅଶୋକ କୁମାର ଦାସ, ସାଧାରଣ ସମ୍ପାଦକ ରଣଜିତ ମହାନ୍ତି, ଓକିଲ ଅମରେନ୍ଦ୍ର ମହାନ୍ତି, ଅମର ମହାନ୍ତି, ପ୍ରଜ୍ଞା ପରମିତା ଦାସ, ଅଭିରାମ ମହାନ୍ତି, ପର୍ଶୁରାମ ମହାପାତ୍ର, ଗୋପାଳ ବାରିକ, ଅଜିତ ଦାସ, ରାମଚନ୍ଦ୍ର ରାଉତ, ସ୍ନେହାଶିଷ ପଣ୍ଡା, ମିନତି ମଲିକ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇ ସହ ଏକ ଲିଖିତ ଦାବିପତ୍ର ମାନ୍ୟବର ବିଚାର ପତିଙ୍କୁ ପ୍ରଦାନ କରିଛନ୍ତି।

## ମନରେଗା ଜନଶୁଣାଣି ଶିବିର



**ବାରିକପୁର, ୧୦।୧୦(ସମିସ):** ଭଣ୍ଡାରିପୋଖରୀ ବ୍ଲକ ସଭାଗୃହ ମଧ୍ୟରେ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ପଣ୍ଡା, ବିଡ଼ିଓ ଦେବଦତ୍ତ ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ହୃଦାନନ୍ଦ ଜେନା, ଏପିଓ ସୁଧାଂଶୁ ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସତ୍ୟଜିତ ପୃଷ୍ଟି, ସୁଶାନ୍ତ ଦଳେଇ ପ୍ରମୁଖ ଯୋଗ ଦେଇଥିଲେ। ପ୍ରକଳ୍ପ କାର୍ଯ୍ୟକାରୀ ନେଇ ପ୍ରାରମ୍ଭିକ ସୂଚନା ଦିଆଯାଉନଥିବା ବେଳେ କାଡା, ଉଦ୍ୟାନ କୃଷି, ମୃର୍ତ୍ତିକା ସଂରକ୍ଷଣ ଓ ଜଙ୍ଗଲ ବିଭାଗରେ ଅପେକ୍ଷାକୃତ କମ କାମ ହେଉଥିବା ଜଣାପଡ଼ିଥିଲା। ମୋଟାମୋଟି ଭାବେ ଏନଆରଇଜିଏସ ଯୋଜନାର ସଫଳ ରୂପାୟନ ହେଉନଥିବା ଶିବିରରୁ ଜଣାପଡ଼ିଛି।

## ଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ▸ ଅସନ୍ତୋଷ ଭିତରେ ସ୍ୱାଗତ ସମ୍ବର୍ଦ୍ଧନା

**ଦୋବଲ, ୧୦।୧୦(ସମିସ):** ତୀବ୍ର ଅସନ୍ତୋଷ ମଧ୍ୟରେ ଧାମନଗର ବ୍ଲକ ଆନନ୍ଦପୁର ପଞ୍ଚାୟତ ଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାଙ୍କୁ ସ୍ୱାଗତ କରାଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ୩୫ ଜଣ ଛାତ୍ରଛାତ୍ରୀ ଓ ୬ ଜଣ ଅଧ୍ୟାପକଅଧ୍ୟାପିକାଙ୍କୁ ସ୍ୱାଗତ କରିଛନ୍ତି ସ୍ଥାନୀୟ ବୁଦ୍ଧିଜୀବୀ ଓ ଶିକ୍ଷାବିତ୍। ଏଥର ବିଳମ୍ବରେ ନାଁ ଲେଖା ଆରମ୍ଭ ହୋଇଥିବାରୁ ୧୭ ଜଣ ବାଳିକା ଓ ୧୮ ଜଣ ବାଳକଙ୍କୁ ନେଇ ଯୁକ୍ତ ୨ କଳା ପାଠ୍ୟକ୍ରମ ଆମ୍ଭ ହୋଇଛି। ଛାତ୍ରଛାତ୍ରୀ ନ ମିଳିବାରୁ ଯୁକ୍ତ ୨ ବିଜ୍ଞାନ କି ବାଣିଜ୍ୟରେ ଅଧ୍ୟାପକ ଅଧ୍ୟାପିକା ନିଯୁକ୍ତି ହୋଇନାହାନ୍ତି। କେନ୍ଦ୍ର ସରକାରଙ୍କ ସମଗ୍ର ଶିକ୍ଷା ଯୋଜନାରେ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମାନ୍ୟତା ଦେବାକୁ ଜୁଲାଇ ମାସରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ବିଜ୍ଞପ୍ତି ଜାରି କରିଥିଲା। ଏହାସହ ଚଳିତ ଶିକ୍ଷାବର୍ଷରୁ ଯୁକ୍ତ ଦୁଇ ବିଜ୍ଞାନ, କଳା ଓ ବାଣିଜ୍ୟରେ ପାଠପଢ଼ା ଆରମ୍ଭ ହେବ ବୋଲି ଦର୍ଶାଯାଇଥିଲା। ଏହାପରେ ଅଗଷ୍ଟ ୨୫ ତାରିଖରେ ଅଧ୍ୟାପକ ଅଧ୍ୟାପିକା ନିଯୁକ୍ତି ନେଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଅବସରପ୍ରାପ୍ତ ଅଧ୍ୟାପକ ଅଧ୍ୟାପିକା ନଚେତ ୫୦ ପ୍ରତିଶତ ମାର୍କ ରଖି ସ୍ନାତକୋତ୍ତର ଉତ୍ତୀର୍ଣ୍ଣ ହୋଇଥିବା ଆଶାୟୀଙ୍କୁ ନିଯୁକ୍ତି ଦିଆଯିବ ବୋଲି ଏଥିରେ ଦର୍ଶାଯାଇଥିଲା। ଗୋଟିଏ ୪୫ ମିନିଟର କ୍ଲାସ ପାଇଁ ୪୦୦ ଟଙ୍କା ଓ ମାସକୁ ସର୍ବାଧିକ ୫୦ଟି କ୍ଲାସ ପାଇଁ ୨୦ ହଜାର ଟଙ୍କାର ପାରିଶ୍ରମିକ ରଖାଯାଇଥିଲା। ହେଲେ ବିଦ୍ୟାଳୟର ଅଧ୍ୟକ୍ଷ ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ ପବିତ୍ର ମହାନ୍ତି ଓ କିଛି ସ୍ଥାନୀୟ ଲୋକ ମିଶି ମନଇଚ୍ଛା ଅଧ୍ୟାପକ ଅଧ୍ୟାପିକା ନିଯୁକ୍ତି କରିଥିବା ପୁରାତନ ଛାତ୍ର ସଂଘ ଅଭିଯୋଗ କରିଛି। ଏହାଛଡ଼ା ପବିତ୍ର ମହାନ୍ତିଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଥିବା ସତ୍ତ୍ୱେ ତାଙ୍କୁ ଅଧ୍ୟକ୍ଷ ଦାୟିତ୍ୱ ଦେବା ନେଇ ମଧ୍ୟ ପ୍ରଶ୍ନ ଉଠିଛି। ବିଦ୍ୟାଳୟର ଶିକ୍ଷକଙ୍କ ଅଭିଯୋଗ ଯେ, ଅଧ୍ୟକ୍ଷ ପବିତ୍ର ମହାନ୍ତି ଏହି ସ୍କୁଲରେ ପ୍ରଧାନ ଶିକ୍ଷକ ଥିବାବେଳେ ବର୍ଷକୁ ୩ ଲକ୍ଷ ଟଙ୍କା ହଡ଼ପ କରିଛନ୍ତି। କଣ୍ଟିଜେନ୍ସି ଫଣ୍ଡ ବାବଦରେ ଆସିଥିବା ୭୫ ହଜାର ଟଙ୍କା, ଇକୋ କ୍ଲବ ବାବଦରେ ଆସିଥିବା ୨୫ ହଜାର, କ୍ରୀଡ଼ା ପାଇଁ ୨୫ ହଜାର, ଆମ ସଂସ୍କୃତି କାର୍ଯ୍ୟକ୍ରମ ବାବଦରେ ଆସିଥିବା ୨୦ ହଜାର, ବିଜ୍ଞାନ ଓ ଗଣିତ କ୍ଲବ ଟଙ୍କା, ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା କାର୍ଯ୍ୟକ୍ରମ ବାବଦକୁ ଆସିଥିବା ସମ୍ପୂର୍ଣ୍ଣ ଟଙ୍କାକୁ ସେ ହଡ଼ପ କରିଥିବା ନେଇ ସମ୍ପୃକ୍ତ ଶିକ୍ଷକ ଓ ପୁରାତନ ଛାତ୍ର ଅଭିଯୋଗ କରିଛନ୍ତି। ଖାଲି ଏତିକି ନୁହେଁ, ବେଆଇନ ଭାବେ ପିଲାଙ୍କଠାରୁ ପ୍ରତିବର୍ଷ ୧୨୦ଟଙ୍କା ମଧ୍ୟ ସେ ଆଦାୟ କରୁଛନ୍ତି ବୋଲି ମଧ୍ୟ ଅଭିଯୋଗ ହୋଇଛି। ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଅପର ପକ୍ଷରେ ପବିତ୍ର ମହାନ୍ତି ପୂର୍ବରୁ ସୋହଡ଼ାର ଏକ ସ୍କୁଲରେ ହିନ୍ଦୀ ଶିକ୍ଷକ ଥିଲେ। ସେଠାରୁ ଏଠାକୁ ଡେପୁଟେସନରେ ଆସିଥିଲେ। ଏଣୁ ତାଙ୍କ ବିରୋଧରେ ଯେତେବେଳେ ସ୍ଥାନୀୟ ଲୋକ ଡିଇଓଙ୍କୁ ଅଭିଯୋଗ କଲେ, ସେ ସୋହଡ଼ାର ଜଣେ ଶାସକ ଦଳର ନେତାଙ୍କୁ ଧରି ସମାଧାନ କରିଦେଲେ। ସ୍କୁଲକୁ ଧାମନଗର ବିଇଓ ତଦନ୍ତ ପାଇଁ ଆସିଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ହେଲା ନାହିଁ। ଯାହାକୁ ନେଇ ପୂରାତନ ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ଅସନ୍ତୋଷ ରହିଛି। ତୁରନ୍ତ ପବିତ୍ର ମହାନ୍ତିଙ୍କୁ ବଦଳି କରିବା ଲାଗି ଦାବି ହୋଇଛି। ଏ ନେଇ ପ୍ରଧାନ ଶିକ୍ଷକ ଶ୍ରୀ ମହାନ୍ତିଙ୍କୁ ଯୋଗାଯୋଗ କରିବାରୁ ସେ ଗଣମାଧମ ପ୍ରତିନିଧିଙ୍କୁ କୌଣସି ପ୍ରତିକ୍ରିୟା ଦେଇନଥିଲେ।



## ବୈତରଣୀ ମହୋତ୍ସବର ୪ର୍ଥ ସନ୍ଧ୍ୟା



**ବାରିକପୁର, ୧୦।୧୦(ସମିସ):** ଭଣ୍ଡାରିପୋଖରୀ ବ୍ଲକ ମାଳଦା ଜଗନ୍ନାଥ ବଜାର ବଣିକ ସଂଘ ପକ୍ଷରୁ ଚାଲିଥିବା ବାର୍ଷିକ ଗଜଲକ୍ଷ୍ମୀ ପୂଜା ଓ ବୈତରଣୀ ମହୋତ୍ସବର ୪ର୍ଥ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ପ୍ରତିକାନ୍ତ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପୂର୍ବତନ ମନ୍ତ୍ରୀ ତଥା ପ୍ରାକ୍ତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଯୋଗଦେଇ ମହୋତ୍ସବକୁ ଉଦଘାଟନ କରିଥିଲେ। ଏହାଛଡା ବୈତରଣୀ ମହୋତ୍ସବ ଭାଇଚାରା ସୃଷ୍ଟି କରୁଛି ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ମୁଖ୍ୟ ବକ୍ତା ଭାବେ ସରପଞ୍ଚ ଅକ୍ଷୟ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ବ୍ଲକ କଂଗ୍ରେସ ସଭାପତି ରଜନୀକାନ୍ତ ଚନ୍ଦ, ବରିଷ୍ଠ କଂଗ୍ରେସ ନେତା ସୁବୋଧ ସାମଲ, ଅଜୟ କୁମାର ସାହୁ, ପ୍ରାକ୍ତନ ସରପଞ୍ଚ ବିଜୟ ଶଙ୍କର ମହାନ୍ତି, ସମିତି ସଭ୍ୟ ଗୁରୁପ୍ରସାଦ ଗିରି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ମହୋତ୍ସବ କମିଟି ସଭାପତି ରବିନାରାୟଣ ଖିଲାର ଆଭିମୁଖ୍ୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସେହିଭଳି ସାମ୍ବାଦିକ ଦୁର୍ଯୋଧନ ଲେଙ୍କା ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ବଜାର କମିଟି ସମ୍ପାଦକ ରାଜେନ୍ଦ୍ର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଗାୟକ ଶତ୍ରୁଘ୍ନ ରଣା ଓ ସାଥୀ ପାଲା ପରିବେଷଣ କରିଥିଲେ।

## କ୍ଷତ୍ରୀୟ ସମ୍ପ୍ରଦାୟର ଅନନ୍ୟ ପର୍ବ 'କରୱାଚୌଥ'



**ବନ୍ତ/ଆଗରପଡ଼ା, ୧୦।୧୦(ସମିସ):** ଆଗରପଡ଼ା ଅଞ୍ଚଳରେ ବସବାସ କରୁଥିବା କ୍ଷତ୍ରୀୟ ସମ୍ପ୍ରଦାୟର ଅନନ୍ୟ ପର୍ବ ହେଉଛି କରୱାଚୌଥ। ଏହି ପର୍ବକୁ ବିବାହିତା ମହିଳାମାନେ ପାଳନ କରିଛନ୍ତି। ସ୍ୱାମୀଙ୍କ ଆୟୁଷ କାମନା କରିବା ଲକ୍ଷ୍ୟରେ ବିଶେଷ କରି ସଧବା ନାରୀମାନେ ଦିନ ତମାମ ନିର୍ଜ୍ଜଳା ବ୍ରତ ଧାରଣ କରି ମନ, ବଚନ ଓ କର୍ମରେ ସାରା ଜୀବନ ସ୍ୱାମୀଙ୍କ ସୁଖଦୁଃଖରେ ସାଥୀ ହୋଇ ବଚନ ଗ୍ରହଣ କରିଥିଲେ। ଶିବପାର୍ବତୀଙ୍କୁ ଯଥାରୀତି ପୂଜାର୍ଚ୍ଚନା କରି ଚନ୍ଦ୍ର ଦର୍ଶନ ଓ ସ୍ୱାମୀଙ୍କ ମୁହଁ ଦର୍ଶନ କରି ଏହି ବ୍ରତ ଭାଙ୍ଗିଥିଲେ। ଏହି ପର୍ବ ଉତ୍ତର ଓ ଉତ୍ତର ପୂର୍ବ ଅଞ୍ଚଳରେ କାର୍ତ୍ତିକ ମାସ କୃଷ୍ଣପକ୍ଷ ଚତୁର୍ଥୀ ତିଥିରେ ପାଳନ କରାଯାଇଥାଏ। ତେଣୁ ଏଠାରେ ମଧ୍ୟ ସେଠାକାର ବିଧିଅନୁସାରେ ସମସ୍ତ କାର୍ଯ୍ୟ ସମ୍ପାଦନ ହୋଇଥାଏ।

ଉତ୍କଳକେଶରୀ ଡ଼. ହରେକୃଷ୍ଣ ମହତାବଙ୍କ ସହଧର୍ମିଣୀ ତଥା ପ୍ରଖ୍ୟାତ ସ୍ୱାଧନତା ସଂଗ୍ରାମୀ ସୁଭଦ୍ରା ମହତାବ ପ୍ରଥମେ ଆଗରପଡ଼ା ବିଟିପୁର ଅଞ୍ଚଳରେ ଏହି ପର୍ବର ଶୁଭାରମ୍ଭ କରିଥିଲେ; ଯାହାକି ଆଜିଯାଏ ଏହା ଉଜ୍ଜୀବିତ ହୋଇରହିଛି। ଏହି ପର୍ବରେ ମଠୁରୀ ଭୋଗ ଲାଗିହୋଇଥାଏ। ଚାଉଳ ଅଟା, ମଇଦା, କଳାଜିରା ସମ୍ମିଶ୍ରଣରେ ଏହି ଭୋଗ ପ୍ରସ୍ତୁତି ହୋଇଥାଏ। ମହିଳାମାନେ ସଂଘବଦ୍ଧ ଭାବେ ପୂଜା କରିଥାନ୍ତି। ରଙ୍ଗବେରଙ୍ଗ ମାଟି କିମ୍ବା ଧାତୁ ଡାଳ ଉପରେ ମଠୁରୀକୁ ପୁଞ୍ଜା କରି ପ୍ରତ୍ୟେକ ମହିଳା ଅନ୍ୟ ମହିଳାଙ୍କ ପୁଞ୍ଜାକୁ ଅଦଳବଦଳ କରିଥାନ୍ତି। ନୂତନ ବସ୍ତ୍ର ପରିଧାନ, ଗୋଡ଼ରେ ଅଳତା ଲଗାଇ ମହିଳାମାନେ ପୂଜାର୍ଚ୍ଚନା କରୁଥିବା ସମୟରେ ଏକ ଅପୂର୍ବ ଧାର୍ମିକ ପରିବେଶ ସୃଷ୍ଟି ହୋଇଥାଏ। ବ୍ରତ ଭାଙ୍ଗିବା ପରେ ମହିଳାମାନେ ଡଲ ସହ ଆମିଷ ଖାଇବାର ସ୍ୱତନ୍ତ୍ର ବିଧି ରହିଛି। ପ୍ରତ୍ୟେକଙ୍କ ଘରକୁ ପ୍ରତ୍ୟେକ ଶ୍ରଦ୍ଧାରେ ମଠୁରୀ ଦେଇ ସୁସମ୍ପର୍କ ସ୍ଥାପନ କରିବାର ପ୍ରୟାସ କରିଥାନ୍ତି। ଏହି ପର୍ବ ଓଡ଼ିଶାରେ ବିଭିନ୍ନ ଅଞ୍ଚଳରେ ଥିବା କ୍ଷତ୍ରୀୟ ଜାତିର ମହିଳାମାନେ ଓ ଦେଶ ବିଦେଶରେ ଚାକିରୀ କରିଥିବା ମହିଳାମାନେ ଯଥାରୀତିରେ ପାଳନ କରିଥାନ୍ତି।

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଆଇନ ସେଚତନତା ଶିବିର

ଭଦ୍ରକ, ୧୦।୧୦(ସମିସ)



ଭଦ୍ରକ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ପୁନର୍ବାସ ସେବା ଓ ଅନୁସନ୍ଧାନ କେନ୍ଦ୍ର (ସିଆରଏସ୍ଆର)ର ସହେଯାଗେର ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ସଚେତନତା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ତଥା ବରିଷ୍ଠ ବିଚାରକ ପୁଣ୍ୟଶ୍ଳୋକ ରଥ, ସମ୍ମାନିତ ଅତିଥି ଭାବେ ଡିଏଲଏସଏର ପ୍ରତିପକ୍ଷ ଅଧିବକ୍ତା ଡ଼. ତାପସ କୁମାର ମହାନ୍ତି, ସିଆର୍ଏସ୍ଆର ସ୍ୱତନ୍ତ୍ର ବି.ଏଡ଼ କଲେଜ ଅଧ୍ୟକ୍ଷ ଅରୁଣ କୁମାର ଲେଙ୍କା, କ୍ରୀଡା ଶିକ୍ଷକ ରାଜେନ୍ଦ୍ର କୁମାର ବିଶ୍ୱାଳ ଓ ସିଆରଏସ୍ଆରର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ଼ା. ଭଗବାନ ପରିଡ଼ା ପ୍ରମୁଖ ମାନସିକ ସ୍ୱାସ୍ଥ୍ୟ ସେଚତନତା ସମ୍ପର୍କିତ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ରଥ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରି ବ୍ୟକ୍ତିଗତ ସ୍ୱାସ୍ଥ୍ୟ, ଅନୁକୂଳ ପରିବେଶ ଓ ସେଚତନତା ସୃଷ୍ଟି କରିବା ପାଇଁ ନୈତିକ ଦୃଷ୍ଟିକୋଣରୁ ସମସ୍ତଙ୍କର କର୍ତ୍ତବ୍ୟ ବୋଲି ମତପୋଷଣ କରିଥିଲେ। ମାନସିକ ଅସୁସ୍ଥ ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ ଥଇଥାନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଦିଗରେ ସରକାରଙ୍କ ତରଫରୁ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି ବୋଲି ସେ ସୂଚନା ଦେଇଥିଲେ। ଭିନ୍ନକ୍ଷମଙ୍କୁ ଥଇଥାନ କରିବା ପାଇଁ ଆଇନର ଆଶ୍ରୟ ନେଇପାରିବେ ବୋଲି ମଧ୍ୟ ପ୍ରକାଶ କରିଥିଲେ। ଡିଏଲଏସଏର ପ୍ରତିପକ୍ଷ ଅଧିବକ୍ତା, ଡ଼. ମହାନ୍ତି ମାନସିକ ଅସୁସ୍ଥ ବ୍ୟକ୍ତିଙ୍କ ପାଇଁ ପ୍ରଣୀତ ଆଇନ, ସୂଚନା ସେବା ଓ ସମାଜିକ ସୁଦୃଢତା ଉପରେ ଆଲୋକପାତ କରିଥିଲେ। ଯେପରି ଅଭିଭାବକ ମାନେ ସବର୍ଦା ସଚେତନ ହେବେ, ପରିବାର ଠାରୁ ଆରମ୍ଭ କରି ସମାଜର ପ୍ରତ୍ୟକ୍ଷ କ୍ଷେତ୍ରରେ ଏହାର ନିରାକରଣ ହୋଇପାରିବ ସେ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷ ଶ୍ରୀ ଲେଙ୍କା ମାନସିକ ଅସୁସ୍ଥ ବ୍ୟକ୍ତିଙ୍କୁ କିପରି ସମାଜର ମୁଖ୍ୟସ୍ରୋତରେ ସାମିଲ କରାଯାଇପାରିବ ସେ ନେଇ ବକ୍ତବ୍ୟ ରଖିଥିଲେ। ମୁଖ୍ୟ କାର୍ଯ୍ୟନିର୍ବାହୀ ଡ଼ା. ପରିଡ଼ା ମାନସିକ ଅନଗ୍ରସର ଓ ମାନସିକ ବ୍ୟକ୍ତିଙ୍କ ସମସ୍ୟା ଉପରେ ବିଶଦ ଆଲୋଚନା କରିଥିଲେ। ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏଭଳି ଭିନ୍ନକ୍ଷମବ୍ୟକ୍ତି ଅନେକ ଦୁଃଖ ଦୁର୍ଦ୍ଦଶା ଓ ଦୁର୍ଦ୍ଦିନ ମଧ୍ୟରେ ସମୟ ବିତାଉଥିବା ବେଳେ ସେମାନଙ୍କର ଅଧିକାର ଓ ସ୍ୱାଭିମାନକୁ ବଜାୟ ରଖିବା ସହିତ ସେମାନଙ୍କ ପାଇଁ ପ୍ରଣୀତ ଆଇନକୁ ହୃଦୟତାର ସହ କାର୍ଯ୍ୟକାରୀ କରିବା ପାଇଁ ମତ ଦେଇଥିଲେ। ଉକ୍ତ ଶିବିରରେ ୧୬ଜଣ ଉପସ୍ଥିତ ଭିନ୍ନକ୍ଷମଙ୍କୁ ମୋଟରଚାଳିତ ଟ୍ରାଇସାଇକଲ, ଟ୍ରାଇସାଇକଲ, କୃତ୍ରିମ ଅଙ୍ଗ, କାଲିପର, ଆଶାବାଡ଼ି, ହୁଇଲେଚୟାର ଆଦି ବଣ୍ଟନ କରାଯାଇଥିଲା। ଶେଷରେ କ୍ରୀଡା ଶିକ୍ଷକ ରାଜେନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅପର୍ଣ କରିଥିଲେ।

● ଅଲମ୍ପିକ ଖେଳାଳି ପ୍ରମୋଦ ଭଗତଙ୍କ ଫାର୍ମ ହାଉସରୁ ଚୋରି

## ଟ୍ରାକ୍ଟର-ଟ୍ରଲି ଜବତ; ୩ ଗିରଫ




ଅତାବିର, ୧୦।୧୦(ସମିସ): ଅଲମ୍ପିକରେ ସ୍ୱର୍ଣ୍ଣପଦକ ଆଣିଥିବା ଏକମାତ୍ର ପାରା ବେଟମିଣ୍ଟନ ଖେଳାଳି ପ୍ରମୋଦ ଭଗତଙ୍କ ଅତାବିରାସ୍ଥିତ ଫାର୍ମ ହାଉସରୁ ଗତ ଅଗଷ୍ଟ ୨୪ ତାରିଖ ଚୋରି ହୋଇଥିବା ଟ୍ରାକ୍ଟର ଓ ଟ୍ରଲିକୁ ଅତାବିରା ପୁଲିସ ଉଦ୍ଧାର କରିଛି। ଏହାସହ ଚୋରି ମାମଲାରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ଭେଡେନ କୁସନପୁରୀର ଅଚ୍ୟୁତ ପଧାନ, ବରଗଡିଟିକ୍ରାର ତ୍ରିଲୋଚନ ନାଗ ଓ ସମ୍ବଲପୁର ଧନୁପାଲିର ସୟଦ ଆବାସ। ମାସାଧିକାଳ ପରେ ଚୋରି ଟ୍ରାକ୍ଟର-ଟ୍ରଲି ଉଦ୍ଧାର ହେବା ସହ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବାରେ ପୁଲିସ ସକ୍ଷମ ହୋଇଛି। ପ୍ରକାଶ ଯେ, ପ୍ରମୋଦଙ୍କ ଭାଇ ଶେଖର ଭଗତଙ୍କ ନାମରେ ଥିବା ଟ୍ରାକ୍ଟର ତାଙ୍କ ଅତାବିରା-ଭୋଇପୁରା ରାସ୍ତା ଫାର୍ମ ହାଉସରୁ ଗତ ଅଗଷ୍ଟ ୨୪ରେ ଦୁର୍ବୃତ୍ତମାନେ ଚୋରି କରିଥିଲେ।

'ମେ ଆଇ ହେଲ୍ପ ୟୁ'

## କ୍ରିଷ୍ଣା ବିକାଶ ହସ୍ପିଟାଲ ପକ୍ଷରୁ ସ୍ୱାସ୍ଥ୍ୟ ସେବାରେ କ୍ରାନ୍ତି

ବରଗଡ଼, ୧୦।୧୦(ସମିସ)

ବରଗଡ଼ ସ୍ଥିତ କ୍ରୀଷ୍ଣା ବିକାଶ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ୍ ସ୍ୱାସ୍ଥ୍ୟକ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରେ। ଚେୟାରମ୍ୟାନ୍ ଡି. ମୁରଲି କ୍ରୀଷ୍ଣାଙ୍କ ବିକାଶୋନ୍ମୁଖୀ ପରିକଳ୍ପନା ଏବଂ ସିଇଓ ଡ. ଚେକୁରି. ରବି କୁମାରଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି ଡାକ୍ତରଖାନା ହଜାର ହଜାର ପରିବାର ପାଇଁ ଆଶା ଓ ଆରୋଗ୍ୟର ପ୍ରତୀକ। ରୋଗୀଙ୍କ ଆଶଙ୍କା ଦୂର କରିବା ସହ ଅନ୍ୟାନ୍ୟ କିଛି ସାହାଯ୍ୟ ପାଇଁ 'ମେ ଆଇ ହେଲ୍ପ ୟୁ' ନାମକ ଏକ ଯୋଗାଯୋଗ ବ୍ୟବସ୍ଥା ହସ୍ପିଟାଲ ପରିସର ମଧ୍ୟରେ ରହିଛି ଏବଂ ସେଥିପାଇଁ ସଚ୍ଚୋଟକର୍ମୀ ନିୟୋଜିତ ଅଛନ୍ତି। ଗ୍ରାମାଞ୍ଚଳ ଘେରା ପରିବେଶରେ ପୂର୍ବରୁ ଉନ୍ନତ ଚିକିତ୍ସା ଥିଲା ଜନସାଧାରଣଙ୍କ ପାଇଁ କଷ୍ଟକର ବ୍ୟାପାର। ବିଗତ ସାତବର୍ଷ ହେଲା ଏହି ଡାକ୍ତରଖାନା ବିଶ୍ୱସ୍ତରୀୟ ସୁବିଧା ଯୋଗାଇ ଆସିଛି। ଉଚ୍ଚ ପ୍ରଶିକ୍ଷିତ ଡାକ୍ତରଦଳ, ଆଧୁନିକ ଡାଇଗ୍ନୋଷ୍ଟିକ୍ ସୁବିଧା ଓ ହୃଦ୍‌ରୋଗ ବିଭାଗ, ମସ୍ତିଷ୍କ ଓ ସ୍ନାୟୁଶଲ୍ୟ ବିଭାଗ, ଶିଶୁରୋଗ ଓ ଶିଶୁଶଲ୍ୟ ବିଭାଗ, ସ୍ତ୍ରୀ ଓ ପ୍ରସୂତି ବିଭାଗ, ଏବଂ ଆପାତକାଳୀନ ସେବା (କ୍ରିଟିକାଲ୍ କେୟାର) ଭଳି ବିଶେଷଜ୍ଞ ବିଭାଗ ସହିତ ଏହି ଡାକ୍ତରଖାନା ଛୋଟ ସହରର ସ୍ୱାସ୍ଥ୍ୟସେବା ଓ ମେଟ୍ରୋ ସ୍ତରର ସୁବିଧା ମଧ୍ୟରେ ଥିବା ଖାଲି ସ୍ଥାନକୁ ପୂରଣ କରୁଛି। ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ବୌଦ୍ଧ, ସୋନପୁର, ବଲାଙ୍ଗିର ସହିତ ଛତିଶଗଡ଼ ସୀମା ଅଞ୍ଚଳର ଲୋକଙ୍କ ପାଇଁ ବିକାଶ ହସପିଟାଲ୍ କେବଳ ଆପାତକାଳୀନ ସେବା ନୁହେଁ ସହଜ ଲଭ୍ୟ ଚିକିତ୍ସା ସୁବିଧା ମଧ୍ୟ ଦେଇଥାଏ। ଏହାର ୨୪ ଘଣ୍ଟିଆ ଆପାତ୍‌କାଳୀନ ସେବା, ଆଧୁନିକ ଆଇ.ସି.ୟୁ ବିଭାଗ ଓ ସର୍ଜିକାଲ ବ୍ୟବସ୍ଥା ଅନେକଙ୍କ ପ୍ରାଣରକ୍ଷା କରିଛି। ଆର୍ଥିକ ସ୍ୱଚ୍ଛଳନଥିବା ଲୋକଙ୍କର ସେବା କରିବାକୁ ଯାଇ ମାସର ପ୍ରତ୍ୟେକ ଶନିବାରରେ ବିନା ଦେୟରେ ଡାକ୍ତରମାନଙ୍କ ସହ ପରାମର୍ଶ କରିବାର ସୁବିଧା ମଧ୍ୟ ହସ୍ପିଟାଲ୍ ପ୍ରଦାନ କରୁଛି।




● ରିଜର୍ଭ ଜଙ୍ଗଲ ଗଛକଟା ଘଟଣା

## କୁରଲୁପାଲିରେ ବନ ବିଭାଗର ତଦନ୍ତ

ଝାରବନ୍ଧ, ୧୦।୧୦(ସମିସ): ଝାରବନ୍ଧ ବନ ବିଭାଗ ଅଧୀନ କୁର୍ଲୁପାଲି ଭଣ୍ଡାରପୁରୀ ମଧ୍ୟରେ ଥିବା ସଂରକ୍ଷିତ ଜଙ୍ଗଲରୁ ପୂର୍ବତନ ସରପଞ୍ଚ ତୁକରାମ ପଟେଲ ବେଆଇନ ଭାବେ ଗଛ କାଟି ନଷ୍ଟ କରିଥିବାର ଅଭିଯୋଗରେ ଗ୍ରାମବାସୀ ପାଇକମାଲ ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣାରେ ବସିଥିଲେ। ପାଇକମାଲ ରେଞ୍ଜର ହୃଦାନନ୍ଦ ମିଶ୍ର ଧରଣାକାରୀଙ୍କ ସହ ଆଲୋଚନା ମୁତାବକ ଆଜି ଏକ ସ୍ୱତନ୍ତ୍ର ଟିମ୍ ଗଛ କଟାଯାଇଥିବା ସଂରକ୍ଷିତ ଜଙ୍ଗଲକୁ ଯାଇ ତଦନ୍ତ କରିଛନ୍ତି। ବନ ବିଭାଗର ଟିମ୍‌ରେ ଏସିଏଫ ହରମୋହନ ରଥ, ରେଞ୍ଜର ହୃଦାନନ୍ଦ ମିଶ୍ର, ଫରେଷ୍ଟର ଗିରିରାଜ କୁମ୍ଭାର, ଫରେଷ୍ଟ ଗାର୍ଡ ସଙ୍ଗୀତା ଭଗତ ସାମିଲ ଥିଲେ। ସମସ୍ତ ଗଛ ଗଣନାକରି ପୁନଃ କେଶ ରୁଜୁ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବନବିଭାଗ ତରଫରୁ ପ୍ରତିଶ୍ରୁତି ଦିଆ ଯାଇଥିଲା। ତଦନ୍ତ ସମୟରେ ଗ୍ରାମର ହୃଦାନନ୍ଦ ପଟେଲ, ଭରତ ମହାନନ୍ଦ, ଭୀଷ୍ମଦେବ ପ୍ରଧାନଙ୍କ ସମେତ ଶତାଧିକ ମହିଳା ପୁରୁଷ ଉପସ୍ଥିତ ଥିଲେ। ଗଛକଟା ଘଟଣା ସମ୍ପର୍କରେ ପକ୍ଷ ରଖି ଗାଁ କମିଟିରେ ଧାର୍ଯ୍ୟ ହୋଇଥିବା ନିୟମ ଏବଂ ପ୍ରାପ୍ୟ ପ୍ରଦାନ ପୂର୍ବକ ଗଛ କିଣିଛି ଏବଂ ଗ୍ରାମର ଅନ୍ୟ ଲୋକ ମଧ୍ୟ ଏପରି ଭାବେ ଗଛ କିଣି ନିଜ ଘର କାର୍ଯ୍ୟରେ ବ୍ୟବହାର କରିଥାନ୍ତି ବୋଲି ତୁକାରାମ ପଟେଲ କହିଥିବାବେଳେ ଗ୍ରାମର ଦୁଃଖୀଶ୍ୟାମ ପ୍ରଧାନ ଏବଂ ବଳରାମ ପଟେଲ ମଧ୍ୟ ନିଜ ପାଇଁ କମିଟିର ନିୟମ ଅନୁଯାୟୀ ଗଛ କିଣି ବ୍ୟବହାର କରିଥିବା କହିଛନ୍ତି।



## ମାଗଣା ସ୍ୱାସ୍ଥ୍ୟ ଶିବିର

ଗାଇସିଲେଟ୍, ୧୦।୧୦(ସମିସ): ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଅଧୀନ ଫିରିଙ୍ଗିମାଲ ପଞ୍ଚାୟତଠାରେ ଗ୍ରାମ ପ୍ରଗତି ଅନୁଷ୍ଠାନ ଘଡ଼ଘଡ଼ିମାଲ ଦ୍ୱାରା ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ସାଇମଲ୍ଟି ହସ୍ପିଟାଲ ବରଗଡ଼ର ସହଯୋଗରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଉକ୍ତ ହସ୍ପିଟାଲର ଡାକ୍ତର ପ୍ରବୀନ କୁମାର ଅଗ୍ରୱାଲଙ୍କ ତତ୍ତ୍ୱାଧାନରେ ଅର୍ଚ୍ଚନା ଅଗ୍ରୱାଲ ଦନ୍ତରୋଗ, ଡାକ୍ତର ପ୍ରହଲ୍ଲାଦ, ଡାକ୍ତର ସାଇଜାଲା ଶିଶୁରୋଗ ବିଶେଷଜ୍ଞ, ଡାକ୍ତର ଦାଶ ଚକ୍ଷୁ ରୋଗ ବିଶେଷଜ୍ଞ ଉପସ୍ଥିତ ରହିଥିଲେ। ମୁଖ୍ୟ ଅଥିତି ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ, ସମ୍ମାନିତ ଅତିଥି ଫିରିଙ୍ଗିମାଲ ସରପଞ୍ଚ ପାହିଲାମାନ ସିଂ ବରିହା ଯୋଗଦେଇ ଥିଲେ। ତପନାଥ ସାହୁ, ସମ୍ପାଦିକା ପୁର୍ଣ୍ଣିମା ସାହୁ, କାର୍ଯ୍ୟକାରୀ ସମ୍ପାଦକ ରୁଦ୍ର ସାହୁ ଓ ଅନୁଷ୍ଠାନର ସଭ୍ୟସଭ୍ୟା ପ୍ରଫୁଲ ଠାକୁର, ଶିଶୁପାଲ ସାହୁ, ବିଶ୍ୱାମିତ୍ରଙ୍କ ତତ୍ତ୍ୱାଧାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୫୦୦ ରୁ ଉର୍ଦ୍ଧ୍ୱରୋଗୀ ଚିକିତ୍ସା ଲାଭ କରିଥିଲେ।

## ବ୍ଲକସ୍ତରୀୟ ବିଜ୍ଞାନ ଓ ଗଣିତ ଶିକ୍ଷକଙ୍କ ପ୍ରଶିକ୍ଷଣ




ଅମ୍ବାଭୋନା, ୧୦। ୧୦(ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଜନତା ହାଇସ୍କୁଲ ଭୁକ୍ତାରେ ବ୍ଲକସ୍ତରୀୟ ବିଜ୍ଞାନ ଓ ଗଣିତ ଶିକ୍ଷକଙ୍କ ନିମନ୍ତେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସହ ଗୋଷ୍ଠୀ ଶିକ୍ଷାଧିକାରୀ ଲାଲ ମୋହନ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସରୋଜ କୁମାର ଭୁଏ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ ପେଡ଼ାଗୋଜି କୋର୍ଡିନେଟର୍ ପୁଷ୍ପାଞ୍ଜଳି ଦାଶ ଓ ଜନତା ହାଇସ୍କୁଲର ପ୍ରଧାନଶିକ୍ଷକ ଦୁର୍ଗା ପ୍ରସାଦ ନାୟକ ଯୋଗ ଦେଇଥିଲେ। ଜନତା ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଅମ୍ବାଭୋନା ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଖାନ ଏକାଡେମୀ ପକ୍ଷରୁ ପ୍ରସ୍ତୁତ ପାଠ୍ୟକ୍ରମକୁ ଶିକ୍ଷାର୍ଥୀମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ଶିକ୍ଷକମାନଙ୍କୁ ଏହି ତାଲିମ୍ ପ୍ରଦାନ କରାଯାଇଥିଲା। ସାଧନ କର୍ମୀ ଭାବରେ ଶିକ୍ଷକ ଏମ୍‌ପି ଜ୍ୟୋତି ପ୍ରକାଶ, ଲଳିତ ବିଶ୍ୱାଳ ଓ ବିକାଶ ରଣା ତାଲିମ୍ ପ୍ରଦାନ କରିଥିବାବେଳେ ବ୍ଲକର ସମସ୍ତ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଓ ଗଣିତ ଶିକ୍ଷକ ଅଂଶଗ୍ରହଣ କରିଥିଲେ।

## ବରଗଡ଼ ବିଜ୍ଞାନ କେନ୍ଦ୍ରରେ ଜିଲ୍ଲାସ୍ତରୀୟ ବିଜ୍ଞାନ ସେମିନାର



ବରଗଡ଼, ୧୦।୧୦(ସମିସ): ବରଗଡ଼ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଟୁକୁର୍ଲା ସ୍ଥିତ ବରଗଡ଼ ଜିଲ୍ଲା ବିଜ୍ଞାନ କେନ୍ଦ୍ରରେ ଜିଲ୍ଲାସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ବିଜ୍ଞାନ ନିରୀକ୍ଷକ ଧୀରୋଜ ପଟ୍ଟନାୟକ ସେମିନାର ର ଆଭିମୁଖ୍ୟ ଓ ନିୟମାବଳୀ ଜଣାଇଥିଲେ। ବରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ ଯୋଗଦେଇ ଥିଲେ। ଚଳିତବର୍ଷର ବିଜ୍ଞାନ ଆଲୋଚନା ଚକ୍ର ପ୍ରସଙ୍ଗ 'କ୍ୱାଣ୍ଟମ ଯୁଗର ଆରମ୍ଭ : ସମ୍ଭାବନା ଓ ଆହ୍ୱାନ ଉପରେ ଜିଲ୍ଲାର ୧୨ଟି ବ୍ଲକରୁ ଆସିଥିବା ୨୪ ଜଣ ପ୍ରତିଯୋଗୀ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ବିଚାରକ ଭାବରେ ପିକେ ଏଆଇଇଟିର ପଦାର୍ଥ ବିଜ୍ଞାନ ବିଭାଗର ପ୍ରଫେସର ନିରଞ୍ଜନ ପଣ୍ଡା ଓ ପାର୍ବତିଗିରି ମହିଳା ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ବିଶ୍ୱଜିତ ସାହୁ ଯୋଗ ଦେଇଥିଲେ। ବିଜୟୀ ପ୍ରଥମ ପ୍ରତିଯୋଗୀ ଆଗାମୀ ୧୫ ତାରିଖରେ ଭୁବନେଶ୍ୱରରେ ତାଙ୍କର ସନ୍ଦର୍ଭ ଉପସ୍ଥାପନ କରିବେ ବୋଲି ସୂଚନା ପ୍ରଦାନ କରାଯାଇଥିଲା। ସେମିନାର ଆରମ୍ଭରୁ ବିଜ୍ଞାନ ଶିକ୍ଷକ ପ୍ରିୟବ୍ରତ ସାହୁ ଓ ଶିକ୍ଷକ ଭବାନୀଶଙ୍କର ଗଡ଼ତିଆ ବିଭିନ୍ନ ବ୍ଲକରୁ ଆସିଥିବା କୃତୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ କରାଇଥିଲେ। ଉଦ୍‌ଯାପନୀ ସମାରୋହରେ ସଭାପତି ତଥା ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀ ସରୋଜ କୁମାର ଭୁଏ ଯୋଗଦାନ କରିଥିଲେ। ବିଜ୍ଞାନ ଶିକ୍ଷକ ଭବାନୀଶଙ୍କର ଗଡ଼ତିଆ ସେମିନାର ସଂଯୋଜନା କରିଥିଲେ। ବିଜ୍ଞାନ କେନ୍ଦ୍ରର ସଂଯୋଜକ ଗୋପୀନାଥ ପ୍ରଧାନଙ୍କ ସମେତ କେନ୍ଦ୍ରର ସମସ୍ତ କର୍ମଚାରୀ ସେମିନାରର ସଫଳତା ପାଇଁ ପୂର୍ଣ୍ଣମାତ୍ରାରେ ସହଯୋଗ କରିଥିଲେ। ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଧୀରୋଜ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକ୍‌ସ୍ତରୀୟ ଖୋ-ଖୋ ଖେଳାଳି ଚୟନ

ବିଜେପୁର, ୧୦।୧୦(ସମିସ): ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଅଧୀନ ପଞ୍ଚାୟତ ହାଇସ୍କୁଲ କୁର୍କୁଟା ଖେଳ ପଡ଼ିଆରେ ବ୍ଲକସ୍ତରୀୟ ଖୋ-ଖୋ ଖେଳାଳି ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଜେପୁର ବ୍ଲକ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ ଶିବିରକୁ ଭାରପ୍ରାପ୍ତ ପ୍ରଧାନଶିକ୍ଷକ କ୍ଷୀରୋଦ୍ର ସାହୁ ଉଦ୍‌ଘାଟନ କରିଥିଲେ। ପରିଚାଳନା ନିମିତ୍ତ ଉପସ୍ଥିତ କ୍ରୀଡା ଶିକ୍ଷକଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲେ। ବିଜେପୁର ବ୍ଲକ ଅଧୀନ ୩୦ଟି ଉଚ୍ଚ ବିଦ୍ୟାଳୟରୁ ପ୍ରାୟ ୧୫୦ ଜଣ ଖୋ-ଖୋ ଖେଳାଳି ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବାବେଳେ ଜୁନିୟର୍ ଓ ସବ୍-ଜୁନିୟର୍ ଦୁଇଟି ବିଭାଗରେ ପୃଥକ୍ ଭାବେ ବାଳକ ଓ ବାଳିକାମାନଙ୍କୁ ଚୟନ କରାଯାଇଥିଲା। ସେଥିମଧ୍ୟରୁ ୪୮ ଜଣ ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ଖୋ-ଖୋ ଚୟନ ଶିବିରରେ ଅଂଶଗ୍ରହଣ କରି ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବେ ବୋଲି କ୍ରୀଡ଼ା ଶିକ୍ଷକଗଣ ଉତ୍ସାହିତ ଥିଲେ। ଦରରଥ ଗଡ଼ତିଆ, ଭବାନୀ ଶଙ୍କର ସାହୁ, ସଚ୍ଚିଦାନନ୍ଦ ପଧାନ, ହୃଦମଣୀ ସାହୁ, ସଞ୍ଜୟ ସାହୁ ସମେତ ସମସ୍ତ କ୍ରୀଡ଼ା ଶିକ୍ଷକଗଣ ଖେଳ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହିତ ସହଯୋଗ କରିଥିଲେ। ସମଗ୍ର କାର୍ଯ୍ୟକ୍ରମରେ କୁର୍କୁଟା ହାଇସ୍କୁଲର ଛାତ୍ରଛାତ୍ରୀ, ଶିକ୍ଷକ ଓ କର୍ମଚାରୀମାନେ ସହଯୋଗ କରିଥିଲେ।



## କୃଷି ଅଧୀଦର୍ଶକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା




ଝାରବନ୍ଧ, ୧୦।୧୦(ସମିସ): ଝାରବନ୍ଧ ବ୍ଲକ କୃଷି କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା କୃଷି ଅଧିଦର୍ଶକ ଗୌରାଙ୍ଗ ଚରଣ ମହାରଣାଙ୍କୁ ଆଜି ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଶ୍ରୀ ମହାରଣା ୧୯୮୬ ମସିହା ଜୁଲାଇ ୨୧ରେ କୃଷି ବିଭାଗ ରେ ନିଜ ଚାକିରି ଜୀବନ ଆରମ୍ଭ କରିଥିଲେ। ୨୦୧୫ ମସିହା ଅଗଷ୍ଟରେ ଝାରବନ୍ଧ କୃଷି ବିଭାଗରେ ଯୋଗଦାନ କରିଥିବାବେଳେ କାନ୍ଦଡ଼ଙ୍ଗର ପଞ୍ଚାୟତର କୃଷି ଅଧିଦର୍ଶକ ଭାବେ କାର୍ଯ୍ୟ କରୁଥିଲେ। ଚଳିତବର୍ଷ ଜୁନ୍ ୩୦ରେ ଚାକିରିରୁ ଅବସର ଗ୍ରହଣ କରିଥିଲେ। କୃଷି କାର୍ଯ୍ୟାଳୟ ସଭାଗୃହଠାରେ ବ୍ଲକ କୃଷି ଅଧିକାରୀ ନୀତା ଶବରଙ୍କ ସହିତ କୃଷି ଅଧିଦର୍ଶକ ବିକ୍ରମ ଭୋଇ, ଉଦୟ ସେଠ, କାର୍ତ୍ତିକ ସେଠ, ଜିତେନ୍ଦ୍ର ପ୍ରଧାନ ଏବଂ ଭିଏଡବ୍ଲ୍ୟୁ ଶୈଳବାଳା ମହାରଣା ପ୍ରମୁଖ ଉପସ୍ଥିତ ରହି କୃଷି ଅଧିଦର୍ଶକ ଗୌରାଙ୍ଗ ଚରଣ ମହାରଣାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶ୍ରୀମହାରଣାଙ୍କ ଧର୍ମପତ୍ନୀ ବନଲତା ମହାରଣା ମଧ୍ୟ ଉପସ୍ଥିତ ଥିଲେ। ଝାରବନ୍ଧ ବ୍ଲକ ରେ ନିଜର ଚାକିରି ଜୀବନର ଅନୁଭୂତି ବିଷୟରେ ଶ୍ରୀ ମହାରଣା ସ୍ମୃତି ଚାରଣ କରିଥିବାବେଳେ ଝାରବନ୍ଧ ବ୍ଲକର ସମସ୍ତ ଗ୍ରାମର କୃଷକ ସାଥୀ ଉପସ୍ଥିତ ଥିଲେ।

## ସଂଯୁକ୍ତ କୃଷକ ସଂଗଠନର ସମୀକ୍ଷା ବୈଠକ

ପଦ୍ମପୁର, ୧୦।୧୦(ସମିସ): ସଂଯୁକ୍ତ କୃଷକ ସଂଗଠନ ବରଗଡ଼ ତରଫରୁ ବାଞ୍ଛାନିଧି ନାୟକଙ୍କ ତତ୍ତ୍ୱାବଧାନରେ ଆବାହକ ଅଶୋକ ସାହୁଙ୍କ ମାତୃବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ପରେ ନୂଆଁଖାଇ ଭେଟଘାଟର ଆୟବ୍ୟୟ ବିବରଣୀ ପଠନ, ଚାଷୀ ପଞ୍ଜିକରଣ, ବିଦ୍ୟୁତ ସମସ୍ୟା, ଧାନ ବିକ୍ରି ସମସ୍ୟା, ଜମି କିସମ ପରିବର୍ତ୍ତନ, ଇନପୁଟ ଇନ୍ସୁରାନ୍ସ ପ୍ରସଙ୍ଗ, ଜଳସେଚନ, ବନ୍ୟଜନ୍ତୁ ଜନିତ ସମସ୍ୟାର ସମାଧାନ ପାଇଁ ପ୍ରତ୍ୟେକ ବର୍ଷ ପରି ଆଗାମୀ ନଭେମ୍ବର ୮ ଗୋରୁବଜାର ଠାରେ ବିରାଟ କୃଷକ ସମାବେଶ କରିବା ପାଇଁ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଛି। ଏହି ସଭାରେ ସଂଗଠନ ଉପଦେଷ୍ଟା ଉତ୍ପନ୍ନ ଭୋଇ, ରମେଶ ମହାପାତ୍ର, ଅଜିତ ଶତପଥୀ, ପଞ୍ଚାନନ ସାହୁ, ଅଶୋକ ସାହୁ, ପ୍ରମୋଦ ରାୟ, ସଙ୍କଟା ବାଜପେୟୀ, ଅରବିନ୍ଦ ପଣ୍ଡା, ମୁରଲୀ ଭୋଇ, ପ୍ରେମରାଜ ସାହୁ, ବୈଲୋଚନ ଭୋଇ, ବନମାଳୀ ହାତୀ, ଥବିର ପଧାନ, ଈଶାନ୍ତ ଭୋଇ, ତପନ ମିଶ୍ର, ରାହାସବିହାରୀ ସାହୁ, ଲିଙ୍ଗରାଜ ପଧାନ, କାହ୍ନୁଚରଣ ମେହେର, ରତିକାନ୍ତ ବାରିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




ଜର୍ଜ ହାଇସ୍କୁଲ ପଡ଼ିଆ

## ରକ୍ଷଣାବେକ୍ଷଣ ଓ ସୌନ୍ଦର୍ଯ୍ୟକରଣ ଦାବି

ବରଗଡ଼, ୧୦।୧୦(ସମିସ)

ବରଗଡ଼ ଜିଲ୍ଲାର ସର୍ବ ପୂରାତନ ଶିକ୍ଷାନୁଷ୍ଠାନ ଜର୍ଜ ହାଇସ୍କୁଲ ଖେଳ ପଡ଼ିଆର ରକ୍ଷଣାବେକ୍ଷଣ, ସ୍ୱଚ୍ଛତା ଓ ପରିଚାଳନା ସାଧାରଣ ଲୋକଙ୍କ ମଧ୍ୟରେ ଏକ ଆଲୋଚନାର ପ୍ରସଂଗ ହୋଇଛି। ଜାତୀୟ ଦିବସ ପାଳନ, ବିଭିନ୍ନ ଶିକ୍ଷାନୁଷ୍ଠାନର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ଖେଳକୁଦ, ବିଭିନ୍ନ ରାଜନୈତିକ ଦଳଗୁଡ଼ିକର ରାଲି, ଧନୁଯାତ୍ରାର ମୀନାବଜାର, ପୁସ୍ତକ ମେଳା, ସରକାରୀ କାର୍ଯ୍ୟକ୍ରମ ଗୁଡିକର ସଫଳ ସମ୍ପାଦନ ନିମନ୍ତେ ଜର୍ଜ ହାଇସ୍କୁଲ ପଡ଼ିଆ ବ୍ୟବହାର କରାଯାଇଥାଏ। ବିଶେଷକରି ସକାଳ ଓ ସନ୍ଧ୍ୟା ସମୟରେ ଶିଶୁମାନଙ୍କ ଖେଳକୁଦ, ଯୁବକ ତଥା ବରିଷ୍ଠ ନାଗରିକ ମାନଙ୍କ ଚଲାବୁଲା କରିବା, ବିଭିନ୍ନ ଏକାଡେମୀର ଛାତ୍ରଛାତ୍ରୀମାନଙ୍କ ଶାରୀରିକ ବ୍ୟାୟାମ ଓ ତାଲିମ ନିମନ୍ତେ ଏକମାତ୍ର ଉପଯୁକ୍ତ ସ୍ଥାନ ଭାବେ ଏ ପଡ଼ିଆର ବ୍ୟବହାର କରାଯାଉଅଛି। ମାତ୍ର ଦୁଃଖ ପରିତାପର ପ୍ରସଙ୍ଗ ହେଉଛି ସୁପରିଚାଳନା ଓ ରକ୍ଷଣାବେକ୍ଷଣ ଅଭାବରୁ ଏବେ ପଡ଼ିଆଟି ସନ୍ଧ୍ୟାରେ ଅସାମାଜିକ ବ୍ୟକ୍ତିମାନଙ୍କ ମଦ୍ୟପାନର ଆଡ୍ଡା ସାଜିଛି। ଏହାସହ ପଡ଼ିଆ ଚାରିପାଖରେ ଥିବା ଘରମାନଙ୍କର ଅଳିଆ ଆବର୍ଜନା ଏଠାରେ ପକାଯାଉଛି। ପଡ଼ିଆ ଚାରିପାଖ ଗେଟ୍ ଗୁଡ଼ିକ ଖୋଲା ରହୁଥିବାରୁ ଗାଈଗୋରୁ ଓ କୁକୁର ଆଦି ଜୀବମାନଙ୍କ ଆବାସସ୍ଥଳୀ ହୋଇଛି। ଏହି ଖେଳ ପଡ଼ିଆ ଜର୍ଜ ହାଇସ୍କୁଲ ଅଧୀନରେ ଅଛି ନିଶ୍ଚିତ, କିନ୍ତୁ ଏହି ପଡ଼ିଆର ସୌନ୍ଦର୍ଯ୍ୟକରଣ, ରକ୍ଷଣାବେକ୍ଷଣ ହୋଇପାରୁନାହିଁ। ଏଠାରେ ରାଜନୈତିକ ବ୍ୟକ୍ତିବିଶେଷଙ୍କ ସ୍ୱତନ୍ତ୍ର ଦୃଷ୍ଟି, ଜିଲ୍ଲା ପ୍ରଶାସନର ସହଯୋଗ, ବରଗଡ଼ ମ୍ୟୁନିସିପାଲିଟିର ଆନ୍ତରିକତା, ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର ଭାଗୀଦାରିତା ଆବଶ୍ୟକତା ରହଛି। ଜର୍ଜ ହାଇସ୍କୁଲ ପଡ଼ିଆ କେବଳ ହାଇସ୍କୁଲର ଭୌତିକ ସମ୍ବଳ ହୋଇ ଆଉ ରହିନାହିଁ, ଏହା ବିଶ୍ୱସ୍ତରରେ ବରଗଡ଼କୁ ସମ୍ମାନ ଓ ଗୌରବାନ୍ୱିତ କରିଆସୁଅଛି। ଦଳଗତ ନିର୍ବିଶେଷରେ ସମାଜର ସବୁବର୍ଗର ବ୍ୟକ୍ତିମାନଙ୍କ ସାମୂହିକ ପ୍ରୟାସ ନିତାନ୍ତ ଆବଶ୍ୟକ। କିଛି ଦିନ ପୂର୍ବରୁ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀଙ୍କ ପ୍ରଚେଷ୍ଟା କ୍ରମେ ଚାରିଆଡେ ଅଲୋକିକରଣ ହୋଇଛି। ଯାହାଫଳରେ ସନ୍ଧ୍ୟାରେ ଯୋଉ ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀ ହେଉଥିଲା ବନ୍ଦ ହୋଇଛି। ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ଏଥିପ୍ରତି ପ୍ରତି ଦୃଷ୍ଟି ଦେବେ ବୋଲି ଜନସାଧାରଣ ଅନୁରୋଧ କରିଛନ୍ତି।



## ୧୨ରେ ଜିଲ୍ଲାସ୍ତରୀୟ ସ୍କୁଲ ଚେସ୍ ପ୍ରତିଯୋଗିତା

ପଦ୍ମପୁର, ୧୦।୧୦(ସମିସ): ବରଗଡ଼ ଜିଲ୍ଲା ଚେସ୍ ଆସୋସିଏସନ୍ ଆନୁକୂଲ୍ୟରେ ଜିଲ୍ଲାର ଉଦୀୟମାନ ଚେସ୍ ଖେଳାଳିମାନଙ୍କୁ ଚିହ୍ନଟ ତଥା ପ୍ରୋତ୍ସାହିତ କରିବାକୁ ଏକ ଜିଲ୍ଲାସ୍ତରୀୟ ସ୍କୁଲ ଚେସ ପ୍ରତିଯୋଗିତା ପଦ୍ମପୁର ରାଜବୋଡା ସମ୍ବର ଉଚ୍ଚ ବିଦ୍ୟାଳୟ ପରିସରରେ ଆଗାମୀ ୧୨ରେ ଅନୁଷ୍ଠିତ ହେବ। ଏ ପ୍ରତିଯୋଗିତାରେ ବରଗଡ଼ ଜିଲ୍ଲାର ବିଭିନ୍ନ ସ୍କୁଲରେ ପଢୁଥିବା ପ୍ରଥମରୁ ଦଶମ ଶ୍ରେଣୀର ଛାତ୍ର ଛାତ୍ରୀମାନେ ଅଂଶଗ୍ରହଣ କରିପାରିବେ। ଉଭୟ ବାଳକ ଓ ବାଳିକା ବିଭାଗର ପ୍ରତିଯୋଗିତାର ଶ୍ରେଷ୍ଠ ୫ ଜଣ ଲେଖାଏଁ ଖେଳାଳିଙ୍କୁ ପୁରସ୍କୃତ କରାଯିବ। ଏତଦ୍‌ବ୍ୟତୀତ ୯ ବର୍ଷ, ୧୧ ବର୍ଷ, ଓ ୧୨ ବର୍ଷ ବୟସର ଶ୍ରେଷ୍ଠ ଖେଳାଳିମାନଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯିବ। ଏହି ଏକଦିବସୀୟ ପ୍ରତିଯୋଗିତାରେ ଭାଗ ନେବାପାଇଁ କୌଣସି ପ୍ରବେଶିକା ଦେୟ ରଖାଯାଇ ନାହିଁ। ଖେଳାଳିମାନେ ୧୨ ଅକ୍ଟୋବର ସକାଳ ୯.୩୦ ସୁଦ୍ଧା ନିଜ ସ୍କୁଲର ପରିଚୟ ପତ୍ର ଓ ଆଧାର କାର୍ଡ ଆଣି ନାମ ପଞ୍ଜିକରଣ କରିପାରିବେ। ଅଧିକ ତଥ୍ୟ ପାଇଁ ଆସୋସିଏସନର ସମ୍ପାଦକ କେଶରଞ୍ଜନ ପ୍ରଧାନ ୯୪୩୭୩୯୩୭୩୬ / କ୍ରୀଡା ଶିକ୍ଷକ ଚନ୍ଦ୍ରମଣି ସାହୁ ୯୭୭୭୨୪୬୭୨୯ଙ୍କୁ ଯୋଗାଯୋଗ କରିବାକୁ ଅନୁରୋଧ।



# ଭୁବନେଶ୍ୱର ସିଟି

ବସ୍ତି ଉଚ୍ଛେଦ ବେଳେ ଅଘଟଣ

# ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ଭୁବନେଶ୍ୱର, ୧୦।୧୦ (ସମିସ): ବସ୍ତି ଉଚ୍ଛେଦ ଚାଲିଥିବା ବେଳେ ଅଭାବନୀୟ ଘଟଣା ଘଟିଛି। ଛିଡ଼ା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଯୁବକ ପ୍ରାଣ ହରାଇଛନ୍ତି। ଗଣ୍ଡମୁଣ୍ଡା ତାରିଣୀ ବସ୍ତିରେ ଏଭଳି ଘଟଣା ଘଟିଛି। ମୃତକ ହେଉଛନ୍ତି ତାରିଣୀ ବସ୍ତିର ନାରାୟଣ ପ୍ରଧାନ ଓରଫ୍ କୁନା (୨୫)। ଅଭିଯୋଗ ଅନୁଯାୟୀ, ଗଣ୍ଡମୁଣ୍ଡାସ୍ଥିତ ତାରିଣୀ ବସ୍ତିର କୁନା ଖଣ୍ଡଗିରି ପାହାଡ଼ରେ ଫଟୋଗ୍ରାଫର ଭାବେ କାମ କରୁଥିଲେ। କିଛିଦିନ ହେବ ବିଡିଏ ପକ୍ଷରୁ ତାରିଣୀ ବସ୍ତି ଉଚ୍ଛେଦ କାମ ଚାଲୁଅଛି। ଆଜି କୁନାଙ୍କ ପିଉସୀଙ୍କ ଘର ଭଙ୍ଗା ଯାଉଥିବା କୁନା ଘରର ଆସବାବପତ୍ର ବାହାର କରୁଥିଲେ। ସେହି ସମୟରେ ଘର ବାହାରେ ଅଡୁଆ ତଡୁଆ ହୋଇ ପଡ଼ିଥିବା ବିଦ୍ୟୁତ୍ ତାରରେ ଛନ୍ଦି ହୋଇ ଯାଇଥିଲେ। ମୁକୁଳିବା ଲାଗି ହାତରେ ତାରକୁ ସାଇଡ୍ କରୁଥିବାବେଳେ ବିଦ୍ୟୁତ ଆଘାତ ଲାଗି ପଡ଼ି ଯାଇଥିଲେ। ପରିବାର ଲୋକେ ତାଙ୍କୁ ଅଚେତ ଅବସ୍ଥାରେ କ୍ୟାପିଟାଲ ହସପିଟାଲରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। କୁନା କିଛିବର୍ଷ ପୂର୍ବେ ବିବାହ କରିଥିବା ବେଳେ ତାଙ୍କର ବର୍ଷକର ଝିଅ ରହିଛି। କୁନାଙ୍କ ମୃତ୍ୟୁପରେ ଏକମାତ୍ର ଝିଅ ବାପା ଛେଉଣ୍ଡ ହୋଇଯାଇଛି।

ସେପଟେ କୁନାଙ୍କର ମୃତ୍ୟୁ ପରେ ସରକାରୀ ଅଧିକାରୀଙ୍କ ଚରମ ଅବହେଳାକୁ ଦାୟୀ କରିଛନ୍ତି ବସ୍ତିବାସିନ୍ଦା। ଉଚ୍ଛେଦ ପାଇଁ ୫ ଦିନ ହେବ ବସ୍ତିରେ ପାଣି ସଂଯୋଗ କଟା ଯାଇଥିବାରୁ ଲୋକମାନେ ଅନ୍ୟ ସ୍ଥାନରୁ ପାଣି ଆଣି ବ୍ୟବହାର କରୁଛନ୍ତି। ହେଲେ ଉଚ୍ଛେଦ ସମୟରେ ବିଦ୍ୟୁତ୍ ସଂଯୋଗ କିପରି ବିଚ୍ଛିନ୍ନ କରାଯାଇ ନ ଥିଲା ତାକୁ ନେଇ ପ୍ରଶ୍ନ ଉଠିଛି। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ ଉପସ୍ଥିତିରେ ଏଭଳି ଘଟଣା ଘଟିଛି। ସ୍ୱାମୀଙ୍କ ମୃତ୍ୟୁ ପାଇଁ ବିଡିଏ ଓ ବିଦ୍ୟୁତ୍ ବିଭାଗକୁ ଦାୟୀ କରିଛନ୍ତି ପତ୍ନୀ ଲିଜା ସାହୁ। ଲିଜାଙ୍କ ଅଭିଯୋଗ ଆଧାରରେ ଖଣ୍ଡଗିରି ଥାନା ପୁଲିସ ବିଡିଏ ଓ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ନାମରେ ମାମଲା ରୁଜୁ କରିଛି। କୁନାଙ୍କ ମୃତଦେହ କ୍ୟାପିଟାଲ ହସପିଟାଲର ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ଆସନ୍ତାକାଲି ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ କହିଛି।

- ସରକାରୀ କର୍ମଚାରୀଙ୍କ ଚରମ ଅବହେଳା
- ବିଡିଏ ଓ ବିଦ୍ୟୁତ କର୍ମଚାରୀଙ୍କ ନାଁରେ ମାମଲା
- ବାପା ଛେଉଣ୍ଡ ହୋଇଗଲା ବର୍ଷକର ଝିଅ



ତାରିଣୀ ବସ୍ତିର ନାରାୟଣ ପ୍ରଧାନ ଓରଫ୍ କୁନା (୨୫)।

ଡ୍ରଗ୍ସ କଣ୍ଟ୍ରୋଲରଙ୍କ ଚଢ଼ଉ

## ୧୦ ଲକ୍ଷ ଟଙ୍କାର ଔଷଧ ଜବତ

ଭୁବନେଶ୍ୱର, ୧୦।୧୦(ସମିସ): ବିନା ଲାଇସେନ୍ସରେ ରାଜଧାନୀରେ ଚାଲୁଛି ମେଡ଼ିସିନ୍ ଦୋକାନ। ବିଶେଷ କରି ଉପକଣ୍ଠ ଏବଂ ଗଳିକନ୍ଦିର ଏହି ଔଷଧ ବିକ୍ରି ହେଉଛି। ଲୋକେ ଏହି ମେଡ଼ିସିନ୍ ଖାଇ ଅନେକ ଲୋକ ଅସୁସ୍ଥ ହୋଇପଡୁଛନ୍ତି। ଏନେଇ ଅଭିଯୋଗ ହେବା ପରେ ଶୁକ୍ରବାର ଡ୍ରଗ୍ସ କଣ୍ଟ୍ରୋଲର ମାମିନା ପଟ୍ଟନାୟକଙ୍କ ନିର୍ଦ୍ଦେଶରେ କଳିଙ୍ଗନଗରରେ ଥିବା ଏକ ବେଆଇନ ଔଷଧ ଦୋକାନରେ ଚଢଉ କରାଯାଇଛି। ଚଢ଼ଉ ସମୟରେ ପ୍ରାୟ ୧୦ଲକ୍ଷ ଟଙ୍କାର ଔଷଧ ଜବତ କରାଯାଇଛି। ଗେଟ୍ଆଲାଇଭ୍ ହେଲ୍ଥକେୟାର' ନାମରେ ଚାଲିଥିବା ଏହି ଔଷଧ ଦୋକାନ ବିରୋଧରେ ପ୍ରଶାସନ ପକ୍ଷରୁ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ବିନା ଲାଇସେନ୍ସରେ ଏହି ଔଷଧ ଦୋକାନ ଚାଲିଥିବାନେଇ ଖବର ମିଳିବା ପରେ ଡ୍ରଗ୍ସ କଣ୍ଟ୍ରୋଲର ପକ୍ଷରୁ ଯୋଜନା ମୁତାବକ ଚଢ଼ଉ କରାଯାଇଥିଲା। ଭୁବନେଶ୍ୱର-୨ର ଭେଷଜ ନିରୀକ୍ଷକ ଚନ୍ଦନ କୁମାର ଗିରି ରୋଗୀ ପରିଚୟ ଦେଇ ଉକ୍ତ ଔଷଧ ଦୋକାନରୁ କିଛି ଔଷଧ କିଣିଥିଲେ। ଦୋକାନ ପକ୍ଷରୁ ଦିଆଯାଇଥିବା ବିଲ୍ ଏମ/ଏସ ଡିଏମଏମଏନପିଆର ଫାର୍ମାସ୍ୟୁଟିକାଲ୍ସ ପ୍ରାଲି. ପକ୍ଷରୁ ଜାରି କରାଯାଇଥିଲା। ଏହାକୁ ଯାଞ୍ଚ କରାଯିବା ପରେ ଏହି ସଂସ୍ଥା ନାମରେ କୌଣସି ଲାଇସେନ୍ସ ଜାରି ହୋଇ ନ ଥିବା ଜଣାପଡ଼ିଥିଲା। ଯାହା ଡ୍ରଗ୍ସ ଏବଂ କସମେଟିକ୍ସ ଆଇନ ୧୯୪୦ର ସେକ୍ସନ ୧୮ (ସି) କୁ ଉଲ୍ଲଂଘନ କରୁଛି। ଏହା ଜଣାପଡ଼ିବା ପରେ ପ୍ରଶାସନ ପକ୍ଷରୁ ସେଠାରେ ମିଳିତ ଚଢ଼ାଉ କରାଯାଇଥିଲା। ୬ଟି ଔଷଧର ମାନ ଯାଞ୍ଚ ପାଇଁ ନମୁନା ପରୀକ୍ଷା ଲାଗି ରାଜ୍ୟ ଔଷଧ ପରୀକ୍ଷା ଏବଂ ଗବେଷଣା ପରୀକ୍ଷାଗାରକୁ ପଠାଯାଇଛି। ଏମ/ଏସ ଡିଏମଏମଏନପିଆର ଫାର୍ମାସ୍ୟୁଟିକାଲ୍ସ ପ୍ରା. ଲି. ସଂସ୍ଥାର ନିର୍ଦ୍ଦେଶକ ମିହିର କୁମାର ନନ୍ଦ ହିଁ ଉକ୍ତ ଔଷଧ ଦୋକାନ ଚଳାଉଥିଲେ। ତେଣୁ ତାଙ୍କୁ ଡ୍ରଗ୍ସ କଣ୍ଟ୍ରୋଲର ପକ୍ଷରୁ ପଚରାଉଚରା କରାଯାଉଛି।





ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଭେଟିଲେ ହାଇଟେକ୍ ଗ୍ରୁପ୍‌ର ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ

## ଗଞ୍ଜେଇ ମାଫିଆଙ୍କ ୨୨ ଲକ୍ଷର ସମ୍ପତ୍ତି ବାଜ୍ୟାପ୍ତ

- କୋଲକାତା କମ୍ପିଟେଣ୍ଟ ଅଥରିଟିଙ୍କ ନିର୍ଦ୍ଦେଶରେ କରାଯାଇଛି
- ୨୦୨୪ରେ ୨ ଗଞ୍ଜେଇ ବେପାରୀଙ୍କୁ ଧରିଥିଲା ଏସ୍‌ଟିଏଫ

ଭୁବନେଶ୍ୱର, ୧୦।୧୦(ସମିସ): ଗଞ୍ଜେଇ ମାଫିଆର ୨୨ଲକ୍ଷ ୫୮ ହଜାର ୯୧୦ ସମ୍ପତ୍ତିକୁ ବାଜ୍ୟାପ୍ତ କରାଯାଇଛି। ବିକାଶ କୁମାର ଦିଗାଲ ଏବଂ ସୌମ୍ୟରଞ୍ଜନ ଦିଗାଲଙ୍କ ସମ୍ପତ୍ତି ବାଜ୍ୟାପ୍ତ କରିଛି ଏସ୍‌ଟିଏଫ। ଏନ୍‌ଡିପିଏସ୍ ଆଇନ୍ ଅନୁସାରେ ବେଆଇନ୍ ଉପାୟରେ ଅର୍ଜନ କରାଯାଇଥିବା ଏହି ସମ୍ପତ୍ତିକୁ ବାଜ୍ୟାପ୍ତ କରାଯାଇଛି। ୨୦୨୪ ଏପ୍ରିଲ ୪ତାରିଖରେ ୫୨ କେଜି ଗଞ୍ଜେଇ ଜବତ କରାଯାଇଥିବା ବେଳେ ୯ଟି ଗାଡିକୁ ଜବତ କରାଯାଇଥିଲା। ଏସ୍‌ଟିଏଫ ଏନେଇ ମାମଲା ରୁଜୁ କରି ବିକାଶ କୁମାର ଏବଂ ସୌମ୍ୟରଞ୍ଜନକୁ ଗିରଫ କରିଥିଲା। ଉଭୟଙ୍କ ଘର ଫୁଲବାଣୀ ସଦର କେରେଡି ଥାନା ଅଞ୍ଚଳରେ ଉଭୟଙ୍କ ଘର। ସେମାନେ କନ୍ଧମାଳରୁ ଗଞ୍ଜେଇ ଆଣି ଭୁବନେଶ୍ୱରରେ ବ୍ୟବସାୟ କରନ୍ତି। ବାଜ୍ୟାପ୍ତ ସମ୍ପତ୍ତି ମଧ୍ୟରେ ୯ଟି ଗାଡ଼ି ଏବଂ ବ୍ୟାଙ୍କ୍ ଜମାରାଶି ରହିଛି। ୬ମାସ ମଧ୍ୟରେ ଏଭଳି ନିଶା କାରବାର କରି ବେଆଇନ୍ ଭାବେ ଟଙ୍କା ରୋଜଗାର କରିଥିଲେ। ଏସ୍‌ଟିଏଫ ଯାଞ୍ଚ କରିବା ପରେ ଏଭଳି ବେଆଇନ୍ ଉପାୟରେ କରାଯାଇଥିବା ଜଣାପଡ଼ିବା ପରେ କୋଲକାତାସ୍ଥିତ କମ୍ପିଟେଣ୍ଟ ଅଥରିଟିଙ୍କ ପାଖକୁ ପଠାଯାଇଥିଲା। ସେଠାରୁ ଅନୁମତି ମିଳିବା ପରେ ଆଜି ୨ ନିଶା ମାଫିଆଙ୍କ ସମ୍ପତ୍ତିକୁ ବାଜ୍ୟାପ୍ତ କରାଯାଇଛି।

ଘରୁ ସୁନାଗହଣା ଚୋରି

## ଘରୋଇ ସହାୟିକାଙ୍କ ସ୍ୱାମୀ ଗିରଫ



ଭୁବନେଶ୍ୱର, ୧୦।୧୦ (ସମିସ): ଘରୁ ସୁନାଗହଣା ଚୋରି କରିଥିବା ଅଭିଯୋଗରେ ଘରୋଇ ସହାୟିକାଙ୍କ ସ୍ୱାମୀକୁ ଗିରଫ କରିଛି ଏୟାରପୋର୍ଟ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ପୋଖରୀପୁଟ ଅଞ୍ଚଳରେ ରହୁଥିବା ବୁଗୁଡ଼ା ଥାନା ବାଲିପଦର ଗାଁର ସତ୍ୟବାନ ପଲେଇ ଓରଫ୍ କାଳିଆ (୨୭)। ପୁଲିସ ସୂଚନାନୁସାରେ, କାଳିଆର ପତ୍ନୀ ଲିଲି ପୋଖରୀପୁଟ ଅନନ୍ତ ବିହାରରେ ରହୁଥିବା ସନ୍ଧ୍ୟାରାଣୀ ଦାଶଙ୍କ ଘରେ ଘରୋଇ ସହାୟିକା ଭାବେ କାର୍ଯ୍ୟ କରୁଥିଲେ। ସନ୍ଧ୍ୟାରାଣୀ ଗତମାସ ୨୦ ତାରିଖ ଦିନ ଶେଷଥର ପାଇଁ ତାଙ୍କ ସୁନାଗହଣା ଦେଖିଥିଲେ। ୨୯ ତାରିଖ ଦିନ ପିନ୍ଧିବା ପାଇଁ ଖୋଜିବା ବେଳକୁ ଗହଣା କିଛି ମିଳିନଥିଲା। ସେହି ସମୟ ମଧ୍ୟରେ ବାହାର ଲୋକ କେହି ଆସିନଥିବା ବେଳେ ତାଲା ମଧ୍ୟ ଭଙ୍ଗା ହୋଇନଥିଲା। ତେଣୁ ସେ ଲିଲିଙ୍କୁ ସନ୍ଦେହ କରି ଏୟାରପୋର୍ଟ ଥାନାରେ ଏତଲା ଦେଇଥିଲେ। ପୁଲିସ ତଦନ୍ତ କରିବା ସହ ଲିଲିଙ୍କ ସ୍ୱାମୀ କାଳିଆ ଚୋରିରେ ସମ୍ପୃକ୍ତ ଥିବା ଜାଣିବାକୁ ପାଇଥିଲା। ଗତକାଲି ବାଲିପଦର ସ୍ଥିତ ଘରେ ଚଢଉ କରି କାଳିଆକୁ କାବୁ କରିଥିଲା। ତା ଠାରୁ ୪ଟି ସୁନା ମୁଦି ଓ ୨ଟି ହୀରା ମୁଦି ଜବତ କରିଥିଲା।

## କଲେଜ ଫି ଟଙ୍କା ହଡ଼ପ; କର୍ମଚାରୀ ଗିରଫ

ଭୁବନେଶ୍ୱର, ୧୦।୧୦ (ସମିସ): କଲେଜ ଫି ବାବଦ ଟଙ୍କା ହଡ଼ପ କରିଥିବା ଅଭିଯୋଗରେ କର୍ମଚାରୀକୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବାଲେଶ୍ୱର ଜିଲ୍ଲା ଔପଦା ଥାନା ଗରୁଡ଼ ହାଟର ସନ୍ତୋଷ କୁମାର ରାଉତ (୪୦)। ପୁଲିସ ସୂଚନା ଅନୁଯାୟୀ, ଉମରକୋଟର ସେହେନାଜ ସୁଲତାନ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଥିବା ଏକ ନର୍ସିଂ କଲେଜରେ ପଢୁଛନ୍ତି। କୋର୍ସ ଫି ଏକ ଲକ୍ଷ ୮୦ ହଜାର ଟଙ୍କା ହୋଇଥିବା ବେଳେ ସେହେନାଜ ଶିକ୍ଷାନୁଷ୍ଠାନର କର୍ମଚାରୀ ସନ୍ତୋଷକୁ ବିଭିନ୍ନ ପର୍ଯ୍ୟାୟରେ ୧ ଲକ୍ଷ ୫୬ ହଜାର ଟଙ୍କା ଦେଇଥିଲେ। କିନ୍ତୁ ସନ୍ତୋଷ ମାତ୍ର ଏକଲକ୍ଷ ଟଙ୍କା କଲେଜରେ ଦାଖଲ କରିଥିବା ବେଳେ ବାକି ୫୬ ହଜାର ଟଙ୍କା ଦାଖଲ କରିନଥିଲା। କଲେଜରୁ ଖବର ପାଇବା ପରେ ସନ୍ତୋଷକୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଆଉ ଧରାଛୁଆଁ ଦେଇନଥିଲା। ଏନେଇ ଲକ୍ଷ୍ମୀସାଗର ଥାନାରେ ଏତଲା ଦେବାପରେ ପୁଲିସ ଗରୁଡ଼ ହାଟ ସ୍ଥିତ ଘରୁ ସନ୍ତୋଷକୁ ଗିରଫ କରି କୋର୍ଟ ଚାଲାଣ କରିଛି। ତା' ନାମରେ ପୂର୍ବରୁ ମଧ୍ୟ ଲକ୍ଷ୍ମୀସାଗର ଥାନାରେ ୨ଟି ଠକେଇ ମାମଲା ରହିଥିବା ପୁଲିସ ଜାଣିବାକୁ ପାଇଛି।

## ଗଛରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଭୁବନେଶ୍ୱର, ୧୦।୧୦(ସମିସ): ସହିଦନଗର ଥାନା ଆନନ୍ଦବଜାର ନିକଟ ମନ୍ଦିର ନିକଟରେ ଥିବା ଏକ ଗଛରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ଯୁବକଙ୍କ ପରିଚୟ ମିଳିନଥିବା ବେଳେ ବେକରେ କପଡ଼ା ବାନ୍ଧି ଆତ୍ମହତ୍ୟା କରିଥିବା ଜଣା ।ପଡ଼ିଛି। ହେଲେ ଏହାକୁ ସ୍ଥାନୀୟ ଲୋକ ହତ୍ୟା ବୋଲି ଅଭିଯୋଗ କରିଛନ୍ତି। କାରଣ ମୃତ ବ୍ୟକ୍ତିଙ୍କ ମୁହଁରେ ମାଡ଼ ଚିହ୍ନ ଦେଖିବାକୁ ମିଳିଛି।

ଆଶ୍ରମ ଗୁଳିକାଣ୍ଡ ଘଟଣା

## ଦୁଇ ଅଟକ; ବନ୍ଧୁକ ଓ ଗୁଳି ଜବତ

ଭୁବନେଶ୍ୱର, ୧୦।୧୦ (ସମିସ): ଦେଉଳିଆପାଟଣାସ୍ଥିତ ଭାଇ ଭାଇ ଆଶ୍ରମ ଗୁଳିକାଣ୍ଡ ଘଟଣାରେ ଦୁଇ ଜଣଙ୍କୁ ଉଠାଇ ଆଣିଛି କମିସନରେଟ ପୁଲିସ। ସେମାନଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଛି। ଗତ ରବିବାର ସନ୍ଧ୍ୟାରେ ଦେଉଳିଆ ପାଟଣା ସ୍ଥିତ ଆଶ୍ରମରେ ପୂଜାର୍ଚ୍ଚନା ଚାଲିଥିଲା। ଜଗତସିଂହପୁର ସୁନୀଲ କୁମାର ବାରିକ ଓରଫ୍ ସୋନୁଙ୍କ ସମେତ ଅନେକ ଶ୍ରଦ୍ଧାଳୁ ମଠରେ ଉପସ୍ଥିତ ଥିଲେ। ସେହି ସମୟରେ ଦୁଇ ଜଣ ଦୁର୍ବୃତ୍ତ ଏକ ବାଇକରେ ଆସିଥିଲେ। ଜଣେ ବାହାରେ ଅପେକ୍ଷା କରିଥିବା ବେଳେ ଆଉଜଣେ ହଠାତ୍ ଆଶ୍ରମ ଭିତରେ ପଶିଥିଲା। ଦୁର୍ବୃତ୍ତ ଜଣକ ହଠାତ୍ ସୋନୁଙ୍କ ଉପରକୁ ଗୁଳି ଚଳାଇଥିଲା। ଶବ୍ଦ ଶୁଣି ଆଉଜଣେ ସହଯୋଗୀ ଚାଲି ଆସିବାରୁ ତାଙ୍କ ଉପରକୁ ମଧ୍ୟ ଗୁଳି ଚଳାଇଥିଲା ଦୁର୍ବୃତ୍ତ। ଦୁର୍ବୃତ୍ତ ଜଣକ ସୋନୁ ଓ ତାଙ୍କ ସହଯୋଗୀଙ୍କ ଉପରକୁ ସମୁଦାୟ ୫ ରାଉଣ୍ଡ ଗୁଳି ଚଳାଇଥିଲା। ସୋନୁଙ୍କ ଛାତି, ପେଟ, ହାତ ଓ ପିଠାରେ ଗୁଳି ବାଜିଥିବା ବେଳେ ସହଯୋଗୀଙ୍କ ପେଟରେ ଗୋଟିଏ ଗୁଳି ଘଷି ହୋଇ ପଳାଇ ଯାଇଥିଲା। ଗୁରୁତର ସୋନୁଙ୍କୁ ଏମ୍ସରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଅସ୍ତ୍ରୋପଚାର କରାଯାଇଥିଲା। ଏବେବି ସେ ଚିକିତ୍ସାଧୀନ ଅଛନ୍ତି।

ଘଟଣାସ୍ଥଳ ଓ ଆଖପାଖରେ ସିସିଟିଭି କ୍ୟାମେରା ନଥିବାରୁ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପୁଲିସ ପାଇଁ କାଠିକର ପାଠ ହୋଇଥିଲା। ଇନଫୋଭ୍ୟାଲି ଥାନା ପୁଲିସ ଓ ସ୍ୱ?ଶାଲ ସ୍କ୍ୱାଡ ଏହି ମାମଲାର ତଦନ୍ତ କରୁଥିବା ବେଳେ ଆଜି ଦୁଇଜଣ ଅଭିଯୁକ୍ତଙ୍କୁ ଉଠାଇ ଆଣିଛି। ସେମାନଙ୍କ ଠାରୁ ବନ୍ଧୁକ ଓ ଗୁଳି ଜବତ କରିଛି। ଉଭୟଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଛି। ପୂର୍ବ ଶତ୍ରୁତାରୁ ଅଭିଯୁକ୍ତମାନେ ଏଭଳି କାଣ୍ଡ ଭିଆଇଥିବା ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି। ତେବେ ଏହି ଗୁଳିକାଣ୍ଡରେ ଆଉ କେଉଁ ମାନେ ସମ୍ପୃକ୍ତ ଅଛନ୍ତି, ସେ ଦିଗକୁ ନେଇ ଖୋଳତାଡ଼ କରୁଛି।

## କଳାଭୂମି ପକ୍ଷରୁ ତିନିଜଣଙ୍କୁ 'ଅହିଂସା ସମ୍ମାନ'

ଭୁବନେଶ୍ୱର, ୧୦।୧୦(ସମିସ): କଳାଭୂମି ପକ୍ଷରୁ ଅହିଂସା ଉତ୍ସବ ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି। ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୬ତମ ଜୟନ୍ତୀ ଅବସରରେ କଳାଭୂମିର ଅଧ୍ୟକ୍ଷ ଡ. ପ୍ରମୋଦ ପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଅତିଥି ଭାବେ ସାଂସଦ ଡ. ବିଭୁ ପ୍ରସାଦ ତରାଇ, ବିଶିଷ୍ଟ ଭାଷା ବିଜ୍ଞାନୀ ପ୍ରଫେସର ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ, ଅନୁଷ୍ଠାନର ଉପଦେଷ୍ଟା ପବିତ୍ର ମୋହନ ଦାସ ପ୍ରମୁଖ ଯୋଗଦେଇ ଗାନ୍ଧୀ ବିଚାରର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିବା ସହ 'ସତ୍ୟ ଓ ଅହିଂସା'ର ମାର୍ଗକୁ ଆପଣେଇବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ହୃଦରୋଗ ବିଶେଷଜ୍ଞ ଡ. ପ୍ରଭାତ କୁମାର ଦାଶ, ଚିକିତ୍ସା ତଥା ସମାଜସେବାରେ ନିଜ ଜୀବନକୁ ଉତ୍ସର୍ଗ କରିଥିବା ବୁର୍ଲାର ଏକ ଟଙ୍କିଆ ଡାକ୍ତର ଡ. ଶଙ୍କର ରାମଚନନ୍ଦାନୀଙ୍କୁ 'ଅହିଂସା ସମ୍ମାନ-୨୦୨୫' ପ୍ରଦାନ କରାଯାଇଥିବା ବେଳେ ବିଧାୟକ ନବୀନ କୁମାର ଜୈନଙ୍କୁ 'ଅହିଂସା ପାଳକ' ଭାବେ ସମ୍ମାନୀତ କରାଯାଇଥିଲା। ଏହାସହ ଅହିଂସା ଉତ୍ସବ ପାଇଁ କଳାଭୂମିଦ୍ୱାରା ହୋଇଥିବା ବିଭିନ୍ନ ପ୍ରତିଯୋଗିତାର ପ୍ରତିଯୋଗୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହାପରେ ଗୁରୁ ପ୍ରଶାନ୍ତ କୁମାର ପାଢ଼ୀ, ସତ୍ୟବାନ ସେଠୀଙ୍କ ଦ୍ୱାରା 'ଅହିଂସା ଫ୍ୟୁଜନ' ପରିବେଷିତ ହୋଇଥିଲା। ଏହାସହ କଟକର ସୁର ମନ୍ଦିର ଅନୁଷ୍ଠାନ ର ଓଡ଼ିଶୀ ନୃତ୍ୟ ଗୁରୁ ଜ୍ୟୋତ୍ସ୍ନା ସାହୁ ଓ ସାଥୀ କଳାକାରମାନେ ଓଡ଼ିଶାର ପର୍ବପର୍ବାଣୀ ଉପରେ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଡ. ମୃତ୍ୟୁଞ୍ଜୟ ରଥ।



## ବିଏମ୍‌ସିର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଭୁବନେଶ୍ୱର, ୧୦।୧୦(ସମିସ): ୟୁନିଟ୍-୬ କଲ୍ୟାଣ ମଣ୍ଡପଠାରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ବିଏମ୍‌ସିର ମିଳିତ ଆନୁକୂଲ୍ୟରେ ଚାଲିଥିବା ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ୨୦୨୪-୨୫ ଓ ବୟୋଶ୍ରୀ ମେଳାକୁ ମେୟର ସୁଲୋଚନା ଦାସ ବୁଲି ଦେଖିଲେ। ଶ୍ରୀମତୀ ଦାସ ଶିବିର ପରିଦର୍ଶନ କରି ଭିନ୍ନକ୍ଷମଙ୍କୁ ବସ ପାସ୍ ପ୍ରଦାନ କରିଥିଲେ। ଏଥିପାଇଁ ଭିନ୍ନକ୍ଷମମାନେ ସେମାନଙ୍କର ଭିନ୍ନକ୍ଷମ ପ୍ରମାଣପତ୍ର, ଆଧାରକାର୍ଡ, ରାସନ କାର୍ଡ/ଭତ୍ତା କାର୍ଡ/ଆୟ ପ୍ରମାଣପତ୍ର, ପାସପୋର୍ଟ ଫଟୋ, ବ୍ୟାଙ୍କ ପାଶ୍ ବୁକ୍, ନିଜ ନାମରେ ଥିବା ଜମିପଟ୍ଟା ଆଦି କାଗଜାତ ସଙ୍ଗରେ ଆଣିବା ଦରକାର। ବିଏମ୍‌ସି ଅଞ୍ଚଳରେ ରହୁଥିବା ଭିନ୍ନକ୍ଷମମାନେ କିପରି ସରକାରଙ୍କର ଉପଲବ୍ଧ ସୁବିଧା ନିଜର ଭିନ୍ନକ୍ଷମ ସ୍ଥିତି ଅନୁସାରେ ପାଇ ପାରିବେ ସେଥିପାଇଁ ଏହି କ୍ୟାମ୍ପ କରାଯାଇଛି ବୋଲି କମିସନର ଚଞ୍ଚଳ ରାଣା କହିଛନ୍ତି।

## ଆଜିଠାରୁ ଓଡ଼ିଶା ହେମାଟୋଲୋଜିର ବାର୍ଷିକ ସମ୍ମିଳନୀ




ଭୁବନେଶ୍ୱର, ୧୦।୧୦(ସମିସ): ଓଡ଼ିଶା ହେମାଟୋଲୋଜିର ୧୫ତମ ବାର୍ଷିକ ସମ୍ମିଳନୀ ଆସନ୍ତା ୧୧ ଓ ୧୨ ତାରିଖ ଦୁଇଦିନ ଧରି ମେଫେୟାର କନଭେନସନ୍ ସେଣ୍ଟର୍‌ରେ ଅନୁଷ୍ଠିତ ହେବ। ଏଥିରେ ଦେଶର ବିଭିନ୍ନ ପ୍ରାନ୍ତରୁ ୩୫ ଜଣ ଜାତୀୟ ଫାକଲ୍ଟି ଯୋଗ ଦେବେ। ପ୍ରଫେସର ମାଗେନ୍ ଚାଣ୍ଡି, ପ୍ରଫେସର ତପନ ସାଇକିଆ, ପ୍ରଫେସର ହରପ୍ରସାଦ ପତି ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସମଗ୍ର ଓଡ଼ିଶାରୁ ୩୦୦ରୁ ଅଧିକ ଡାକ୍ତର ଅଂଶଗ୍ରହଣ କରିବେ। ଓଡ଼ିଶାରେ ସିକଲ୍ ସେଲ୍‌ଫ ରୋଗୀଙ୍କ ସଂଖ୍ୟା ସର୍ବାଧିକ ଥିବାରୁ ଏହି ପ୍ରସଙ୍ଗକୁ ଗୁରୁତ୍ୱ ଦିଆଯିବ। ଅକ୍ଟୋବର ୧୨ରେ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କ ପାଇଁ ନୀଶୁଳ୍କ କୁଇଜ୍ ଆୟୋଜିତ ହେବ ଏବଂ ପ୍ରାୟ ୬୦ଟି ଗବେଷଣା ନିବନ୍ଧ ଉପରେ ଆଲୋଚନା କରାଯିବ। ଏହି ଅବସରରେ ପ୍ରଫେସର ଆର.କେ. ଜେନା କହିଛନ୍ତି, ହେମାଟୋଲୋଜି ଦ୍ରୁତ ପ୍ରଗତିଶୀଳ ବିଭାଗ। ଏହି ସମ୍ମିଳନୀ ଓଡ଼ିଶାର ରୋଗୀ ସେବାକୁ ଉନ୍ନତ କରିବ। ଆୟୋଜନ ସଚିବ ଡ. ପ୍ରୀତିଶ ଚନ୍ଦ୍ର ପାତ୍ର କହିଛନ୍ତି, 'ରକ୍ତ କର୍କଟ ରୋଗଗୁଡ଼ିକର ଚିକିତ୍ସା ଯୋଗ୍ୟ ହେମାଟୋଲୋଜିଷ୍ଟଙ୍କ ଦ୍ୱାରା ସର୍ବୋତ୍ତମ ହୋଇପାରିବ।

ଯାଁଳା କପ୍-୨୦୨୫

## ସେମି ଫାଇନାଲ୍‌ରେ ଭାଲିଆବାଡ଼ି ଓ ଯାଁଳା





ଯାଁଳା, ୧୦।୧୦(ସମିସ): ସ୍ଥାନୀୟ ରାଧାମାଧବ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଯାଁଳା କପ୍‌ରେ ତୃତୀୟ କ୍ୱାର୍ଟର ଫାଇନାଲରେ ସୁଆଙ୍ଗକୁ ୫ ରନ୍‌ରେ ହରାଇ ଭାଲିଆବାଡ଼ି ସେମିଫାଇନାଲରେ ପ୍ରବେଶ କରିଛି। ଭାଲିଆବାଡି ଦଳର ଆଶୁତୋଷ ମହାପାତ୍ର ମ୍ୟାନ୍ ଅଫ୍ ଦ ମ୍ୟାଚ ବିବେଚିତ ହୋଇଥିଲା ବେଳେ ଚତୁର୍ଥ କ୍ୱାର୍ଟର ଫାଇନାଲରେ କଲ୍ୟାଣପୁରକୁ ୧୦ ଉଇକେଟରେ ହରାଇ ଯାଁଳା ସେମିଫାଇନାଲରେ ପ୍ରବେଶ କରିଛି। ଯାଁଳା ଦଳର ପ୍ରତାପ ବେହେରା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଚିତ୍ତରଞ୍ଜନ ସ୍ୱାଇଁ, କ୍ରିଷ୍ଣା ଶେଖର ପ୍ରଧାନ ଓ ରଶ୍ମି ରଞ୍ଜନ ବଡଜେନା ମ୍ୟାଚ୍ ପରିଚାଳନା କରିଥିଲେ।

# ମଞ୍ଚରେ ମନମୋହୁଛି ଉପନ୍ୟାସ କାହାଣୀ

ଭୁବନେଶ୍ୱର, ୧୦।୧୦(ସମିସ): ଲେଖକଙ୍କ କାଳଜୟୀ ଉପନ୍ୟାସକୁ ବହିରୁ ଆଣି ବଡ଼ ପରଦା ସହିତ ଛୋଟ ପରଦାରେ ମଧ୍ୟ ଦର୍ଶକମାନଙ୍କ ସାମ୍ନାରେ ଚିତ୍ରିତ କରାଯାଇଛି। ଏଥିମଧ୍ୟରୁ ବାଦ୍ ପଡ଼ିନାହିଁ ମଞ୍ଚ ନାଟକ। ଗଳ୍ପ, ଉପନ୍ୟାସ ସବୁକୁ ବହିରୁ ଆଣି ମଞ୍ଚସ୍ଥ କରାଯାଉଛି। ଉପନ୍ୟାସର ନାଟକ କେବଳ ଆଞ୍ଚଳିକ ସ୍ତରରେ ନୁହେଁ ଦେଶ ବିଦେଶରେ ମଧ୍ୟ ଆଦୃତ ଲାଭ କରି ପାରିଛି।

- ବିଦେଶରେ ମଞ୍ଚସ୍ଥ ହେଉଛି ଓଡ଼ିଆ ଜାତିର ଜୀବନ କଥା
- ଓଡ଼ିଆ ନାଟକରେ ଅଭିନୟ କରୁଛନ୍ତି ବିଦେଶୀ କଳାକାର



ରାଜଧାନୀରେ ମଧ୍ୟ ଅନେକ ମଞ୍ଚ ନାଟକ ଗଢ଼ି ଉଠିଛି। ଆଉ ପ୍ରତିଦିନି ରବୀନ୍ଦ୍ର ମଣ୍ଡପ, ଭଞ୍ଜକଳା ମଣ୍ଡପରେ ବିଭିନ୍ନ ପ୍ରକାରର ନାଟକ ମଞ୍ଚସ୍ଥ କରାଯାଉଛି। ଏହି ମଞ୍ଚସ୍ଥ ହେଉଥିବା ନାଟକ ମଧ୍ୟରେ କେବେ କେବେ ପାରିବାରିକ କାହାଣୀକୁ ନେଇ ନାଟକ ରହୁଛି ତ ଆଉ କେବେ ସାମ୍ପ୍ରତିକ, ଆର୍ଥିକ, ସାମାଜିକ କଥାବସ୍ତୁକୁ ନେଇ ନାଟକ ମଞ୍ଚସ୍ଥ କରାଯାଉଛି। ଏହି ସବୁ ମଧ୍ୟରେ ମଧ୍ୟ ମଞ୍ଚ ନାଟକରେ ସାହିତ୍ୟକୁ ସ୍ୱତନ୍ତ୍ର ସ୍ଥାନ ଦିଆଯାଉଛି। ପୂର୍ବରୁ ଓଡ଼ିଆ ସାହିତ୍ୟ ଜଗତକୁ ଭେଟି ଦେଇଥିବା ଲେଖକଙ୍କର ଉପନ୍ୟାସ, ଗଳ୍ପ ଆଦିକୁ ନେଇ ନାଟକ ମଞ୍ଚସ୍ଥ କରାଯାଇଛି।

ଫକୀରମୋହନ ସେନାପତିଙ୍କ କାଳଜୟୀ ଉପନ୍ୟାସ 'ଛମାଣ ଆଠ ଗୁଣ୍ଠ', 'ଲଛମା' 'ରେବତୀ'ଗୋପିନାଥ ମହାନ୍ତିଙ୍କ 'ମଟିର ମଣିଷ', ଉପେନ୍ଦ୍ର କିଶୋର ଦାସଙ୍କର 'ମଲ୍ଲାଜହ୍ନ', ସୁରେନ୍ଦ୍ର ମହାନ୍ତିଙ୍କର 'ଆହେ ନୀଳ ଶୈଳ' କାହ୍ନୁ ଚରଣ ମହାନ୍ତିଙ୍କର 'ଶାସ୍ତି', 'ବାଲିରାଜା', ମନୋଜ ଦାସଙ୍କର 'କନକ ଉପତ୍ୟାକାର କାହାଣୀ' ପଣ୍ଡିତ ଗୋଦାବରିଶ ମିଶ୍ରଙ୍କର '୧୮୧୭' ଉପେନ୍ଦ୍ର ଭଞ୍ଜଙ୍କର କାବ୍ୟ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' ଗଙ୍ଗାଧର ମେହେରଙ୍କର କାବ୍ୟ 'ତପସ୍ୱିନୀ' ସହଦେବ ସାହୁଙ୍କର ଗଳ୍ପ 'ମାଲ୍‌ଖାନା', ରବିନାରାୟଣ ସେନାପତିଙ୍କ ଗଳ୍ପ 'ଅତୃପ୍ତ ଇଚ୍ଛାର ଜହ୍ନ'ପରି ଅନେକ ଉପନ୍ୟାସ, ଗଳ୍ପ, କାବ୍ୟ ଆଦିକୁ ନାଟକ ମାଧ୍ୟମରେ ମଞ୍ଚସ୍ଥ କରାଯାଇଛି। ଏହିପରି ମଧ୍ୟ ଶତାବ୍ଦୀର କଳାକାର ହେଉ ଅବା ନାଟ୍ୟ ଚେତନା କିମ୍ବା ଅଜିତ୍ ନାଟ୍ୟ ସଂସ୍ଥା ପରି ଅନେକ ନାଟ୍ୟ ସଂସ୍ଥା ପକ୍ଷରୁ ମଧ୍ୟ ବିଭିନ୍ନ ଉପନ୍ୟାସ, ଗଳ୍ପ, କାବ୍ୟକୁ ନେଇ ନାଟକ ପ୍ରସ୍ତୁତ କରାଯାଇ ଦର୍ଶକଙ୍କ ଆଗରେ ମଞ୍ଚସ୍ଥ କରାଯାଇଛି।

ଆମ ବହୁତ ସୁନ୍ଦର ଉପନ୍ୟାସ ଆଉ କାହାଣୀ ରହିଛି। ହେଲେ ଏହି ଉପନ୍ୟାସ ଓ କାହଣୀ ପାଠକଙ୍କ ପାଖରେ ପହଁଚି ପାରୁନାହିଁ। ଏଣୁ ଏହି ଉପନ୍ୟାସକୁ ଆଣି ଲୋକଙ୍କ ପାଖରେ ପହଁଚାଇବା ପାଇଁ ଚେଷ୍ଟା କରୁଛୁ। ମନରୁ ନାଟକ ଲେଖିବା ଅପେକ୍ଷା ଯଦି ସାହିତ୍ୟକ ମାନଙ୍କ ଲେଖାକୁ ନାଟକ ରୂପ ଦେଇ ପାରୁଛୁ ଏହା ସମସ୍ତଙ୍କ ପାଖରେ ଆଦୃତ ଲାଭ କରିପାରୁଛି ବୋଲି ନାଟ୍ୟକାର ଧିର ମଲ୍ଲିକ୍ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଆଜିକା ଦିନରେ କିଏ ମାମୁ, ଲଛମା, ଛ ମାଣ ଆଣ୍ଠ ଗୁଣ୍ଠକୁ ପଢୁଛନ୍ତି। ଲୋକଙ୍କ ପାଖରେ ସମୟ ନାହିଁ। ହେଲେ ଏହାକୁ ନାଟକ କରିଲେ କିଛି ସମୟ ପାଇଁ ହେଉ ସମସ୍ତେ ଏକାଠି ବସି ଦେଖନ୍ତି ବୋଲି ସେ କହିଛନ୍ତି।

ଡ଼ାକମୁନିସ୍ କୁ ବାବୁ ନାମରେ, ରେବତୀକୁ ରେବ ନାମରେ ନାଟକ କରାଯାଇଥିବା ବେଳେ ବହଙ୍ଗ ବିପ୍ଲବକୁ ଚିରିଙ୍ଗ୍ ଚିରିଙ୍ଗ୍ ନାମ ଦେଇ ନାଟକ କରାଯାଇଛି। ଏଥିସହିତ ଆମ ଓଡ଼ିଆ ଉପନ୍ୟାସକୁ ନେଇ ୟୁରୋପରେ ମଧ୍ୟ 'ରେବତୀ'କୁ ନେଇ ନାଟକ କରାଯାଇଛି। ବିହଙ୍ଗ ବିପ୍ଳବ ନାଟକରେ ସାଉଥ୍ କୋରିଆର ଲୋକମାନେ ଆସି ନାଟକ କରିଛନ୍ତି। ସେମାନଙ୍କୁ ପ୍ରଥମେ ବୁଝାଯାଏ ପରେ ସେମାନେ ଓଡ଼ିଆରେ ନାଟକ କରିଥାନ୍ତି ବୋଲି ନାଟ୍ୟ ଚେତନାର ନିର୍ଦ୍ଦେଶକ ସୁବୋଧ ପଟ୍ଟନାୟକ କହିଛନ୍ତି।

ଜଟାସାହି ଗାଁରେ ଅବକାରୀ ବିଭାଗର ମଦ କାରଖାନା ଉପରେ ଚଢ଼ଉ

# ୧୦ ଲକ୍ଷ ଟଙ୍କାର ନକଲି ମଦ ଜବତ; ୬ ଗିରଫ



ରାଇରଙ୍ଗପୁର, ୧୦।୧୦(ସମିସ): ତିରିଂ ବ୍ଲକ ପଣ୍ଡୁପାଣି ଅଞ୍ଚଳର ଜଟା ଗ୍ରାମରେ ଶୁକ୍ରବାର ରାଇରଙ୍ଗପୁର ଅବକାରୀ ଉପ ଅଧୀକ୍ଷକ ସୌମ୍ୟରଞ୍ଜନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଇରଙ୍ଗପୁର ଏବଂ ବହଳଦା ଅବକାରୀ ବିଭାଗ ଚଢ଼ଉ କରି ଏକ ପରିତ୍ୟକ୍ତ ଘରୁ ବିପୁଳ ପରିମାଣର ନକଲି ମଦ ପ୍ରସ୍ତୁତି ସାମଗ୍ରୀ, ନକଲି ମଦ, ବିଭିନ୍ନ ମଦ କମ୍ପାନୀର ଷ୍ଟିକର ଜବତ କରିବା ସହ ଏଥିରେ ସମ୍ପୃକ୍ତ ଥିବା ୬ ଜଣଙ୍କୁ ଅଟକ ରଖି ପଚରା ଉଚୁରା କରିବା ସହ ତଦନ୍ତ ଜାରି ରହିଛି। ଏଥିସହିତ ଅବକାରୀ ଟିମ୍ ୪ଟି ବାଇକ୍ ସହିତ ୫ଟି ମୋବାଇଲ ଜବତ କରିଛି। ସୂଚନା ଅନୁସାରେ, ଅବକାରୀ ବିଭାଗ ଖବର ପାଇ ଉକ୍ତ ପରିତ୍ୟକ୍ତ ଘରେ ଅତର୍କିତ ଭାବରେ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ଅବକାରୀ ଟିମ୍ ବିପୁଳ ପରିମାଣର ମଦ ବୋତଲ ଏବଂ ପ୍ରସ୍ତୁତି ସାମଗ୍ରୀ ଦେଖି ତାଜୁବ ହୋଇଯାଇଥିଲେ। ଅଟକ ଥିବା ୬ ଜଣଙ୍କ ଘର ପଡୋଶୀ ଝାଡଖଣ୍ଡ ହୋଇଥିବାବେଳେ ୩ ଜଣ ନାବାଳକ ମଧ୍ୟ ଅଛନ୍ତି। ଝାଡଖଣ୍ଡ ରାଜ୍ୟର ମଦମାଫିଆ ସୀମାନ୍ତ ଅଞ୍ଚଳରେ ପଶି ଗ୍ରାମ ଲୋକଙ୍କୁ ହାତବାରିସି କରି ନକଲି ମଦର ବ୍ୟବସା କରୁଛନ୍ତି। ଜବତ ସାମଗ୍ରୀ ମଧ୍ୟରେ ୫-୫୭ ୩୧୦ ଲିଟର ନକଲି ବିଦେଶୀ ମଦ, ୩ଟି ବାଇକ୍ ୫ଟି ମୋବାଇଲ, ୨୦ ଲିଟର ସ୍ପିରିଟ, ୧୦୦୦ରୁ ଉର୍ଦ୍ଧ୍ୱ ଖାଲି ମଦ ବୋତଲ, ୪୯୦୦ ନକଲି ମଦ କମ୍ପାନୀ ଲୋଗୋ, ୧୫୦୦ଟି ଖାଲି ଠିପି, ବଡ଼ ବଡ଼ ମଦ କମ୍ପାନୀର ନକଲି ଷ୍ଟିକର ଆରଏସ, ଆଇକନିକ, ବ୍ଲାକ୍ ହିଡ୍, ନମ୍ବର ୧ ଲକ୍ସରି ରେସର, ହୁଇସ୍କି, ଆରସି କିଙ୍ଗ ଗୋଲ୍ଡ, ବ୍ଲାକ ହର୍ସ ଏବଂ ଅନ୍ୟ ବହୁ ବହୁ ନାମୀଦାମୀ କମ୍ପାନୀର ଷ୍ଟିକର ରହିଛି। ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।

## ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଝୁମର କାର୍ଯ୍ୟକ୍ରମ



ଠାକୁରମୁଣ୍ଡା, ୧୦।୧୦(ସମିସ): ଠାକୁରମୁଣ୍ଡା ବ୍ଲକ ଭରାଣ୍ଡିଆ ଗ୍ରାମ ପଞ୍ଚାୟତ ମିରିଗିମୁଣ୍ଡି ଗାଁର ଉପରସାହିରେ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ତୃତୀୟ ବାର୍ଷିକ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗତକାଲି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଝୁମର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଦେବିଦ୍ୟା ମହାନ୍ତ ମଞ୍ଚ ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଅନିତା ମୁମୁଲିଆ, ତରାମରା ସରପଞ୍ଚ ବ୍ରହ୍ମାନନ୍ଦ ଦେହୁରୀ, ଠାକୁରମୁଣ୍ଡା ପ୍ରାଣୀ ଚିକିତ୍ସକ ଡାକ୍ତର ପ୍ରତିପ୍ରଜ୍ଞ ସାହୁ, ସାମ୍ବିଦିକ ବିଶ୍ୱାସ ମହାନ୍ତ, ପଞ୍ଚଶଖା ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରତାପ ମହାନ୍ତ, ରମାକାନ୍ତ ମହାନ୍ତ, ନିଶାମଣି ମହାନ୍ତ ଓ କୁଶାସନ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ଆଖପାଖ ଅଞ୍ଚଳର ଲୋକେ ଝୁମର ଗୀତ ଓ ମାଦଳର ତାଳେ ତାଳେ ନାଚି ମଜା ନେଇଥିଲେ।

## ଚାଷ ଜମିରୁ ମୃତଦେହ ଉଦ୍ଧାର

କୁଆମରା, ୧୦।୧୦(ସମିସ): ଖୁଣ୍ଟା ଥାନା ଅନ୍ତର୍ଗତ କରକଚିଆ ପଞ୍ଚାୟତ ଦୁବରାଜପୁର ଗ୍ରାମର ବିଜୟ ରାଉତ (୫୫)ଙ୍କ ମୃତଦେହ ପୁଲିସ ଏକ ଚାଷ ଜମିରୁ ଉଦ୍ଧାର କରିଛି। ବିଜୟ ଗତ ମଙ୍ଗଳବାର ମଧ୍ୟାହ୍ନରେ ବିଲକୁ ଘାସ କାଟିବାକୁ ଆସି ଆଉ ଘରକୁ ଫେରି ନଥିଲେ। ତେବେ ତାଙ୍କୁ ଖୋଜାଖୋଜି କରି ପରିବାର ଲୋକେ ନିରାଶ ହୋଇଥିଲେ। ଆଜି ଅପରାହ୍ନରେ ସ୍ଥାନୀୟ ଲୋକେ ବିଲକୁ ଯାଇଥିବା ବେଳେ କୌଣସି ଏକ ବ୍ୟକ୍ତି ଅଣ୍ଟୁ ମାଡି ଚାଷ ଜମିରେ ପଡ଼ିଥିବା ଦେଖିଥିଲେ। ତେବେ ବ୍ୟକ୍ତି ଜଣଙ୍କ ଚିହ୍ନଟ କରିବା ସମୟପର ହୋଇ ନ ପାରିବାରୁ ପୁଲିସକୁ ଖବର ଦିଆଯାଇଥିଲା। ପରେ ପୁଲିସ ପହଞ୍ଚି ଶବକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବଜ୍ରପାତ କିମ୍ବା ସର୍ପାଘାତରେ ମୃତ୍ୟୁ ହୋଇଥାଇପାରେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

## ତେଜରାତି ଦୋକାନରୁ ଚୋରି ଅଭିଯୋଗ

ବୈଶିଙ୍ଗା, ୧୦।୧୦(ସମିସ): ବୈଶିଙ୍ଗା ଥାନା ଅଧୀନ ପାଟକିପୁରା ଛକସ୍ଥିତ ଏକ ତେଜରାତି ଦୋକାନରୁ ବୁଧବାର ବିଳମ୍ବିତ ରାତ୍ରି ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ସୂଚନା ମୁତାବକ ପାଟକିପୁରା ଗ୍ରାମର ବିନୟ କୁମାର ଜେନାଙ୍କ ପୁଅ ଲକ୍ଷ୍ମଣ ଜେନାଙ୍କ ଏକ ଗ୍ରୋସରୀ ଦୋକାନ ପାଟକିପୁରା ଛକରେ ରହିଛି। ସେ ବୁଧବାର ରାତ୍ରିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ମାତ୍ର ଗୁରୁବାର ସକାଳ ସମୟରେ ଦୋକାନ ତାଲା ଭଙ୍ଗା ଯାଇଥିବାର ଦେଖିବାକୁ ପାଇଥିଲେ। ପରେ ସେ ଦେଖିଥିବାବେଳକୁ ଗ୍ରୋସରୀ ସାମଗ୍ରୀ ସମେତ ନଗଦ ୧୨, ୫୦୦ଟଙ୍କା ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗ ପାଇ ତଦନ୍ତ ଚଳାଉଛି।

● ମାଣତ୍ରୀ ପ୍ରିମିୟର ଲିଗ ଉଦଯାପିତ

## ଅଂଶୁମାନ ଫାଇଟର ଚାମ୍ପିଅନ




ମାଣତ୍ରୀ, ୧୦।୧୦(ସମିସ): ମାଣତ୍ରୀ ସ୍ଥିତ ବଙ୍ଗଳା ପଡ଼ିଆରେ ଏମପିଲ୍ (ମାଣତ୍ରୀ ପ୍ରିମିୟର ଲିଗ୍) କ୍ରିକେଟ ଟୁର୍ଣ୍ଣାମେଣ୍ଟ ୮ ଅଷ୍ଟମ ସଂସ୍କରଣ ଉଦଯାପିତ ହୋଇଯାଇଛି। ଏଥିରେ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ଅଂଶୁମାନ ଫାଇଟର ବନାମ ପାୱାର ହିଟର୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଅଂଶୁମାନ ଫାଇଟର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭର ଖେଳି ୮୪ ରନ୍ ଲକ୍ଷ୍ୟ ଦେଇଥିବା ବେଳେ ପାୱାର ହିଟର ୮ ଓଭର ଖେଳି ୬ଟି ୱିକେଟ୍ ହରାଇ ୬୯ ରନ୍ ସଂଗ୍ରହ କରି ପରାଜୟ କରିଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କମିଟିର ସଭାପତି ମାନସ ରଞ୍ଜନ ପଣ୍ଡା, ଅଶୋକ ମହାପାତ୍ର, ଅଜିତ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ଏମସିସିର ପୂର୍ବତନ ଖେଳାଳୀ ପ୍ରିୟରଞ୍ଜନ ପଣ୍ଡା, ଶିବ୍ ନାରାୟଣ ପତି, ଛତିଶ କୁମାର ସାହୁ, ଧ୍ରୁବଙ୍କ ଶେଖର ଦାସ, ଅଶ୍ୱନୀ ସିଂ, ଜିତେନ୍ଦ୍ର କୁମାର ପତି ଉପସ୍ଥିତି ଥିଲେ। କମିଟି ସଦସ୍ୟ ତାପସ କୁମାର ନାୟକ, ଯତୀନ କୁମାର ପତି, ଭବାନି ଦାସ୍ ପ୍ରମୁଖ ସମସ୍ତ ଅତିଥିଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଜେତା ଦଳଙ୍କୁ ୩୦ ହଜାର ଏବଂ ରନର୍ସଅପ୍ ଦଳଙ୍କୁ ୨୦ ହଜାର ପୁରସ୍କାର ଏବଂ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ଆକାଶ ମାଇତି, ବେଷ୍ଟ ବ୍ୟାଟ୍ସମ୍ୟାନ ମଣ୍ଟୁ ମହାକୁଡ, ବେଷ୍ଟ ବଲର କିସର୍ ସନୁ ଏବଂ ଦୁଇ ଅମ୍ପାୟରଙ୍କୁ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ପାହାଡ଼ ଗୁମ୍ଫାରେ ପାଳିତ ହେଲା କୁଆଁର ପୂର୍ଣ୍ଣିମା



ଶୁକୁଳି, ୧୦।୧୦(ସମିସ): ଶୁକୁଳି ବ୍ଲକ ଯାମୁନ୍ତି ଗ୍ରାମର ବଡ଼ହୁଡ଼ିରେ କୁଆଁର ପୂର୍ଣ୍ଣିମା ପାଳିତ ହୋଇଛି। ପାହାଡ଼ ଗୁମ୍ଫାରେ ପୂଜା ପାଇ ଆସୁଛନ୍ତି ଜଟେଶ୍ୱର ଏବଂ ଜେଟେଶ୍ୱରୀ ଠାକୁରାଣୀ। ଏଠି ଠାକୁର ଠାକୁରାଣୀଙ୍କ ପାଇଁ କୌଣସି ମନ୍ଦିର ନାହିଁ ପାହାଡ଼ ଗୁମ୍ଫା ହିଁ ଠାକୁର ଠାକୁରାଣୀଙ୍କ ଆସ୍ଥାନ। ପୂଜା ପାଇଁ କୌଣସି ବ୍ରାହ୍ମଣ ମଧ୍ୟ ଦରକାର ନାହିଁ। କେବଳ ପୂଜା ପାଇଁ ଦେହୁରୀ ସବୁକିଛି। ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜା ପାଆନ୍ତି ଠାକୁର ଠାକୁରାଣୀ। ପ୍ରତି ସୋମବାର ସାଧାରଣ ପୂଜା ହୁଏ; କିନ୍ତୁ କୁଆଁର ପୂର୍ଣ୍ଣିମା ଦିନ ଧୁମ୍‌ଧାମରେ ପାଳନ ହୋଇଥାଏ। ଜଟେଶ୍ୱର ଏବଂ ଜଟେଶ୍ୱରୀଙ୍କୁ ଭକ୍ତିର ସହିତ ମାନସିକ କଲେ ତାହା ପୂରଣ ହୁଏ ବୋଲି ବିଶ୍ୱାସ ରହିଛି। ଚାଷ ପାଇଁ ବର୍ଷାର ଦରକାର ପଡ଼ିଲେ ମା'ଙ୍କୁ ଗୁହାରି କରନ୍ତି ଏବଂ ପରେ ବର୍ଷା ହୁଏ ବୋଲି ବିଶ୍ୱାସ ରହିଛି। ସେହିପରି ଅପୁତ୍ରିକ କଲେ ପୁତ୍ର ମିଳେ ଏବଂ ପରିବାରର ମଙ୍ଗଳ କାମନା ପାଇଁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। କୁଆଁର ପୂର୍ଣ୍ଣିମା ଦିନଠାରୁ ଆରମ୍ଭ କରି ତିନିଦିନ ଧରି ଶ୍ରଦ୍ଧାଳୁଙ୍କ ସମାଗମ ସହିତ ମେଳା ମଧ୍ୟ ଲାଗିଥାଏ। ଚଳିତ ବର୍ଷ ଶେଷ ସନ୍ଧ୍ୟାରେ ଆୟୋଜିତ ହୋଇଥିବା ପଶ୍ଚିମ ଓଡ଼ିଶାର ସମ୍ବଲପୁରୀ ମେଲୋଡି ସମସ୍ତଙ୍କୁ ମତୁଆଲା କରିଥିଲା।

## କାମରେ ନ ଲାଗି ଖତ ଖାଉଛି ଆବର୍ଜନା ଗାଡ଼ି

ମହୁଲଡିହା, ୧୦।୧୦(ସମିସ): ଠାକୁରମୁଣ୍ଡା ଗ୍ରାମପଞ୍ଚାୟତରେ ବର୍ଜ୍ୟବସ୍ତୁ ନିଷ୍କାସନ ପାଇଁ ଏକ ବ୍ୟାଟେରୀ ଚାଳିତ ଗାଡ଼ି ଅଟୋ ୩ ପୂର୍ବରୁ କିଣାଯାଇଥିଲା। ହେଲେ ଗାଡ଼ିଟି ବ୍ୟାଙ୍କ ଅଫ ଇଣ୍ଡିଆ ଶାଖା



କାର୍ଯ୍ୟାଳୟସାମନାରେ ପଡ଼ି ପଡ଼ି ଏବେ ଅଚଳ ଅବସ୍ଥାକୁ ଆସିଲାଣି। ଏ ନେଇ ଜୁଲାଇ ୧୦ ତାରିଖ ଦୈନିକ 'ସକାଳ'ରେ ବଜାରରେ କୁଢ଼ କୁଢ଼ ଆବର୍ଜନା ଓ ଜୁଲାଇ ୨୯ରେ ପାନୀୟ ଜଳ ପ୍ରକଳ୍ପ ନିକଟରେ ଅପରିଷ୍କାର ଓ ଆବର୍ଜନା ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ଆବର୍ଜନା ପାଇଁ ଅଟୋଟି ବ୍ୟବହାର ହେଉଥିଲା। ବଜାରରୁ ସଂଗୃହିତ ଆବର୍ଜନା ନିପାଣିଆରେ ପକାଯାଉଥିବାବେଳେ ଗ୍ରାମବାସୀ ବିରୋଧ କରିଥିଲେ। ଏଣୁ ଠାକୁରମୁଣ୍ଡା ସରପଞ୍ଚ ସୁଜିତ କୁମାର ଲୁଗୁନ ଅଗଷ୍ଟ ୧ ତାରିଖରେ ବିଡିଓ ସତ୍ୟେଶ୍ୱର ବେହେରାଙ୍କୁ ଏକ ନିର୍ଦ୍ଦିଷ୍ଟ ସ୍ଥାନ ଯୋଗାଇ ଦେବାପାଇଁ ଚିଠି ଲେଖିଥିଲେ; ହେଲେ ଇତିମଧ୍ୟରେ ୩ ମାସ ବିତିଗଲାଣି; କିନ୍ତୁ କୌଣସି ପଦକ୍ଷେପ ନିଆଯାଇନାହିଁ। ତେଣୁ ଜମି ନମିଳିବାରୁ ପଞ୍ଚାୟତ ବିଭିନ୍ନ ଆଳ ଦେଖାଇ ମଇଳା ସଂଗ୍ରହ କରିବା ବନ୍ଦ କରିଦେଇଛି। ଫଳରେ ଉପଯୋଗ ହେଉଥିବା ଗାଡ଼ି ଅଟୋରିକ୍ସା ଖରା ବର୍ଷାରେ ପଡ଼ି ପଡ଼ି ଖତଖାଇଲାଣି। ଲଗାଣ ବର୍ଷା ଫଳରେ ଠାକୁରମୁଣ୍ଡା ସହିତ ଏକାଧିକ ପଞ୍ଚାୟତରେ ପରିମଳ ପରିଚାଳନା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଏଣୁ ପ୍ରଶାସନ ପରିମଳ ପରିଚାଳନା ବ୍ୟବସ୍ଥାକୁ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହେଉଛି।

## ରକ୍ଷଣାବେକ୍ଷଣ ନାହିଁ; ସରକାରୀ ବାସଭବନ ଭୂତକୋଠି

ବେତନଟୀ, ୧୦।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗର ବେତନଟୀ ଉପଖଣ୍ଡ ଅଧୀନରେ ଦୀର୍ଘଦିନ ହେବ ଏସଡିଓ ପଦ ଖାଲି ପଡ଼ିଛି। କେବଳ ଦୁଇଟି ସେକ୍ସନରେ ଦୁଇଜଣ ଯନ୍ତ୍ରୀ ଥିବାବେଳେ ଜଣେ ଯନ୍ତ୍ରୀ ଭାରପ୍ରାପ୍ତ ଭାବେ କାର୍ଯ୍ୟ କରିଆସୁଛନ୍ତି। ଏସଡିଓ, ଜେଇ ଏବଂ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀଙ୍କ ସରକାରୀ ବାସ ଭବନରେ କେହି ରହୁ ନ ଥିବାରୁ ଏବେ ଭୂତକୋଠି ପାଲଟିଲାଣି। ଏପରିକି ଏହି ଉପଖଣ୍ଡ କାର୍ଯ୍ୟାଳୟରେ ରାତି ଜଗୁଆଳି, ଚତୁର୍ଥ ଶ୍ରେଣୀ କର୍ମଚାରୀ, ଆକାଉଣ୍ଟାଣ୍ଟ କମ କ୍ୟାସିଅର-କନିଷ୍ଠ କିରାଣି ଭଳି କୌଣସି କର୍ମଚାରୀ ନାହାନ୍ତି। ଅଫିସରେ ଝାଡୁ ମାରିବା ପାଇଁ ସୁଇପର ମଧ୍ୟ ନାହାନ୍ତି। ଏହି ସବଡିଭିଜନ ଅଧୀନରେ ଅନେକ ରାସ୍ତାଘାଟ, ପୋଲ, କେନାଲଠାରୁ ନେଇ ଅନେକ ସରକାରୀ କ୍ୱାଟର, ଅଫିସ ଗୃହ ଆଦି ଥିବା ହେତୁ ଠିକାଦାର କାମ କରୁଥିଲେ ବି ତଦାରଖ ପାଇଁ କର୍ମଚାରୀ ନାହାନ୍ତି। ବିଭାଗୀୟ ମନ୍ତ୍ରୀଙ୍କଠାରୁ ସ୍ଥାନୀୟ ସରକାରୀ ଦଳର ବିଧାୟକଙ୍କ ପର୍ଯ୍ୟନ୍ତ ଏହି ଅଫିସର କର୍ମଚାରୀ ଅଭାବ ସାଙ୍ଗକୁ ସବଡିଭିଜନର ଏସଡିଓ ପଦ ପୂରଣ ପାଇଁ କେବେ ପଦକ୍ଷେପ ନେଇନାହାନ୍ତି। ଫଳରେ ଏହି କାର୍ଯ୍ୟାଳୟ ଏବେ ନାହିଁ ନାହିଁରେ ଚାଲିଛି। ସ୍ଥାୟୀ ଏସଡିଓ ନଥିବାରୁ ସମସ୍ତ କ୍ୱାର୍ଟର ଏବଂ ବିଶ୍ରାମଗୃହ ରକ୍ଷଣା ବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଲାଣି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



## ଔଷଧ ଭଣ୍ଡାର ଗୃହରେ ଏସି ଲଗାଇବାକୁ ଦାବି

କରଞ୍ଜିଆ, ୧୦।୧୦(ସମିସ): କରଞ୍ଜିଆ ଉପଖଣ୍ଡ ସରକାରୀ ଡାକ୍ତରଖାନାରେ ରୋଗୀଙ୍କୁ ପ୍ରତିଦିନ ଲକ୍ଷାଧିକ ଟଙ୍କାର ଔଷଧ, ଇଞ୍ଜେକସନ, ସାଲାଇନ ମାଗଣାରେ ଯୋଗାଇ ଦିଆଯାଉଛି। ବର୍ତ୍ତମାନ ଡାକ୍ତରଖାନାରେ ଅନେକ ଉଚ୍ଚମାନର ଔଷଧ ରୋଗୀଙ୍କୁ ବିତରଣ କରାଯାଉଥିବାରୁ ଆର୍ଥିକ ଦୃଷ୍ଟିରୁ ଉପକୃତ ହେଉଛନ୍ତି। କିନ୍ତୁ ଔଷଧଗୁଡ଼ିକୁ ଠିକ ତାପମାତ୍ରା କୋଠରୀରେ ରଖାଯାଉନଥିବାରୁ ଅଧିକାଂଶ ନିର୍ଦ୍ଦିଷ୍ଟ ତାରିଖ ପୂରିବା ପୂର୍ବରୁ ନଷ୍ଟ ହୋଇଯାଉଛି ଏବଂ ଗୁଣବତ୍ତା ହରାଉଛି। ଏଣୁ ଔଷଧ ବିତରଣ କେନ୍ଦ୍ରରେ ୩/୪ଟି ଏସି ମେସିନ ଲଗାଇବା ସହିତ ମୁଖ୍ୟ ଔଷଧ ଭଣ୍ଡାର ଗୃହରେ ମଧ୍ୟ ଆବଶ୍ୟକ ସଂଖ୍ୟାରେ ଏସି ଲଗାଇବାକୁ ଦାବି ହେଉଛି। ତାପମାତ୍ରା ଠିକ ରହିଲେ ଔଷଧର ଗୁଣବତ୍ତା ଠିକ ରହିବା ସହିତ ସମୟ ବିତିବା ପୂର୍ବରୁ ଏହାକୁ ବ୍ୟବହାର କରିହେବ। ଏଥିପ୍ରତି ଡାକ୍ତରଖାନା କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

## ବାଣ ବିସ୍ଫୋରଣ ପରେ ପ୍ରଶାସନର ସଚେତନତା କାର୍ଯ୍ୟକ୍ରମ



ବୈଶିଙ୍ଗା, ୧୦।୧୦(ସମିସ): ବୈଶିଙ୍ଗା ଥାନା ଅର୍ନ୍ତଗତ ବାଛୁରୀପଡ଼ା ଗ୍ରାମରେ ବାଣ ବିସ୍ଫୋରଣରେ ଘର ଉଡ଼ିଯିବା ସହିତ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଏହି ପରିପ୍ରେକ୍ଷୀରେ ପ୍ରଶାସନ ପକ୍ଷରୁ ବ୍ୟାପକ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଗୁରୁବାର ସନ୍ଧ୍ୟାରେ ଗଣେଶ ମଣ୍ଡପ ଠାରେ ଶତାଧିକ ଜନସାଧାରଣଙ୍କ ଉପସ୍ଥିତି ମଧ୍ୟରେ ଏଭଳି ବିପଜ୍ଜନକ କୌଳିକ ବୃତ୍ତି ପରିତ୍ୟାଗ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ସୂଚନାଯୋଗ୍ୟ ଯେ, କାହିଁ କେଉଁ କାଳରୁ ଏହି ଅଞ୍ଚଳରେ ପ୍ରାୟ ସମସ୍ତ ଗ୍ରାମବାସୀ ବାଣ ଓ ଆତସବାଜି ସାମଗ୍ରୀ ପ୍ରସ୍ତୁତ କରି ପରିବାର ପ୍ରତିପୋଷଣ କରିଥାନ୍ତି। ତେବେ ଆଜିର ବୈଠକରେ ଗ୍ରାମବାସୀମାନେ ଗଚ୍ଛିତ କରି ରଖିଥିବା ବିସ୍ଫୋରକ ସାମଗ୍ରୀ ସମେତ ବାଣ ପ୍ରସ୍ତୁତି ନିମନ୍ତେ ଆବଶ୍ୟକୀୟ ସାମଗ୍ରୀ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଆଣି ପୁଲିସ ନିକଟରେ ଜମା ଦେବାପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବେତନଟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସତାର, ଅତିରିକ୍ତ ତହସିଲଦାର ଈଶ୍ୱର ଚନ୍ଦ୍ର ରଣା, ପୁଲିସ ଉପଖଣ୍ଡ ଅଧିକାରୀ ମିନତୀ ବିଶ୍ୱାଳ ଓ ଅଗ୍ନିଶମ ଅଧିକାରୀ ରବୀନ୍ଦ୍ର କୁମାର ସେଠୀ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ରୋଷେୟା ସଂଘର ବୈଠକ



ବଡସାହି, ୧୦।୧୦(ସମିସ): ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ବଡସାହି ବ୍ଲକ ରୋଷେୟା ସଂଘର ଏକ ବୈଠକ କୋଚିଲାଖଣ୍ଟା ପଞ୍ଚାୟତ ଜୁଣପଦା ବନ୍ଧରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ସଭାପତି ସଞ୍ଜିତ ସିଂ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲା ସଭାପତି ଶ୍ୟାମସୁନ୍ଦର ସିଂ ଯୋଗ ଦେଇ ରୋଷେୟାମାନଙ୍କ ବିଭିନ୍ନ ସୁବିଧା ଅସୁବିଧା ଓ ସେମାନଙ୍କର ବିଭିନ୍ନ କାର୍ଯ୍ୟପନ୍ଥା ଉପରେ ଅଲୋଚନା କରିଥିଲେ। ବୈଠକରେ ଭିକା ବଗାଳ, ସାଗର କିସ୍କୁ, ସନାତନ ନାଏକ, ପୂର୍ଣ୍ଣିମା ମହାପାତ୍ର, ସୁକୁମାର ସିଂ, ମାମା ସିଂ, ପାଣ୍ଡବ ନାଏକ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ। ଏହି ଅବସରରେ ଶିଆଳିଘାଟି ପ୍ରାଥମିକ ବିଦ୍ୟାଳୟ ଛାତ୍ରାବାସର ରୋଷେୟା ଭାବେ କାର୍ଯ୍ୟ କରୁଥିବା ସଦାଶିବ ନାଏକ ଅବସର ଗ୍ରହଣ କରିଥିବାରୁ ତାଙ୍କୁ ସଂଘ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା।

# 'ବରିଷ୍ଠ ନାଗରିକ ସମାଜର ମେରୁଦଣ୍ଡ'

ବିଶୋଇ, ୧୦।୧୦(ସମିସ): ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ବ୍ଲକସ୍ତରୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି। ଏହି ଅବସରରେ 'ବିଶ୍ୱ ପରିବର୍ତ୍ତନରେ ବରିଷ୍ଠ ନାଗରିକର ଭୂମିକା' ବିଷୟ ବସ୍ତୁ ଉପରେ ଆଲୋଚନା ହୋଇଥିଲା। ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ କୁମାର ଦେବବ୍ରତ ପାତ୍ରଙ୍କ ପୌରୋହିତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବିଡ଼ିଓ ସାଗର ଚନ୍ଦ୍ର ମୁର୍ମୁ ଯୋଗଦେଇ ବରିଷ୍ଠ ନାଗରିକଙ୍କୁ ସମାଜର ମେରୁଦଣ୍ଡ ବୋଲି କହିଥିଲେ। ବରିଷ୍ଠ ନାଗରିକଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ସରକାରୀ ଉନ୍ନୟନ ଯୋଜନା ସମ୍ବନ୍ଧରେ ବିଡ଼ିଓ ଶ୍ରୀ ମୁର୍ମୁ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ବିଶୋଇ ସରପଞ୍ଚ କରୁଣା ସାଗର ମାର୍ଣ୍ଡି ଓ ଭାତଛତ୍ର



ସରପଞ୍ଚ ଭାଦୁରାମ ହାଁସଦା ଯୋଗଦେଇ ସମସ୍ତ କ୍ଷେତ୍ରରେ ବରିଷ୍ଠ ନାଗରିକଙ୍କୁ ସାମାଜିକ ସୁରକ୍ଷା ଓ ସହାୟତା ପ୍ରଦାନ କରିବା ଆମ ସମସ୍ତଙ୍କର ପ୍ରଥମ କର୍ତ୍ତବ୍ୟ ବୋଲି କହିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀ ରାଖୀପୂର୍ଣ୍ଣିମା ମାର୍ଣ୍ଡି (ପ୍ରଥମ), ସ୍ନେହାସାଗରିକା ମୁର୍ମୁ (ଦ୍ୱିତୀୟ) ଓ ଲକ୍ଷ୍ମୀ ବାସ୍କେ (ତୃତୀୟ)ଙ୍କୁ ଅତିଥିମାନେ ମାନପତ୍ର ଦେଇ ପୁରସ୍କୃତ କରିଥିଲେ।

**ଶୁଳିଆପଦା :** ଶୁଳିଆପଦା ବ୍ଲକ ସମ୍ମିଳନୀ କକ୍ଷରେ ଶୁକ୍ରବାର ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ସାମାଜିକ ସୁରକ୍ଷା ଓ



ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ସହାୟକ କମଳ ଲୋଚନ ନାଏକ ପରିଚାଳନା କରୁଥିବା ବେଳେ ଡବ୍ଲୁଇଓ ସୁମିତ ବିକ୍ରମ ନାଏକ, ଯୋଗାଣ ନିରୀକ୍ଷକ ନିରଞ୍ଜନ ସାହୁ, ଜିଲ୍ଲା ପରିଷଦ ସଭ୍ୟ ନଗେନ୍ଦ୍ର ନାଥ କିସ୍କୁ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଯୋଗଦେଇଥିବା ୫୦ରୁ ଊର୍ଦ୍ଧ୍ୱ ବରିଷ୍ଠଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ନାଗରିକଙ୍କ ସୁରକ୍ଷାକୁ ନେଇ ସରକାର ଯେଉଁସବୁ ପଦକ୍ଷେପ ନେଇଛନ୍ତି ସେ ସମ୍ପର୍କରେ ସବିସ୍ତୃତ ଆଲୋଚନା ହୋଇଥିଲା। ଏଥିସହିତ ଭାଲିଆଶୋଳ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପିଲାମାନଙ୍କୁ ନେଇ ଗଳ୍ପ ପ୍ରତିଯୋଗିତାର ଆୟୋଜନ ମଧ୍ୟ ହୋଇଥିଲା।

**ରରୁଆଁ/ଶୁକୁଳି :** ରରୁଆଁ ପଞ୍ଚାୟତ ସମିତି ସଭାଗୃହରେ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରରୁଆଁ ବରିଷ୍ଠ ନାଗରିକ ସଂଗଠନର ଉପଖଣ୍ଡ ସ୍ତରୀୟ ଉପସଭାପତି ସ୍ୱରୂପ ଦାସ ଅଧିକାରୀ, ରରୁଆଁ ବରିଷ୍ଠ ନାଗରିକ ସଂଗଠନର ବ୍ଲକ ସଭାପତି ଦେବମିତ୍ର ପାଣିଗ୍ରାହୀ, ସମ୍ପାଦକ ଭକ୍ତବନ୍ଧୁ ପଲେଇ, କାର୍ଯ୍ୟକାରୀ ସଦସ୍ୟ ଦାମୋଦର ମହାକୁଡ଼, ବିନାୟକ ଭଞ୍ଜଦେଓଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହିତ ବରିଷ୍ଠ ନାଗରିକ ସମ୍ପର୍କରେ ହୋଇଥିବା ପ୍ରତିଯୋଗିତାରେ ପୁରସ୍କାର ପାଇବାକୁ ବିବେଚିତ ହୋଇଥିବା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅବସରପ୍ରାପ୍ତ ସେନା କର୍ମଚାରୀ ଉପେନ୍ଦ୍ର ମହାନ୍ତ ନାଗରିକଙ୍କ ଜୀବନ ଶୈଳୀ ବିଷୟରେ ଆଲୋକପାତ କରିଥିଲେ। ସାମାଜିକ




ସୁରକ୍ଷା ଓ ଭିନ୍ନକ୍ଷମ ବିଭାଗର ନିହାର ରଞ୍ଜନ ନାଏକ ଓ ଡାକ୍ତର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟକ୍ଷ ଅଜିତ କୁମାର ସମସଙ୍କୁ ଧନ୍ୟବାଦ ଦେଇଥିଲେ।

# ଭୁବନେଶ୍ୱର ସିଟି



## ସୋସିଆଲ୍ ମିଡିଆ ଉପରେ ରହୁନି କମିସନରେଟ୍ ପୁଲିସର ନଜର

# କୁଆଡ଼େ ଗଲା ମନିଟରିଂ ଟିମ୍

ଭୁବନେଶ୍ୱର, ୧୦।୧୦(ସମିସ): ନିକଟରେ କଟକରେ ଦଶହରା ପୂଜା ଭସାଣିରେ ଦୁଇ ଗୋଷ୍ଠୀ ମଧ୍ୟରେ ହିଂସା ଘଟିଛି। ହଜାର ବର୍ଷର ଭାଇଚାରା ସହରରେ ଅଶାନ୍ତି ଘଟିଲା। ହେଲେ ଏହି ହିଂସାକୁ ଉସ୍କାଇବା ପଛରେ ସୋସିଆଲ ମିଡ଼ିଆରେ ବଡ଼ ହାତ। କିଛି ଖଳ ପକୃତିର ଲୋକ ସୋସିଆଲ ମିଡ଼ିଆରେ ଭିଡ଼ିଓ ଏଡିଟ୍ କରି ଛାଡିବା ସହ ଗୁଜବ କଲେ। ଯାହାକି ସୋସିଆଲ ମିଡ଼ିଆରେ ପବନ ବେଗରେ ମାଡ଼ିଗଲା। ଯାହାକି ଗଣ୍ଡଗୋଳକୁ ଉସ୍କାବା ପାଇଁ ବଳ ପାଇଲା। ଯେଉଁଥିପାଇଁ କଟକରେ ଭାଇଚାରା ସହରରେ ହିଂସା ଦେଖିବାକୁ ମିଳିଲା। କମିସନରେଟ୍ ପୁଲିସ ପୂର୍ବରୁ ବହୁ ବଡ଼ବଡ଼ କଥା କହି ବୁଲୁଥିଲା। ଆମର ସୋସିଆଲ ମନିଟରିଂ ସେଲ ରହିଛି। ସୋସିଆଲ ମିଡ଼ିଆ ଉପରେ କଡ଼ା ନଜର ରଖାଯାଇଛି। କିଏ ଅଶ୍ଳୀଳ କିମ୍ବା ଅନ୍ୟକିଛି ଉସ୍କାଇବା ତଥା ବଦନାମ କରିବା ଭଳି ଭିଡ଼ିଓ ପୋଷ୍ଟ କଲେ ଏହାକୁ ତୁରନ୍ତ କଟାଯିବ। ଆଉ ଛଡ଼ାଯାଇଥିବା ଆଇଡି ଧାରି ବ୍ୟକ୍ତିଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ହେଲେ କଣ ହେବ କମିସନ୍‌ରେଟ୍ ପୁଲିସ ଅନ୍ୟ ରାଜ୍ୟ ପୁଲିସ ଠାରୁ ପଛରେ ପଡ଼ିଛି। ପୁଲିସ ଠିକ୍ ସମୟରେ ସୋସିଆଲ ମିଡ଼ିଆ ମନିଟରିଂ କରିପାରିଲା ନାହିଁ। ଆଉ ଯେଉଁଥି ପାଇଁ ଥରେ ଗଣ୍ଡଗୋଳ ପରେ ହିଂସା ବଢ଼ିଲା ବୋଲି କୁହାଯାଉଛି।




ରାତି ପାଇଲେ ଲୋକେ ସୋସିଆଲ ମିଡ଼ିଆରେ ସମୟ କାଟୁଛନ୍ତି। କିଛି ଲୋକ ସମାଜ ହିଂସା ଏବଂ କୁବାର୍ତ୍ତା ସୃଷ୍ଟି କରିବା ପାଇଁ ଅଶ୍ଲୀଳ କଣ୍ଟେଣ୍ଟ୍ ପକାଉଛନ୍ତି। ରାତିଆ ରାତି ଟଙ୍କା ରୋଜଗାର କରିବା ଆଶାରେ ଅନେକ ୟ୍ୟୁ-ଟ୍ୟୁବ୍ ଚ୍ୟାନେଲ୍ କରି ସେଥିରେ ଅଶ୍ଳୀଳ କଣ୍ଟେନ୍ ପକାଉଛନ୍ତି। ଫଳରେ ଏହା ଖୁବ୍ ଶୀଘ୍ର ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଯାଉଛି।

ଏହାଦ୍ୱାରା ସମାଜ ଉପରେ ଏହାର କୁପ୍ରଭାବ ପଡୁଛି। ବିଶେଷ କରି ୟ୍ୟୁ-ଟ୍ୟୁବ୍ ଘାଣ୍ଟୁଥିବା ଛୋଟ ଛୋଟ ପିଲାଙ୍କ ଉପରେ ଏହାର କୁ-ପ୍ରଭାବ ପକାଉଛନ୍ତି। ତାହା ସହ ବିଭିନ୍ନ ଧର୍ମିକ ବ୍ୟକ୍ତିଙ୍କୁ ଏହା ଆଘାତ ହେଉଛି। କିନ୍ତୁ ଏସବୁ ରୋକିବାରେ ପୁଲିସ ବିଫଳ ହେଉଛି। କଟକ ହିଂସା ପରେ ଭରତପୁର ଥାନା ପୁଲିସ ଜଣଙ୍କୁ ଗିରଫ କଲା। ହେଲେ ଯଦି ଏହା ପୂର୍ବରୁ ଯେଉଁମାନେ ସୋସିଆଲ ମିଡ଼ିଆରେ ମାଳ ମାଳ ଆପତ୍ତି ଜନକ ଭିଡ଼ିଓ ଏବଂ ବାର୍ତ୍ତା ଦେଉଥିଲେ। ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲେ। ଏତେଟା ହିଂସା ଘଟି ନଥାନ୍ତା। ଯେଉଁମାନେ ଧର୍ମ ବିରୋଧି ବାର୍ତ୍ତା, ଅଶ୍ଳୀଳ କଣ୍ଟେନ୍ କିମ୍ବା ଛୋଟ ପିଲାଙ୍କ ଉପରେ ପକାଉଥିବା ଭିଡ଼ିଓ, ଫଟୋ। ଛାଡୁଛନ୍ତି। ତୁରନ୍ତ ସେମାନଙ୍କ ଆଇପି ଠିକଣା ଯାଞ୍ଚ କରାଯାଇ ଘରେ ପୁଲିସ ପହଞ୍ଚି ଗିରଫ କଲେ ସେମାନେ ସାବାଡ଼ ହେବେ। ସେମାନଙ୍କ କମ୍ପ୍ୟୁଟର ଜବତ କରିବା ସହ ଆଇଟି ଆକ୍ଟରେ ଗିରଫ କରିବା ସହ ଉକ୍ତ ଚ୍ୟାନେଲକୁ ବ୍ୟାନ୍ କରିବା ଆବଶ୍ୟକ।

**କଟକ ହିଂସା ପାଇଁ ସୋସିଆଲ ମିଡିଆ ଦାୟୀ**

**ୟ୍ୟୁ-ଟ୍ୟୁବ୍, ଫେସ୍‌ବୁକ୍ ଏବଂ ଇନ୍‌ଷ୍ଟାରେ ଏକାଧିକ ଭିଡିଓ ଛଡ଼ାଯାଇଛି**

**ଯିଏ ପାଇଲା ଧର୍ମକୁ ନେଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଛନ୍ତି**

**ପୁଲିସ କେବେ ଆଣିବ ଅତ୍ୟାଧୁନିକ ଟେକ୍ନୋଲୋଜି**

### ଅଶ୍ଳୀଳ ଖବର ପାଇଁ ପୁଲିସ ନେବ କଡ଼ା କାର୍ଯ୍ୟାନୁଷ୍ଠାନ

ଏବେ ଗତ କିଛିଦିନ ହେବ ସୋସିଆଲ ମିଡ଼ିଆରେ ବିଭିନ୍ନ ଅଶ୍ଳୀଳ ଖବର ଅପ୍‌ଲୋଡ୍ କରୁଛନ୍ତି। କିନ୍ତୁ ସେମାନଙ୍କ ବିରୋଧରେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି। ଯେଉଁଥି ପାଇଁ ଏଭଳି ଭିଡ଼ିଓ ଏବଂ ପୋଷ୍ଟ ଛାଡୁଥିବା ବ୍ୟକ୍ତି ୟୁ-ଟ୍ୟୁବ୍‌ରୁ ଟଙ୍କା ରୋଜଗାର କରୁଛନ୍ତି। ପୁଲିସର ସୋସିଆଲ ମନିଟରିଂ ଟିମ୍ ଏଭଳି କଣ୍ଟେଣ୍ଟ୍ ଛାଡୁଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି ଚ୍ୟାନେଲ ବ୍ୟାନ୍ କରିବା ସହ ଗିରଫ କରି ସାବାଡ଼ ହେବେ ବୋଲି କୁହାଯାଉଛି।

## ଟଙ୍କା ଓ ଗହଣା ଚୋରି; ରୋଷେୟା ଗିରଫ

**ବେଟିଂ ଆପ୍‌ରେ ହରାଇଲେ ୬ ଲକ୍ଷ**



ନନ୍ଦନକାନନ, ୧୦।୧୦(ସମିସ): ନନ୍ଦନକାନନ ଥାନା ପଦାସାହି ଡ୍ରିମ ଭିଲ୍ଲାରେ ରହୁଥିବା ଗୋଟେ ଦମ୍ପତିଙ୍କ ସରଳତାର ସୁଯୋଗ ନେଇ ସେମାନଙ୍କ ରୋଷେୟା ଓ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବା ନୀଳମାଧବ ସାହୁ (୨୮) ନାମକ ଜଣେ ଯୁବକକୁ ଲକ୍ଷାଧିକ ଟଙ୍କା ଓ ସୁନା ଗହଣା ଚୋରି କରିବା ଅଭିଯୋଗରେ ନନ୍ଦନକାନନ ପୁଲିସ ଗିରଫ ହୋଇ କୋର୍ଟ ଚଲାଣ କରିଛି। ପୁଲିସ ସୂଚନା ଅନୁସାରେ ଅଭିଯୁକ୍ତ ନୀଳମାଧବ ସାହୁ ନମିତା ପଟ୍ଟନାୟକଙ୍କ ଘରେ ଗତ ଜୁଲାଇ ମାସରୁ ରୋଷେୟା ତଥା ଡ୍ରାଇଭର ଭାବେ କାମ କରୁଥିଲେ। ଇତିମଧ୍ୟରେ କୌଶଳକ୍ରମେ ସେ, ନମିତାଙ୍କ ଅଜ୍ଞାତସାରରେ ତାଙ୍କର ଏଟିଏମ କାର୍ଡ ଏବଂ ପାସୱାର୍ଡ ହଡେଇବା ସହ ଉକ୍ତ ଏଟିଏମ କାର୍ଡ ବ୍ୟବହାର କରି ଏକ କ୍ରିକେଟ ବେଟିଙ୍ଗ ଆପରେ ପ୍ରାୟ ୪, ୦୫, ୮ ୯୨ ଟଙ୍କା ଖର୍ଚ୍ଚ କରିଦେଇଥିଲେ। ଏହା ବ୍ୟତୀତ ଅଭିଯୁକ୍ତ ଜଣକ ନମିତାଙ୍କ ଘରୁ ଏକ ସୁନା ଚେନ, ଗୋଟିଏ ସୁନା ମୁଦି ଏବଂ ଦୁଇହଳ କାନଫୁଲ ଚୋରିକରି ନେଇ ସେଗୁଡ଼ିକୁ ଗୋଲ୍ଡ କ୍ୟାସ୍ ଲିମିଟେଡ ସଂସ୍ଥାରେ ବନ୍ଧକ ରଖି ମୋଟ ୨, ୩୨, ୧୦୦ ଟଙ୍କା ଆଣିବା ସହ ସବୁତକ ଟଙ୍କା ସମ୍ପୃକ୍ତ କ୍ରିକେଟ ବେଟିଙ୍ଗ ଆପରେ ଖର୍ଚ୍ଚ କରିଦେଇଥିଲେ। ଆକାଉଣ୍ଟରୁ ଟଙ୍କା ହେରଫେର ହେବା ନେଇ ଅବଗତ ହେବାପରେ, ଅଭିଯୋଗକାରିଣୀ ଏନେଇ ଥାନାରେ ଅଭିଯୋଗ କରିଥିଲେ।

ଅଭିଯୋଗ ଆଧାରରେ ପୁଲିସ ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ତୁରନ୍ତ କାବୁ କରିଥିଲେ। ପଚରାଉଚରା ସମୟରେ ସେ ନିଜ ଦୋଷ ସ୍ୱୀକାର କରିଥିଲେ। ଏଥି ସହିତ ନନ୍ଦନକାନନ ଥାନା ଅଧିକାରୀ ଦୟାନିଧି ନାୟକ ନନ୍ଦନକାନନ ଥାନା ଅନ୍ତର୍ଗତ ଯେ କୌଣସି ଆପାର୍ଟମେଣ୍ଟ ହେଉ ଅବା ଘରମାଲିକ ନିଜ ଘର ଭଡା କାହାକୁ ଦେଉଛନ୍ତି ଓ କାହାକୁ ନିଜ ଘରେ କାର୍ଯ୍ୟରେ ରଖୁଛନ୍ତି ତାହାର ସବିଶେଷ ତଥ୍ୟ ଥାନାରେ ଦେବା ପାଇଁ ନିବେଦନ କରିଛନ୍ତି।

## ମାରଣାସ୍ତ୍ର ଧରି ଧମକ; ଯୁବକ ଗିରଫ



ହଂସପାଳ, ୧୦।୧୦(ସମିସ): ମାରଣାସ୍ତ୍ର ଦେଖାଇ ଧମକ ଦେବା ଅଭିଯୋଗରେ ପାହାଳ ଥାନା ପୋଲିସ ଅଭିଯୋଗକାରୀ ଜିତେନ୍ଦ୍ର ନାୟକଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରି ହରିଦାସପୁରର ବିଜୟ କୁମାର ଖଟୁଆ (୪୧)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନା ଅନୁସାରେ ଅଭିଯୋଗକାରୀ ନହରକଣ୍ଟା ସ୍ୱାଇ କ୍ଲବର ସଭାପତି ଅଛନ୍ତି। ଗତ କାଲି ସନ୍ଧ୍ୟାରେ ନହରକଣ୍ଟା ଠାରେ ଥିବା ଲକ୍ଷ୍ମୀ ପୂଜା ମଣ୍ଡପ ନିକଟରେ ପୂଜା କରିବା ଲାଗି ଭକ୍ତଙ୍କର ଜନସମାଗମ ଲାଗିରହିଥିଲା। ଠିକ ଏହି ସମୟରେ ବିଜୟ ଏକ ଗୁପ୍ତି ଧରି ଆସି ସେଠାରେ ପହଞ୍ଚିଥିଲେ ଏବଂ କ୍ଲବର ସମସ୍ତ ସଦସ୍ୟଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି କରିବା ସହ ଜୀବନରୁ ମାରିବାର ଧମକ ଦେଇଥିଲେ। ସମ୍ପୃକ୍ତ କ୍ଲବର ସଦସ୍ୟ ମାନେ ବିଜୟର ଏତାଦୃଶ କାର୍ଯ୍ୟକଳାପର ବିରୋଧ କରିବାରୁ ବିଜୟ ଅତ୍ୟଧିକ ଉତ୍ତେଜିତ ହୋଇ ସେମାନଙ୍କୁ ପୁନର୍ବାର ଭୟଙ୍କର ପରିଣାମର ଧମକ ଦେଇଥିଲେ। ବହୁ ପ୍ରୟାସ ପରେ କ୍ଲବର ସଦସ୍ୟମାନେ ବିଜୟଙ୍କୁ କାବୁ କରି ତାଙ୍କ ହାତରୁ ମାରଣାସ୍ତ୍ରକୁ ଛଡାଇ ନେଇଥିଲେ ମଧ୍ୟ ବିଜୟ କୌଶଳ କ୍ରମେ ଖସି ପଳାଇ ଯାଇଥିଲେ। ଏନେଇ କ୍ଲବ୍‌ର ସଭାପତି ଜିତେନ୍ଦ୍ର ପାହାଳ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପାହାଳ ଥାନା ଅଧିକାରୀ ଅଶ୍ୱିନୀ ଜେନା ମାମଲାର ତଦନ୍ତ କରିବା ସହ ବିଜୟଙ୍କୁ ଗିରଫ କରିଥିବା ବେଳେ, ସମ୍ପୃକ୍ତ ମାରଣାସ୍ତ୍ରକୁ ଜବତ କରିଥିଲେ। ପଚରାଉଚରା ବେଳେ ବିଜୟ ତାଙ୍କର ଦୋଷ ସ୍ୱୀକାର କରିଥିଲେ। ବିଜୟଙ୍କ ନାମରେ ପୂର୍ବରୁ ମଧ୍ୟ ପାହାଳ ଥାନା ଓ ମଞ୍ଚେଶ୍ୱର ଥାନାରେ ୨ଟି ଅପରାଧିକ ମାମଲା ରହିଥିବା ତଦନ୍ତରୁ ଜଣାପଡ଼ିଛି।

# ଟିପି-୮ ଡ୍ରାଫ୍ଟକୁ ସରକାରୀ ଅନୁମୋଦନ

**ସୁଦୃଢ଼ ହେବ ଭୁବନେଶ୍ୱରର ସହରାଞ୍ଚଳ ଯୋଜନା**

ଭୁବନେଶ୍ୱର, ୧୦।୧୦(ସମିସ): ରାଜଧାନୀର ଯୋଜନାବଦ୍ଧ ସହରୀ ବିକାଶ ଦିଗରେ ଆଉ ଏକ ପଦକ୍ଷେପ ସ୍ୱରୂପ, ଓଡ଼ିଶା ସରକାର ସହର ପରିକଳ୍ପନା ଯୋଜନା (ଟିପି) ଯୋଜନା-୮ର ଡ୍ରାଫ୍ଟ ଯୋଜନାକୁ ଅନୁମୋଦନ ଦେଇଛନ୍ତି। ଏହି ସମ୍ପର୍କିତ ଏକ ସରକାରୀ ବିଜ୍ଞପ୍ତି ଓଡ଼ିଶା ଗେଜେଟରେ ପ୍ରକାଶିତ ହୋଇଛି। ସମ୍ପୃକ୍ତ ଯୋଜନାଟି ଅନ୍ଧାରୁଆ ଓ ଦାସପୁର ମୌଜାରେ ୫୬୦.୮୬ ଏକର ଜମିରେ କାର୍ଯ୍ୟକାରୀ ହେବ।



ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏହି ପ୍ରକଳ୍ପର କାର୍ଯ୍ୟକାରୀ ସଂସ୍ଥା ରହିବ। ଏହି ଯୋଜନା ଅଧୀନରେ, ଜମି ମାଲିକମାନେ ସେମାନଙ୍କ ଜମିର ୪୦ ପ୍ରତିଶତ ସହରୀ ଭିତ୍ତିଭୂମି ପାଇଁ ଦେବେ। ଆଉ ୬୦ପ୍ରତିଶତ ବିକଶିତ ଟିପି ଅଞ୍ଚଳ ଭାବେ ରହିବ। ପ୍ରକଳ୍ପରେ ପ୍ରାୟ ୯ ରୁ ୬୦ ମିଟର ଚଉଡ଼ା ରାସ୍ତା, ଡ୍ରେନେଜ, ଜଳ ଯୋଗାଣ, ସ୍ୱରେଜ ଓ ବିଦ୍ୟୁତ ନେଟୱାର୍କ ସହିତ ସମ୍ପୂର୍ଣ୍ଣ ଭିତ୍ତିଭୂମି ବିକାଶ କରାଯିବ। ଏହା କେବଳ ସଂଯୋଗୀକରଣ ଓ ବାସଯୋଗ୍ୟତା ବୃଦ୍ଧି କରିବ ନାହିଁ। ବରଂ ଅବଶିଷ୍ଟ ଜମିର ବଜାର ମୂଲ୍ୟକୁ ମଧ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ସମ୍ପୃକ୍ତ ପଦକ୍ଷେପଟି 'ସମୃଦ୍ଧ ସହର' କାର୍ଯ୍ୟକ୍ରମର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ଯାହା ଯୋଜନାବଦ୍ଧ ଜମି ପୁନର୍ଗଠନ ଓ ନିୟୋଜିତ ସମ୍ପ୍ରସାରଣ ମାଧ୍ୟମରେ ଓଡ଼ିଶାର ସହରୀ ଅଞ୍ଚଳଗୁଡ଼ିକୁ ସମୃଦ୍ଧ ବିକାଶ କେନ୍ଦ୍ରରେ ରୂପାନ୍ତର କରିବାକୁ ଲକ୍ଷ୍ୟ ରଖିଛି। ଏହି ଯୋଜନା ୨୦୧୦ର ସମଗ୍ର ବିକାଶ ଯୋଜନା (ସିଡିପି)ର ଲକ୍ଷ୍ୟକୁ ମଧ ସମର୍ଥନ କରେ, ଯାହା ଭୁବନେଶ୍ୱର ବିକାଶ ଅଞ୍ଚଳ ଚାରିପାଖରେ ୬୫ କିଲୋମିଟର ଲମ୍ବା ରିଙ୍ଗ ରୋଡ଼ ପ୍ରସ୍ତାବ କରେ।

ଏହି ଉଦ୍ଦେଶ୍ୟଗୁଡ଼ିକୁ ହାସଲ କରିବା ପାଇଁ, ବିଡିଏ ରିଙ୍ଗ ରୋଡ୍ ପାର୍ଶ୍ୱରେ ଥିବା ରାଜସ୍ୱ ଗ୍ରାମଗୁଡ଼ିକରେ ଟିପି ସ୍କିମ୍ କାର୍ଯ୍ୟକାରୀ କରିବାକୁ ଯୋଜନା କରୁଛି। ବିଡିଏ ଉପାଧ୍ୟକ୍ଷ ଡା. ଏନ ତିରୁମାଲା ନାୟକ ଉଚ୍ଚମାନର ସହରାଞ୍ଚଳ ଭିତ୍ତିଭୂମି ଏବଂ ସ୍ଥାୟୀ ସହର ଅଭିବୃଦ୍ଧି ସୁନିଶ୍ଚିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ଏବଂ ନିୟମିତ ପ୍ରଗତି ସମୀକ୍ଷା କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ବିବାହ ପ୍ରତିଶ୍ରୁତି ଦେଇ ମହିଳାଙ୍କୁ ଦୁଷ୍କର୍ମ; ପ୍ରେମିକ ଗିରଫ



ଭୁବନେଶ୍ୱର, ୧୦।୧୦ (ସମିସ): ବିବାହ ପ୍ରତିଶ୍ରୁତି ଦେଇ ମହିଳାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ପ୍ରେମିକକୁ ଗିରଫ କରିଛି ଶ୍ରୀଲିଙ୍ଗରାଜ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବାଲିପାଟଣା ଥାନା ଝିଇଁଣି ଶାସନର ଜଗନ୍ନାଥ ସାହୁ (୨୭)।

ପୁଲିସ ସୂଚନା ଅନୁସାରେ, ନିଆଳି ଥାନା ଅଞ୍ଚଳର ଜଣେ ମହିଳା ୨୦୦୫ ମସିହାରେ ବିବାହ କରିଥିବା ବେଳେ ତାଙ୍କର ୧୮ ଓ ୧୫ ବର୍ଷୀୟା ଦୁଇଟି କନ୍ୟା ସନ୍ତାନ ମଧ୍ୟ ଅଛନ୍ତି। ଦୁଇବର୍ଷ ତଳେ ଏକ ଫାଇନାନ୍ସ କମ୍ପାନୀରେ ଚାକିରି କରୁଥିବା କଳ ଜଗନ୍ନାଥ ସହ ତାଙ୍କର ପରିଚୟ ହୋଇଥିଲା। ଜଗନ୍ନାଥ ତାଙ୍କୁ ୪୦ ହଜାର ଟଙ୍କାର ଏକ ଋଣ କରାଇ ଦେଇଥିବା ବେଳେ ପ୍ରତି ମାସରେ ତାଙ୍କ ନିକଟରୁ କିସ୍ତି ଆଦାୟ କରୁଥିଲା। ଏହାରି ଭିତରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିବା ବେଳେ ଜଗନ୍ନାଥ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ମହିଳାଙ୍କୁ ଏକାଧିକଥର ଦୁଷ୍କର୍ମ କରିଥିଲା। ଭଉଣୀଙ୍କ ବିବାହ ପରେ ସେ ବିବାହ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ମନା କରି ଦେଇଥିଲା। ଏନେଇ ମହିଳା ଜଣକ ଶ୍ରୀଲିଙ୍ଗରାଜ ଥାନାର ଦ୍ୱାରସ୍ଥ ହୋଇଥିଲେ। ସ୍ଥାନୀୟ ମୁରବୀଙ୍କ ଉପସ୍ଥିତିରେ ଉଭୟଙ୍କ ମଧ୍ୟରେ ଅପୋଷ ବୁଝାମଣା ହୋଇଥିବାବେଳେ ଜଗନ୍ନାଥ ତାଙ୍କୁ ୩ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ସ୍ଥିର ହୋଇଥିଲା। କିନ୍ତୁ ଜଗନ୍ନାଥ ଟଙ୍କା ନଦେଇ ଜୋରଜବରଦସ୍ତ ଏକ ଷ୍ଟାମ୍ପ ପେପରରେ ଦସ୍ତଖତ କରାଇ ନେବା ଲାଗି ଉଦ୍ୟମ କରିଥିଲା। ଧମକ ଚମକ ଦେବା ସହ ପାଖରେ ରଖିଥିବା ଫଟୋ ଭାଇରାଲ କରି ଦେଇଥିଲା। ଏନେଇ ମହିଳା ଜଣକ ଶ୍ରୀଲିଙ୍ଗରାଜ ଥାନାରେ ଏତଲା ଦେବାପରେ ପୁଲିସ ଜଗନ୍ନାଥକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ସିଇଏମ୍‌ସି ବୈଠକରେ ଉଦ୍‌ବେଗ

# ଜବରଦଖଲ ଉଚ୍ଛେଦରେ ପୁଲିସ ବାଧକ

ଭୁବନେଶ୍ୱର, ୧୦।୧୦: ରାଜଧାନୀରେ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ଜିଏ, ବିଡିଏ, ରେଳବାଇ, ଇଡ୍‌କୋ, ଆର୍‌ଆଣ୍ଡବି, ବିଏମ୍‌ସି ଓ ଓୟୁଏଟି ପ୍ରଭୃତି ବିଭାଗ ମିଳିତ ଭାବେ ବୈଠକ ଡକାଇ ନିଷ୍ପତ୍ତି ନେଉଛନ୍ତି। ହେଲେ ପୁଲିସ ଅଧିକାଂଶ ଜବରଦଖଲ ଉଚ୍ଛେଦ ଯୋଜନାକୁ ଭଣ୍ଡୁର କରିଦେଉଛି। ଠିକ୍ ସମୟରେ ପୁଲିସ ବଳ ଉପଲବ୍ଧ ହୋଇପାରୁ ନାହିଁ କହି ରୋକ୍‌ଠୋକ୍ ମନା କରିଦେଉଛି। ଫଳରେ ସେଣ୍ଟ୍ରାଲ୍ ଏନ୍‌ଫୋର୍ସମେଣ୍ଟ ମନିଟରିଂ କମିଟିର ସଦସ୍ୟମାନେ ଜବରଦଖଲ ଉଚ୍ଛେଦ କରି ନ ପାରି ଖାଲି ହାତରେ ଫେରୁଛନ୍ତି। ଥରେ କିମ୍ବା ଦୁଇଥର ନୁହେଁ ପୁଲିସ ଏଭଳି ବ୍ୟବହାର ଯୋଗୁଁ ଗତ ଅଢେଇ ମାସ ମଧ୍ୟ ୪୭ଟି ସ୍ଥାନରେ ଜବରଦଖଲ ଉଚ୍ଛେଦ ହୋଇ ପାରିନାହିଁ। କମିସନରେଟ୍ ପୁଲିସର ଏଭଳି ବ୍ୟବହାର ବିରୋଧରେ ପୁଲିସ କମିସନରଙ୍କୁ ଚିଠି ଲେଖିବ ବିଡିଏ। ଜବରଦଖଲ ଉଚ୍ଛେଦ ପାଇଁ ନିୟମିତ ଭାବେ ପୁଲିସ ଯୋଗାଇ ଦେବାକୁ ଅନୁରୋଧ କରାଯିବ ବୋଲି ବିଡିଏ ପକ୍ଷରୁ କୁହାଯାଇଛି।

ଶୁକ୍ରବାର ବିଡ଼ିଏ ଉପାଧ୍ୟକ୍ଷ ତଥା ସେଣ୍ଟ୍ରାଲ୍ ଏନ୍‌ଫୋର୍ସମେଣ୍ଟ ମନିଟରିଂ କମିଟିର ଅଧ୍ୟକ୍ଷ ଡ଼. ତିରୁମାଲା ନାୟକଙ୍କ ଅଧ୍ୟକ୍ଷତାରେ ବିଡିଏର ସମ୍ମିଳନୀ କକ୍ଷରେ ସେଣ୍ଟ୍ରାଲ୍ ଏନ୍‌ଫୋର୍ସମେଣ୍ଟ ମନିଟରିଂ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ସିଇଏମ୍‌ସିର ଉପରୋକ୍ତ ସମସ୍ତ ଅଂଶୀଦାରୀ ବିଭାଗର ପ୍ରତିନିଧିମାନେ ଉପସ୍ଥିତ ଥିଲେ। କଣ ପାଇଁ ବହୁ ସଂଖ୍ୟାରେ ଉଚ୍ଛେଦ ଯୋଜନା କରାଯାଇଥିଲେ ମଧ ହୋଇ ପାରୁ ନାହିଁ ବୋଲି ଆଲୋଚନା ହୋଇଥିଲା। ତେବେ ପୁଲିସ ବଳ ନ ମିଳିବାରୁ ଏଭଳି ହୋଇଥିବା ନେଇ ସମସ୍ତ ବିଭାଗୀୟ ଅଧିକାରୀମାନେ ମତବ୍ୟକ୍ତ କରିଥିଲେ।

**ପୁଲିସ କମିସନରଙ୍କୁ ଚିଠି ଲେଖିବ ବିଡିଏ**

ତଥ୍ୟ ଅନୁଯାୟୀ, ଏହି ସମୟ ମଧ୍ୟରେ ସିଇଏମ୍‌ସି ଦ୍ୱାରା ମୋଟ୍ ୫୬ଟି ସ୍ଥାନରେ ଉଚ୍ଛେଦ କାର୍ଯ୍ୟ ହାତକୁ ନିଆଯାଇଥିଲା। ଏଥିରୁ ୨୯ଟି ସ୍ଥାନରେ ଉଚ୍ଛେଦ ହୋଇଥିଲା। ଫଳରେ ୨୫.୩୪ ଡେସିମଲ ସରକାରୀ ଜମିକୁ ଜବରଦଖଲ ମୁକ୍ତ କରାଇଥିଲା। ପୁଲିସ ବଳର ଅଭାବ ଏବଂ ଅନ୍ୟାନ୍ୟ କାରଣ ଯୋଗୁଁ ୨୭ଟି ସ୍ଥାନରେ ଉଚ୍ଛେଦ ହୋଇ ପାରି ନ ଥିଲା। ସେହିପରି ବୁଲ୍‌ଡୋଜ୍ ଆପ୍‌ରେ ୪୫ଟି ଉଚ୍ଛେଦ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଏଥିରେ ୨୫ଟି ସ୍ଥାନରେ ଉଚ୍ଛେଦ କରାଯାଇ ୫ଏକର ୩୨୫ ଡେସିମଲ୍ ସରକାରୀ ଜମି ଜବରଦଖଲ ମୁକ୍ତ କରାଯାଇଥିଲା କରାଯାଇଥିଲା। ୨୦ସ୍ଥାନରେ ଜବରଦଖଲ ଉଚ୍ଛେଦ କରାଯାଇ ପାରି ନ ଥିଲା।

ଅନ୍ୟ ପକ୍ଷରେ ସରକାରୀ ଜମି ଜବରଦଖଲ ଏବଂ ଉଚ୍ଛେଦରେ ସୃଷ୍ଟି ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ବିଭିନ୍ନ ପ୍ରସ୍ତାବ ରଖାଯାଇଥିଲା। ଏହା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଏହାପରେ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ଥିବା ସରକାରୀ ଜମିକୁ ଅବରୋଧ ମୁକ୍ତ କରିବା ନିମନ୍ତେ ତ୍ୱରିତ ପଦକ୍ଷେପ ନେବାକୁ ନିଷ୍ପତ୍ତି ନିଆଯାଇଥିଲା। ସିଇଏମ୍‌ସିର ଆବାହକ ତଥା ବିଡିଏର ଏନ୍‌ଫୋର୍ସମେଣ୍ଟ ଯୁଗ୍ମ ଆୟୁକ୍ତ ରଞ୍ଜନ କୁମାର ଜେନା ସିଇଏମ୍‌ସି ଦ୍ୱାରା ଗତ ୩୦ଜୁଲାଇରୁ ୮ ଅକ୍ଟୋବର ମଧ୍ୟରେ କରାଯାଇଥିବା ବିଭିନ୍ନ ଉଚ୍ଛେଦ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଉକ୍ତ ସମୟ ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ଓ କାର୍ଯ୍ୟକାରୀ ନ ହୋଇଥିବା ଉଚ୍ଛେଦ କାର୍ଯ୍ୟକ୍ରମର ବିସ୍ତୃତ ଆଲୋଚନା ହୋଇଥିଲା।



## ସିସିଟିଭି ଆଡ଼େଇ ତାଲା ବନ୍ଦ ଘରୁ ଚୋରି

ବ୍ରହ୍ମପୁର,୧୦ ।୧୦(ସମିସ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆଙ୍କୁଲି ଲକ୍ଷ୍ମୀନାରାୟଣ ନଗର ୨ୟ ଲାଇନରେ ରହୁଥିବା ଶୁଭସୌମ୍ୟ ପଟ୍ଟନାୟକଙ୍କ ଘରୁ ସୁନା ଅଳଙ୍କାର ଚୋରି ହୋଇଛି । ଗତକାଲି ରାତିରେ ଘରେ କେହି ନଥିବାବେଳେ କିଛି ଦୁର୍ବୃତ୍ତ ଘରେ ପଶି ଦୁଇଟି ଆଲମିରାରୁ ୨ଟି ସୁନା କାନଫୁଲ, ୨ଟି ସୁନା ଚୁଡ଼ି, ଗୋଟିଏ ସୁନା ଲୋକେଟ ଓ ନଗଦ ଦଶ ହଜାର ଟଙ୍କା ଚୋରି କରି ନେଇଛନ୍ତି । ଘର ଭିତରେ ଲାଗିଥିବା ସିସିଟିଭି କ୍ୟାମେରାକୁ ଆଡ଼େଇ ଦେଇ ହାର୍ଡଡ଼ିସ୍କକୁ ବାହାର କରି ନେଇ ଯାଇଛନ୍ତି । ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ କରୁଛି ।

## ଦାନହୁଣ୍ଡି ନେଇ ଦୁର୍ବୃତ୍ତ ଚମ୍ପଟ

ବ୍ରହ୍ମପୁର,୧୦ ।୧୦(ସମିସ): ସଦରଥାନା ଅନ୍ତର୍ଗତ ସୁକୁଣ୍ଡା ଗ୍ରାମସ୍ଥିତ ଗୋକର୍ଣ୍ଣେଶ୍ୱର ମନ୍ଦିରର ଦାନ ହୁଣ୍ଡି ଚୋରି ନେଇ ଥାନାରେ ଅଭିଯୋଗ ହୋଇଛି । ଗତକାଲି ମଧ୍ୟରାତିରେ ମନ୍ଦିର ପରିସରରେ ଥିବା ମହାପ୍ରଭୂଙ୍କ ଦାନହୁଣ୍ଡି କିଛି ଦୁର୍ବୃତ୍ତ ଚୋରି କରିଥିଲେ । ଏନେଇ ମନ୍ଦିର ଗ୍ରାମବାସୀଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି ।

## ଘରୁ ୧୦ଲକ୍ଷ ଟଙ୍କାର ବାଣ ଜବତ

ବ୍ରହ୍ମପୁର,୧୦ ।୧୦(ସମିସ): ବୈଦ୍ୟନାଥପୁର ଥାନା ପୁଲିସ ଜେଲ୍ ରୋଡରେ ଏକ ଘରେ ବେଆଇନ ଭାବେ ଗଚ୍ଛିତ ଥିବା ପ୍ରାୟ ୧୦ଲକ୍ଷ ଟଙ୍କାର ବାଣ ଜବତ କରିବା ସହ ଜଣେ ଯୁବକଙ୍କୁ ଅଟକ ରଖିଛି । ଅଭିଯୁକ୍ତ ଜଣଙ୍କ ଲାଞ୍ଜିପଲ୍ଲୀ ରେଡିକା ସାହିର ଜି.ପିଙ୍କୁ ରେଡ୍ଡୀ (୨୬) । ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ବେଳେ ଉକ୍ତ ବ୍ୟବସାୟୀ ପିଙ୍କୁ ଗୁରୁବାର ରାତିରେ ବିପୁଳ ପରିମାଣର ବାଣ ସେଠାରେ ଏକ ଘର ଭଡ଼ାରେ ନେଇ ମହଜୁଦ ରଖିଥିବା ଜଣାପଡ଼ିଥିଲା ।

## ୧୭ ଜୁଆଡ଼ି ଗିରଫ

ବ୍ରହ୍ମପୁର,୧୦ ।୧୦(ସମିସ): ଦୁଇ ଜୁଆ ଆଡ଼ାରୁ ପୁଲିସ ୧୭ଜଣ ଜୁଆଡ଼ିଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ୭୬ହଜାର ୬୪୦ଟଙ୍କା ଓ ୧୬ଟି ମୋବାଇଲ ଜବତ କରିଛି । ନିମଖଣ୍ଡି ଥାନା ଅନ୍ତର୍ଗତ ଜଗଦଳପୁର ଗ୍ରାମ ଠାକୁରାଣୀ ମନ୍ଦିର ନିକଟରେ ଚାଲିଥିବା ଜୁଆଖେଳରେ ଚଢ଼ଉ କରି ୭ଜଣ ଜୁଆଡ଼ିଙ୍କୁ ଗିରଫ ସହ ୧୯ହଜାର ୧୧୦ଟଙ୍କା, ୫ଟି ମୋବାଇଲ ଜବତ କରିଥିଲା । ସେହିପରି ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ଆମ୍ବମାର୍କେଟ ନିକଟରେ ଚାଲିଥିବା ଜୁଆ ଆଡ଼ାରେ ଚଢ଼ଉ କରି ୧୦ ଜୁଆଡ଼ିଙ୍କୁ କାବୁ କରିବା ସହ ସେମାନଙ୍କ ନିକଟରୁ ୫୭ହଜାର ୬୩୦ଟଙ୍କା, ୧୧ଟି ମୋବାଇଲ ଜବତ କରିଥିବା ଜଣାପଡ଼ିଛି ।

## ଘରୁ ମୋବାଇଲ ଚୋରି; ୨ ଗିରଫ

ବ୍ରହ୍ମପୁର,୧୦ ।୧୦(ସମିସ): ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ କାଲୁଆସାହି ନିବାସୀ ଡ଼ି ବାଲାଜୀ ଆଚାରୀ ଘରୁ ୨ଟି ମୋବାଇଲ ଚୋରି ଅଭିଯୋଗରେ ପୁଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ସେମାନେ ହେଲେ ଡ଼ି ସରୋଜ ପାତ୍ର ଓ ଡ଼ି ବବୁଲ ପାତ୍ର । ଗତକାଲି ରାତିରେ ବାଲାଜୀ ଶୋଇଥିବା ବେଳେ ମୁଣ୍ଡ ପାଖରେ ମୋବାଇଲ ରଖିଥିଲେ । କେହି ଦୁର୍ବୃତ୍ତ ଘରେ ପଶି ତାଙ୍କର ଦୁଇଟି ମୋବାଇଲ ନେଇଯାଇଥିଲା ।

### ଖବର ପ୍ରକାଶ ପରେ ସଂକଟାପନ୍ନ ଶିଶୁଙ୍କୁ ମିଳିଲା ସେବା

# ଶିଶୁ ବିଭାଗକୁ ଆସିଲା ପୋର୍ଟେବଲ୍ ଏକ୍ସ-ରେ

ବ୍ରହ୍ମପୁର,୧୦ ।୧୦(ସମିସ)

ଏମକେସିଜି ମେଡିକାଲ ଶିଶୁ ବିଭାଗରେ ଥିବା ପୋର୍ଟେବଲ୍ ଏକ୍ସ-ରେ ମେସିନ୍ ମାସାଧିକ ସମୟ ହେବ ଅଚଳ ନେଇ "ସକାଳ'ରେ ଏକ ଖବର ପ୍ରକାଶ ପରେ ମେଡିକାଲ କର୍ତ୍ତୃପକ୍ଷ ତତ୍ପରତା ଦେଖାଇଛନ୍ତି । ଶିଶୁ ବିଭାଗ ଆଇସିୟୁରେ ଚିକିତ୍ସିତ ସଙ୍କଟାପନ୍ନ ଶିଶୁଙ୍କ ନିମନ୍ତେ ତୁରନ୍ତ ଅନ୍ୟ ଏକ ବିଭାଗରେ ଥିବା ପୋର୍ଟେବଲ୍ ଏକ୍ସ-ରେ ମେସିନ୍ ଯୋଗାଇ ଦିଆଯାଇଛି । ଫଳରେ ଶୁକ୍ରବାର ବିଭାଗରେ ଚିକିତ୍ସିତ ଏକାଧିକ ଶିଶୁଙ୍କ ଏକ୍ସ-ରେ କରାଯାଇଛି । ଅନ୍ୟପକ୍ଷରେ ମେଡିକାଲ ଶିଶୁ ବିଭାଗର ଥିବା ପୋର୍ଟେବଲ୍ ଏକ୍ସ-ରେ ମେସିନ୍ ଏବେ ମଧ୍ୟ ଅଚଳ ରହିଥିବା ବେଳେ ତାକୁ କାର୍ଯ୍ୟକ୍ଷମ କରିବାକୁ ଦାବି ହୋଇଛି ।

### କେବେ ମରାମତି ହେବ ଅଚଳ ମେସିନ

ସୂଚନାଯୋଗ୍ୟ ଯେ, ଏମକେସିଜି ମେଡିକାଲ ଶିଶୁ ବିଭାଗରେ ନବଜାତ ଠାରୁ ୧୬ବର୍ଷ ପର୍ଯ୍ୟନ୍ତ ବହୁ ସଙ୍କଟାପନ୍ନ ଓ ଗୁରୁତର ଶିଶୁ ଚିକିତ୍ସିତ ହେଉଥାନ୍ତି । ସେଥି ମଧ୍ୟରୁ ଅନେକ ଶିଶୁ ଚିକିତ୍ସା ସମୟେ ବାଧ୍ୟତାମୂଳକ ଭାବେ ଅକ୍ସିଜେନ୍ ଗ୍ରହଣ କରିଥାନ୍ତି । ଏଭଳି ସଙ୍କଟାପନ୍ନ ଶିଶୁଙ୍କ ଆବଶ୍ୟକତା ସ୍ଥଳେ ଡାକ୍ତର ରୋଗ ନିର୍ଣ୍ଣୟ ପାଇଁ ଏକ୍ସ-ରେ କରିବାକୁ ପରାମର୍ଶ କରିଥାନ୍ତି । ଶିଶୁ ବିଭାଗରେ ଅକ୍ସିଜେନ୍ ସପୋର୍ଟରେ ଚିକିତ୍ସିତ ହେଉଥିବା ବେଳେ ଅନ୍ୟ ବିଭାଗକୁ ଯାଇ ଏକ୍ସ-ରେ କରିବା ଶିଶୁଙ୍କ ଜୀବନ ପ୍ରତି ବିପଦ ରହିଛି । ଏହାକୁ ଦୃଷ୍ଟିରେ ରଖି ମେଡିକାଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିଭାଗର ତଳ ମହଲାରେ ଏକ



ପୋର୍ଟେବଲ୍ ଏକ୍ସ-ରେ ମେସିନର ବ୍ୟବସ୍ଥାର କରାଯାଇଛି । କିନ୍ତୁ ଦୀର୍ଘ ଏକ ମାସରୁ ଅଧିକ ସମୟ ହେବେ ଉକ୍ତ ମେସିନ ଅଚଳ ରହିଛି । ଡାକ୍ତର ଯେଉଁ ରୋଗୀଙ୍କୁ ଏକ୍ସ-ରେ କରିବାକୁ ପରାମର୍ଶ କରୁଛନ୍ତି । ଏଭଳି କ୍ଷେତ୍ରରେ ଶିଶୁଙ୍କ ସମ୍ପର୍କୀୟମାନେ ଘରୋଇ ଡାଏଗ୍ନୋଷ୍ଟିକ ସେଣ୍ଟ ସହ ଯୋଗାଯୋଗ କରି ୮ଶହ ଟଙ୍କା ଦେଇ ଏକ୍ସ-ରେ କରିଥିଲେ । ଯାହାକୁ ନେଇ କିଛି ଦିନ ପୂର୍ବେ ଖବର ପ୍ରକାଶ ପାରିଥିଲେ । ଏହାପରେ ଏମକେସିଜି ମେଡ଼ିକାଲ କର୍ତ୍ତୃପକ୍ଷ ଅନ୍ୟଏକ ପୋର୍ଟେବଲ୍ ଏକ୍ସ-ରେ ମେସିନ ବ୍ୟବସ୍ଥା କରିଥିଲେ ।

## ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ




ବ୍ରହ୍ମପୁର,୧୦ ।୧୦(ସମିସ)

ଗଞ୍ଜାମ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ଶିକ୍ଷ ତାଲିମ ଅନୁଷ୍ଠାନ ପ୍ରେକ୍ଷାଳୟରେ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଡ଼ ପ୍ରମୋଦ କୁମାର ପୃଷ୍ଟି ଯୋଗଦେଇ ବରିଷ୍ଠ ନାଗରିକ ହେଉଛନ୍ତି ସମାଜ ଓ ପରିବାରର ଦିଗ୍‌ଦର୍ଶକ, ଘରର ମେରୁଦଣ୍ଡ ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବେ ପଦ୍ମଶ୍ରୀ ଡ଼ା କୃଷ୍ଣମୋହନ ପାଠୀ, ବରିଷ୍ଠ ନାଗରିକ କ୍ଲବର ସଭାପତି ପ୍ରଫୁଲ୍ଲ କୁମାର ପାତ୍ର, ଭାସ୍କର ପାଢ଼ୀ, କେ ଏ ଏସ ପାତ୍ର, ସୂର୍ଯ୍ୟକାନ୍ତ ପାତ୍ର, ସୀମାଞ୍ଚଳ ବିଷୋୟୀ, ପ୍ରଶାନ୍ତ କୁମାର ଶତପଥୀ, ରାଧା ଚରଣ ନାୟକ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା ଉପସ୍ଥିତ ଥିଲେ । ବରିଷ୍ଠ ନାଗରିକ ମାନଙ୍କୁ ସମ୍ମାନ ଓ ସ୍ନେହ କରନ୍ତୁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏ ଅବସରରେ ବରିଷ୍ଠ ନାଗରିକଙ୍କ ଲାଗି ଯୋଗ ଓ ପ୍ରାଣାୟାମ ସହିତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । କାର୍ଯ୍ୟକ୍ରମକୁ ବ୍ରହ୍ମପୁର ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସାହୁ ଓ ଛତ୍ରପୁର ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁ ସହିଯୋଗ କରିଥିଲେ ।

## ମଦ ପଇସା ନ ଦେବାରୁ ଗ୍ରାହକଙ୍କୁ ଛୁରାମାଡ଼ ଅଭିଯୋଗ

ରଙ୍ଗେଇଲୁଣ୍ଡା,୧୦ ।୧୦(ସମିସ): ଗୋଳନ୍ଥରା ଥାନା ସୁରଳ ଛକରେ ବୁଧବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି । ମଦ ପିଇବା ପରେ ଟଙ୍କା ନଦେବାରୁ ଗ୍ରାହକଙ୍କୁ ଛୁରାମାଡ ଅଭିଯୋଗ ହୋଇଛି । ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି । ସୁରଳ ଜଙ୍ଗସନରେ ସେହି ଅଞ୍ଚଳର ସୁନୀଲ ସାହୁ ମଦ ଦୋକାନ କରିଛନ୍ତି । ସେହି ଅଞ୍ଚଳର ଚୌଧୁରୀ ସାହୁ ଗତ ବୁଧବାର ରାତି ୧୦ଟାରେ ଦୋକାନକୁ ଆସି ମଦ ମାଗି ପିଇଥିଲେ । ସୁନୀଲ ଟଙ୍କା ମାଗିବାରୁ ଚୌଧୁରୀ କାଲି ଦେବି ବୋଲି କହିଥିଲେ । ଏନେଇ ଉଭୟ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ସୁନୀଲ ଉତ୍ତେଜିତ ହୋଇ ଚୌଧୁରୀଙ୍କ ପେଟକୁ ଛୁରାମାଡ଼ କରିଥିଲେ । ଫଳରେ ସେ ଗୁରୁତର ହୋଇଥିଲେ । ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତି କରିଥିଲେ । ଚୌଧୁରୀଙ୍କ ଭାଇ ସନ୍ତୋଷଙ୍କ ଅଭିଯୋଗ କ୍ରମେ ପୁଲିସ ମାମଲା ରୁଜୁ କରି ଶୁକ୍ରବାର ସୁରଳ ଛକରୁ ସୁନୀଲକୁ କାବୁ କରି କୋର୍ଟଚାଲାଣ କରିଛି । ଅନ୍ୟ ପଟେ ଗିରଫ ସୁନୀଲକୁ ଚୌଧୁରୀଙ୍କ ସମ୍ପର୍କୀୟମାନେ ମାଡ଼ ମାରିଥିବା ନେଇ ତାଙ୍କ ସ୍ତ୍ରୀ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ ମାମଲା ରୁଜୁ କରି ନଥିବା ଅଭିଯୋଗ ହୋଇଛି ।

## ଜିଲ୍ଲାସ୍ତରୀୟ ବିଜ୍ଞାନ ପାଠଚକ୍ର

ବ୍ରହ୍ମପୁର,୧୦ ।୧୦(ସମିସ): ସ୍ଥାନୀୟ କେ.ସି.ବାଳକ ଉଚ୍ଚ ବିଦ୍ୟାଳୟ ଠାରେ ପ୍ରଧାନଶିକ୍ଷକ ଶଶାଙ୍କ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଜିଲ୍ଲାସ୍ତରୀୟ ବିଜ୍ଞାନ ପାଠଚକ୍ର ଆୟୋଜିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ.ପ୍ରଭାତି କୁମାରୀ ମହାପାତ୍ର କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ଜିଲ୍ଲାର ପ୍ରତ୍ୟେକଟି ବ୍ଲକରୁ ଜଣେ ଲେଖାଁଏ ପ୍ରତିଯୋଗୀ ଓ ସହାୟକ ଶିକ୍ଷକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ବିଚାରକ ଭାବେ ଖଲ୍ଲିକୋଟ ମାଧ୍ୟମିକ ବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ଅଧ୍ୟାପିକା ସଂଘମିତ୍ରା ମହାପାତ୍ର ଓ ଗଞ୍ଜାମ ମହାବିଦ୍ୟାଳୟର ବିଭୁ ପ୍ରସାଦ ପାତ୍ର ଉପସ୍ଥିତ ଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନ ସମ୍ମତ ଜ୍ଞାନ ଆହରଣ ସହ ପ୍ରତିଯୋଗିତାମୂଳକ ବାତାବରଣରେ ସହାୟକ ହୋଇପାରିବ ବୋଲି ଜିଲ୍ଲା ଶିକ୍ଷା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ପ୍ରତିଯୋଗିତାରେ ଆସିକା ସ୍ଥିତ ଟେକନିକାଲ ଉଚ୍ଚ ବିଦ୍ୟାଳୟର ଭକ୍ତ ପ୍ରସାଦ ମହାନ୍ତି ପ୍ରଥମ,




ହାତୀଓଟ ଓଏଭିର ଅନନ୍ୟା ମାଝୀ ଦ୍ୱିତୀୟ ଓ ଚମାଖଣ୍ଡି ଓଏଭିର ବିଶ୍ୱଜିତ ମିଶ୍ର ତୃତୀୟ ସ୍ଥାନ ହାସଲ କରିଛନ୍ତି । ପ୍ରଥମ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ଜିଲ୍ଲା ବିଜ୍ଞାନ ନିରୀକ୍ଷକ ରାମଚନ୍ଦ୍ର ମହାରଣା ସଂଯୋଜନା କରିଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡା କୃତି ପ୍ରତିଯୋଗିଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

## ମହାନ ସଂଘର ପ୍ରସ୍ତୁତି ବୈଠକ

ବ୍ରହ୍ମପୁର,୧୦ ।୧୦(ସମିସ): ହିଲପାଟଣା ସ୍ଥିତ କାର୍ଯ୍ୟାଳୟରେ ମହାନ ସଂଘର ୪୦ତମ ବାର୍ଷିକ ଉତ୍ସବ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାପତି ସୁଶାନ୍ତ କୁମାର ସାବତଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଚଳିତ ମାସ ୧୯ ଓ ୨୬ତାରିଖ ଦିନ ଗୁରୁକୁଳ ଇଣ୍ଟର ନେସନାଲ ସ୍କୁଲରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ନିଷ୍ପତି ହୋଇଛି । କୃତୀ ପ୍ରତିଯୋଗୀମାନଙ୍କୁ ନଭେମ୍ବର ୨ରେ ଗଞ୍ଜାମ କଳା ପରିଷଦଠାରେ ପୁରସ୍କୃତ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ଓ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯିବାକୁ ନିଷ୍ପତ୍ତି ହୋଇଥିଲା । ବୈଠକରେ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ପାତ୍ର, ପ୍ରକାଶ ଭାଜାନି, ଲିପିକା ଜେନା, ସାଧନା ପାଢ଼ୀ, ସୁଜାତା ମହାପାତ୍ର, ସୁଦିପ ସାହୁ, ଡ. ସୌଭାଗ୍ୟ ଲକ୍ଷ୍ମୀ ଓ ମନୋରଞ୍ଜନ ପାଢ଼ୀଙ୍କ ସମେତ ବହୁ ସଦସ୍ୟ ଏବଂ ସଦସ୍ୟା ଉପସ୍ଥିତ ଥିଲେ ।

● ଛାତ୍ରୀ ଗଣଦୁଷ୍କର୍ମ ମାମଲା

## ବତୀଘରର ୨ କର୍ମଚାରୀଙ୍କ ବୟାନ ରେକର୍ଡ

ବ୍ରହ୍ମପୁର,୧୦।୧୦(ସମିସ): ଗୋପାଳପୁର ବେଳାଭୂମିରେ ଗତ ଜୁନ୍‌ରେ ଜଣେ କଲେଜ ଛାତ୍ରୀଙ୍କୁ ତାଙ୍କ ପୁରୁଷ ବନ୍ଧୁଙ୍କ ଉପସ୍ଥିତିରେ ଗଣ ଦୁଷ୍କର୍ମ ହୋଇଥିଲା । ଏହି ମାମଲାର ବିଚାରଣା ଏବେ ଅତିରିକ୍ତ ଜିଲ୍ଲା ଦୌରାଜଜ( ଏଡିଜେ-୨) ଅଯୁଷ୍ମାନ ମହନ୍ତଙ୍କ କୋର୍ଟରେ ଚାଲିଛି । ନାବାଳକରୁ ସାବାଳକ ଭାବେ ଗ୍ରହଣ କରାଯାଇଥିବା ତିନିଜଣ ଅଭିଯୁକ୍ତଙ୍କ ଉକ୍ତ କୋର୍ଟରେ ଅଭାସୀ ମାଧ୍ୟମରେ ବିଚାରଣା ହୋଇଛି । ଏହି ମାମଲାରେ ସ୍ୱାଧୀନ ସାକ୍ଷୀ ଭାବେ ଗୋପାଳପୁର ବତୀଘରର ଦୁଇ ଜଣ କର୍ମଚାରୀ କୋର୍ଟରେ ହାଜର ହୋଇଥିଲେ । ସେମାନେ ହେଲେ ସନ୍ତୋଷ କୁମାର ପାଢୀ ଓ ନିହାର ରଞ୍ଜନ ଷଡଙ୍ଗୀ । ସେମାନେ ଘଟଣା ସମ୍ପର୍କରେ ଯାହାସବୁ ଜାଣିଥିଲେ ତାହା କୋର୍ଟରେ କହିଥିଲେ ଓ ଏହା ରେକର୍ଡ କରାଯାଇଛି । ଏହି ମାମଲାର ପରିଚାଳନା ପାଇଁ ସ୍ୱତନ୍ତ୍ର ପିପି ଭାବେ ଆଇନ ବିଭାଗ ପକ୍ଷରୁ କାଳୀ ଚରଣ ମିଶ୍ରଙ୍କୁ ନିଯୁକ୍ତ କରାଯାଇଛି । ଗୁରୁବାର ସେ କୋର୍ଟରେ ଉପସ୍ଥିତ ରହିଥିଲେ ।

## ଆର୍‌ଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସିପିଏମ୍‌ର ବିକ୍ଷୋଭ




ବ୍ରହ୍ମପୁର,୧୦ ।୧୦(ସମିସ)

ଆର୍‌ଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଦାବି ନେଇ ସିପିଏମ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହି ଅବସରରେ ସହିଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲଠାରୁ ଶତାଧିକ ଉପଭୋକ୍ତାମାନଙ୍କର ଏକ ଶୋଭାଯାତ୍ରା ବାହାରି କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଆଇଡିସିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ରାଜ୍ୟ ସରକାର ବିଦ୍ୟୁତ୍ ବିତରଣ ନିମନ୍ତେ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦେବାର ୩ବର୍ଷ ବିତିଥିଲେ ବି ଗ୍ରାହକ ସେବାରେ ସେଭଳି ଗୁଣାତ୍ମକ ପରିବର୍ତ୍ତନ ପରିଲିଖିତ ହୋଇନଥିବା ସିପିଏମ ଅଭିଯୋଗ କରିଛି । ଗ୍ରାହକ ଲୋଭୋଲ୍‌ଟେଜ, ବାରମ୍ବାର ବିଦ୍ୟୁତ କାଟ, ବିଦ୍ୟୁତ ଶୁଳ୍କ ବୃଦ୍ଧି ଓ ପ୍ରତିମାସରେ ବିଲ ନଦେବା ଭଳି ସମସ୍ୟାରେ ଘାଣ୍ଟି ହେଉଛନ୍ତି । ଅନ୍ୟଦିଗରେ ମାସକୁ ୨୮ ଦିନ ବିଦ୍ୟୁତ ଦେଇ ୩୦ଦିନିଆ ଶୁଳ୍କ ସଂଗ୍ରହ କରିବା, ବିଭିନ୍ନ ଆଳ ଦେଖାଇ ମନଇଚ୍ଛା ଫାଇନ, ଉପଭୋକ୍ତାଙ୍କ ଆପତ୍ତି ଅଭିଯୋଗ ଶୁଣିବା ପାଇଁ ବ୍ୟବସ୍ଥା ନକରିବା ଏବଂ ବେଆଇନ ଭାବେ ସ୍ମାର୍ଟ ମିଟର ଲଗାଇବା ଭଳି ଲାଭଖୋରି କାର୍ଯ୍ୟ ସଂସ୍ଥା ପକ୍ଷରୁ କରାଯାଇଥିବା ଅଭିଯୋଗ ହୋଇଛି ।

ଏଭଳି ବିଭିନ୍ନ ଦାବି ନେଇ କାର୍ଯ୍ୟାଳୟ ସମ୍ମୁଖରେ ସିପିଏମ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା, କୈଳାସ ଷଡ଼ଙ୍ଗୀ, ରାମଚନ୍ଦ୍ର ନାୟକ, ହରୀକୃଷ୍ଣ ରେଡି, ବିଦ୍ୟାଧର ଜେନା, ଅଜୟ ଗୌଡ଼, ଶିବପ୍ରସାଦ ମହାପାତ୍ର, ପ୍ରତାପ ଚୌଧୁରୀ, ବିଭୁ ପାଣିଗ୍ରାହୀ, ନୀଳମଣି ଗୁରୁ, ବିଜୟ ବିଶୋଇ, ବିପିନ ବିହାରୀ ନାୟକ, ଶିବ ଶଙ୍କର, ବୈରାଗୀ ବେହେରା, ଯୋଗେଶ ସାହୁ, ଗୋପାଳ ପାଣିଗ୍ରାହୀ, ଗୋକୁଳ ତ୍ରିପାଠୀ, ରାଜାରାଓ, ହରି ନାହାକ, ଚିଟିବାବୁ ଓ ଗୋକୁଳ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକାଶଥାଉକି ଆଜି ଓଇଆରସି ପକ୍ଷରୁ ଭୁବନେଶ୍ୱର ଠାରେ ବିଦ୍ୟୁତ ଗ୍ରାହକ ମାନଙ୍କୁ ଟାଟା ଯୋଗାଉଥିବା ସେବା ସମ୍ପର୍କରେ ଆପତ୍ତି ଓ ଅଭିଯୋଗ ଶୁଣାଣି ହେଉଛି । ଏଥିରେ ଦକ୍ଷିଣ ଓଡ଼ିଶା ବିଦ୍ୟୁତ ଉପଭୋକ୍ତାମାନଙ୍କ ପକ୍ଷରୁ ଅଳି କିଶୋର ପଟ୍ଟନାୟକ ଉପଭୋକ୍ତା ମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଗୁଡ଼ିକୁ ଉପସ୍ଥାପନ କରିବା ପାଇଁ ଯାଇଛନ୍ତି ।



୧୦/୧୦/୨୦୨୫ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୨୯,୫୯୫/-
ସୁନା: ୦୦.୫୧୦ ଗ୍ରାମ୍
ରୁପା: ୦୪.୫୦୦ ଗ୍ରାମ୍



• ୫୮ ତମ କୁମାର ଉତ୍ସବ ଉଦ୍‌ଯାପିତ

## ଦର୍ଶକଙ୍କୁ ମତୁଆଲା କଲେ ଇରା



ପୁରୀ,୧୦।୧୦(ସମିସ): ଶ୍ରୀକ୍ଷେତ୍ରର ଅନ୍ୟତମ ପୁରାତନ ଅନୁଷ୍ଠାନ କୁମାର ଉତ୍ସବ ସମିତି ପକ୍ଷରୁ ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ତିନିଦିନ ଧରି ଅନୁଷ୍ଠିତ ୫୮ତମ କୁମାର ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଇଂ. ରାଜେଶ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦୂରଦର୍ଶନର ଉଦ୍‌ଘୋଷିକା କଳ୍ପନା ମିଶ୍ର, ଗୋରୁଆଳ ସରପଞ୍ଚ ନିରଞ୍ଜନ ମିଶ୍ର, ଅନୁଷ୍ଠାନର ଉପସଭାପତି ଅମରେନ୍ଦ୍ର ପାଇକରାୟ, ଉପଦେଷ୍ଟା ମନୋଜ ରଥ ମଞ୍ଚାସୀନ ଥିଲେ। ଏହି ଅବସରରେ ବର୍ଷୀୟାନ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀଙ୍କୁ କୁମାର ଉତ୍ସବ ସମ୍ମାନ-୨୦୨୫ରେ ସମ୍ମାନିତ କରାଯିବା ସହ ଆଧ୍ୟାତ୍ମିକ ପ୍ରବକ୍ତା ବ୍ରଜମୋହନ ଜୀଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସୁକାନ୍ତ କୁମାର ପଣ୍ଡାଙ୍କ ସମ୍ପାଦିତ 'ଶିଶୁ ସମାଚାର' ଲୋକାର୍ପିତ ହୋଇଥିଲା। ସାଧାରଣ ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କୃଷ୍ଣମଣି ନୃତ୍ୟ କଳା ମନ୍ଦିର ପକ୍ଷରୁ ଗୁରୁ ମନସ୍ମିତା ସାହୁଙ୍କ ନିର୍ଦ୍ଦେଶନାରେ ଶିଳ୍ପୀମାନେ ମାହାରୀ ନୃତ୍ୟ ପରିବେଷଣ କରିଥିଲେ। ଉଦ୍‌ଯାପତୀ କାର୍ଯ୍ୟକ୍ରମରେ ମୁଖ୍ୟ ଆକର୍ଷଣ ସଙ୍ଗୀତର ସୁନେଲୀ ସନ୍ଧ୍ୟାରେ ସ୍ୱନାମଧନ୍ୟା ଗାୟିକା ଇରା ମହାନ୍ତି ଓ ସାଥୀଙ୍କ ଦ୍ୱାରା ପରିବେଷିତ ହୋଇ ଉପସ୍ଥିତ କଳାପ୍ରେମୀଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଭାଇ ତଳେ ରହିଲା ରାଣ..., ରାକ୍ଷୀ ବାନ୍ଧିଲି ରଖିବୁ ମାନ..., ପ୍ରେମ ଅଢ଼ଇ ଅକ୍ଷର..., ରାମାରେ ରାମାରେ... ଭଳି ହିଟ୍ ଗାଇ ଦର୍ଶକଙ୍କୁ ମତୁଆଲା କରିଥିଲେ ଇରା। ଏଥିସହ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ କାର୍ଯ୍ୟକ୍ରମ ସଂଯୋଜନା କମିଟି ଅଧ୍ୟକ୍ଷ ଭରତ ନାୟକ, ମଞ୍ଚ ସଂଯୋଜନା କମିଟି ଅଧ୍ୟକ୍ଷ ଶ୍ୟାମପ୍ରକାଶ ସେନାପତି ଏବଂ ଆର୍‌ଜେ ମଧୁସ୍ମିତା ସଞ୍ଚାଳନ କରିଥିଲେ।

• ଶ୍ରୀ ଶ୍ରୀ ମହାମାୟା ଗଜଲକ୍ଷ୍ମୀ ପୂଜା

## ମଣ୍ଟୁ ଛୁରିଆଙ୍କ ଗୀତରେ ଝୁମିଲେ ଦର୍ଶକ

ପୁରୀ,୧୦।୧୦(ସମିସ): ବାଲିଘାଟ ଜାଗେଶ୍ୱରୀ ଛକସ୍ଥିତ ଶ୍ରୀ ଶ୍ରୀ ମହାମାୟା ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ୧୮ ତମ ମା'ଗଜଲକ୍ଷ୍ମୀ ଦେବୀଙ୍କ ପୂଜା ଉତ୍ସବ ଚାଲିଛି। ଶୁକ୍ରବାରଠାରୁ ଆରମ୍ଭ ହୋଇଛି ତିନିଦିନିଆ ସାଂସ୍କୃତିକ କାର୍ଯ୍ୟକ୍ରମ। ପ୍ରଥମ ସନ୍ଧ୍ୟାରେ ଦର୍ଶକଙ୍କୁ ମତୁଆଲା କରିଛନ୍ତି ଗୀତ ବାହାର କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆ ଏବଂ ତାଙ୍କ ସାଥୀ। ସୁମଧୁର ସଙ୍ଗୀତ ସମ୍ବଲପୁରିଆ ବାବୁ ଓ ରଙ୍ଗବତୀ ଭଳି ଅନେକ ଗୀତରେ ଝୁମିଛନ୍ତି ଦର୍ଶକ। ଶନିବାର ଦ୍ୱିତୀୟ ସନ୍ଧ୍ୟାରେ ଆକର୍ଷଣ ସାଜିବେ ନାଭିୟା ଜେଟୀ ଓ ତାଙ୍କ ଗ୍ରୁପ୍ ଏବଂ ଶେଷ ସନ୍ଧ୍ୟାରେ ମହାରାଜା ବ୍ୟାଣ୍ଡ ପକ୍ଷରୁ ଗ୍ରୁପକୁ ନେଇ ମଞ୍ଚକୁ ଆସିବେ କଣ୍ଠଶିଳ୍ପୀ ସୁଙ୍କାନି ମହାପାତ୍ର।



ଶୁକ୍ରବାର ମୁଖ୍ୟ ଅତିଥି ରୂପେ ପୁରୀ ବିଧାୟକ ସୁନୀଲ ମହାନ୍ତି, ପୂର୍ବତନ ପୌରାଧ୍ୟକ୍ଷ ଶାନ୍ତିଲତା ପ୍ରଧାନ, ପୂର୍ବତନ ନଗରପାଳ ସୁରେନ୍ଦ୍ର ଦାଶ, ପୂର୍ବତନ ପୌର ସଦସ୍ୟ ଭକ୍ତ ଚରଣ ଦାସ, ନାରଣ ପଟ୍ଟନାୟକ, ପ୍ରଦୀପ ନାୟକ, ସୁଦର୍ଶନ ଦାସ, କାଞ୍ଚିତା ମହାନ୍ତି, ପ୍ରିତମ ଜଗଦେବ, ଷ୍ଟାର୍ଲିନ ପରିଜା, ପୁଷ୍ପାଞ୍ଜଳି ରଣା, ସବ୍ୟସାଚୀ ମହାପାତ୍ର, ପୁରୀ ସଦର ବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ର, ଗୁଣନିଧି ଦାସ ମହାପାତ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ବିଭୂତି ଭୂଷଣ ସେଠୀ, ମୁଖ୍ୟ ଉପଦେଷ୍ଟା ଭାଗିରଥି ପ୍ରଧାନ, ଉପ ସଭାପତି ସୁନିଲ ମହାରଣା, ସମ୍ପାଦକ ସୁଜିତ୍ ସାହୁ, ଅଶୋକ କୁମାର ସୁବୁଦ୍ଧି, ସଞ୍ଜିତ୍ କୁମାର ସାହୁ, ହିମାଂଶୁ ମୁଦୁଲି, ଭିକାରୀ ସାହୁ, ରଞ୍ଜନ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅନୁଷ୍ଠାନର ସମ୍ପାଦକ ଶ୍ରୀ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

ହୋଟେଲରେ ଜୁଆଖେଳ; ୬ ଗିରଫ

# ୯୦ ହଜାର ଟଙ୍କା, ୫ ମୋବାଇଲ ଜବତ

ପୁରୀ,୧୦।୧୦(ସମିସ): ସିଟି ରୋଡର ଏକ ହୋଟେଲରେ ଜୁଆ ଖେଳ ଚାଲିଥିବା ବେଳେ ଅଚାନକ ସେଠାରେ ଚଢାଉ କରିଥିଲା ସମୁଦ୍ରକୂଳ ଥାନା ପୁଲିସ। ଏହି ଘଟଣାରେ ପୁଲିସ ୬ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଭୁଦାନ ଛକର ଆର୍. ସନ୍ତୋଷ ରେଡ୍ଡୀ, ବ୍ଲକ ଛକର ମନୋଜ ସ୍ୱାଇଁ, ଷ୍ଟେଶନ ରୋଡ ଧୋବାସାହିର ରକେଶ ସେଠୀ, ସଦର ଥାନା କପିଳେଶ୍ୱରପୁରର ଚିତ୍ରସେନ ସ୍ୱାଇଁ, ସୁଆର ସାହିର ପଦ୍ମନାଭ ବେହେରା ଓ ଗୋପ ବଉଳାଙ୍ଗର ଆଶିଷ ଖୁଣ୍ଟିଆ। ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ସିଟି ରୋଡର ଏକ ହୋଟେଲର ୩୦୭ ନଂ. ରୁମ୍‌ରେ ଜୁଆ ଖେଳ ଚାଲିଥିବା ସମୁଦ୍ରକୂଳ ଥାନା ପାଟ୍ରୋଲିଂରେ ଥିବା ପୁଲିସ କର୍ମଚାରୀଙ୍କୁ ବିଶେଷ ସୂତ୍ରରୁ ଖବର ମିଳିଥିଲା। ସେମାନେ ସଙ୍ଗେ ସଙ୍ଗେ ସେହି ହୋଟେଲରେ ଚଢାଉ କରି ଉପରୋକ୍ତ ୭ ଜଣଙ୍କୁ କାବୁ କରିଥିଲେ। ଏଥିସହ ସେମାନଙ୍କଠାରୁ ୯୦ ହଜାର ୫୦୦ ଟଙ୍କା, ୫ଟି ମୋବାଇଲ ଫୋନ, ୩ମୁଠା ତାସ୍ ଆଦି ଜବତ କରିଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ.୨୯୬/୨୫) ରୁଜୁ କରାଯାଇଥିବା ବେଳେ ଶନିବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୁଲିସ କହିଛି।



ବଡ଼ଦାଣ୍ଡରେ ଭକ୍ତଙ୍କ ପଦଯାତ୍ରା

## ଭୋଟ ଚୋରି ନେଇ ବିଜେପିକୁ ଟାର୍ଗେଟ୍

ପୁରୀ,୧୦।୧୦(ସମିସ): ଓଡିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତ ଚରଣ ଦାସ ଭୋଟ ଚୋରି ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଶୁକ୍ରବାର ଶ୍ରୀ ଦାସ ଭୁବନେଶ୍ୱରରୁ ବାହାରି ପିପିଲି, ସତ୍ୟବାଦୀ ଦେଇ



ପୁରୀରେ ପହଞ୍ଚିଥିଲେ। ଜନସାଧାରଣଙ୍କୁ ଭାରତୀୟ ନିର୍ବାଚନ କମିଶନଙ୍କ ମାଧ୍ୟମରେ କରାଯାଇଥିବା ଭୋଟ ଚୋରି ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ। ସନ୍ଧ୍ୟାରେ ଶ୍ରୀ ଦାସ ଡାକ୍ତରଖାନା ଛକରେ ପହଞ୍ଚି ଉପସ୍ଥିତ ଶତାଧିକ କଂଗ୍ରେସ ନେତା ଏବଂ କର୍ମୀଙ୍କ ଗହଣରେ ପଦଯାତ୍ରା କରିଥିଲେ। ସେଠାରୁ ମୁକ୍ତାକାଶ ରଙ୍ଗମଞ୍ଚ ପର୍ଯ୍ୟନ୍ତ ପଦଯାତ୍ରାରେ ଆସିବା ବେଳେ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ଶତାଧିକ ଦଳୀୟ ନେତା, କର୍ମୀ ଓ ମହିଳାଙ୍କୁ ସାକ୍ଷାତ୍ କରିଥିଲେ। ଏଥିସହ ଭୋଟ ଚୋରି ସମ୍ବନ୍ଧୀୟ ହସ୍ତାକ୍ଷର ଜିଲ୍ଲାର ବିଭିନ୍ନ ବ୍ଲକ୍ କଂଗ୍ରେସ କାର୍ଯ୍ୟକର୍ତ୍ତାଙ୍କ ଠାରୁ ଗ୍ରହଣ କରିଥିଲେ।

ଏହି ଅବସରରେ ଶ୍ରୀ ଦାସ କହିଥିଲେ, ଭୋଟ ଚୋରିକୁ ନେଇ କର୍ମୀମାନେ ଦସ୍ତଖତ ଅଭିଯାନ କରିଥିଲେ। ତାହାକୁ ଆଜି ଜିଲ୍ଲାର ବିଭିନ୍ନ ସ୍ଥାନରୁ ସଂଗ୍ରହ କରିଛି। ୧୨ ତାରିଖ ମଧ୍ୟରେ ଜିଲ୍ଲାରେ ୭୫ ହଜାର ଦସ୍ତଖତ ସଂଗ୍ରହ କରାଯିବ। ସାରା ରାଜ୍ୟରେ ୨୦ ଲକ୍ଷ ଦରଖାସ୍ତ ସଂଗ୍ରହ କରିବାକୁ କଂଗ୍ରେସ ଲକ୍ଷ୍ୟ ରଖିଛି। ସରକାର ଲୋକଙ୍କ ସମସ୍ୟା କଥା ଶୁଣୁନାହାନ୍ତି। ବୀମା ହେଉ କି ଧାନ ବିକ୍ରି ଅବା ଚାକିରୀ ସବୁ କ୍ଷେତ୍ରରେ ଲୋକେ ହଇରାଣ ହେଉଛନ୍ତି। ପୁଲିସ ଏସ୍ଆଇ ନିଯୁକ୍ତିରେ ବଡ ଧରଣର ଘୋଟାଲା ହୋଇଛି। ଘଟଣାର ସବିଆଇ ତଦନ୍ତ ଦାବି କରିଥିଲେ। ସେହିପରି ଜନ ସାଧାରଣ କଂଗ୍ରେସକୁ ସମର୍ଥନ ଜଣାଉଛନ୍ତି। କିନ୍ତୁ ଭାଜପା ଭୋଟ ଚୋରି କରୁଛି। ଗତ ନିର୍ବାଚନରେ ବିଜେଡି ୫୧ଟି ବିଧାନସଭା ସିଟ୍ ଜିତିଲା। କିନ୍ତୁ ଗୋଟିଏ ହେଲେ ସାଂସଦ ସିଟ୍ ନ ଜିତବା ନେଇ ଭକ୍ତ ଆଶ୍ଚର୍ଯ୍ୟପ୍ରକଟ କରିଥିଲେ। ଏହା ଭୋଟ ଚୋରିକୁ ପ୍ରମାଣ କରୁଛି।

ପୁରୀ ଜିଲ୍ଲା କଂଗ୍ରେସ କମିଟି ସଭାପତି ଇଂ. ରାଜେଶ କୁମାର ମିଶ୍ରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ପୁରୀ ଜିଲ୍ଲା କଂଗ୍ରେସ ପ୍ରଭାରୀ ମନୋରଞ୍ଜନ ପଟ୍ଟନାୟକଙ୍କ ସମେତ ଜିଲ୍ଲାର ବରିଷ୍ଠ ନେତା ଉତ୍ତମ ଆଚାର୍ଯ୍ୟ, ବିଶ୍ୱଭୂଷଣ ଦାସ, ବିଶ୍ୱକେସନ ହରିଚନ୍ଦନ ମହାପାତ୍ର, ମନୋଜ ରଥ, ଉମାକାନ୍ତ ବରାଳ, ସରସ୍ୱତୀ ପାତ୍ର, ବିଦ୍ୟୁତଲତା ଆଚାର୍ଯ୍ୟ, ଅମରେନ୍ଦ୍ର ପାଇକରାୟ, ସୁଜିତ ମହାପାତ୍ର, ବିଶ୍ୱନାଥ ଦାଶ, ଭାସ୍କର ସେଠ, ଅବଧୂତ ସ୍ୱାଇଁ, ସୌମ୍ୟକାନ୍ତ ଖୁଣ୍ଟିଆ, ସୁଧାକର ଦଳେଇ, ନିର୍ମଳ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

• ନାବାଳିକାକୁ ଯୌନ ନିର୍ଯାତନା ମାମଲା

## ଅଭିଯୁକ୍ତକୁ ୨୦ ବର୍ଷ କାରାଦଣ୍ଡ

ପୁରୀ,୧୦।୧୦(ସମିସ): ୨୦୨୪ ମସିହାରେ କୃଷ୍ଣପ୍ରସାଦ ଥାନା ଅଞ୍ଚଳରେ ଘଟିଥିବା ନାବାଳିକା ଯୌନ ନିର୍ଯାତନା ମାମଲାର ରାୟ ପ୍ରକାଶ ପାଇଛି। ଅତିରିକ୍ତ ଜିଲ୍ଲା ଓ ସେସନ୍ ନ୍ୟାୟାଧୀଶ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟରେ ଦୋଷୀକୁ ଦଣ୍ଡାଦେଶ ହୋଇଛି। ଅଭିଯୁକ୍ତ କୃଷ୍ଣପ୍ରସାଦ ଥାନା ଜହ୍ନବୁଡି ଗ୍ରାମର ହରିହର ପାହାଣ (୪୦) ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ଅଭିଯୁକ୍ତ ହରିହର ଗତବର୍ଷ ମେ ୭ ସନ୍ଧ୍ୟା ପ୍ରାୟ ସାଢେ ୭ଟା ସମୟରେ ଏହି କୁକର୍ମ କରିଥିଲା। ନାବାଳିକା ଜଣ ଟ୍ୟୁଶନରୁ ନିଜ ଘରକୁ ଫେରୁଥିଲେ। ଅଭିଯୁକ୍ତ ହରିହର ନାବାଳିକାକୁ ଘର ପଛ ପଟକୁ ନେଇ ବଳପୂର୍ବକ ଦୁଷ୍କର୍ମ କରିଥିଲା। ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଆଧାର କରି ପୁଲିସ ପୋକ୍ସୋ ଆକ୍ଟରେ ଏକ ମାମଲା (ନଂ.୧୦୯/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ପୁଲିସ। କୃଷ୍ଣପ୍ରସାଦ ଥାନାଧିକାରୀ ବସନ୍ତ କୁମାର ସାହୁ ତଦନ୍ତ ଦାୟିତ୍ୱ ଗ୍ରହଣ କରି ଅଭିଯୋଗକାରୀ, ସାକ୍ଷୀମାନଙ୍କୁ ପଚାରା ଉଚରା କରିଥିଲେ। ପୀଡିତାଙ୍କ ଡାକ୍ତରୀ ପରୀକ୍ଷା ହୋଇଥିଲା। ଅଭିଯୁକ୍ତଙ୍କୁ ମେ ୧୧ ତାରିଖରେ ଗିରଫ କରି ଅଦାଲତକୁ ପଠାଯାଇଥିଲା। ସମ୍ପୂର୍ଣ୍ଣ ତଦନ୍ତ ଶେଷ ହେବା ପରେ ପୁଲିସ ଗତବର୍ଷ ଜୁନ୍ ୩୦ ତାରିଖରେ ଚାର୍ଜଶିଟ୍ ଦାଖଲ କରିଥିଲା। ତେବେ ସାକ୍ଷୀଙ୍କ ବୟାନକୁ ଆଧାର କରି ଶୁକ୍ରବାର ଅଦାଲତ ଏହି ରାୟ ଦେଇଛନ୍ତି। ଏଥିସହ ରାଜ୍ୟ ସରକାର ପୀଡ଼ିତାକୁ ୭ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ କୁହାଯାଇଛି।

## ହବିଷ୍ୟାଳି କେନ୍ଦ୍ର ଦାୟିତ୍ୱରେ ବରିଷ୍ଠ ଅଧିକାରୀ

ପୁରୀ,୧୦।୧୦(ସମିସ): କାର୍ତ୍ତିକ ବ୍ରତ ବା ରାଇଦାମୋଦର ବ୍ରତ ପାଇଁ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ହବିଷ୍ୟାଳି କେନ୍ଦ୍ର ଚଳଚଞ୍ଚଳ ହୋଇ ଉଠିଛି। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ନିଜେ ସମସ୍ତ ହବିଷ୍ୟାଳି କେନ୍ଦ୍ରକୁ ଏକାଧିକ ବାର ପରିଦର୍ଶନ କରି ତାହାର ସ୍ଥିତି ଅନୁଧ୍ୟାନ କରୁଛନ୍ତି। କେନ୍ଦ୍ରଗୁଡ଼ିକରେ ଯେପରି କୌଣସି ଅସୁବିଧା ନ ହୁଏ ସେଥିପ୍ରତି ସଜାଗ ରହିବାକୁ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ହବିଷ୍ୟାଳି କେନ୍ଦ୍ର ବୁଲିବା ସମୟରେ ବ୍ରତଧାରୀ ମା'ମାନଙ୍କ ସହ ଜିଲ୍ଲାପାଳ ଆଲୋଚନା କରିବା ସହ ସେମାନେ ଉଠାଉ ଥିବା ବିବିଧ ସମସ୍ୟାର ତ୍ୱରିତ ସମାଧାନ ପାଇଁ ନିର୍ଦ୍ଦେଶ ଦେଉଛନ୍ତି। ଜିଲ୍ଲାପାଳ କେନ୍ଦ୍ରଗୁଡ଼ିକର ଶୃଙ୍ଖଳିତ ପରିଚାଳନା ପାଇଁ ବରିଷ୍ଠ ଅଧିକାରୀମାନଙ୍କୁ ଦାୟିତ୍ୱ ଦେଇଛନ୍ତି। ବୃନ୍ଦାବତୀ ହବିଷ୍ୟାଳୀ କେନ୍ଦ୍ରରେ ବରିଷ୍ଠ ଅଧିକାରୀ ଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଓ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ଶରତ ଚନ୍ଦ୍ର ମହାପାତ୍ର, ବଗଲା ଧର୍ମଶାଳା ଦାୟିତ୍ୱରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ମୋଚିସାହି କଲ୍ୟାଣ ମଣ୍ଡପଠାରେ ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ଦାୟିତ୍ୱରେ ପିକେଡିଏ ସମ୍ପାଦକ ଦିଲ୍ଲୀପ କୁମାର ମହାରଣା ଓ ଉପ ଜିଲ୍ଲାପାଳ ରାଜକିଶୋର ଜେନା ରହିଛନ୍ତି। ବରିଷ୍ଠ ଅଧିକାରୀଙ୍କ ଅଧୀନରେ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ, ସ୍ୱେଚ୍ଛାସେବୀମାନେ କାର୍ଯ୍ୟରତ ଅଛନ୍ତି।

## ଅଧିକାରୀଙ୍କ ଜନଶିକ୍ଷଣ ସଂସ୍ଥାନ ପରିଦର୍ଶନ

ପୁରୀ,୧୦।୧୦(ସମିସ): ସ୍ଥାନୀୟ ସର୍ବୋଦୟ ନଗରସ୍ଥିତ ଦକ୍ଷତା ବିକାଶ ପ୍ରଶିକ୍ଷଣ ପ୍ରତିଷ୍ଠାନ ଜନ ଶିକ୍ଷଣ ସଂସ୍ଥାନକୁ ଭାରତ ସରକାରଙ୍କ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରାଳୟର ଆଞ୍ଚଳିକ ନିର୍ଦ୍ଦେଶକ ଗୌତମ ଚନ୍ଦ୍ର ସାହା ଓ ସହ ନିର୍ଦ୍ଦେଶକ ସଙ୍କେତ କୁମାର ସିନ୍ଧେ ପରିଦର୍ଶନ କରିଛନ୍ତି। କେନ୍ଦ୍ର ସରକାରଙ୍କ କୌଶଳ ବିକାଶ ଏବଂ ଉଦ୍ୟମିତା ମନ୍ତ୍ରାଳୟର ଅନ୍ତର୍ଗତ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ପ୍ରଶିକ୍ଷଣ ଅଗ୍ରଗତି ନେଇ ସମୀକ୍ଷା କରିଥିଲେ ଏବଂ ଜିଲ୍ଲାରେ ଆଡ଼ଭାନ୍ସ ଟ୍ରେନିଂ ପ୍ରସ୍ତୁତି ନେଇ ସୂଚନା ଦେଇଥିଲେ। ଏହି ଅବସରରେ ସଂସ୍ଥାନର ବିଭିର୍ନ୍ନ ପ୍ରଶିକ୍ଷଣ ଶିବିର ଯଥା ବିଉଟି ପାର୍ଲର, ହେୟାର ଡ୍ରେସର, ଡ୍ରେସ ମେକର, ଖାଦ୍ୟ ପ୍ରକ୍ରିୟାକରଣ ଟ୍ରେନିଂ ହଲ୍‌ଗୁଡିକ ବୁଲି ଦେଖିଥିଲେ। ତତ୍‌ସହିତ ପ୍ରଶିକ୍ଷକ ଏବଂ ପ୍ରଶିକ୍ଷାର୍ଥୀମାନଙ୍କୁ ଶିକ୍ଷଣ ବିଷୟବସ୍ତୁ ଏବଂ ପରବର୍ତ୍ତୀ କାର୍ଯ୍ୟପନ୍ଥା, ନିଯୁକ୍ତି, ଉଦ୍ୟୋଗ ସ୍ଥାପନ ନେଇ ପ୍ରସ୍ତୁତି ପଦକ୍ଷେପ ଉପରେ ପଚାରି ବୁଝିଥିଲେ। ସଂସ୍ଥାନ ତରଫରୁ ଉଭୟ ଅଧିକାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହାପରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରି ସେମାନେ ଫେରିଯାଇଥିଲେ।

କାର୍ଯ୍ୟକ୍ରମରେ ଜନ ଶିକ୍ଷଣ ସଂସ୍ଥାନ, ପୁରୀର ନିର୍ଦ୍ଦେଶକ ଜ୍ଞାନ ବିକାଶ ଗଜେନ୍ଦ୍ର, ପ୍ରୋଗ୍ରାମ ଅଫିସର ଶଶିଭୂଷଣ ଦତ୍ତ, ସହଯୋଗୀ ପ୍ରୋଗ୍ରାମ ଅଫିସର ନିକି ପ୍ରଧାନ, କର୍ମଚାରୀ ପ୍ରତାପ ବେହେରା, ଜୀବନଜୀତା ଦାସ, ବାଦଲ ପରିଡା, ୬ ଜଣ ପ୍ରଶିକ୍ଷକ ଏବଂ ୧୧୮ ଜଣ ପ୍ରଶିକ୍ଷାର୍ଥୀ ଉପସ୍ଥିତ ଥିଲେ।

ସରକାରୀ ଡାକ୍ତରଙ୍କ ଘରୋଇ ପାଥୋଲାବ ପ୍ରୀତି

## ଡାଇଗ୍ନୋଷ୍ଟିକ୍ ସେଣ୍ଟରରେ ଖର୍ଚ୍ଚାନ୍ତ ହେଉଛନ୍ତି ବରିଷ୍ଠ ନାଗରିକ

ପୁରୀ,୧୦।୧୦(ସମିସ): ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସୁବିଧା ଯୋଗାଇଦେବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ବରିଷ୍ଠ ନାଗରିକଙ୍କ କ୍ଷେତ୍ରରେ ଏ ଦିଗରେ ଅଧିକ ସମ୍ବେଦନଶୀଳ ହେବା ପାଇଁ କୁହାଯାଉଛି। ଏଥିଲାଗି ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ସରକାରୀ ଡାକ୍ତରଖାନାକୁ ଆସୁଥିବା ରୋଗୀମାନେ ମାଗଣାରେର ଯଥାସମ୍ଭବ ଉତ୍ତମ ଚିକିତ୍ସା ସୁବିଧା ପାଇବେ ସେଥିପାଇଁ ଭିତ୍ତିଭୂମିର ବିକାଶଠାରୁ ଆରମ୍ଭ କରି ବିଭିନ୍ନ ଡାକ୍ତରୀ ପରୀକ୍ଷା, ଔଷଧ ଯୋଗାଇ ଦିଆଯାଉଛି। ଏହାସତ୍ତ୍ୱେ ଏମିତି କିଛି ଡାକ୍ତର ଅଛନ୍ତି ଯେଉଁମାନଙ୍କର ଘରୋଇ ହସ୍ପିଟାଲ ଏବଂ ପାଥୋଲାବ ପ୍ରୀତି ରହିଛି। ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ସେମାନେ ତାଙ୍କ ସେବାର ଧର୍ମକୁ ପଛକୁ ଠେଲିଦିଅନ୍ତି। ରୋଗୀଙ୍କୁ ସରକାରୀ ହସ୍ପିଟାଲ ଅପେକ୍ଷା ଘରୋଇ ଚିକିତ୍ସାଳୟ ଏବଂ ପାଥୋଲାବକୁ ପଠାଇଥାନ୍ତି। ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏମିତି କିଛି ଡାକ୍ତରଙ୍କ ନାଁରେ ପୂର୍ବରୁ ଅଭିଯୋଗ ରହି ଆସିଥିବା ବେଳେ ଶୁକ୍ରବାର ଏହାର ପୁନରାବୃତ୍ତି ଘଟିଛି। ଜ୍ୱରରେ ପୀଡ଼ିତ ଜଣେ ବରିଷ୍ଠ ନାଗରିକଙ୍କୁ ରକ୍ତ ଏବଂ ପରିସ୍ରା ପରୀକ୍ଷା କରିବା ଲାଗି ଡାକ୍ତର ଏକ ଘରୋଇ ଡାଇଗ୍ନୋଷ୍ଟିକ ସେଣ୍ଟରକୁ ପଠାଇବା ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏହାକୁ ନେଇ ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ଏଡିଏମ୍‌ଓଙ୍କୁ ଲିଖିତ ଭାବେ ଅଭିଯୋଗ କରିଛି।

> ୧,୨୦୦ ଟଙ୍କା ଦେଇ ରକ୍ତ, ପରିସ୍ରା ପରୀକ୍ଷା କଲେ କୃଷ୍ଣଚନ୍ଦ୍ର

ସୁଆଣ୍ଡୋ ଅଞ୍ଚଳର କୃଷ୍ଣଚନ୍ଦ୍ର ନାୟକ। ବୟସ ୭୦ରୁ ଉର୍ଦ୍ଧ୍ୱ ହେବ। ତାଙ୍କୁ ଜ୍ୱର ହୋଇଥିଲା। ଗାଁ ପାଖ ଦୋକାନରୁ ଔଷଧ କିଣି ଖାଇଥିଲେ। ଜ୍ୱର କମିବା ପରେ ପୁଣି ହେଉଛି। ପ୍ରାୟ ୨୦ ଦିନ ଧରି ଜ୍ୱର ସମ୍ପୂର୍ଣ୍ଣ ନ ଛାଡିବା ପରେ ଶୁକ୍ରବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ଓପିଡି ଟିକେଟ୍ କରି ଡାକ୍ତରଙ୍କୁ ଦେଖାଇଥିଲେ। ଡାକ୍ତର ତାଙ୍କୁ ନିକଟସ୍ଥ ଏକ ଡାଇଗ୍ନୋଷ୍ଟିକ ସେଣ୍ଟରକୁ ପଠାଇଥିଲେ। ସେଠାରେ ରକ୍ତ ଏବଂ ପରିସ୍ରା ପରୀକ୍ଷା କରି ରିପୋର୍ଟ ଆଣିବା ପାଇଁ ପରାମର୍ଶ ଦେଇଥିଲେ। ବିଚରା ବରିଷ୍ଠ ନାଗରିକ ଜଣଙ୍କ ଡାକ୍ତରଙ୍କ ପରାମର୍ଶ କ୍ରମେ ସେହି ଘରୋଇ ପାଥୋଲାବ୍‌କୁ ଯାଇଥିଲେ। ସେଠାରେ ଡାକ୍ତର ଲେଖି ଦେଇଥିବା ପ୍ରେସକ୍ରିପସନ୍ ଦେଖାଇଥିଲେ। ତାଙ୍କର ରକ୍ତ ଏବଂ ପରିସ୍ରା ପରୀକ୍ଷା କରିବା ଲାଗି ଡାକ୍ତର ଲେଖିଥିବା ପାଥୋଲାବ୍ କର୍ମଚାରୀ କୃଷ୍ଣଚନ୍ଦ୍ରଙ୍କୁ କହିବା ସହ ଏଥିପାଇଁ ୧,୨୦୦ ଟଙ୍କା ଦେବାକୁ କହିଥିଲେ। ନିରୁପାୟ କୃଷ୍ଣଚନ୍ଦ୍ର ଟଙ୍କା ଦେଇ ପରୀକ୍ଷା କରିଥିଲେ।

ଏହି ଖବର ଆପ୍ ପୁରୀ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତିଙ୍କ ପାଖରେ ପହଞ୍ଚିଥିଲା। ସେ କୃଷ୍ଣଚନ୍ଦ୍ରଙ୍କ ପାଖରେର ପହଞ୍ଚି ସବୁ ବିଷୟ ବୁଝିଥିଲେ। କେଉଁ ଡାକ୍ତର ଲେଖିଥିଲେ ବୋଲି ପଚାରିବାରୁ କୃଷ୍ଣଚନ୍ଦ୍ର ତାଙ୍କ ନାଁ ଜାଣି ନ ଥିବା କହିଥିଲେ। ତାଙ୍କଠାରୁ ଶୁଣିବା ପରେ ସଞ୍ଜୀବ ଏଡିଏମ୍‌ଓଙ୍କୁ ଅଭିଯୋଗ କରିବାକୁ ଯାଇଥିଲେ। ସେ ଅନୁପସ୍ଥିତ ଥିବାବେଳେ ତାଙ୍କ କାର୍ଯ୍ୟାଳୟରେ ଅଭିଯୋଗପତ୍ର ଦେଇଛନ୍ତି। ସଞ୍ଜୀବ କହିଛନ୍ତି, ଜଣେ ଗରିବ ବରିଷ୍ଠ ନାଗରିକ ସହଜ ଏବଂ ସୁବିଧାରେ ଚିକିତ୍ସା ସେବା ପାଇବା ଆଶାରେ ସୁଆଣ୍ଡୋ ଅଞ୍ଚଳରୁ ଆସିଥିଲେ। ହେଲେ ଏଠାରେ ତାଙ୍କୁ ଡାକ୍ତର ପରୋକ୍ଷରେ ଏକପ୍ରକାର ଶୋଷଣ କରିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜ୍ୱର ପାଇଁ ଯଦି ଆବଶ୍ୟକ ରକ୍ତ ଏବଂ ପରିସ୍ରା ପରୀକ୍ଷା ସୁବିଧା ନାହିଁ ତେବେ ଏଠାରେ କେଉଁ ପ୍ରକାର ସେବା ମିଳିପାରୁଛି ବୋଲି ପ୍ରଶ୍ନ କରିଛନ୍ତି ସଞ୍ଜୀବ। ଡାକ୍ତରମାନେ ଘରୋଇ ହସ୍ପିଟାଲ ଏବଂ ପାଥୋଲାବ୍ ସହିତ ଭିତିରିଆ ବୁଝାମଣା କରି ରୋଗୀଙ୍କୁ ପଠାଉଥିବା ସେ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅକ୍ଷୟ କୁମାର ଶତପଥୀଙ୍କୁ ପଚାରିବାରେ ଏ ବିଷୟରେ ଜାଣି ନ ଥିଲି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଧିକାଂଶ ପରୀକ୍ଷା ସୁବିଧା ଉପଲବ୍ଧ ରହିଛି। ଯଦି ବି ଏପରି ଅଭିଯୋଗ ଆସିଛି ଏହାର ତଦନ୍ତ କରାଯିବ। ସତ୍ୟାସତ୍ୟ ଜଣାପଡିଲେ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।




### ନିଶା କବଳରେ ଯୁବପିଢ଼ି

# ପୁଲିସକୁ ବ୍ରାଉନସୁଗର ମାଗୁଛି ଅଭିଯୁକ୍ତ

ବିଞ୍ଝାରପୁର,୧୦।୧୦(ସମିସ): ସହରାଞ୍ଚଳ ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ଦିନକୁ ଦିନ ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଯୁବପିଢ଼ି ଆଜି ବିପଥଗାମୀ ହେବାରେ ଲାଗିଛନ୍ତି। ନିଶା କବଳରେ ପଡ଼ି ଯାବତୀୟ ଅପରାଧରେ ସାମିଲ ହେଉଥିବା ଦେଖିବାକୁ ମିଳିଛି। ଯାହାର ଆଜି ଏକ ଉଦାହରଣ ଦେଖିବାକୁ ମିଳିଛି ବିଞ୍ଝାରପୁର ଅଞ୍ଚଳରେ। ବିଞ୍ଝାରପୁର ପୁଲିସ ଏକ ଚୋରି ମାମଲାର ତଦନ୍ତ କରିବାକୁ ଯାଇ ଚୋର ଗ୍ୟାଙ୍ଗର ମୁଖ୍ୟ ସର୍ଦ୍ଦାରକୁ ବାନ୍ଧିଥିବା ବେଳେ ସେହି ସର୍ଦ୍ଦାର ଜଣକ ନିଶା ପାଇଁ ପୁଲିସକୁ ବ୍ରାଉନସୁଗର ପାଇଁ ନେହୁରା ହେଉଥିବା ଭିଡିଓ ଆଜି ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଘଟଣା ମୁତାବକ ବିଞ୍ଝାରପୁର ପୁରୁଣା ଥାନା ନିକଟରେ ଥିଲା ନିରଞ୍ଜନ ମହାନ୍ତିଙ୍କର ବହୁ ବର୍ଷର ତେଜରାତି ଦୋକାନରୁ ଗୁରୁବାର ବିଳମ୍ବିତ ରାତିରେ ଚୋର ଦୋକାନ ସଟର କାଢ଼ି ଲକ୍ଷାଧିକ ଟଙ୍କାର ରାସନ

**● ଚୋରି ସାମଗ୍ରୀ ଜବତ; ୨ ଗିରଫ**

ସାମଗ୍ରୀ ସମେତ ଇନର୍ଭଟର ବ୍ୟାଟେରି ଆଦି ଚୋରି କରି ନେଇଥିଲେ। ଏହି ଚୋରି ଘଟଣାକୁ ନେଇ ଦୋକାନୀ ନିରଞ୍ଜନ ମହାନ୍ତି ଶୁକ୍ରବାର ସକାଳେ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଗ୍ରହଣ କରି ବିଞ୍ଝାରପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି



ତଦନ୍ତ ଆରମ୍ଭ କରିଥିଲା। ଏହି ଚୋରି ଘଟଣାଟି ଥାନା ନିକଟରେ ଘଟିଥିବାରୁ ପୁଲିସ ପାଇଁ ଏହା ଚ୍ୟାଲେଞ୍ଜ ସଦୃଶ ଥିଲା। ଅଭିଯୋଗକାରୀଙ୍କ ଅଭିଯୋଗକୁ ଭିତ୍ତି କରି ବିଞ୍ଝାରପୁର ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଏକ ପୁଲିସ ଟିମ ଶୁକ୍ରବର ପୂର୍ବାହ୍ନରେ ବିଞ୍ଝାରପୁରସ୍ଥିତ କୁର୍ବାନୀ ମହଲ୍ଲାର ସେକ୍ ବାଦଶାହା (୨୫)ଙ୍କ ଘର ଚଢ଼ଉ କରି ୯ଟି ଇନ୍‌ଭେଟର ବ୍ୟାଟେରି, ବହୁ ମୂଲ୍ୟବାନ ଧାତୁ, ଲକ୍ଷାଧିକ ଟଙ୍କାର ରାସନ ସାମଗ୍ରୀ ଜବତ କରିବା ସହିତ ସେକ୍ ବାଦଶାହ ଓ ଅନ୍ୟ ଜଣେ ସହଯୋଗୀ ସେକ୍ ମୁନ୍ନା ଖାଁ (୨୨)କୁ ଗିରଫ କରିଥିବା ଜଣାପଡ଼ିଛି। ଏହି ଚୋର ଗ୍ୟାଙ୍ଗ ଏକାଧିକ ଚୋରିରେ ସଂପୃକ୍ତି ଥିବାର ଦୃଢ଼ ପ୍ରମାଣ ମିଳିଥିବା ବେଳେ ପୁଲିସ ଏହି ଚୋରି ଘଟଣାକୁ କେଶ ନଂ ୪୭୦/୨୫ରେ ମାମଲା ରୁଜ କରି ଅଧିକ ତଦନ୍ତ କରୁଥିବା ଜଣାପଡିଛି।

## ସରକାରୀ ରାସ୍ତାରୁ ଗଛ କାଟି ବିକ୍ରି ଉଦ୍ୟମ



ବାଲିଚନ୍ଦ୍ରପୁର,୧୦।୧୦(ସମିସ): ଦର୍ପଣ ତହସିଲ ବାଲିଚନ୍ଦ୍ରପୁର ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅନ୍ତର୍ଗତ ଭାକୁଡ଼ ଗ୍ରାମ ୨ ନମ୍ବର ୱାର୍ଡର ଏକ ସରକାରୀ ରାସ୍ତା କଡ଼ରେ ଥିବା ବଡ଼ ବଡ଼ ଚାକୁଣ୍ଡା ଓ ଆକାଶୀ ଗଛକୁ କେତେକ ଲୋକେ କାଟି ତାହାକୁ ବିକ୍ରି ପାଇଁ ଏକ ଟ୍ରାକ୍ଟରରେ ଭର୍ତ୍ତି କରି ବାହାରକୁ ଚାଲାଣ ପାଇଁ ପ୍ରସ୍ତୁତି ଚାଲୁଥିଲା। ତେବେ ଏନେଇ କୌଣସି ସୂତ୍ରରୁ ଖବର ପାଇ ବାଲିଚନ୍ଦ୍ରପୁର ରାଜସ୍ୱ ନିରୀକ୍ଷକ ରତ୍ନମାଳା ସାହୁ ଘଟଣାସ୍ଥଳରେ ପହଞ୍ଚି କଟା କାଠ ଭର୍ତ୍ତି ଟ୍ରାକ୍ଟରକୁ ଜବତ କରି ପରେ ସେ ଏନେଇ ସେ ଦର୍ପଣ ତହସିଲଦାରଙ୍କୁ ସୂଚନା ଦେଇଥିବା ନେଇ ଗଣ ମାଧ୍ୟମକୁ ସୂଚନା ଦେଇଛନ୍ତି। ତୁରନ୍ତ ଗଛ କଟାଳିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି।

### ■ କିରାଣି ଓ ଅତିଥି ଶିକ୍ଷକଙ୍କ ବିବାଦ

## ବିଦ୍ୟାଳୟରେ ପଡ଼ିଲା ତାଲା

ଯାଜପୁର,୧୦।୧୦ (ସମିସ): ଜଗବନ୍ଧୁ ଉଚ୍ଚ ବିଦ୍ୟାଳୟର କିରାଣି ଓ ଅତିଥି ଶିକ୍ଷକଙ୍କ ବିବାଦ ଯୋଗୁ ବିଦ୍ୟାଳୟରେ ତାଲା ପଡ଼ିଛି। ଏପରି ଘଟଣା ଯାଜପୁର ବ୍ଲକ ବଡ଼ସୁଆର ପଞ୍ଚାୟତ ଜଗବନ୍ଧୁ ଉଚ୍ଚ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଜଗବନ୍ଧୁ ଉଚ୍ଚ ବିଦ୍ୟାଳୟର ଅତିଥି ଶିକ୍ଷକ ଡ. ଆଶୁତୋଷ ବଳ ଘରକୁ ଫେରିବା ରାସ୍ତାରେ ଉକ୍ତ ବିଦ୍ୟାଳୟର କିରାଣି ମଞ୍ଜୁଲତା ବେହୁରିଆଙ୍କ ସ୍ୱାମୀ ଓ ପୁଅ




ମାର୍କଣ୍ଡପୁର ଛକ ନିକଟରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏ ନେଇ କିରାଣି ମଞ୍ଜୁଲତା ଯାଜପୁର ଟାଉନ ଥାନାରେ ଦ୍ୱାରସ୍ଥ ହୋଇଥିଲେ। ଅନ୍ୟ ପକ୍ଷରେ ଅତିଥି ଶିକ୍ଷକ ଆଶୁତୋଷ ବଳ ମଧ୍ୟ ସଂପୃକ୍ତ କିରାଣିଙ୍କ ନାମରେ ପାଲଟା ଅଭିଯୋଗ କରିଥିଲେ। ସକାଳୁ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଆସି ବିଦ୍ୟାଳୟରେ ତାଲା ପଡ଼ିଥିବା ଦେଖି ଘରକୁ ଫେରି ଯାଇଥିଲେ। ପୁଲିସ ଏହି ଘଟଣାକୁ ଗୁରୁତର ସହ ନେଇ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଯାଜପୁର ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ର ଶିକ୍ଷା ବିଭାଗର କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ। ବିଦ୍ୟାଳୟରେ ପଡ଼ିଥିବା ତାଲାକୁ ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ ଉପରୋକ୍ତ ଅଧିକାରୀଗଣ ପରିଚାଳନା କମିଟି ଓ ଅଭିଭାବକଙ୍କ ସହିତ ଆଲୋଚନା କରିଥିଲେ। ଆଗକୁ ଯେପରି ପରିସ୍ଥିତି ଜଟିଳ ନହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। ଏ ସମ୍ପର୍କରେ ଯାଜପୁର ଟାଉନ ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ରଙ୍କୁ ପଚାରିବାରେ ଦୁଇଜଣଙ୍କ ଅଭିଯୋଗକୁ ଭିତ୍ତି କରି ପୃଥକ୍ ପୃଥକ୍ ଭାବେ ଦୁଇଟି ମାମଲା ରୁଜୁ କରାଯାଇ ଦୁଇଜଣଙ୍କୁ ଥାନାକୁ ଡାକି ପଚରାଉଚରା କରାଯାଉଛି ବୋଲି ସୂଚନା ଦେଇଥିଲେ।

## ଧ୍ୟାନମଗ୍ନ ଶିବ ମୂର୍ତ୍ତି ଏବେ ସେଲ୍‌ଫି ପଏଣ୍ଟ!

ଯାଜପୁର,୧୦।୧୦(ସମିସ): ଯାଜପୁର ବରାହ ମନ୍ଦିର ନିକଟରେ ନିର୍ମାଣ ହୋଇଛି ଭାରତର ସର୍ବୋଚ୍ଚ ଧ୍ୟାନମଗ୍ନ ଶିବ ମୂର୍ତ୍ତି। ବିଗତ ସରକାର ଅମଳରେ ନିର୍ମାଣ ହୋଇଥିବା ଏହି ମୂର୍ତ୍ତି ଆଜି ପର୍ଯ୍ୟନ୍ତ ଉଦ୍‌ଘାଟନ ହୋଇନଥିବା ବେଳେ ଏହି ମୂର୍ତ୍ତି ଉପରକୁ ଲୋକେ ଚଢ଼ି ସେଲ୍‌ଫି ଓ ରିଲ୍ସ କରୁଥିବା ଦେଖିବାକୁ ମିଳିଛି। ଯାହା ଅତ୍ୟନ୍ତ ବିପଦଜନକ ଅଟେ। ମୂର୍ତ୍ତି ନିର୍ମାଣ ପାଇଁ ଲାଗିଥିବା ବାଉଁଶ ସାହାଯ୍ୟରେ ଯୁବକ ମାନେ ମୂର୍ତ୍ତି ଉପରକୁ ଚଢ଼ି ସେଲ୍‌ଫି ଓ ରିଲ୍ସ କରୁଥିବା ନଜରକୁ ଆସିଛି। ଗୋଟିଏ ପଟେ ସେଲ୍‌ଫି ଓ ରିଲ୍ସ କରୁଥିବା ଯୁବକମାନଙ୍କ ଜୀବନ ପ୍ରତି ବିପଦ ରହିଥିବା ବେଳେ ଅନ୍ୟପଟେ ମୂର୍ତ୍ତିର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଗତ ସରକାର ସମୟରେ ନିର୍ମାଣ ହୋଇଥିବା ଏହି ମେଗା ପ୍ରକଳ୍ପ ସମାପ୍ତ ହେବା ପରେ ଏହା ରାଜ୍ୟ ଓ ରାଜ୍ୟ



ବାହାରର ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବ ବୋଲି ଲକ୍ଷ୍ୟ ରହିଥିଲା। କିନ୍ତୁ ଏବର ସରକାର ଓ ପ୍ରଶାସନର ଇଚ୍ଛା ଶକ୍ତିର ଅଭାବ ଫଳରେ ଏହି ପ୍ରକଳ୍ପର ଭବିଷ୍ୟତକୁ ନେଇ ନାନା ଆଶଙ୍କା ଦେଖାଦେଇଛି। ତେଣୁ ଏଭଳି ବିପଦଜନକ କାର୍ଯ୍ୟକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଦାବୀ କରାଯାଇଛି। ଏ ସଂପର୍କରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କୁ ପଚାରିବାରେ ଏହି ପ୍ରକଳ୍ପ ନେଇ ସମୀକ୍ଷା କରାଯାଇଛି ଏବଂ ଏହି ବିପଦଜନକ କାର୍ଯ୍ୟକୁ ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ■ ଗଲଗଲି ଶଙ୍ଖର ବିକାଶ ପାଇଁ ନକ୍ସା ପ୍ରସ୍ତୁତ

## ପ୍ରଶାସନିକ ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ



ଧର୍ମଶାଳା,୧୦।୧୦(ସମିସ): ଧର୍ମଶାଳା ବ୍ଲକ ପଟୁଣିଆ ପଞ୍ଚାୟତ ଶଙ୍ଖଗ୍ରାମସ୍ଥିତ ଗଲଗଲି ଶଙ୍ଖ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ ହୋଇଛି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ନିର୍ଦ୍ଦେଶକ୍ରମେ ଧର୍ମଶାଳା ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ରଜତ ମହାପାତ୍ର ଏବଂ କନିଷ୍ଠଯନ୍ତ୍ରୀ ପ୍ରୀତିମୟୀ ସାମଲ ଗୁରୁବାର ଅପରାହ୍ନରେ ଏହି ପର୍ଯ୍ୟଟନ କ୍ଷେତ୍ର ପରିଦର୍ଶନ କରିଥିଲେ। ଏହି ପର୍ଯ୍ୟଟନ କ୍ଷେତ୍ରର ବିକାଶ ମୂଳକ କାର୍ଯ୍ୟନେଇ ଶଙ୍ଖଗ୍ରାମବାସୀ ତଥା ସ୍ଥାନୀୟ ଅଞ୍ଚଳବାସୀଙ୍କ ସହିତ ଆଲୋଚନା କରିଥିଲେ। ଏଠାରେ ପର୍ଯ୍ୟଟକଙ୍କ ପାଇଁ ବିଶ୍ରାମ ଗୃହ, ଶୌଚାଳୟ ନିର୍ମାଣ, ସ୍ୱାଗତ ତୋରଣ, ପେଣ୍ଡାଲ ନିର୍ମାଣ, ଯଜ୍ଞପଡିଆର ଉନ୍ନତିକରଣ ସହିତ ହାଇମାକ୍ସଲାଇଟ ଲଗାଇବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି କରାଯାଇଥିଲା। ବିଧାୟକ ପ୍ରତିନିଧି ଅଭିଷେକ ରାଉତ, ୧୫ ନମ୍ବର ଜୋନ ମଣ୍ଡଳ ସଭାପତି ପ୍ରଶାନ୍ତ ନାଏକ ଏହି ଗସ୍ତରେ ସାମିଲ ହୋଇଥିଲେ। ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ପୁତ୍ର ପ୍ରାଧ୍ୟାପକ ବଳଭଦ୍ର ଦାଶ ଏବଂ ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ଉପସ୍ଥିତ ରହି ପ୍ରଶାସନିକ ଅଧିକାରୀଙ୍କୁ ସ୍ୱାଗତ କରିଥିଲେ। ପ୍ରକାଶ ଥାଉକି ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ଉଦ୍ୟମ କ୍ରମେ ଗଲଗଲି ଶଙ୍ଖ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ପାଇଥିବା ବେଳେ ଏହାର ଉନ୍ନତିକରଣ ପାଇଁ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ଏହି ପର୍ଯ୍ୟଟନ କ୍ଷେତ୍ରର ସର୍ବାଙ୍ଗୀନ ବିକାଶ ପାଇଁ ଧର୍ମଶାଳା ବିଧାୟକ ଶ୍ରୀ ସାହୁ ଚାହୁଁଥିବାରୁ ପର୍ଯ୍ୟାୟକ୍ରମେ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ କରାଯିବ ବୋଲି ଉଭୟ ପ୍ରଶାସନିକ ଅଧିକାରୀ ପ୍ରକାଶ କରିଥିଲେ। ଏହି ଗସ୍ତ ସମୟରେ ପଟୁଣିଆ ପଞ୍ଚାୟତ ପ୍ରଭାରୀ ଅଲେଖ ସେଠୀ, ରମେଶ ଗନ୍ତାୟତ, ଜୟନ୍ତ ଜେନା, ଶାନ୍ତନୁ ସେଠୀ, ଉଗ୍ରସେନ ଦଳାଇ, ମନମୋହନ ସାମନ୍ତରାୟ, ରାମଚନ୍ଦ୍ର ବଳ, ସୁଦର୍ଶନ ବଳ, ରସାନନ୍ଦ ଦାସ, ସୁରେନ୍ଦ୍ର ଜେନା, ବିବେକାନନ୍ଦ ଦାସଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ଲୋକେ ଉପସ୍ଥିତ ରହିଥିଲେ।

### ■ ଶିଶୁ ଶ୍ରମିକ ନିୟୋଜିତ ମହଙ୍ଗା ପଡ଼ିଲା

## ପ୍ରଧାନ ଶିକ୍ଷୟିତ୍ରୀ ନିଲମ୍ବିତ

ସୁକିନ୍ଦା,୧୦।୧୦(ସମିସ): ଜଣେ ଶିଶୁଙ୍କୁ ଘରେ ରଖି ନିଜ କାର୍ଯ୍ୟରେ ନିୟୋଜିତ କରିବା ଅଭିଯୋଗରେ ଯାଜପୁର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକ ଶିକ୍ଷାଧିକାରୀ ସୁକିନ୍ଦା ବ୍ଲକ ଅନ୍ତର୍ଗତ ଷୋଳମାଣିଆ ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ସଏଙ୍କୁ ନିଲମ୍ବନ କରିଛନ୍ତି। ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ସଏ ମୟୂରଭଞ୍ଜ ଅଞ୍ଚଳର ଜଣେ ଶିଶୁ କନ୍ୟାକୁ ଘରେ ରଖି ନିଜ କାର୍ଯ୍ୟରେ ନିୟୋଜିତ କରୁଥିବା ନେଇ ଅଭିଯୋଗ ହୋଇଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ଶିଶୁ ଶ୍ରମିକ ଉଦ୍ଧାରକାରୀ ଟାସ୍କଫୋର୍ସ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଘରେ ଚଢ଼ଉ କରି ସଂପୃକ୍ତ ନାବାଳିକାକୁ ଉଧର କରି ସରକାରୀ ଅନୁଷ୍ଠାନରେ ଥଇଥାନ କରାଯାଇଛି। ଏନେଇ ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ପ୍ରଧାନ ଶିକ୍ଷୟିତ୍ରୀଙ୍କ ନାମରେ କଳିଙ୍ଗନଗର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୁଲିସ ପକ୍ଷରୁ ୩୨୦/୨୦୨୫ରେ ଏକ ମାମଲା ରୁଜୁ ହୋଇଛି। ଆଜି ସୁକିନ୍ଦା ବ୍ଲକ ଶିକ୍ଷାଧିକାରୀ ନାରାୟଣ ଦାସ ୧୯୬୯/୨୦୨୫ ନମ୍ବର ପତ୍ରରେ ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ସଏଙ୍କୁ ନିଲମ୍ବନ କରିଥିବା ସୂଚନା ଦେଇଛନ୍ତି। ସୁକିନ୍ଦା ବ୍ଲକ ଅନ୍ତର୍ଗତ ଗୋବରଘାଟୀ ପଞ୍ଚାୟତ ଅଧୀନ ବେଲହାରୀ ଗ୍ରାମର କାହ୍ନେ ବାନାରାଙ୍କ ସ୍ତ୍ରୀ ମୀନତୀ ସଏ ଷୋଳମାଣିଆ ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ଅଭିଯୋଗ ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଶିଶୁଶ୍ରମିକ ଉଦ୍ଧାରକାରୀ ଟାକ୍ସଫୋର୍ସ ବେଲହାରୀ ଗ୍ରାମରେ ଏହି ଦମ୍ପତିଙ୍କ ଘରେ ଚଢ଼ଉ କରି ୧୩ ବର୍ଷୀୟ ଏକ ଶିଶୁକନ୍ୟାକୁ ଉଧାର କରିଥିଲେ। ପଡୋଶୀ ମୟୂରଭଞ୍ଜ ଜିଲ୍ଲାର ଏହି ଶିଶୁକନ୍ୟାର ପିତାମାତାଙ୍କ ମୃତ୍ୟୁ ପରେ ଏହି ଦମ୍ପତି ଦୁଇଜଣ ନିଜ ଶିଶୁକନ୍ୟାଟିକୁ ଘରେ ରଖି ଶ୍ରମିକ ଭାବରେ ଘର କାମ କରାଉଥିଲେ ବୋଲି ଶିଶୁଟି ବୟାନ ଦେଇଛି। ଏହି ଘଟଣାକୁ ଶିଶୁ ସୁରକ୍ଷା ୟୁନିଟର ଚାଇଲ୍ଡ ଲାଇନ ସଂଯୋଜକ ବରେନ୍ଦ୍ର କୃଷ୍ଣ ଦାସ କଳିଙ୍ଗନଗର ଥାନାରେ ଏତଲା ଦେଇଥିବା ବେଳେ ଶିଶୁ ଅଧିକାର କର୍ମୀ ମଣ୍ଟୁ ଦାସ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସୁକିନ୍ଦା ବ୍ଲକ ଶିକ୍ଷା ଅଧିକାରୀଙ୍କୁ ପତ୍ର ଲେଖିଥିଲେ।

## ସ୍କୁଟର ଉପରେ ଚଢ଼ିଗଲା ଟ୍ରାକ୍ଟର



ଧର୍ମଶାଳା,୧୦।୧୦(ସମିସ): ଧର୍ମଶାଳା ଥାନା ଜଗନ୍ନାଥ ସଡ଼କର ହାଟ ନିକଟରେ ଆଜି ଏକ ଟ୍ରାକ୍ଟର ଚାଳକ ନିଜର ବେପରୱା ଗାଡ଼ି ଚାଳନା ଯୋଗୁ ଅନେକ ସାଇକଲ ଓ ସ୍କୁଟର ଉପରେ ଚଢ଼ାଇ ଦେଇଛନ୍ତି। ସୂଚନା ମୁତାବକ ଆଜି ଶୁକ୍ରବାର ହାଟ ଥିବା ବେଳେ ଲୋକେ ରାସ୍ତାକଡ଼ରେ ସାଇକଲ ଓ ବାଇକ୍ ଥୋଇ ହାଟରୁ ସଉଦା କିଣୁଥିଲେ। ଏହି ସମୟରେ ଏକ ଟ୍ରାକ୍ଟର ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥୁଆ ହୋଇଥିବା ସ୍କୁଟର ଓ ସାଇକଲ ଉପରେ ଚଢ଼ାଇ ଦେଇଥିଲା। ହେଲେ ଏହି ସମୟରେ ସେଠାରେ କେହି ଲୋକ ନଥିବାରୁ ଅଳ୍ପକେ ବଞ୍ଚିଯାଇଛନ୍ତି। ଦୁର୍ଘଟଣା ପରେ ଟ୍ରାକ୍ଟର ଡ୍ରାଇଭର ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ବେଳେ ପୁଲିସ ସେଠାରେ ପହଞ୍ଚି ହେଲପରକୁ ଥାନାକୁ ନେଇ ଅଟକ ରଖିଛି।

## ଦୁର୍ଘଟଣାରେ ଯୁବକ ଗୁରୁତର

କବାଟବନ୍ଧ,୧୦।୧୦(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଏଣ୍ଡଲବା ପଞ୍ଚାୟତ ବିଛାଖଣ୍ଡି ଗ୍ରାମର ଅନ୍ତର୍ଯ୍ୟାମୀ ମହାପାତ୍ରଙ୍କ ପୁଅ ସୋମନାଥ ମହାପାତ୍ରଙ୍କ (୩୮) ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ଖବର ଅନୁସାରେ ସୋମନାଥ ଭୁବନେଶ୍ୱରରୁ କାମ ସାରି ନିଜ ଗାଁକୁ ଫେରୁଥିବା ସମୟରେ ଟାଙ୍ଗୀ ନିକଟ ହରିଅନ୍ତା ନିକଟରେ ଏକ ପିକ୍‌ଅପ ସହିତ ଧକ୍କା ହୋଇଥିଲେ। ଫଳରେ ତାଙ୍କର ମୁଣ୍ଡରେ ଗଭୀର ଭାବରେ ଆଘାତ ଲାଗିଥିଲା। ଯାଜପୁର ଚଣ୍ଡିଖୋଲ ଅଞ୍ଚଳର ମୋହନ ମହାରଣା ଏବଂ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ମେଡ଼ିକାଲ ପଠାଯାଇଥିଲା। ସେ ଏବେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି।






# ରସୁଲପୁରରେ ଉଦ୍‌ଯାପିତ ହେଲା ଲକ୍ଷ୍ମୀ ପୂଜା

କୁଆଖିଆ,୧୦।୧୦(ସମିସ): ରସୁଲପୁର ବ୍ଲକ ଅନ୍ତର୍ଗତ ୨୮ଗୋଟି ପଞ୍ଚାୟତର ପହଁଗା ଠାରୁ ବାରବାଟୀ ଓ ବନ୍ଧଡିହରୁ ଶ୍ରୀବନ୍ତପୁର ପଞ୍ଚାୟତର ବିଭିନ୍ନ ପୁରପଲ୍ଲୀରେ ଲକ୍ଷ୍ମୀପୂଜା ଖୁବ୍ ଧୁମଧାମ୍ ସହ ପାଳିତ ହୋଇଯାଇଛି। ଅଧିକାଂଶ ସ୍ଥାନରେ ପୂଜା ଉତ୍ସବ ୩ଦିନ ଧରି ପାଳିତ ହୋଇ ଗୁରୁବାର ରାତିରେ ପୂର୍ଣ୍ଣାହୂତି ପର୍ବ ଅନୁଷ୍ଠିତ ହୋଇଛି। ଶୁକ୍ରବାର ଭସାଣ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଭୋଟକା ପଞ୍ଚାୟତର ବଡରମ୍ପେଇ ଗ୍ରାମର ନାୟକ ସାହି, ସେରପୁର ଗ୍ରାମର ରାଢି ସାହି, ଭୋଟକା ଗ୍ରାମର ପାତ୍ର ସାହି ଆଦି ସ୍ଥାନରେ ପୂଜା ଉତ୍ସବକୁ ଖୁବ୍ ଆନନ୍ଦ ଉଲ୍ଲାସର ସହ ପାଳିତ



ହୋଇଛି। ଏହାଛଡା ଗନ୍ଧଣ ପଞ୍ଚାୟତର ଲକ୍ଷ୍ମୀବଜାର, ରସୁଲପୁର ପଞ୍ଚାୟତର ଚଣ୍ଡିପୁର ଗ୍ରାମ, କୁଆଖିଆ ବଜାରର ହରିପୁରରୋଡ, ସାରଙ୍ଗପୁର, ଓରାଳି, ଖୋସାଲପୁର, ବାରବାଟୀ ବଜାରର ଓଡଙ୍ଗ ପରିବା ହାଟ, ମାଣତୀର ଭଳି ଅନେକ ସ୍ଥାନରେ ଲକ୍ଷ୍ମୀପୂଜା ଅନୁଷ୍ଠିତ ହେଉଛି। ବଜାର ଅଞ୍ଚଳରେ ଏହି ପୂଜା ଉତ୍ସବକୁ ପାଞ୍ଚ ଦିନ ବ୍ୟାପୀ ପାଳନ କରାଯାଉଥିବା ବେଳେ ଗ୍ରାମାଞ୍ଚଳରେ ୩ଦିନ ଧରି ପାଳନ ହୋଇଛି। ପ୍ରତ୍ୟେକ ପୀଠରେ ପୂଜାମଣ୍ଡପ ଗୁଡିକରେ ଭଜନ ସନ୍ଧ୍ୟା, ପ୍ରବଚନ, ପାଲା, ଦାସକାଠିଆ, ଲଉଡ଼ି ଖେଳ, ଘୋଡାନାଚ ଆଦି ପାରମ୍ପାରିକ କାଳାକୃତିଗୁଡିକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଭାବରେ ଆୟୋଜନ କରାଯାଇଥିଲା। ଏଥିସହିତ ବିଭିନ୍ନ ସ୍ଥାନରେ ଆୟୋଜିତ ପୂଜା ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ସକାଶେ କୁଆଖିଆ ପୁଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ଯୋଗାଇ ଦିଆଯାଇଥିଲା। ପୂଜା ମଣ୍ଡପ ସ୍ଥଳକୁ ପରିଷ୍କାର ପରିଚ୍ଛନ ରଖିବା ସକାଶେ ପୂଜା କମିଟି ପକ୍ଷରୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା।

● ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

## ଜିଲ୍ଲାସ୍ତରୀୟ ଭିନ୍ନକ୍ଷମ ପ୍ରତିଭା ସମ୍ମାନ ଉତ୍ସବ



ଅନୁଗୋଳ,୧୦।୧୦(ସମିସ): ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଭିନ୍ନକ୍ଷମ ପ୍ରତିଭା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନ ମୋହନ ପ୍ରଧାନ, ମୁଖ୍ୟବକ୍ତା ଭାବେ ଜିଲ୍ଲା ଚିକିତ୍ସାଳୟର ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଧନଞ୍ଜୟ ବେହେରା, ସମ୍ମାନିତ ଅତିଥି ଭାବେ ଅନୁଗୋଳ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ପ୍ରତିଭା ବାରିକ, ମଧୁସ୍ମିତା ନନ୍ଦ, ଲୋପମୁଦ୍ରା ପଟ୍ଟନାୟକ, ବଣଁରପାଳ ବିଇଓ ମାନସ ରଞ୍ଜନ ପୃଷ୍ଟି, କଣିହାଁ ବିଇଓ ତଥା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରିୟରଞ୍ଜନ ପ୍ରଧାନ, ଜିଲ୍ଲା ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ବିଜୟ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟ ତରଫରୁ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ବ୍ୟାଜ୍ ପ୍ରଦାନ ପୂର୍ବକ ସମ୍ମାନିତ କାରାଯାଇଥିଲା। କାର୍ଯ୍ୟକ୍ରମରେ ୩୦ଟି ବିଭାଗରେ କନିଷ୍ଠ, ଉପକନିଷ୍ଠ ଓ ବରିଷ୍ଠ ବର୍ଗର ମୋଟ ୧୬୦ ଭିନ୍ନକ୍ଷମ ଛାତ୍ରଛାତ୍ରୀ, ୧୬୦ ଅଭିଭାବକ, ୨୫ ଜଣ ଗାଇଡ ଶିକ୍ଷକ, ୧୩ଗୋଷ୍ଠୀ ଶିକ୍ଷା ସାଧନକର୍ମୀ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ, ୪୪ ଜଣ ଭିନ୍ନକ୍ଷମ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ତଥା ଜିଲ୍ଲା ଶିକ୍ଷା ଓ ସମଗ୍ରଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ଯୋଗଦେଇଥିଲେ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କାରାଯାଇଥିଲା। ପ୍ରତ୍ୟେକ ଭିନ୍ନକ୍ଷମ ଛାତ୍ରଛାତ୍ରୀ ଆମ ସମାଜର ଅବିଚ୍ଛେଦ୍ୟ ଅଙ୍ଗ। ସେମାନଙ୍କ ବିକାଶ ସମାଜର ବିକାଶକୁ ବୁଝାଇଥାଏ। ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ମନୋରଞ୍ଜନ ତଥା ସମାଜିକୀକରଣ କ୍ଷେତ୍ରରେ ସମସ୍ତେ ସହଯୋଗ କରିବା କରିବା ଆବଶ୍ୟକ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ କହିଥିଲେ। ମୁଖ୍ୟଅତିଥି ଡା. ମଦନ ମୋହନ ପ୍ରଧାନ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଶାରୀରିକ ସ୍ୱାସ୍ଥ୍ୟ ଭଳି ମାନସିକ ସ୍ୱାସ୍ଥ୍ୟ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଆବଶ୍ୟକ। ସୁଖୀ ମନ ହେଉଛି ସୁଖମୟ ଜୀବନର ଆଧାର। ତେଣୁ ଆଜିର ଦିନରେ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କ ପ୍ରତିଭାକୁ ସମ୍ମାନ ଜଣାଇବା ପାଇଁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଆୟୋଜନ କରାଯାଇଥିବା ଜିଲ୍ଲାସ୍ତରୀୟ ଭିନ୍ନକ୍ଷମ ପ୍ରତିଭା ସମ୍ମାନ ଉତ୍ସବ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏଭଳି ପଦକ୍ଷେପ ଆଗକୁ ଜାରି ରହୁ ବୋଲି ସେ କହିଥିଲେ। ପରେ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଧୁସ୍ମିତା ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ଶିକ୍ଷା ବିଜ୍ଞାନ ସଂଯୋଜକ ମନୋରଞ୍ଜନ ସାହୁ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ।

# ପୂଜା ମଣ୍ଡପରେ ପାଳନ ହେଉନି ପ୍ରଶାସନର ମାର୍ଗଦର୍ଶିକା

## ଶ୍ରଦ୍ଧାଳୁଙ୍କ ସୁରକ୍ଷା ପ୍ରତି ଅବହେଳା / ନାହିଁ ଅଗ୍ନିନିର୍ବାପକ ଯନ୍ତ୍ର, ସିସିଟିଭି କ୍ୟାମେରା, ବିଦ୍ୟୁତ ସୁରକ୍ଷା







ଅନୁଗୋଳ,୧୦।୧୦(ସମିସ): ବଣଁରପାଳ ଓ ନାଲକୋନଗର ଥାନା ଅଞ୍ଚଳରେ ଚଳିତବର୍ଷ ୫୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେଉଛି। ବଣଁରପାଳ ବ୍ଲକ ସଦର ମହକୁମା ବଜାର ଅଞ୍ଚଳରେ ୧୫ଟି ଏବଂ କୁଲାଡ଼ ଗାଁରେ ୧୦ଟି ପୂଜା ମଣ୍ଡପ ସମେତ ନାଲକୋ ନଗର ଟାଉନସିପ ଅଞ୍ଚଳରେ ୪ଟି ମଣ୍ଡପରେ ବଡ଼ ଧରଣର ପୂଜା ଆୟୋଜନ ହୋଇଛି। ସଜସଜ୍ଜାରେ କେହି କାହାଠୁ କମ୍ ନୁହନ୍ତି। ପ୍ରତିଦ୍ୱନ୍ଦ୍ୱିତା ମୂଳକ ଭାବେ ଆକର୍ଷଣୀୟ ମଣ୍ଡପ ସାଜସଜ୍ଜାକୁ ପୂଜା କମିଟି ଅଧିକ ଗୁରୁତ୍ୱ ଦେଇ ସୁଉଚ୍ଚ ତୋରଣ, ଲାଇଟ ଗେଟ, ରଙ୍ଗୀନ ଆଲୋକମାଳାରେ ସଜ୍ଜିତ କରାଯାଇଛି। ପୂଜା ଆୟୋଜନ ପାଇଁ ବିଭିନ୍ନ ପୂଜା କମିଟି ପକ୍ଷରୁ ମାସାଧିକ ସମୟ ପୂର୍ବରୁ ପ୍ରସ୍ତୁତି ଚାଲିଥିଲା। ପୂଜାକୁ ଶାନ୍ତିଶୃଙ୍ଖଳାରେ ପାଳନ ପାଇଁ ପୂଜା ଆରମ୍ଭର କିଛିଦିନ ପୂର୍ବରୁ ସ୍ଥାନୀୟ ପ୍ରଶାସନ, ପୁଲିସ ଓ ପୂଜା କମିଟିଗୁଡ଼ିକୁ ନେଇ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ସମସ୍ତଙ୍କ ସହମତିରେ ପୂଜାକୁ ଶୃଙ୍ଖଳିତ ଭାବେ ପାଳନ କରିବାକୁ ମାର୍ଗଦର୍ଶିକା ନିର୍ଦ୍ଧାରଣ ହୋଇଥିଲା। ବିଦ୍ୟୁତ ବିଭାଗ, ଅଗ୍ନିଶମ ବିଭଗ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ପୂଜାମଣ୍ଡପରେ ଅନୁମୋଦିତ ସୁରକ୍ଷିତ ବ୍ୟବସ୍ଥା ମଧ୍ୟରେ ଅସ୍ଥାୟୀ ବିଦ୍ୟୁତ ସଂଯୋଗ ଏବଂ ବିଦ୍ୟୁତ ଦେୟ ପୈଠ ବାବଦରେ ଆଲୋଚନା ହୋଇଥିଲା। ଆକସ୍ମିକ ସର୍ଟସର୍କିଟ କିମ୍ବା ଅନ୍ୟ କୌଣସି କାରଣ ଯୋଗୁଁ ସମ୍ଭାବ୍ୟ ଅଗ୍ନି ଦୁର୍ଘଟଣାକୁ ଦୃଷ୍ଟିରେ ରଖି ସବୁ ମଣ୍ଡପରେ ଅଗ୍ନିନିର୍ବାପକ ଯନ୍ତ୍ର ରଖିବାକୁ ବୈଠକରେ ଗୁରୁତ୍ୱାରୋପ ହୋଇଥିଲା। ଭିଡ଼ରେ ଅପରାଧିକ କାର୍ଯ୍ୟକଳାପ ସମ୍ଭାବନାକୁ ଦୃଷ୍ଟିରେ ରଖି ସିସିଟିଭି କ୍ୟାମେରା ଖଞ୍ଜିବାକୁ ମଧ୍ୟ ସହମ୍ମତି ପ୍ରକାଶ ପାଇଥିଲା। ତେବେ ବୈଠକରେ ନିଷ୍ପତ୍ତି ଅନୁଯାୟୀ ପୂଜାମଣ୍ଡପଗୁଡ଼ିକରେ ଅବହେଳା ହୋଇଥିବା ଜଣାପଡ଼ିଛି। ପୂଜା କମିଟି ପକ୍ଷରୁ ସୁରକ୍ଷା ନେଇ କୌଣସି ବ୍ୟବସ୍ଥା କରାଯାଇନାହିଁ। ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ସପ୍ତାହବ୍ୟାପୀ ଉତ୍ସବ ଆୟୋଜନ କରୁଥିବା ବେଳେ ସମ୍ଭାବ୍ୟ ବିପଦରେ ଲୋକଙ୍କ ଧନଜୀବନ ସୁରକ୍ଷା ପ୍ରତି ଅଣଦେଖା କରାଯାଇଛି। ଇତିମଧ୍ୟରେ ପୂଜା ୪ଦିନ ବିତିଗଲାଣି। ପୂଜାର ତୃତୀୟ ଦିନରେ ବଣଁରପାଳ ଅଗ୍ନିଶମ ବିଭାଗ ପକ୍ଷରୁ ପୂଜା ମଣ୍ଡପ ବୁଲି ତଦାରଖ କରାଯାଇଥିଲା। କୌଣସି ମଣ୍ଡପରେ ଅଗ୍ନିନିର୍ବାପକ ଯନ୍ତ୍ର ନ ଥିବାରୁ କମିଟି କର୍ମକର୍ତ୍ତାଙ୍କୁ ସଚେତନ କରାଇଥିଲେ। ଅଗ୍ନିନିର୍ବାପକ ଯନ୍ତ୍ର ରଖିବାକୁ ପରାମର୍ଶ ଦେଇଥିଲେ। ସେହିଭଳି ପୂଜା ମଣ୍ଡପରେ ସିସିଟିଭି କ୍ୟାମେରା ମଧ୍ୟ ଦେଖାଯାଉନି।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଉତ୍ସବ ସମୟରେ କୁଲାଡ଼ ଅଞ୍ଚଳର ୩ ପୂଜାମଣ୍ଡପ ଏବଂ ବଣଁରପାଳ ବଜାର ଅଞ୍ଚଳର ୪ ପୂଜାମଣ୍ଡପକୁ ବିଦ୍ୟୁତ ବିଭାଗ ପକ୍ଷରୁ ଅସ୍ଥାୟୀ ବିଦ୍ୟୁତ ସଂଯୋଗ ଦିଆଯାଇଛି। ସେମାନଙ୍କଠାରୁ ମିଟର ରିଡିଂ ଅନୁସାରେ ବିଦ୍ୟୁତ ଶୁଳ୍କ ଆଦାୟ କରାଯିବ। ଅବଶିଷ୍ଟ ମଣ୍ଡପଠାରୁ ଫାଇନ ସହ ବିଦ୍ୟୁତ ବିଲ ଆଦାୟ କରାଯିବ। ଗୁରୁବାର ବିଭାଗୀୟ କର୍ମଚାରୀ ବିଭିନ୍ନ ପୂଜା ମଣ୍ଡପ କର୍ମକର୍ତ୍ତାଙ୍କୁ ଏ ନେଇ ଅବଗତ କରାଇଥିବା ବଣଁରପାଳ ବିଦ୍ୟୁତ ସବଷ୍ଟେସନର କନିଷ୍ଠ ଯନ୍ତ୍ରୀ ସୁଜିତ କୁମାର ସାହୁ ସୂଚନା ଦେଇଛନ୍ତି।

## ବ୍ଲକସ୍ତରୀୟ ବରିଷ୍ଠ ନାଗରିକ ଦିବସ ପାଳିତ



କଣିହାଁ,୧୦।୧୦(ସମିସ): କଣିହାଁ ବ୍ଲକ ପବିତ୍ର ମୋହନ ସଭାଗୃହରେ ଶୁକ୍ରବାର ପୂର୍ବାହ୍ନରେ ବ୍ଲକସ୍ତରୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି। ବିଡିଓ ତ୍ରିବିକ୍ରମ କୁମୁରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ କୁମାର ସାହୁ, ପିଏମଶ୍ରୀ ପବିତ୍ର ମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସିଦ୍ଧିପ୍ରସାଦ ସାହୁ, କନିଷ୍ଠ ଯନ୍ତ୍ରୀ ସଂଗ୍ରାମ କେଶରୀ ଦେବେତା ଯୋଗଦେଇଥିଲେ। ଅତିଥିମାନେ ବରିଷ୍ଠ ନାଗରିକମାନଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ଯୋଗ ପ୍ରଶିକ୍ଷକ ହରମୋହନ ସାହୁଙ୍କ ଦ୍ୱାରା ବରିଷ୍ଠ ନାଗରିକମାନଙ୍କୁ ଯୋଗାଭ୍ୟାସ କରାଯାଇଥିଲା। କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଆଶୁତୋଷ ବିକ୍ରମାଦିତ୍ୟ ସ୍ୱାଇଁ ଓ ସ୍ୱାସ୍ଥ୍ୟକର୍ମୀ ସହଯୋଗରେ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରାଯାଇଥିଲା। ପିଏମଶ୍ରୀ ପବିତ୍ର ମୋହନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବରିଷ୍ଠ ନାଗରିକମାନଙ୍କ ଉପରେ ପ୍ରବନ୍ଧ ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଗଦାଶିଳା ସରପଞ୍ଚ ବୃନ୍ଦାବନ ପ୍ରଧାନ, ବାଲିପଶି ସରପଞ୍ଚ ହାଡ଼ିବନ୍ଧୁ ସେଠୀଙ୍କ ସହ ବହୁ ବରିଷ୍ଠ ନାଗରିକ ଯୋଗଦେଇଥିଲେ।

**କିଶୋରନଗର:** କିଶୋରନଗର ବ୍ଲକ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ସଭାଗୃହରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ତରଫରୁ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି। ବିଡିଓ ସୁବ୍ରତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏବିଡିଓ ଦିଲୀପ ପ୍ରଧାନ, ସିଡିପିଓ ଆରତୀ ସିଂହ, ଡା. ଅଲେଖ କୁମାର ପ୍ରଧାନ, ଡା. ପାର୍ଥସାରଥି ପତି ଯୋଗଦେଇ ଏହି ଦିବସର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ନାଗରିକ ଉପେନ୍ଦ୍ର ପ୍ରଧାନ, ଖଗେଶ୍ୱର ସାହୁ, ଶଙ୍କର୍ଷଣ ବାରିକ ଯୋଗଦେଇ ବରିଷ୍ଠ ନାଗରିକଙ୍କ ଜୀବନଶୈଳୀ କିପରି ହେବା ଦରକାର ସେ ସମ୍ପର୍କରେ ଆଲୋକପାତ କରିଥିଲେ। ବ୍ଲକ ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଝସକେତନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।




## ବାଇକ ଡିକି ଭାଙ୍ଗି ୨.୫ ଲକ୍ଷ ଲୁଟିନେଲେ



ତାଳଚେର,୧୦।୧୦(ସମିସ): ସ୍ୱଷ୍ଟ ଦିବାଲୋକରେ ଜନଗହଳିପୂର୍ଣ୍ଣ ସ୍ଥାନରେ ବାଇକ ଡିକି ଭାଙ୍ଗି ୨ ଲକ୍ଷ ୫୦ ହଜାରର ଟଙ୍କା ଲୁଟିନେଇଛନ୍ତି ଦୁର୍ବୃତ୍ତ। ଭରତପୁର ଜିଏମ ଅଫିସ୍ ସମ୍ମୁଖରେ ଶୁକ୍ରବାର ମଧ୍ୟାହ୍ନରେ ଏହି ଘଟଣା ଘଟିଛି। ଗୋପାଳପ୍ରସାଦ ଗ୍ରାମର ବିଦ୍ୟାଧର ଦାସ (୪୬) ବିକ୍ରମପୁର ଥାନା ଭରତପୁର ୟୁକୋ ବ୍ୟାଙ୍କରୁ ଚେକ ମାଧ୍ୟମରେ ଅଢ଼େଇ ଲକ୍ଷ ଟଙ୍କା ଉଠାଇ ତାଙ୍କ ଗାଡ଼ି ଡିକିରେ ରଖି ଘରକୁ ଫେରୁଥିବା ବେଳେ ଭରତପୁର ଜିଏମ୍ ଅଫିସ ଆଗରେ ଗାଡ଼ି ରଖି ପରିବା କିଣୁଥିଲେ। ଏହି ସମୟରେ ଦୁଇ ଦୁର୍ବୃତ୍ତ ପଲସର ଗାଡ଼ିରେ ଆସି ତାଙ୍କ ଗାଡ଼ି ଡିକି ଭାଙ୍ଗି ଟଙ୍କା ନେଇ ଚମ୍ପଟ ମାରିଥିଲେ। ବିଦ୍ୟାଧର ପରିବା କିଣି ଫେରିବା ବେଳେ ଗାଡ଼ି ଡିକି ଭଙ୍ଗାଯିବା ସହ ଟଙ୍କା ନ ଥିବା ଦେଖିବାକୁ ପାଇଥିଲେ।

ଏହି ସମସ୍ତ ଘଟଣା ସେଠାରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି। ପରେ ବିଦ୍ୟାଧର ଏ ନେଇ ବିକ୍ରମପୁର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ୍ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ନିଖୋଜ ଦୁଇ ନାବାଳିକା ଉଦ୍ଧାର

କଣିହାଁ,୧୦।୧୦(ସମିସ): କଣିହାଁ ବ୍ଲକ ରେଙ୍ଗାଲି ଡ୍ୟାମ ସାଇଟ ଥାନା ଅଞ୍ଚଳରେ ରହୁଥିବା ଦୁଇ ନାବାଳିକା ନିଖୋଜ ନେଇ ସୋମବାର ରେଙ୍ଗାଲି ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିଲା। ନାବାଳିକା ଦ୍ୱୟଙ୍କୁ ଠାବ କରିବା ପାଇଁ ଅନୁଗୋଳ ଏସ୍‌ପି ରାହୁଲ ଜେନଙ୍କ ନିର୍ଦ୍ଦେଶ କ୍ରମେ ପାଲଲହଡ଼ା ଏସଡିପିଓ କୈଳାସ ସେଠୀ ଓ ରେଙ୍ଗାଲି ଥାନା ଆଇଆଇସି ଜୟନ୍ତ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏକ ଟିମ ଗଠନ ହୋଇଥିଲା। ଦୁଇ ନାବାଳିକା ଆନ୍ଧ୍ରପ୍ରଦେଶ କୋଠ ପୋଲଭରମ ଅଞ୍ଚଳରେ ଚିଙ୍ଗୁଡ଼ି ଫାକ୍ଟ୍ରିରେ କାମ କରିବାକୁ ଯାଇଥିବା ଖବର ମିଳିବା ପରେ ଏକ ଟିମ ସେଠାକୁ ଯାଇଥିଲା। ତେବେ ଦୁଇ ନାବାଳିକା ସେଠାରୁ ବସ୍ ଯୋଗେ ପଳାଇ ଆସିଥିବା ପୁଲିସ ଜାଣିବାକୁ ପାଇଥିଲା। ଏହି ସୂଚନା ମିଳିବା ପରେ ପୁଲିସର ଆଉ ଏକ ଟିମ୍ ତାଳଚେର ବସଷ୍ଟାଣ୍ଡରୁ ଦୁଇ ନାବାଳିକାଙ୍କୁ ଉଦ୍ଧାର କରିଛି। ଉଭୟଙ୍କୁ ରେଙ୍ଗାଲି ଥାନାକୁ ଅଣାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି।

## ଶାଳକାଠ ସହ ଟାଟା ଏସିଇ ଗାଡ଼ି ଜବତ

ଅନୁଗୋଳ,୧୦।୧୦(ସମିସ): ଅନୁଗୋଳ ଜିଲ୍ଲା ବନ୍ତଲା ବନ ବିଭାଗ ଗୁରୁବାର ମଧ୍ୟାହ୍ନରେ ଚୋରା ଶାଳକାଠ ବୋଝେଇ ଏକ ଟାଟା ଏସିଇ ଗାଡ଼ି ଜବତ କରିଛି। ଅନୁଗୋଳ ବ୍ଲକ ଇଙ୍କରବନ୍ଧ ଗାଁ ନିକଟସ୍ଥ ବଉଳିନାଳ ବ୍ରିଜ ପାଖରେ ଏକ ଟାଟା ଏସିଇରେ ୫.୩୯ କ୍ୟୁବିକ ଫୁଟ ଶାଳପଟା ବୋଝେଇ ହୋଇ ଯାଉଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ଆଧାରରେ ବନ ବିଭାଗ ଚଢ଼ଉ କରିଥିଲା। ବନ୍ତଲା ବନପାଳ ପ୍ରସନ୍ନ କୁମାର ସାହୁଙ୍କ ନେତୃତ୍ୱରେ ଫରେଷ୍ଟର ଶ୍ରୀନିବାସ ସାହୁ, ରଶ୍ମିରଞ୍ଜନ ସେଠୀ, ଆଦିକନ୍ଦ ପ୍ରଧାନ, ତ୍ରିନାଥ ଭୋଇ, ଫରେଷ୍ଟ ଗାର୍ଡ ସୁମନ୍ତ ସାହୁ, ଗଜସାଥୀ ଟଙ୍କଧର ସାହୁ ଓ ପ୍ରଶାନ୍ତ ସାହୁ ଚଢ଼ଉ କରି ଗାଡ଼ି ଓ କାଠ ଜବତ କରିଥିଲେ। ତେବେ ବନ କର୍ମଚାରୀଙ୍କୁ ଦେଖି ଚାଳକ ଫେରାର ହୋଇଯାଇଛନ୍ତି। ଏ ସମ୍ପର୍କରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି।


## ସ୍କୁଲରେ ଜମୁଛି ପାଣି, ପାଠପଢ଼ା ବାଧାପ୍ରାପ୍ତ

ବଇଣ୍ଡା,୧୦।୧୦(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା କେଞ୍ଜୁଆନାଳୀ ପ୍ରାଥମିକ ବିଦ୍ୟାଳୟରେ କିଛିଦିନ ହେବ ପାହାଡ଼ ପାଣି ଆସି ଜମି ରହୁଛି। ପାଣି ନିଷ୍କାସନ ହେଉ ନ ଥିବାରୁ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଏହାର ସ୍ଥାୟୀ ସମାଧାନ ପାଇଁ ଅଞ୍ଚଳବାସୀ ବହୁବାର ସ୍ଥାନୀୟ ବ୍ଲକ ଶିକ୍ଷା ବିଭାଗକୁ ଅଭିଯୋଗ କଲେ ମଧ୍ୟ କେହି ଶୁଣୁନାହାନ୍ତି। ଶୁକ୍ରବାର ଗ୍ରାମବାସୀ ଏ ନେଇ ଅନୁଗୋଳ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି।



ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଜଙ୍ଗଲ ନିକଟରେ ଉକ୍ତ ବିଦ୍ୟାଳୟ ରହିଛି। ସାମାନ୍ୟ ବର୍ଷା ହେଲେ ପାହାଡ଼ରୁ ପାଣି ଗଡ଼ିଆସି ବିଦ୍ୟାଳୟ ପରିସରରେ ଜମି ରହୁଛି। ଏପରିକି ବିଦ୍ୟାଳୟ ପରିସରରେ ୨ ଫୁଟ ଉଚ୍ଚ ପାଣି ଜମୁଛି। ଅନେକ ସମୟରେ ପାଣି ଜମୁଥିବାରୁ ବିଦ୍ୟାଳୟ ପରିସର ସମ୍ପୂର୍ଣ୍ଣ କାଦୁଅପୂର୍ଣ୍ଣ ହୋଇଯାଉଛି। ଛାତ୍ରଛାତ୍ରୀ କାଦୁଅ ସରସର ହୋଇ ବିଦ୍ୟାଳୟକୁ ପ୍ରବେଶ କରୁଥିବା ବେଳେ ଅନେକ ସମୟରେ ଗୋଡ଼ ଖସି ଆହତ ହେଉଛନ୍ତି। ତୁରନ୍ତ ବିଦ୍ୟାଳୟରୁ ପାଣି ନିଷ୍କାସନ ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ହାତୀ ଗତିପଥକୁ ବନ ବିଭାଗର ଅବରୋଧ



ଅନୁଗୋଳ,୧୦।୧୦(ସମିସ): ହାତୀ ଓ ମଣିଷଙ୍କ ସୁରକ୍ଷା ପାଇଁ ସରକାର ବିଭିନ୍ନ ଯୋଜନାରେ ଅର୍ଥ ବିନିଯୋଗ କରୁଥିବା ବେଳେ କିଛି ବନ କର୍ମଚାରୀଙ୍କ ବେପରୁଆ ମନୋବୃତ୍ତି ପାଇଁ ଲୋକଙ୍କ ଧନଜୀବନ ନଷ୍ଟ ହେଉଛି। ତାଳଚେର ଫରେଷ୍ଟ ରେଞ୍ଜ ସୀମାନ୍ତ ଗାଁ ତୁଳସୀପାଳ, ସନ୍ତ୍ରୀ, ଗଣ୍ଡିଗାଡ଼ିଆ ଅଞ୍ଚଳରେ ଦୀର୍ଘଦିନ ଉପଦ୍ରବ କରିବା ପରେ ୧୫ ଦିନ ହେଲା ଏକ ୪୨ଟିକିଆ ହାତୀପଲ ଅନୁଗୋଳ ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ନାଲକୋ ସ୍ମେଲ୍ଟର ପ୍ଲାଣ୍ଟ ନିକଟ ବେନ୍ତପୁର, ଗୋପୀନାଥପୁର, ନୂଆସାହି ଗାଁ ଅଞ୍ଚଳରେ ପଶି ଉପଦ୍ରବ ଜାରି ରଖିଛନ୍ତି। ଚଳିତ ସପ୍ତାହରେ ଆଙ୍କୁଲା ଆମ୍ବତୋଟାରେ ଏକ ହାତୀ ଶାବକ ଜନ୍ମ ହୋଇଛି। ଉକ୍ତ ଅଞ୍ଚଳର ଗୋଟିଏ ପାଶ୍ୱର୍ରେ ତୁରଙ୍ଗ କେନାଲ, ଆଉ ଗୋଟିଏ ପାଶ୍ୱର୍ରେ ନାଲକୋ ସ୍ମେଲ୍ଟର ପ୍ଲାଣ୍ଟର ୪ କିମି ବ୍ୟାପୀ ବିରାଟ ପକ୍କା ପାଚେରି ହାତୀଙ୍କ ଗତିପଥ ଅବରୋଧ କରୁଥିବା ବେଳେ ଯେଉଁଠାରୁ ହାତୀପଲ ଆସିଥିଲେ ସେ ଦିଗକୁ ତାଳଚେର ଫରେଷ୍ଟ ରେଞ୍ଜ ପକ୍ଷରୁ ସୀମାକୁ ସିଲ କରିଦିଆଯାଇଛି। ତାଳଚେର ରେଞ୍ଜ ସୀମାକୁ ସୋଲାର ତାରବାଡ଼ରେ ଅବରୋଧ କରାଯାଇଛି। ତାଳଚେର ରେଞ୍ଜ ବନ କର୍ମଚାରୀ ସୀମାରେ ଜଗି ବସିଛନ୍ତି। ତାଙ୍କ ଆଡ଼କୁ ହାତୀ ମୁହାଁଇଲେ ବାଣ ଫୁଟାଇ ପୁନର୍ବାର ତାଳଚେର ରେଞ୍ଜକୁ ପ୍ରବେଶ କରାଇ ଦେଉନାହାନ୍ତି। ଫଳରେ ହାତୀପଲ ବାଟ ନ ପାଇ ସେହି ଅଞ୍ଚଳରେ ରହି ଧାନ ଫସଲ ଉଜାଡ଼ି ଚାଲିଛନ୍ତି। ଗୋଟିଏ ଘର ମଧ୍ୟ ଭାଙ୍ଗି ଚୂରମାର କରିଦେଇଛନ୍ତି। ହାତୀ ଆତଙ୍କରେ ବେନ୍ତପୁର-ନାଲକୋ ଟାଉନସିପ ରାସ୍ତାରେ ଲୋକଙ୍କ ଯାତାୟାତ ବନ୍ଦ ହୋଇଯାଇଛି। ଅନୁଗୋଳ ବନ କର୍ମଚାରୀ, ଗଜସାଥୀ ସ୍ୱେଚ୍ଛାସେବୀ ହାତୀ ଘଉଡ଼ାଇବାକୁ କିଛି ଉପାୟ ନ ପାଇ କେବଳ ପାଳି କରି ହାତୀପଲର ଗତିବିଧି ଉପରେ ନଜର ରଖିଛନ୍ତି। ହାତୀ ଦେଖିବାକୁ ମଧ୍ୟ ଲୋକଙ୍କ ଗହଳି ହେଉଛି। ହାତୀପଲ ବିବ୍ରତ ହୋଇ ବେଳେ ବେଳେ ଲୋକଙ୍କ ଆଡ଼କୁ ମାଡ଼ିଆସୁଛନ୍ତି। ଏ ଅଞ୍ଚଳରୁ ହାତୀପଲ ଘଉଡ଼ାଇବାକୁ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ହସ୍ତକ୍ଷେପ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ପ୍ରାୟ ୪୦ କିମି ଦୂର ଜରପଡ଼ା ରେଞ୍ଜ ଅଧିକାରୀ ଆସି ଏ ଅଞ୍ଚଳର ଅସୁବିଧା ସୁଧାରିବା ସମ୍ଭବ ହେଉ ନ ଥିବାରୁ ଅନୁଗୋଳ ଫରେଷ୍ଟ ରେଞ୍ଜର ପଦବୀ ପୂରଣ କରି ଅଞ୍ଚଳବାସୀଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ଦାବି ହେଉଛି।

- ଏପାଖେ ତାଳଚେର ରେଞ୍ଜ ବନ କର୍ମଚାରୀ, ଅନ୍ୟ ପଟେ ଅନୁଗୋଳ ରେଞ୍ଜ ଅନ୍ତର୍ଗତ ନାଲକୋ ପ୍ଲାଣ୍ଟ ପାଚେରି
- ୧୫ ଦିନ ନାକାବନ୍ଦୀରେ ଶାବକ ସହ ୪୨ ଟିକିଆ ହାତୀପଲ
- କାଙ୍କୁଲା, ବେନ୍ତପୁର, ନୂଆସାହି, ଆଙ୍କୁଲା ମୌଜାରେ ଫସଲ ଉଜାଡ଼ିଦେଲେ
- ସ୍ଥାୟୀ ରେଞ୍ଜରର ନିଯୁକ୍ତି ଦାବି







## ବସ୍ତିରେ ବଞ୍ଚିଛି କଳା ସଂସ୍କୃତି

# ସଞ୍ଜରେ ଜମୁଛି ଭାଗବତ ପାଠ

ଭୁବନେଶ୍ୱର, ୧୦।୧୦(ସମିସ): ଓଡ଼ିଶାର ଗ୍ରାମୀଣ ଜନଜୀବନରେ ଭାଗବତ ଟୁଙ୍ଗୀ ଏକ ଅବିଚ୍ଛେଦ ଅଙ୍ଗ। ପିଲାଦିନେ ସନ୍ଧ୍ୟା ହେବା ମାତ୍ରେ ଭାଗବତ ଟୁଙ୍ଗୀରୁ ଭାସି ଆସୁଥିଲା ଜଗନ୍ନାଥ ଦାସଙ୍କ ରଚିତ ଓଡିଆ ଭାଗବତ, ଭଜନ, କୀର୍ତ୍ତନ। କେବଳ ସେତିକି ନୁହଁ ବିଭିନ୍ନ ସମୟରେ ଦାସ କାଠିଆ, ପାଲା, ତ୍ରିନାଥ ମେଳା, ଭଜନ ସନ୍ଧ୍ୟା ଆଦି କାର୍ଯ୍ୟକ୍ରମ ମଧ୍ୟ ନିୟମିତ ଗାଁ ଗହଳିରେ ଦେଖିବାକୁ ମିଳୁଥିଲା। ଫଳରେ ଗାଁର ଲୋକମାନେ ସେଠାରେ ଏକାଠି ହୋଇ ଗ୍ରାମୀଣ ସଂସ୍କୃତି, ପରମ୍ପରା ଓ ଭାଇଚାରା ଭାବକୁ ବାନ୍ଧି ରଖୁଥିଲେ। ହେଲେ ସମୟ ସହ ରାଜଧାନୀର ବିଭିନ୍ନ ଅଞ୍ଚଳ ଗାଁ ଗହଳିରେ ଏସବୁ କମିଯାଉଥିବା ବେଳେ ବସ୍ତିରେ ଏହି କଳା ସଂସ୍କୃତି ବଞ୍ଚି ରହିଥିବା ପରିଲକ୍ଷିତ ହେଉଛି।



### ପାଲା, ଦାସକାଠିଆରେ ଜମୁଛି ପରିବେଶ

ବର୍ତ୍ତମାନ ସମୟରେ ରାଜଧାନୀର ଅଧିକାଂଶ ଭାଗବତ ଟୁଙ୍ଗୀ ଥିଲେ ହେଁ ବ୍ୟବହାର ହେଉନାହିଁ। ହେଲେ ସେଥି ମଧ୍ୟରୁ ପାଖାପାଖି ୧୦ ରୁ ୧୫ କାର୍ଯ୍ୟକ୍ଷମ ଅବସ୍ଥାରେ ଥିବା ସୂଚନା ରହିଛି। ଅଳ୍ପ କିଛି ସ୍ଥାନରେ ଦୈନିକ ଅନୁଷ୍ଠିତ ହେଉଥିବାବେଳେ କେଉଁଠି ବାର୍ଷିକ ତ କେଉଁଠି ସପ୍ତାହରେ ଥରେ ପ୍ରବଚନ କାର୍ଯ୍ୟକ୍ରମ ହେଉଛି। ସେଥିମଧ୍ୟରୁ ବିଭିନ୍ନ ବସ୍ତିରେ ଏହା ଅଧିକ କାର୍ଯ୍ୟକ୍ଷମ ଅବସ୍ଥାରେ ରହିଛି। ୟୁନିଟ୍-୧ସ୍ଥିତ ଜଗନ୍ନାଥ ବସ୍ତି, ପୁରୁଣା ଭୁବନେଶ୍ୱରସ୍ଥିତ ଗୋଠେଶ୍ୱର ପାଟଣା ବସ୍ତି, ଖଣ୍ଡୁଆଳ ବସ୍ତି, ୟୁନିଟ ୪ ସ୍ଥିତ ମା' ମଙ୍ଗଳା ବସ୍ତି ଭଳି ସ୍ଥାନରେ ଏହି ପରମ୍ପରା ଆଜି ପ୍ରଚଳିତ ରହିଛି। ଯେଉଁଠି ପାରମ୍ପାରିକ ଓଡ଼ିଆ ସଙ୍ଗୀତ-ନାଟ କଳା ଦାସକାଠିଆ ମଧ୍ୟ ବାର୍ଷିକ ଆୟୋଜିତ ହୋଇଥାଏ। ଯେଉଁଥିରେ ଏକ କାଠ ଯୋଡ଼ାକୁ ନିଜ ବଜାଇ ଏକ ନିଆରା ଶବ୍ଦ ତିଆରି କରାଯାଇଥାଏ। ପାଳିଆ ଓ ଗାହାଣ ଏହାକୁ ବ୍ୟବହାର କରି ଗୀତ ଓ ଅଭିନୟ ମାଧମରେ ପୁରାଣ ବର୍ଣ୍ଣନାକୁ ପରିବେଷଣ କରନ୍ତି। ସେହଭଳି ତ୍ରିନାଥ ମେଳା ମଧ୍ୟ ସଂକ୍ରାନ୍ତି ଓ ଅମାବାସ୍ୟାରେ ହୋଇଥାଏ। ଏଥିରେ ମାନସିକ ପୂରଣ ହେଲେ ତିନିରୁ ୫ ପାଳି ଯାଏଁ ପାଳନ କରାଯାଇଥାଏ। ସତ୍ୟନାରାୟଣ ପାଲା, ନାମ ସଂକୀର୍ତ୍ତନ ଭଳି ପରମ୍ପରା ରାଜଧାନୀର ବିଭିନ୍ନ ବସ୍ତି ଅଞ୍ଚଳରେ ଆୟୋଜିତ ହେଉଛି।

ଏନେଇ ଜଗନ୍ନାଥବସ୍ତିର ଟୁଙ୍ଗୀର ସଭାପତି ବନମାଳି ପାଣିଗ୍ରାହୀଙ୍କ ଅନୁଯାୟୀ ଆମ ଚାରିପାଖରେ ସବୁବେଳେ ଏକ ଆଧ୍ୟାତ୍ମିକ ପରିବେଶ ରହିବା ଉଚିତ। ପୁରାଣ, ଭାଗବତ ଆଦି ଚର୍ଚ୍ଚା ମନକୁ ଶାନ୍ତି ଦେଇଥାଏ ଏବଂ ଲୋକଙ୍କୁ ଏକଜୁଟ କରିଥାଏ ଏବଂ ଭାଗବତ ଚର୍ଚ୍ଚାର ଏକ ଭଲ ପ୍ରଭାବ ଯୁବପିଢିଙ୍କ ଉପରେ ପଡ଼ିଥାଏ। ବସ୍ତିର ୮୪ ଘର ଏଥିରେ ସହାୟତା କରୁଛନ୍ତି। ସେହିଭଳି ସୁନ୍ଦରପଦାର ବାସିନ୍ଦା ନୀଳମଣି ମିଶ୍ର କୁହନ୍ତି, ବିଭିନ୍ନ ବସ୍ତିପରି ତାଙ୍କ ଗ୍ରାମ ସୁନ୍ଦରପଦା ଏବଂ ପାଖ ଗାଁ କପିଳପ୍ରସାଦରେ ମଧ୍ୟ ଭାଗବତ ବସେ ଏବଂ ଗ୍ରାମରେ ଥିବା ୪ରୁ ୫ଟି ତ୍ରିନାଥ ମନ୍ଦିରରେ ତ୍ରିନାଥ ମେଳା ନିୟମିତ ବ୍ୟବଧାନରେ ଅନୁଷ୍ଠିତ ହୋଇଥାଏ। କେବଳ ସେତିକି ନୁହଁ ବାର୍ଷିକ ଦାସ କାଠିଆ ଗ୍ରାମରେ ହୁଏ। ସେଥିପାଇଁ ବ୍ରହ୍ମପୁରରୁ କଳାକାରଙ୍କୁ ଡକାଯାଇଥାଏ। ଗାଁ ଓ ବସ୍ତିର ପ୍ରତି ଘରୁ ଏଠାରେ ଏକତ୍ରିତ ହୋଇଥାନ୍ତି।

## 'ଲଢେଇ'ର ଟ୍ରେଲର ରିଲିଜ୍



ଭୁବନେଶ୍ୱର, ୧୦।୧୦(ସମିସ): ଡିଆରଏସ୍ ଏଣ୍ଟରପ୍ରାଇଜେସ ନିବେଦିତ ଓଡ଼ିଆ ଚଳଚ୍ଚିତ୍ର 'ଲଢେଇ' ଆସନ୍ତା ୧୭ରେ ୫୦ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବାକୁ ଥିବା ବେଳେ ଆଜି ତାହାର ଟ୍ରେଏର ରିଲିଜ୍ ହୋଇଛି। ଆଦିଲକ୍ଷ୍ମୀ କନଭେନସନ ଠାରେ ଆୟୋଜିତ ଏହି ଉତ୍ସବରେ ଚଳଚ୍ଚିତ୍ରର ନିର୍ମାତା ନିର୍ଦ୍ଦେଶକଙ୍କ ସମେତ କଳାକାର ଓ ଟେକନିସିଆନ ଯୋଗ ଦେଇଥିଲେ। ଅଶୋକ ପତିଙ୍କ ନିର୍ଦ୍ଦେଶିତ ତଥା ଦେବାଶିଷ ପଟ୍ଟନାୟକଙ୍କ ପ୍ରଯୋଜିତ ଏହି ଫିଲ୍ମର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନା ଭରଦ୍ୱାଜ ପଣ୍ଡା କରିଛନ୍ତି। ଦୀପାବଳି ଉପଲକ୍ଷେ ଓଡ଼ିଶାର ପାୟ ୫୦ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବା ସହ ପୁନେ, ହାଇଦ୍ରାବାଦ ଓ ବେଙ୍ଗାଲୁରୁରେ ମୁକ୍ତିଲାଭ କରିବା ଯୋଜନା ଥିବା ସଂଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି।

## 'ଆସ ଗାନ୍ଧୀଙ୍କୁ ଜାଣିବା' ଶୀର୍ଷକ ପ୍ରତିଯୋଗିତା

ଭୁବନେଶ୍ୱର, ୧୦।୧୦(ସମିସ): ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ରାଜ୍ୟ ସଂଗ୍ରହାଳୟ ପରିସରରେ 'ଆସ ଗାନ୍ଧୀଙ୍କୁ ଜାଣିବା' ଶୀର୍ଷକ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଅନୁବାଦିକା ଶକୁନ୍ତଳା ବଳିଆରସିଂହ, ଆଜିର ସୃଜନି ପ୍ରତିଷ୍ଠାତ୍ରୀ ସୁଜାତା ନନ୍ଦ, ସାହିତ୍ୟିକା ଡ. ଜୟନ୍ତୀ ରଥ ପ୍ରମୁଖ ବିଚାରକ ଭାବରେ ଯୋଗ ଦେଇଥିଲେ। ସଂଗ୍ରହାଳୟର ଅଧିକ୍ଷକ ଭାରତୀ ପାଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାତ୍ମାଗାନ୍ଧୀଙ୍କ ଜୀବନୀ ଉପରେ ଛାତ୍ରଛାତ୍ରୀମାନେ ବକ୍ତୃତା ପ୍ରଦାନ କରିଥିଲେ। ଶେଷରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଶିଶୁ ମହୋତ୍ସବ ସୁରଭି

ଯାଁଳା, ୧୦।୧୦(ସମିସ): ଜଟଣୀ ବ୍ଲକ ପଞ୍ଚପଲ୍ଲୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନୀଳକଣ୍ଠେଶ୍ୱର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବ୍ରହ୍ମକୁଣ୍ଡଳରେ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ ଅନୁଷ୍ଠିତ ହୋଇ ଯାଇଛି। ଏହି ମହୋତ୍ସବରେ ଓରକଳ, ବୋତଣ୍ଡା କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ, କ୍ଲଷ୍ଟର ସିଆରସିସି ଅଶୋକ ସିଂଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ତଥା ପ୍ରଧାନଶିକ୍ଷକ ଶଙ୍କର ବେହେରାଙ୍କ ପ୍ରଯୋଜନାରେ ଏହି କାର୍ଯ୍ୟକ୍ରମ ସୁଚାରୁ ରୂପେ ସମ୍ପାଦନ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ସଭାରେ ଜଗମୋହନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ରଥ, ହିନ୍ଦୀ ଶିକ୍ଷକ ଦେବନ୍ଦ୍ର କୁମାର ଜେନା ଯୋଗ ଦେଇଥିଲେ। ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ପ୍ରତିମା ମଣ୍ଡଳ ସଭାକାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ, ସସ୍ମିତା ମିଶ୍ର, ବର୍ଷା ପ୍ରିୟଦର୍ଶିନୀ, ମାମିନା ସେଠୀ, ଦେବଜିତ ପ୍ରଧାନ, ରବୀନ୍ଦ୍ର ଭୋଇ ପ୍ରଭୃତି ସଭା ପରିଚାଳନାରେ ସହଯୋଗ କରିଥିଲେ।

## ପାଣ୍ଡରାରେ ୱାରି ସୋଲାର କେନ୍ଦ୍ର ଉଦ୍‌ଘାଟିତ



ଭୁବନେଶ୍ୱର, ୧୦।୧୦(ସମିସ): ଭୁବନେଶ୍ୱର କଟକ-ପୁରୀ ବାଇପାସ୍ ସ୍ଥିତ ପାଣ୍ଡରା ଛକରେ ଭିଏଚଏନ୍ ସୋଲାର ଏନର୍ଜି ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ୱାରିର ନୂତନ ଅବିଜ୍ଞତା କେନ୍ଦ୍ରର ଉଦ୍‌ଘାଟନ ହୋଇଛି। ଏହା ଓଡ଼ିଶାର ପ୍ରଥମ ଏକ୍ସପେରିଏନ୍ସ ସେଣ୍ଟର। ୱାରି ଅଭିଜ୍ଞତା କେନ୍ଦ୍ରରେ ବ୍ରାଣ୍ଡର ସୌର ଉତ୍ପାଦ ଏବଂ ସମାଧାନର ସମ୍ପୂର୍ଣ୍ଣ ପୋର୍ଟଫୋଲିଓ ରହିବ। ସୌର ପ୍ୟାନେଲ ଏବଂ ଇନଭର୍ଟର ଠାରୁ ଆରମ୍ଭ କରି ଛାତ ଏବଂ ବାଣିଜ୍ୟିକ ସ୍ଥାପନ ପର୍ଯ୍ୟନ୍ତ। ପରିଦର୍ଶକମାନେ କାର୍ଯ୍ୟରେ ସୌରଚାଳିତ ସିଷ୍ଟମଗୁଡ଼ିକୁ ଅନୁସନ୍ଧାନ କରିପାରିବେ। ବିଶେଷଜ୍ଞ ପରାମର୍ଶ ପାଇପାରିବେ ଏବଂ ବ୍ୟାପକ ସ୍ଥାପନ ଓ ରକ୍ଷଣାବେକ୍ଷଣ ସହାୟତା ପାଇପାରିବେ। ଏହି ପଦକ୍ଷେପର ମୂଳରେ ଭିଏଚ୍ଏନ୍ ସୋଲାର ଏନର୍ଜି ପ୍ରାଇଭେଟ୍ ଲିମିଟେଡ୍, ଓଡ଼ିଶାରେ ୱାରିର ମିଶନକୁ ଚାଳିତ କରୁଥିବା ନୂତନ ଫ୍ରାଞ୍ଚାଇଜ୍ ପାର୍ଟନର ପ୍ରତ୍ୟୁଷ କୁମାର ସାମନ୍ତରାୟ ଏବଂ ସ୍ୱର୍ଗତ ବିଭୁ ପ୍ରସାଦ ସାମନ୍ତରାୟଙ୍କ ଦ୍ୱାରା ୨୦୧୮ ମସିହାରେ ପ୍ରତିଷ୍ଠିତ ହୋଇଥିଲା। ଏହି ଅବସରରେ ସଂସ୍ଥାର ନିର୍ଦ୍ଦେଶକ ଶ୍ରୀ ସାମନ୍ତରାୟ କହିଛନ୍ତି ସ୍ଥାୟୀ ଶକ୍ତିକୁ ସମସ୍ତଙ୍କ ପାଇଁ ପ୍ରକୃତରେ ସୁଗମ କରିବା ପାଇଁ ଏକ ସହଭାଗୀ ଦୃଷ୍ଟିକୋଣରେ ମୂଳ ଓ ଏହି ଅଭିଜ୍ଞତା କେନ୍ଦ୍ର ସଚେତନତା ଏବଂ ଗ୍ରହଣ ମଧ୍ୟରେ ଥିବା ପାର୍ଥକ୍ୟକୁ ପୂରଣ କରିବ। ଭୁବନେଶ୍ୱରରେ ୱାରି ଏବଂ ଭିଏଚଏନ୍ ସୋଲାର ହାତ ମିଳାଇବା ସହିତ, ସେମାନେ ଆସନ୍ତାକାଲି ଏକ ସବୁଜ ଶକ୍ତି ପ୍ରଦାନ କରିବା ପାଇଁ ଏକ ସମାନ ଦୃଷ୍ଟିକୋଣକୁ ଆଲୋକିତ କରିପାରିବ।

## ଜ୍ଞାନ ଓ ଅଭିଜ୍ଞତାର ଅମୂଲ୍ୟ ଉତ୍ସ ହେଉଛନ୍ତି ବରିଷ୍ଠ ନାଗରିକ

ଭୁବନେଶ୍ୱର, ୧୦।୧୦(ସମିସ): ଜ୍ଞାନ ଓ ଅଭିଜ୍ଞତାର ଅମୂଲ୍ୟ ଉତ୍ସ ହେଉଛନ୍ତି ବରିଷ୍ଠ ନାଗରିକ। ସୁସ୍ଥ ସମାଜ ଗଠନ ଏବଂ ଏହାର ବିକାଶରେ ବରିଷ୍ଠ ନାଗରିକମାନଙ୍କ ଅଭିଜ୍ଞତା ଓ ମାର୍ଗଦର୍ଶନ ବିଶେଷ ସହାୟକ ହୋଇଥାଏ ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ରାଜ୍ୟସ୍ତରୀୟ ବରିଷ୍ଠ ନାଗରିକ ଦିବସ-୨୦୨୫ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଗଣ୍ଡ ଏହା କହିଛନ୍ତି।



ସମ୍ମାନିତ ଅତିଥି ଭାବେ ବିଧାୟକ ବାବୁ ସିଂ ଯୋଗଦେଇ ବୟସ୍କମାନଙ୍କୁ ଯଥେଷ୍ଟ ଗୁରୁତ୍ୱ ଦେଇ ସେମାନଙ୍କୁ ସାମାଜିକ ଓ ଅର୍ଥନୈତିକ ସୁରକ୍ଷା ଯୋଗାଇଦେବା ସମାଜର ସବୁବର୍ଗର ଲୋକମାନଙ୍କର ଦାୟିତ୍ୱ ବୋଲି କହିଥିଲେ। ଭୁବନେଶ୍ୱର ମହାନଗର ନିଗମର କମିଶନର ଚଞ୍ଚଳ ରାଣା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଏମ୍‌ସି ପକ୍ଷରୁ ସର୍ବଦା ବରିଷ୍ଠ ନାଗରିକଙ୍କ ସମସ୍ୟାକୁ ପ୍ରାଥମିକତା ଦିଆଯାଇଥିବା ଦର୍ଶାଇ ବରିଷ୍ଠ ନାଗରିକମାନଙ୍କ ପାଇଁ ବୟୋ ବନ୍ଦନା ଯୋଜନା ସହ ମାଗଣା ସ୍ୱାସ୍ଥ୍ୟସେବା ପାଇଁ ବିଭିନ୍ନ ସ୍ଥାନରେ ଉପଚାର କେନ୍ଦ୍ର ସ୍ଥାପନ ହୋଇଥିବା କହିଥିଲେ। ପ୍ରାରମ୍ଭରେ ସ୍ୱତନ୍ତ୍ର ଶାସନ ସଚିବ ରଜନୀ ଜାନୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅତିରିକ୍ତ ଶାସନ ସଚିବ ଦୀପକ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଶ୍ୱେତପଦ୍ମା ସଙ୍ଗୀତାଳୟ ସାଂସ୍କୃତିକ ଟ୍ରଷ୍ଟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ପୁଣ୍ୟଶ୍ଳୋକା ପ୍ରିୟଦର୍ଶିନୀ ସଂଯୋଜନା କରିଥିଲେ। ବରିଷ୍ଠ ନାଗରିକ ଦିବସ ପାଳନ ଉପଲକ୍ଷେ ଆଜି ସକାଳେ ସ୍ଥାନୀୟ ଇନ୍ଦିରାଗାନ୍ଧୀ ପାର୍କଠାରେ ଏକ ଯୋଗ ଶିବିର ଆୟୋଜିତ ହୋଇଥିଲା। ହାସ୍ୟ ଅଭିନେତା ଦେବୁ ବ୍ରହ୍ମା ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କୁ ଯୋଗର ଉପକାରିତା ବୁଝାଇବା ସହ ସମସ୍ତଙ୍କୁ ମାନସିକ ଓ ଶାରୀରିକ ରୂପେ ସୁସ୍ଥ ରହିବା ପାଇଁ ନିୟମିତ ଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏହାସହ ବରିଷ୍ଠ ନାଗରିକମାନଙ୍କ ପାଇଁ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷାର ଆୟୋଜନ କରାଯାଇଥିଲା।

## 'ୱିସ୍‌ପର୍ସ ଅଫ୍ ଦି ସୋଲ୍' ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, ୧୦।୧୦(ସମିସ): ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଅବସରରେ ଡ. ନମ୍ରିତା ଚହଲ୍‌ଙ୍କ ପ୍ରଥମ ପୁସ୍ତକ 'ୱିସ୍‌ପର୍ସ ଅଫ୍ ଦି ସୋଲ୍' ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଉନ୍ମୋଚିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସାହିତ୍ୟିକ ଡ. ଗୌରହରି ଦାସ, ଲେଖିକା ରତ୍ନମାଳା ସ୍ୱାଇଁ ଯୋଗ ଦେଇଥିଲେ। ସୂଚନା ଅନୁସାରେ, ଡ. ନମ୍ରିତା ଚହଲ୍ ମେଟାଫିଜିକ୍ସ୍‌ରେ ଡକ୍ଟରେଟ୍ ହାସଲ କରିଥିବା ସହ ଜଣେ କ୍ୱାଣ୍ଟମ୍ ହିଲର୍, ଲାଇଫ୍ କୋଚ୍, ରେକି ଗ୍ରାଣ୍ଡମାଷ୍ଟର୍ ଏବଂ ଦୁଇ ଦଶନ୍ଧିରୁ ଅଧିକ ଅନୁଭବସମ୍ପନ୍ନ ୱେଲ୍‌ନେସ୍ ପ୍ରାକ୍ଟିଶନର୍।

## ମହିଳା ଦକ୍ଷତା ସମିତିର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୧୦।୧୦(ସମିସ): ମହିଳା ଦକ୍ଷତା ସମିତି, ରାଜ୍ୟଶାଖାର ୩୩ ତମ ବାର୍ଷିକ ଉତ୍ସବ ବୁଦ୍ଧମନ୍ଦିର ସଭାଗୃହରେ ପାଳିତ ହୋଇଯାଇଛି। ସୁଲେଖା ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଶିକ୍ଷାବିତ ଓ ସମାଜସେବୀ ଡ. କନକମଞ୍ଜରୀ ମିଶ୍ର ମୁଖ୍ୟ ଅତିଥି ଏବଂ ସମାଜସେବିକା ତଥା ରାଜ୍ୟ ମହିଳା ଓ ଶିଶୁ ବିକାଶ ପରିଷଦର ସଦସ୍ୟା କସ୍ତୁରୀ ମିଶ୍ର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସମିତିର ଉପ-ସଭାପତି କାନନବାଳା ପଟ୍ଟନାୟକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ଓ ସାଧାରଣ ସମ୍ପାଦିକା ଡ. ସୁଚେତା ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ମହିଳା ଦକ୍ଷତା ସମିତିର ସ୍ମରଣିକା ଏବଂ ଡ. ସୁଚେତା ରାଉତଙ୍କ ପୁସ୍ତକ 'ଓଡ଼ିଶାରେ ଦେବୀ ଉପାସନାର ପରମ୍ପରା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସମିତି ତରଫରୁ ଡ. ପ୍ରତିଭା ମହାରଥୀଙ୍କୁ ସଦାଶିବ ସାହୁ ଧର୍ମ ଓ ସଂସ୍କୃତି ସମ୍ମାନ, କାନନବାଳା ପଟ୍ଟନାୟକଙ୍କୁ ବୀଣାପାଣି ସାହୁ ଅନୁସୃଜନ ସମ୍ମାନ, ଶରତ କୁମାରୀ ମିଶ୍ରଙ୍କୁ ସବିତାରାଣୀ ବେହେରା ପ୍ରତିଭା ସମ୍ମାନ ଓ ଆଶାରାଣୀ ପଣ୍ଡାଙ୍କୁ ପାର୍ବତୀ ଦେବୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ବିଦୁଲତା ସ୍ୱାଇଁ ଓ ମନ୍ଦାକିନୀ ମିଶ୍ର ଏକ କ୍ଷୁଦ୍ର ଗୀତିନାଟ୍ୟ ପରିବେଷଣ କରିଥିଲେ। କୋଷାଧ୍ୟକ୍ଷା କାନନବାଳା ମହାନ୍ତି ଧନ୍ୟବାଦ ଦେଇଥିଲେ।

## ରମାଦେବୀରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ



ଭୁବନେଶ୍ୱର, ୧୦।୧୦(ସମିସ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମନସ୍ତତ୍ତ୍ୱ ବିଭାଗର ଛାତ୍ରଛାତ୍ରୀ ଅଧ୍ୟାପିକା, ବିଭାଗର ମୁଖ୍ୟ ସୁଦାମ ସାହୁ ଏବଂ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡୀ ରଥ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ପଥପ୍ରାନ୍ତ ନାଟକ, ସଚେତନତା ଶୋଭାଯାତ୍ରା, ପୋଷ୍ଟର ଏବଂ ସ୍ଲୋଗାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ପ୍ରତିଯୋଗୀଙ୍କୁ ବିଭାଗୀୟ ମୁଖ୍ୟ ପୁରସ୍କୃତ ପ୍ରଦାନ କରିଥିଲେ। ଶେଷରେ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ୧୨ରେ ନାରୀ ସୁରକ୍ଷା ନେଇ ମେଗା ମାରାଥନ୍

ଭୁବନେଶ୍ୱର, ୧୦।୧୦(ସମିସ): ମହିଳା ସୁରକ୍ଷାକୁ ନେଇ ଇତସା ଫାଉଣ୍ଡେସନ୍ ପକ୍ଷରୁ ଆସନ୍ତା ୧୨ ତାରିଖରେ ଏକ ବିଶାଳ ଗଣଦୌଡ ଆୟୋଜିତ ହେବ। ଏହି ଗଣଦୌଡ଼ ଗାନ୍ଧୀମାର୍ଗରୁ ସକାଳ ୭ ଘଟିକାରୁ ଆରମ୍ଭ ହୋଇ ରୂପାଲୀ ଛକରେ ପହଞ୍ଚିବାରେ ପୁନଶ୍ଚ ଗାନ୍ଧୀମାର୍ଗରେ ପହଞ୍ଚିବ ବୋଲି ଅନୁଷ୍ଠାନ ତରଫରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ଉପଦେଷ୍ଟା ଇତିଶ୍ରୀ ମିଶ୍ର ସୂଚନା ଦେଇଛନ୍ତି। ଏଥିରେ ସାମିଲ ହେବା ପାଇଁ ଇଚ୍ଛୁକମାନେ ଫାଉଣ୍ଡେସନ୍ ପକ୍ଷରୁ ଜାରୀ କରାଯାଇଥିବା ଟୋଲ୍ ଫ୍ରୀ ହେଲ୍ପଲାଇନ୍ ନମ୍ବର ଓ ୱେବସାଇଟ୍ ମାଧ୍ୟମରେ ନାମ ପଞ୍ଜିକରଣ କରିପାରିବେ ବୋଲି ଫାଉଣ୍ଡେସନ୍ ପକ୍ଷରୁ ଶାସ୍ତ୍ରୀ ବାହାଦୁର ପ୍ରଧାନ ସୂଚନା ଦେଇଛନ୍ତି। ଏହି ଅବସରରେ ଗଣଦୌଡ ପାଇଁ ପ୍ରସ୍ତୁତ ଟି ସାର୍ଟ ଓ ଲୋଗୋ ଉନ୍ମୋଚିତ ହୋଇଥିଲା।

## ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ



ବାଲିଅନ୍ତା, ୧୦।୧୦(ସମିସ): ବାଲିଅନ୍ତା ବ୍ଲକ ସତ୍ୟଭାମାପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି - ୨୦୦୫ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ୬୬ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାଗତିକା ଦାଶ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଆରସିସି ଭୀମ ମହାରଣା, ଜ୍ଞାନରଞ୍ଜନ ମହାପାତ୍ର, କ୍ରୀଡା ଶିକ୍ଷକ ଶରତ କୁମାର ବସନ୍ତ ରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ।

### ଉତ୍କଳ ଉନ୍ନୟନ ନ୍ୟାସୀମଣ୍ଡଳର ରଜତ ଜୟନ୍ତୀ

## ଓଡ଼ିଶାରେ ମଧ୍ୟ ଓଡ଼ିଆ ଭାଷା ବିପନ୍ନ

ଭୁବନେଶ୍ୱର, ୧୦।୧୦(ସମିସ): କେବଳ ବିଚ୍ଛିନ୍ନାଞ୍ଚଳ ନୁହେଁ, ରାଜ୍ୟରେ ମଧ୍ୟ ଓଡ଼ିଆ ଭାଷା ବିପନ୍ନ। ଐର ଖାରବେଳ ଓ ଗଜପତି କପିଳେନ୍ଦ୍ର ଦେବଙ୍କ ସମୟର ଓଡ଼ିଆ ମାନଙ୍କର ରାଜ୍ୟର ବିସ୍ତୃତ ଆକାର ଆଜି ସଙ୍କୁଚିତ କଳେବରରେ ବୋଲି ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀମଣ୍ଡଳର ରଜତ ଜୟନ୍ତୀ ଉଦ୍‌ଯାପନ ସମାରୋହରେ ମତପ୍ରକାଶ ପାଇଛି। ବୁଦ୍ଧ ମନ୍ଦିରରେ ଅନୁଷ୍ଠାନର ସଭାପତି ସୀତା ବଲ୍ଲଭ ମହାପାତ୍ରଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯାମୀ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ବିଭିନ୍ନ ସ୍ତରରେ ଯେପରି ଗୁରୁତ୍ୱ ଦେବା ଆବଶ୍ୟକବୋଲି କହିଥିଲେ। ତତ୍କାଳୀନ ଓଡ଼ିଶାର ବିଶାଳ ପରିଧି ସମ୍ପର୍କରେ ସାରଳା ମହାଭାରତରେ ବ୍ୟବହୃତ ଶବ୍ଦ ସମୂହ ହିଁ ସୂଚନା ଦେଇଥାନ୍ତି। ବର୍ତ୍ତମାନର ପିଢ଼ି ଯେପରି ମାତୃଭାଷା ବିମୁଖ ହେଉଛନ୍ତି ତାହା ଉଦ୍‌ବେଗ ଜନକ ବୋଲି ଶ୍ରୀ ମିଶ୍ର କହିଥିଲେ। ଉତ୍ସବରେ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରଶାସକ କବି ଅଲେଖ ଚନ୍ଦ୍ର ପଢ଼ିଆରୀ ଓ କୋଟିଆ ଅଞ୍ଚଳର ଭାଷାପ୍ରେମୀ ଡ. ଜଳେନ୍ଦ୍ର ତ୍ରିପାଠୀ ଯୋଗଦେଇ ବିଚ୍ଛିନ୍ନାଞ୍ଚଳ ତଥା ଆମ ନିଜ ରାଜ୍ୟ ଓଡ଼ିଶାରେ ମାତୃଭାଷା ଓଡ଼ିଆ କିପରି ସମୃଦ୍ଧ ହେବ ସେଥି ନିମନ୍ତେ ସମସ୍ତେ ସଚେତନ ହେବାକୁ ଆହ୍ୱାନ ଦେଇଥିଲେ। ସମ୍ପାଦକ ରାମ ନାରାୟଣ ମିଶ୍ର ନ୍ୟାସୀ ମଣ୍ଡଳର କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ତଥା ସମବାୟବିତ ଅମ୍ବିକା ପ୍ରସାଦ ଦାସ ଓ ଝାଡ଼ଖଣ୍ଡରେ ଓଡ଼ିଆ ଭାଷା ସୁରକ୍ଷା ଦିଗରେ



କାର୍ଯ୍ୟ କରୁଥିବା ସରୋଜ କୁମାର କରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ପର୍ଶୁରାମ ଦ୍ୱିବେଦୀଙ୍କ ରଚିତ 'ଆମ ବିଚ୍ଛିନ୍ନାଞ୍ଚଳ' ପୁସ୍ତକ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମକୁ ସଂସ୍କୃତି ସମ୍ପାଦକ ରମାକାନ୍ତ ମିଶ୍ର ପରିଚାଳନା କରିଥିଲାବେଳେ ଅନୁଷ୍ଠାନର ଉପସଭାପତି ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ● ବିକଶିତ ଭାରତ ଓ ବିକଶିତ ଓଡ଼ିଶା ସମ୍ମିଳନୀ

## ଓଡ଼ିଶାରେ ୫୦ ହଜାର କୋଟି ନିବେଶ କରିବ ଆଦିତ୍ୟ ବିର୍ଲା

ଭୁବନେଶ୍ୱର, ୧୦।୧୦(ସମିସ): ଆଗାମୀ ଦିନରେ ଆଦିତ୍ୟ ବିର୍ଲା ଗ୍ରୁପ ଓଡ଼ିଶାରେ ୫୦ ହଜାର କୋଟି ଟଙ୍କା ନିବେଶ କରିବାର ଯୋଜନା ରହିଛି। କିଟ୍ ବିଶ୍ୱବିଦ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ବିକଶିତ ଭାରତ ୨୦୪୭ ଓ ବିକଶିତ ଓଡ଼ିଶା ୨୦୩୬ ବିଷୟବସ୍ତୁ ସମ୍ପର୍କିତ ଦିନିକିଆ ସମ୍ମିଳନୀ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ ଅର୍ଦ୍ଧେନ୍ଦୁ ମହାପାତ୍ର ଅତିଥିଭାବେ ଯୋଗଦେଇ କହିଛନ୍ତି।





ଅନୁଷ୍ଠିତ ସମ୍ମିଳନୀରେ ଓଇଆର୍‌ସି ସଭାପତି ପ୍ରଦୀପ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଅତିରିକ୍ତ ମୁଖ୍ୟ ସଚିବ (ଶିଳ୍ପ, ସୂଚନା ଓ ଲୋକସମ୍ପର୍କ ବିଭାଗ) ହେମନ୍ତ ଶର୍ମା, ଓଏସ୍ଏଫ୍‌ସି ଅଧ୍ୟକ୍ଷ ଡା. ଅରୁଣ କୁମାର ପଣ୍ଡା, ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡ୍‌ର କର୍ପୋରେଟ ଆଫେୟାର୍ସର ପ୍ରେସିଡେଣ୍ଟ ଅର୍ଦ୍ଧେନ୍ଦୁ ମହାପାତ୍ର, ପୂର୍ବତନ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଡା. ତପନ କୁମାର ଚାନ୍ଦ ପ୍ରମୁଖ ସମ୍ମିଳନୀରେ ଅତିଥି ଭାବେ ଯୋଗ ଥିଲେ। କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଅର୍ଦ୍ଧେନ୍ଦୁ ମହାପାତ୍ର କହିଥିଲେ, ଆଦିତ୍ୟ ବିର୍ଲା ଗ୍ରୁପ ଓଡ଼ିଶାରେ ଏଯାଏ ପ୍ରାୟ ୪୦, ୦୦୦ କୋଟି ଟଙ୍କା ନିବେଶ କରିଛି। ଏଥିରେ ଆଲୁମିନିୟମ ଶିଳ୍ପ, ଖଣିଜ ପଦାର୍ଥ, ସିମେଣ୍ଟ, ରସାୟନ ଓ ବସ୍ତ୍ର ଉଦ୍‌ଯୋଗ ଆଦି ରହିଛି। ଏହା ମାଧ୍ୟମରେ ଓଡ଼ିଶାରେ ପ୍ରାୟ ୩୦, ୦୦୦ ଯୁବ ପ୍ରତିଭାଙ୍କୁ ସିଧାସଳଖ ଚାକିରି ପ୍ରଦାନ କରାଯାଇଛି। ଏଥିମଧ୍ୟରୁ ୮୨% କର୍ମଚାରୀ ଓଡ଼ିଶାରୁ ବୋଲି ସେ ସୂଚନା ଦେଇଥିଲେ। ତେବେ ଆଗାମୀ ଦିନରେ ରାଜ୍ୟରେ ଆଦିତ୍ୟ ବିର୍ଲା ଗ୍ରୁପ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଶିଳ୍ପ ସ୍ଥାପନ ନିମନ୍ତେ ୫୦ ହଜାର କୋଟି ଟଙ୍କା ନିବେଶ ପାଇଁ ଯୋଜନା ରହି ଥିବାବେଳେ ଏହା ରାଜ୍ୟରେ ନୂତନ ଭାବେ ୧୫, ୦୦୦ ନିଯୁକ୍ତି ସୃଷ୍ଟି କରିବ, ଯାହା କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକସ୍ଥିତ କଂସାରିଗୁଡାରେ ଏକ ନୂତନ ଭାବେ ଆଲୁମିନା ରିଫାଇନେରି ୟୁନିଟ ସ୍ଥାପନ, ଲାପଙ୍ଗା ଠାରେ ଆଦିତ୍ୟ ଆଲୁମିନିୟମ ୟୁନିଟ ସମ୍ପ୍ରସାରଣ ଓ ସମ୍ବଲପୁର ଜିଲାରେ ଏଫ୍‌ଆର୍‌ପି ପ୍ଲାଣ୍ଟ ଉନ୍ନତୀକରଣ ହେବା ନେଇ ଯୋଜନା ରହିଛି। ଏଥିସହିତ ମହାପାତ୍ର କହିଛନ୍ତି ଯେ, ସିଏସ୍ଆର୍ କାର୍ଯ୍ୟକ୍ରମ ଅନ୍ତର୍ଗତ ଶିଳ୍ପ ପ୍ରତିଷ୍ଠାନ ଦ୍ୱାରା ପ୍ରଭାବିତ ଓ ପାର୍ଶ୍ୱବର୍ତ୍ତୀ ଗ୍ରାମାଞ୍ଚଳରେ ଲୋକଙ୍କ ଆର୍ଥିକ ଓ ସାମାଜିକ ସଶକ୍ତକରଣରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ସମ୍ବଲପୁର ଓ ରାୟଗଡ଼ା ଜିଲାରେ ପ୍ରତିଷ୍ଠିତ ୟୁନିଟ ଦ୍ୱାରା ଅଞ୍ଚଳରେ ଲୋକଙ୍କ ଜୀବନମାନ ଉନ୍ନତ ହୋଇଛି। ଆଦିତ୍ୟ ବିର୍ଲା ଗ୍ରୁପର ଶିଳ୍ପାନୁଷ୍ଠାନ ପାଇଁ ରାୟଗଡ଼ା ଜିଲାରେ ସମଗ୍ର ବିକାଶ ତଥା ବିଶେଷ ଭାବେ କାଶୀପୁର ଅଞ୍ଚଳରେ ଲୋକମାନଙ୍କ ସାମାଜିକ ଓ ଆର୍ଥିକ ସ୍ଥିତି ଉନ୍ନତ ହୋଇଥିବା ସେ କହିଛନ୍ତି।

## ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ

# ‘ବରିଷ୍ଠଙ୍କ ଅଭିଜ୍ଞତା ଓ ପ୍ରେରଣା ଜିଲ୍ଲା ପାଇଁ କାମ୍ୟ’

ଜଗତସିଂହପୁର,୧୦।୧୦(ସମିସ):



ଜଗତସିଂହପୁର ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ପାଳିତ ହୋଇଯାଇଛି। ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ବରିଷ୍ଠ ନାଗରିକଙ୍କ ଅଭିଜ୍ଞତା ଓ ଅନୁପ୍ରେରଣା ସର୍ବଦା ଜିଲ୍ଲା ପାଇଁ କାମ୍ୟ। ସେମାନଙ୍କ ଆଶୀର୍ବାଦରେ ଜଗତସିଂହପୁର ଜିଲ୍ଲାର ପ୍ରଗତି ଦ୍ୱିଗୁଣିତ ହେବ। ସେମାନଙ୍କର ସମସ୍ତ ସୁବିଧା ଅସୁବିଧାକୁ ଶୁଣି ବିଧାୟକ ଶ୍ରୀ ଦାସ ବରିଷ୍ଠ ନାଗରିକଙ୍କ ନିମନ୍ତେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କରେ ସ୍ୱତନ୍ତ୍ର ଧାଡ଼ିର ବ୍ୟବସ୍ଥା, ସମସ୍ତ ସୁବିଧା ସୁଯୋଗ ଥିବା ବିଶ୍ରାମଗାର, ସରକାରୀ କାର୍ଯ୍ୟାଳୟରେ ଅଗ୍ରାଧିକାର ଭିତ୍ତରେ ସେମାନଙ୍କ କାର୍ଯ୍ୟ ସମ୍ପାଦନ ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳଙ୍କ ସହ ପରାମର୍ଶ କରିବେ ବୋଲି କହିଥିଲେ।

ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ମନୋଜ ଭୋଇ ଯୋଗଦେଇ ବରିଷ୍ଠ ନାଗରିକଙ୍କୁ ସୁସ୍ଥ ସମାଜର ସୂତ୍ରଧର ବୋଲି କହିଥିଲେ। ସେମାନଙ୍କ ପ୍ରେରଣାରେ ଜିଲ୍ଲା ବିକାଶ ରାସ୍ତାରେ ଅଗ୍ରସର ହେବ ବୋଲି ଶ୍ରୀ ଭୋଇ ଆଶାବ୍ୟକ୍ତ କରିଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ଅଧିକାରୀ ରବିନାରାୟଣ ଜେଠୀ ବରିଷ୍ଠ ନାଗରିକଙ୍କ ଅଭିଜ୍ଞତା ଓ ଦିଗଦର୍ଶନ ସର୍ବଦା କର୍ମଜୀବନ ଓ ବ୍ୟକ୍ତିଗତ ଜୀବନକୁ ଆଲୋକିତ କରିଥାଏ ବୋଲି କହିଥିଲେ। ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଅର୍ଚ୍ଚନା ସିଂହ ବରିଷ୍ଠ ନାଗରିକ ସର୍ବଦା ପୂଜ୍ୟ ଓ ସେମାନଙ୍କ ଅଭିଜ୍ଞତା, ଆଶୀର୍ବାଦ ସମାଜକୁ ବିକାଶ ଦିଗରେ ଅଗ୍ରଗତି କରାଇବ ବୋଲି କହିଥିଲେ। ଜଗତସିଂହପୁର ବରିଷ୍ଠ ନାଗରିକ ମହାମଞ୍ଚ ଉପସଭାପତି ପ୍ରେମାନନ୍ଦ ପଢ଼ିଆରୀ ବରିଷ୍ଠ ନାଗରିକଙ୍କ ସୁବିଧା ଅସୁବିଧା କଥା ଉପସ୍ଥାପନ କରିଥିଲେ। ବରିଷ୍ଠ ନାଗରିକ ଗୌରାଙ୍ଗ ଚରଣ ହୋତା ଏହି ଦିବସକୁ ଯଥୋଚିତ ଦିନରେ ପାଳନ କରିବାକୁ ପ୍ରସ୍ତାବ ରଖିଥିଲେ। ପରେ ବିଶିଷ୍ଟ ବରିଷ୍ଠ ନାଗରିକଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ।

ଏହି ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କ ପୁରସ୍କୃତ କରାଯାଇଥିଲା। ୮୦ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ୩୫୦୦ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇଥିଲା। ଏଥିସହ ଯେଉଁମାନେ ଚାଲିବାର ଅସୁବିଧା ଭୋଗ କରୁଛନ୍ତି ସେମାନଙ୍କୁ ଆଶ୍ରା ବାଡି ପ୍ରଦାନ କରାଯାଇଥିଲା। ବିଭିନ୍ନ ବ୍ଲକ୍‌ର ବରିଷ୍ଠ ନାଗରିକ ମଞ୍ଚ ଅଧ୍ୟକ୍ଷ ଓ କର୍ମକର୍ତ୍ତାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲାର ବରିଷ୍ଠ ନାଗରିକ ନିଜ ନିଜର ସୁବିଧା ଅସୁବିଧା କଥା ମୁଖ୍ୟଅତିଥିଙ୍କୁ ଜଣାଇଥିଲେ। ସକାଳ ୮ଟାରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ୱାକାଥନ, ଯୋଗାଭ୍ୟାସ, ପରେ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପାଲା ଓ ନୃସିଂହ ମଲ୍ଲିକଙ୍କ ଦ୍ୱାରା ମ୍ୟାଜିକ ପରିବେଷଣ କରାଯାଇଥିଲା। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ମମତା ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବରିଷ୍ଠ ନାଗରିକ ଫୋରମ୍ ଉପସଭାପତି ମଧୁସୂଦନ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ପ୍ରତିଚୀ ତନୟା ମହାନ୍ତି, ଜିଲ୍ଲା ବରିଷ୍ଠ ନାଗରିକ ମହାମଞ୍ଚ ସଦସ୍ୟ, ବ୍ଲକସ୍ତରୀୟ ବରିଷ୍ଠ ନାଗରିକ ମଞ୍ଚ ସଦସ୍ୟ, ସହରର ବୁଦ୍ଧିଜୀବୀ, ଆଇନଜୀବୀ, ଗଣମାଧ୍ୟମ ପ୍ରତିନିଧି, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଭାଷ ଚନ୍ଦ୍ର ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ କର୍ମକର୍ତ୍ତା, କନିଷ୍ଠ ସହାୟକ ଓ ପ୍ରୋଗ୍ରାମ ସହାୟକ ସହଯୋଗ କରିଥିଲେ।

## ବିଜେଡି ଉପସଭାପତି ଚିରଞ୍ଜୀବ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧନା



ଜଗତସିଂହପୁର,୧୦।୧୦(ସମିସ): ଜଗତସିଂହପୁର ଜିଲ୍ଲାର ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳଙ୍କୁ ଦଳୀୟ ନେତା ଓ କର୍ମୀଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରୀ ବିଶ୍ୱାଳ ଜଗତସିଂହପୁର ସହରର ସିପି ଛକସ୍ଥ ଜନସମ୍ପର୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ ବିଜେଡିର ବରିଷ୍ଠ ଓ ଯୁବନେତା, କର୍ମୀ ତାଙ୍କୁ ସାକ୍ଷାତ କରି ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶ୍ରୀ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧନା ସହିତ ଅଭିନନ୍ଦନ ଜଣାଇଥିଲେ। ଜିଲ୍ଲା ପରିଷଦ ସଭାପତି ମନୋଜ ଭୋଇ, ଜଗତସିଂହପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରତିରଞ୍ଜନ ବେହେରା, ନଗର ବିଜେଡି ସଭାପତି ପ୍ରିୟବ୍ରତ ମହାପାତ୍ର, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ସମିତ ଲେଙ୍କା, ବରିଷ୍ଠ ବିଜେଡି ନେତା ଦୀପ୍ତି ଦାସ, ସିକନ୍ଦର ଆଲାମ, ସୁବାସ ସାହୁ, ଦିଲ୍ଲୀପ ସିଂ, ଗୌର ପ୍ରସାଦ ମହାନ୍ତି, ସରୋଜ ବିଶ୍ୱାଳ, ଜଗନ୍ନାଥ ମୁଦୁଲି, ଯୁବନେତା ପ୍ରଶାନ୍ତ ମଲ୍ଲିକଙ୍କ ସମେତ ବିଜେଡି ପାରିଷଦ, ବିଜେଡି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟ/ସଭ୍ୟା ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସାମିଲ ଥିଲେ।

## କୋରଡେଟ୍‌ର ପ୍ରତିଷ୍ଠା ଦିବସ ଓ କୃଷକ ସମାବେଶ



ପାରାଦୀପ, ୧୦।୧୦(ସମିସ): କୋରଡେଟ୍‌ର ୪୮ତମ ପ୍ରତିଷ୍ଠା ଦିବସ ଓ କୃଷକ ସମାବେଶ ଇଫ୍‌କୋ ପରିସରରେ ଆୟୋଜିତ ହୋଇଯାଇଛି। ଇଫ୍‌କୋ ଓ କୋରଡେଟ୍ ମିଳିତ ଭାବେ ଏହି କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଇଫ୍‌କୋ ୟୁନିଟ୍ ମୁଖ୍ୟ ପି.କେ. ମହାପାତ୍ର ଉଦଘାଟନ କରିଥିଲେ। ଜଳବାୟୁ, ପରିବେଶ ଓ ମୃତ୍ତିକା ପାଇଁ ଇଫକୋ ନାନୋ ଫର୍ଟିଲାଇଜର କୃଷକଙ୍କ ପାଇଁ ଆର୍ଥିକ ଓ ପରିବେଶ ସୁରକ୍ଷା ଦେଇପାରୁଛି ବୋଲି ଶ୍ରୀ ମହାପାତ୍ର କହିଥିଲେ। ଅନ୍ୟତମ ଅତିଥି ଭାବେ ଓୟୁଏଟିର ପ୍ରଫେସର ଡ. ଆର୍. ଏନ୍. ନାୟକ ଯୋଗଦେଇ ଓଡିଶାର ମୃତ୍ତିକା ସମ୍ବନ୍ଧରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ଅତିଥି ଭାବେ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ସଙ୍ଗୀତା ମହାନ୍ତି, ମହାକାଳପଡାର ବ୍ଲକ୍ କୃଷି ଅଧିକାରୀ ପ୍ରଦୋଶ ବେହେରା, କୁଜଙ୍ଗ ବ୍ଲକ୍ କୃଷି ଅଧିକାରୀ ସୀତାରତ୍ନମାଳି ଦାସ ଯୋଗ ଦେଇଥିଲେ। ଇଫ୍‌କୋର ମାର୍କେଟିଂ ବିଭାଗ କ୍ଷେତ୍ର ଅଧିକାରୀ ସନ୍ଧ୍ୟାରାଣୀ ବେହେରା ଇଫ୍‌କୋ ପକ୍ଷରୁ କୃଷି ନିମନ୍ତେ ୭୫ଟି ଡ୍ରୋନ୍ ବଣ୍ଟନ କରାଯାଇଥିବା ନେଇ ସୂଚନା ଦେଇଥିଲେ। କୋରଡେଟ୍ ଅଧ୍ୟକ୍ଷ କୁଳମଣି ମାଝୀ କୋରଡେଟ୍ କୃଷକ ସମାଜ ନିମନ୍ତେ ସର୍ବଦା କାର୍ଯ୍ୟ କରିଆସୁଥିବା କହିଥିଲେ। ଜୟନ୍ତ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନାନୋର ସାଧାରଣ ପ୍ରବନ୍ଧକ ଏସ.ପି. ରଥ, ଯୁଗ୍ମ ପ୍ରବନ୍ଧକ ବି.କେ. ମିଶ୍ର, ମୁଖ୍ୟ ପ୍ରବନ୍ଧକ ରାକେଶ ପାଣ୍ଡେ, ଲୋକ ସମ୍ପର୍କ ଅଧିକାରୀ ଡ. ପ୍ରସନ୍ନ ବେଉରା ଯୋଗ ଦେଇଥିବାବେଳେ ୨୫୦ ଜଣ କୃଷକ ଏହି ସମାବେଶରେ ଉପସ୍ଥିତ ଥିଲେ।

## ଗଜଲକ୍ଷ୍ମୀ ପୂଜାରେ ପ୍ରବଚନ

ତିର୍ତ୍ତୋଲ,୧୦।୧୦(ସମିସ): ସଅଁରା ଛକରେ ସ୍ଥାନୀୟ ଅଞ୍ଚଳର ବଣିକ ସଂଘ ପକ୍ଷରୁ ଆରମ୍ଭ ହୋଇଥିବା ମା’ ଗଜଲକ୍ଷ୍ମୀଙ୍କ ପୂଜା ଅବସରରେ ଆଧ୍ୟାତ୍ମିକ ପ୍ରବଚନ ଅନୁଷ୍ଠିତ ହୋଇଯାଇଛି।



ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ତଥା ପ୍ରବକ୍ତା ବାବା ଦିବାକର ଦାସ ମହାରାଜ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଲୀଳା ମାହାତ୍ମ୍ୟ ଓ ତତ୍ତ୍ୱ ଦର୍ଶନ ଉପରେ ପ୍ରବଚନ ପ୍ରଦାନ କରି ସମବେତ ଶ୍ରଦ୍ଧାଳୁଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ବାବାଙ୍କ ସହିତ ବାଦ୍ୟଯନ୍ତ୍ରରେ ଜୟନ୍ତ ଶତପଥୀ ଓ କିଶୋର ମହାପାତ୍ର ସହଯୋଗ କରିଥିଲେ।

## ବଜ୍ରପାତରେ ଜଣେ ମୃତ, ୫ ଆହତ




ବାଲିକୁଦା,୧୦।୧୦(ସମିସ): ବଜ୍ରପାତରେ ବରମୁଣ୍ଡଳୀ ପଞ୍ଚାୟତ କପୁରାବେଲାରୀ ଗ୍ରାମର ୪୬ ବର୍ଷୀୟ ଯୁବକ ସଞ୍ଜୟ ଦାସଙ୍କ ମୃତ୍ୟୁ ହୋଇଥିବାବେଳେ ତେନ୍ତୁଳିବେଲାରି ଛ’ଘରିଆ ଗ୍ରାମର କାଳୀପଦ ବେହେରା, ଭାନୁ ମାହିଁଶାଳ, କାର୍ତ୍ତିକ ମଣ୍ଡଳ, ସୁବାସ ବାଗ, ଅକ୍ଷୟ ମାଲ ପ୍ରମୁଖ ଆହତ ହୋଇ ଜିଲ୍ଲା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସଞ୍ଜୟ ବାଲିଜୋରୀ ଦେବୀ ନଦୀ କୂଳକୁ ମଇଁଷି ଚଳାଇବାକୁ ନେଇଥିଲେ। ଦିନ ପ୍ରାୟ ୧୨ଟା ୩୦ ମିନିଟ ସମୟରେ ପ୍ରବଳ ବର୍ଷା ଓ ବଜ୍ରପାତ ହୋଇଥିଲା। ସଞ୍ଜୟଙ୍କ ଉପରେ ଏହା ପଡ଼ିଥିଲା। ସେ ଚେତାଶୂନ୍ୟ ହୋଇପଡ଼ିଥିଲେ। ନିକଟରେ ଥିବା ଅନ୍ୟ କିଛି ମଇଁଷି ପାଳକ ଏହା ଦେଖି ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ପରିବାର ଲୋକେ ପହଞ୍ଚି ସଞ୍ଜୟଙ୍କୁ ବାଲିକୁଦା ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ବାଲିକୁଦା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଜଗତସିଂହପୁର ମେଡିକାଲ ପଠାଇଛି।

## ମା’ ଭଗବତୀ ବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା



ବାଲିକୁଦା,୧୦।୧୦(ସମିସ): ଇଚ୍ଛାପୁର ପଞ୍ଚାୟତ ମା’ ଭଗବତୀ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଜିଲ୍ଲା ପରିଷଦ ସଭ୍ୟା ଡଲି ପଣ୍ଡାଙ୍କ ତତ୍ତ୍ୱାବଧାନରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ଓ ପୂର୍ବତନ ବ୍ଲକ ସହକାରୀ ଶିକ୍ଷାଧିକାରୀ ପବିତ୍ର ମୋହନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଡିଓ ସାଗର ନନ୍ଦ, ମୁଖ୍ୟବକ୍ତା ଅତିରିକ୍ତ ତହସିଲଦାର ସତ୍ୟ ରାୟ, ସମ୍ମାନିତ ଅତିଥି ଭାବେ ଜ୍ଞାନରଞ୍ଜନ ସ୍ୱାଇଁ, ପ୍ରଧାନଶିକ୍ଷୟିତ୍ରୀ କାମିନୀ ସାସମଲ ଯୋଗଦେଇ ଇଚ୍ଛାପୁର ପଞ୍ଚାୟତର ସ୍ମୃତିରଞ୍ଜନ ଦାସ ଓ ସତ୍ୟସ୍ୱରୂପ ପଣ୍ଡାଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ପୂର୍ବତନ ସରପଞ୍ଚ ରମେଶ ସ୍ୱାଇଁ, ପୂର୍ବତନ ସରପଞ୍ଚ ବବିତା ପୁହାଣ, ପୂର୍ବତନ ସମିତିସଭ୍ୟ ଆର୍ତ୍ତବନ୍ଧୁ ବିଶ୍ୱାଳ, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ପୁରାତନ ଛାତ୍ରଛାତ୍ରୀ ଓ ମା’ ଭଗବତୀ କ୍ଲବ୍‌ର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ପୂର୍ବତନ ସମିତିସଭ୍ୟଙ୍କ ମୃତ୍ୟୁ



ନାଉଗାଁ,୧୦।୧୦(ସମିସ): ଅଲାଣହାଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଦୁର୍ଘଟଣାରେ ନୂଆଗାଁ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଅମରେନ୍ଦ୍ର ମହାନ୍ତିଙ୍କ ମୃତ୍ୟୁ ଘଟିଛି। ସେ କୌଣସି କାମରେ ମୁଣ୍ଡାଳୋ ବଜାରରୁ ଦେବୀଦୋଳ ଆଡ଼କୁ ଯାଉଥିବାବେଳେ ଅଲାଣହାଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଆଗରୁ ଆସୁଥିବା ଏକ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଅମରେନ୍ଦ୍ର ବାଇକ୍‌ରୁ ଛିଟିକି ଯାଇ ନାଳ ଭିତରେ ପଡିଯିବାରୁ ମୁଣ୍ଡରେ ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ହେଇଥିଲା। ସେ ୨୦୦୨ରୁ ୨୦୦୭ ପର୍ଯ୍ୟନ୍ତ ସମିତିସଭ୍ୟ ଥିଲେ। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବା ସହିତ ନାଉଗାଁ ବ୍ଲକରେ ଜଣେ ଦକ୍ଷ ସଂଗଠକ ଭାବେ ପରିଚିତ ଥିଲେ। ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଶ୍ରମିକଙ୍କ ମୃତ୍ୟୁକୁ ନେଇ ଧାରଣା

ପାରାଦୀପ, ୧୦।୧୦(ସମିସ): ଆଇଓସିଏଲ ଅଧୀନରେ କାମ କରୁଥିବା ଏକ ଠିକା ସଂସ୍ଥାର ଜଣେ ଶ୍ରମିକଙ୍କ ମୃତ୍ୟୁକୁ ନେଇ ଆଇଓସିଏଲ ୧ ନମ୍ବର ଫାଟକ ନିକଟରେ ସାଥି ଶ୍ରମିକ ଓ ପରିବାର ଲୋକେ ଧାରଣାରେ ବସିଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଦିଆଯାଇଥିବା ଧାରଣା ଶେଷରେ କର୍ତ୍ତୃପକ୍ଷଙ୍କ ପ୍ରତିଶ୍ରୁତି ପରେ ହଟିଥିଲା। ଶ୍ରମିକ ଜଣକ ଚଟୁଆ ଗ୍ରାମର ସୁକାନ୍ତ ସେଠୀ (୪୦)। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବାବେଳେ କ୍ଷତିପୂରଣ ଦାବିରେ ପରିବାର ଲୋକେ ତାଙ୍କ ମୃତଦେହକୁ ଆଣି ଧାରଣା ଦେଇଥିଲେ।

## ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବ ମହକ ଓ ଉତ୍ସାହ

ଜଗତସିଂହପୁର,୧୦।୧୦(ସମିସ): ଜଗତସିଂହପୁର ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବ ମହକ ଓ ଉତ୍ସାହ ନବକୃଷ୍ଣ ଚୌଧୁରୀ ଷ୍ଟାଡ଼ିୟମ ଓ ଶିଶୁ



ଆଶ୍ରମରେ ୯ ଓ ୧୦ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗତସିଂହପୁରର ଦୁଇଟି ପଞ୍ଜିକୃତ ଶିଶୁ ଯତ୍ନ ଅନୁଷ୍ଠାନ ଶିଶୁ ଆଶ୍ରମ ଜଗତସିଂହପୁର ଓ ଶ୍ରୀଲୋକନାଥ ଶିକ୍ଷାଶ୍ରମ ନିମିଡ଼ି ପାରାଦୀପର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶ, ନେତୃତ୍ୱ ଗୁଣର ପରିସ୍ଫୁଟନ ଓ ଶିଶୁ ସୁରକ୍ଷା ବିଷୟରେ ସଚେତନ ସୃଷ୍ଟି କରିବା ଏହି କାର୍ଯ୍ୟର ମୂଳ ଲକ୍ଷ୍ୟ ଅଟେ। ଉତ୍ସାହ କାର୍ଯ୍ୟକ୍ରମରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ୧୨ରୁ ୧୮ ବର୍ଷ ବୟସର ଛାତ୍ରଛାତ୍ରୀ ଉଭୟ ବାଳକ ଓ ବାଳିକା ବର୍ଗ ୧୦୦ ମିଟର, ୨୦୦ ମିଟର ଦୌଡ଼, କ୍ୟାରମ, ଚେସ, ଲମ୍ବଡିଆଁ, ଉଚ୍ଚଡିଆଁ ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। ସେହିପରି ମହକ କାର୍ଯ୍ୟକ୍ରମରେ ବକ୍ତୃତା, ଜଣାଅଜଣା କାର୍ଯ୍ୟକ୍ରମ, ଚିତ୍ରାଙ୍କନ, ସଙ୍ଗୀତ ଓ ଦଳଗତ ନୃତ୍ୟ ପ୍ରତିଯୋଗିତା ଉଭୟ କନିଷ୍ଠ ଓ ବରିଷ୍ଠ ବର୍ଗରେ ଅନୁଷ୍ଠିତ ହୋଇଥିଲା। ଉଭୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କୃତୀ ପ୍ରତିଯୋଗୀ ଆସନ୍ତା ନଭେମ୍ବରରେ ହେବାକୁ ଥିବା ରାଜ୍ୟସ୍ତରୀୟ ମହକ ଓ ଉତ୍ସାହରେ ଅଂଶଗ୍ରହଣ କରିବେ।

ଉକ୍ତ କାର୍ଯ୍ୟକ୍ରମର ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇ, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ଶକୁନ୍ତଳା ଚୌଧୁରୀ, ଶିଶୁ ଆଶ୍ରମ ସମ୍ପାଦକ ବିନାୟକ ପଟ୍ଟନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଷ୍ଣୁପ୍ରିୟା ସେଠୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରାଜଶ୍ରୀ ସାହୁ, ଅତିରିକ୍ତ ସମାଜ ମଙ୍ଗଳ ଅଧିକାରିଣୀ ରଞ୍ଜୁ ଦେଇ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ମମତା ନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କାହ୍ନୁଚରଣ ରାଉତ, ସୁରକ୍ଷା ଅଧିକାରୀ ଜଗଦୀଶ ସାହୁ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିଶୁ ସୁରକ୍ଷା ୟୁନିଟ, ଶିଶୁ ଆଶ୍ରମ, ଶ୍ରୀଲୋକନାଥ ଶିକ୍ଷାଶ୍ରମ ଓ ଚାଇଲ୍ଡ ହେଲ୍ପ ଲାଇନ କର୍ମକର୍ତ୍ତା ସହଯୋଗ କରିଥିଲେ। ଆଇନ ଅଧିକାରୀ ଜଗନ୍ନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## କଳିଙ୍ଗ ବାଲିଯାତ୍ରା ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଆବେଦନପତ୍ର ଆହ୍ୱାନ

ଜଗତସିଂହପୁର, ୧୦।୧୦(ସମିସ): ବିଗତ ବର୍ଷ ଭଳି ଚଳିତ ବର୍ଷ କଳିଙ୍ଗ ବାଲିଯାତ୍ରା ଉତ୍ସବ ଆସନ୍ତା ମାସ ୪ରୁ ୧୦ ତାରିଖ ପର୍ଯ୍ୟନ୍ତ ପାରାଦୀପ ସମୁଦ୍ର ବେଳାଭୂମି ବାଲିଯାତ୍ରା ପଡ଼ିଆରେ ମହାସମାରୋହରେ ଅନୁଷ୍ଠିତ ହେବ। ଏ ଅବସରରେ ପ୍ରତିଦିନ ସନ୍ଧ୍ୟାରେ ବାଲିଯାତ୍ରା ମଞ୍ଚରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେବାକୁ ଇଚ୍ଛୁକ ବ୍ୟକ୍ତିବିଶେଷ/ଅନୁଷ୍ଠାନ ପକ୍ଷରୁ ଆବେଦନପତ୍ର ଆହ୍ୱାନ କରାଯାଇଛି। ଚଳିତ ମାସ ୨୦ ତାରିଖ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ପାରାଦୀପ)ଙ୍କ କାର୍ଯ୍ୟାଳୟରେ ଆବେଦନ ପତ୍ର ଦାଖଲ କରିବାକୁ କୁହାଯାଇଛି। ୨୦ ତାରିଖ ପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବନାହିଁ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

## ‘ବ୍ରହ୍ମାନନ୍ଦ ଜେନାଙ୍କ ଆଦର୍ଶ ସମସ୍ତଙ୍କ ପାଇଁ ପ୍ରେରଣା ହେଉ’



ବିରିଡ଼ି, ୧୦।୧୦(ସମିସ): ବାସନ୍ଦରା ଗ୍ରାମର ବ୍ରହ୍ମାନନ୍ଦ ଜେନାଙ୍କ ମଧ୍ୟରେ ଥିଲା ଅଦମ୍ୟ ସାହସ। ସେ ଅନ୍ୟାୟକୁ ଆଦୌ ବରଦାସ୍ତ କରନ୍ତିନାହିଁ। ତାଙ୍କ ଆଦର୍ଶ ଯୁବପିଢ଼ିଙ୍କ ପାଇଁ ପ୍ରେରଣାଦାୟୀ ହେଉ ବୋଲି ଶୁକ୍ରବାର ଦିନ ସ୍ୱର୍ଗତ ଜେନାଙ୍କ ଦ୍ୱାଦଶାହରେ ଆୟୋଜିତ ସ୍ମୃତିଚାରଣ ସଭାରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ୨ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସ୍ମୃତିସଭାକୁ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ବିଜେପି ନେତା ରାଜକିଶୋର ବେହେରା ଉଦ୍‌ଘାଟନ କରିଥିଲେ। ପୂର୍ବତନ ଜିଲ୍ଲା ବିଜେପି ସଭାପତି ସତ୍ୟବ୍ରତ ମହାପାତ୍ର, ନନ୍ଦକିଶୋର ବସ୍ତିଆ, ନୃସିଂହ ଦାଶ, ନେତ୍ରାନନ୍ଦ ପାତ୍ର, ସମାଜସେବୀ ଅରୁଣ ଦାସ, ଶ୍ୟାମାସୁନ୍ଦର ପାଇକରାୟ, ନିକୁଞ୍ଜ ବିହାରୀ ଭଞ୍ଜ, ପୂରଣ ସରପଞ୍ଚ ଯୁଧିଷ୍ଠିର ବେହେରା, ସାଂସଦଙ୍କ ପ୍ରତିନିଧି ଗୀତାଞ୍ଜଳି ସାହୁ, ଟୁଟୁ ମଲିକ, ମଣ୍ଡଳ ସଭାପତି ଶୁଭ୍ରଜ୍ୟୋତି ସାହୁ, ସରପଞ୍ଚ ତରୁଣ ଦାସ, ଅଭିମନ୍ୟୁ ସାହୁ, ରବୀନ୍ଦ୍ର ଦଳାଇ, ସଙ୍ଗୀତା ଜେନା, ଦୀପ୍ତିମାନ ମହାନ୍ତି, ସୌଭାଗ୍ୟ ଦାସ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ତିର୍ତ୍ତୋଲ ବିଧାୟକ ପ୍ରଫେସର ରମାକାନ୍ତ ଭୋଇ, ଶିବପ୍ରସାଦ ଜେନା, ସ୍ନେହାଶିଷ ଜେନା ସ୍ୱର୍ଗତ ଜେନାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ମଲ୍ଲିକଙ୍କ ସ୍ମୃତିସଭା



ଜଗତସିଂହପୁର,୧୦।୧୦(ସମିସ): ଜଗତସିଂହପୁର ସଦର ବ୍ଲକ୍ ଅନ୍ତର୍ଗତ ପୁନଙ୍ଗସ୍ଥ ଜୟଦୁର୍ଗା ଯୁବ ଓ କ୍ରୀଡ଼ା ସଙ୍ଘ ପକ୍ଷରୁ ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ମଲ୍ଲିକ ଓ କ୍ରୀଡ଼ାବିତ୍ ସ୍ୱର୍ଗତ ଦେବକାନ୍ତ ମିଶ୍ରଙ୍କ ବିୟୋଗରେ ସ୍ମୃତିଚାରଣ ସଭା ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଦିବଙ୍ଗତ ଆତ୍ମାର ସଦଗତି କାମନା ପୂର୍ବକ ୧ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ସଙ୍ଘ ଉପଦେଷ୍ଟା ଅକ୍ଷୟ ପାତ୍ରଙ୍କ ଆବାହକତ୍ୱରେ ଆରମ୍ଭ ହୋଇଥିଲା ସ୍ମୃତିଚାରଣ ସଭା। ଏହି ସଭାରେ ପୁନଙ୍ଗ ଗ୍ରାମର ବରିଷ୍ଠ ସମାଜସେବୀ ପ୍ରଭାକର ଦାସ ଓ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ଯୋଗଦେଇ ପୂର୍ବତନ ବିଧାୟକ ସ୍ୱର୍ଗତ କୃଷ୍ଣଚନ୍ଦ୍ର ମଲ୍ଲିକଙ୍କ ତ୍ୟାଗପୂତ ଜୀବନ, ସମାଜର ଦୁସ୍ଥ ଓ ଅବହେଳିତ ଲୋକଙ୍କୁ ମୁଖ୍ୟସ୍ରୋତରେ ସାମିଲ ନିମନ୍ତେ ତାଙ୍କର ବଳିଷ୍ଠ ଉଦ୍ୟମ ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ଯୁବ ଆଇନଜୀବୀ, କ୍ରୀଡ଼ାବିତ ତଥା ମଞ୍ଚ ଅଭିନେତା ସ୍ୱର୍ଗତ ଦେବକାନ୍ତ ମିଶ୍ରଙ୍କ କର୍ମମୟ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ସଂଘର ଉପଦେଷ୍ଟା ଲକ୍ଷ୍ମୀନାରାୟଣ ମିଶ୍ର, ସମ୍ପାଦକ ରଜନୀକାନ୍ତ ଚୌଧୁରୀ, ସହସମ୍ପାଦକ ତ୍ରିଲୋଚନ ବେହେରା, ଉପସଭାପତି ଅସୀମ ବାନାର୍ଜୀ, ସ୍ୱର୍ଗତ ମଲ୍ଲିକ ଓ ସ୍ୱର୍ଗତ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବେନ୍ଦ୍ର ବେହେରା, ବିଜୟ ବେହେରା, ବଂଶୀଧର ବେହେରା, ପରେଶ ବେହେରା, ପର୍ଶୁରାମ ବେହେରା, ମନୋରଞ୍ଜନ ଦାସ, ଶଙ୍କର୍ଷଣ ଦାସ, ପବିତ୍ର ପରିଡ଼ା, ପ୍ରିୟବ୍ରତ ମଲ୍ଲିକ, ବଦ୍ରି ମହାନ୍ତି, ରାମକୃଷ୍ଣ ଦାସ, ସୁଧୀର ସିନା, ଅଶୋକ ସାହୁ, ଅମିତ ଅଧିକାରୀ, ସୌମ୍ୟରଞ୍ଜନ ସାହୁ, ସୁମିତ ବେହେରା, ହରି ବୈଶାଖ, ମିହିର ବାରିକ, ରମାକାନ୍ତ ଚୌଧୁରୀ, ନିରଞ୍ଜନ ସେନ, ଗିରିଜା ଦାଶ, ରବୀନ୍ଦ୍ର ଦାସ ଯୋଗଦେଇ ପବିତ୍ର ଆତ୍ମାର ସଦଗତି କାମନା କରିଥିଲେ। ସାରଦା ରଣା ସମସ୍ତଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଜଣାଇଥିଲେ।

# ସାରଳା ଦାସଙ୍କ ଜନ୍ମସ୍ଥାନ ବଡ଼ସାରୋଳକୁ ଐତିହ୍ୟ ଗ୍ରାମ ମାନ୍ୟତା ଦାବି

ଜଗତସିଂହପୁର/ତିର୍ତ୍ତୋଲ,୧୦।୧୦ (ସମିସ):



ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ବଡ଼ସାରୋଳ ଗ୍ରାମର କାଳୀନାଗ ପଡ଼ାରେ ଆଜକୁ ପ୍ରାୟ ୬ ଶହ ବର୍ଷ ତଳେ ଜନ୍ମ ଗ୍ରହଣ କରିଥିଲେ ସାରଳା ଦାସ। ତାଙ୍କ ପୈତୃକ ନାମ ଥିଲା ସିଦ୍ଧେଶ୍ୱର ପରିଡ଼ା। ତେବେ ଉତ୍କଳ ଭାରତୀ ମା’ ଶାରଳାଙ୍କ କୃପାଲାଭ କରି ସେ ସିଦ୍ଧେଶ୍ୱର ପରିଡ଼ାରୁ ଶୂଦ୍ରମୁନି ଆଦିକବି ସାରଳା ଦାସ ଭାବେ ପରିଚୟ ପାଇଥିଲେ। ପରବର୍ତ୍ତୀ ସମୟରେ ସାରଳା ଦାସ ନିଜର ଇଷ୍ଟ ଦେବୀଙ୍କ ପ୍ରାଚୀନ ପୀଠ ବଡ଼ସାରୋଳ ଗ୍ରାମ, ବର୍ତ୍ତମାନର ଲଣ୍ଡା ଦେଉଳ ପାର୍ଶ୍ୱସ୍ଥ ନୀଳ କଳ୍ପବଟ ମୂଳରେ ବସି ଓଡ଼ିଆ ଭାଷାରେ ସର୍ବପ୍ରଥମ ବୃହତ୍ତମ ମହାଭାରତ ରଚନା କରିଥିଲେ। ସେହି ବରଗଛ ୧୯୯୯ ମହାବାତ୍ୟାରେ ଭାଙ୍ଗିଯାଇଛି। ତାଙ୍କ ସାଧନା ପୀଠରେ ମହାକବିଙ୍କ ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତି ନିର୍ମାଣ କରିବା ନିମନ୍ତେ ସାରଳା ପୀଠ ନବୀକରଣ କାର୍ଯ୍ୟର ମୂଳ ନକ୍ସାରେ ରଖାଯାଇଥିଲା। ଅପରପକ୍ଷେ ଉତ୍କଳ କେଶରୀ ହରେକୃଷ୍ଣ ମହତାବ, ପ୍ରଫେସର ବଂଶୀଧର ମହାନ୍ତି, ଐତିହାସିକ କୃଷ୍ଣଚନ୍ଦ୍ର ପାଣିଗ୍ରାହିଙ୍କଠାରୁ ଆରମ୍ଭ କରି ସୁରେନ୍ଦ୍ର ମହାନ୍ତି ପ୍ରମୁଖ ବହୁ ଗବେଷକ ସାରଳା ଦାସଙ୍କ ଜନ୍ମସ୍ଥାନ ସାରୋଳ ଗ୍ରାମ ବୋଲି ପ୍ରାମାଣିକ ତଥ୍ୟ ପ୍ରଦାନ କରିଥିଲେ ମଧ୍ୟ ବିଗତ କିଛିବର୍ଷ ଧରି ସାରଳା ଦାସଙ୍କ ଜନ୍ମସ୍ଥାନକୁ ନେଇ ବିବାଦ ବଢ଼ି ଚାଲିଛି। ଏକ ସାର୍ବଜନୀନ ସତ୍ୟକୁ ଉପେକ୍ଷା କରି କେତେକ ବ୍ୟକ୍ତି ସଂସ୍କୃତିକୁ ବିକୃତି କରିବା ପାଇଁ ଉଦ୍ୟମ କରୁଛନ୍ତି। ଯାହାକି ନିନ୍ଦନୀୟ ବୋଲି କହିଛନ୍ତି ମା’ ଶାରଳାଙ୍କ ବଡ଼ପଣ୍ଡା ରଞ୍ଜନ କୁମାର ପଣ୍ଡା।

ବଡ଼ସାରୋଳ ନଣ୍ଡା ଦେଉଳ ନିକଟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଣ୍ଡା ଏହା କହିବା ସହିତ ସାରଳା ଦାସଙ୍କ ଜନ୍ମସ୍ଥାନକୁ ନେଇ ଅଧିକ ବିବାଦ ସୃଷ୍ଟି ନ କରିବାକୁ ପରାମର୍ଶ ଦେଇଛନ୍ତି। ସେହିପରି ସାରଳା ଦାସଙ୍କ ଜନ୍ମସ୍ଥାନ ବଡ଼ସାରୋଳ କାଳୀନାଗକୁ ଐତିହ୍ୟ ଗ୍ରାମର ମାନ୍ୟତା ପ୍ରଦାନ ସହିତ ସାଧନା ପୀଠ ମା’ ଶାରଳା ଠାକୁରାଣୀଙ୍କ ପ୍ରାଚୀନ ପୀଠ ସ୍ଥଳୀ ବଡସାରୋଳର ଲଣ୍ଡା ଦେଉଳ ଓ ସମାଧି ପୀଠ, ତେନ୍ତୁଳିପଦା ଗ୍ରାମର ମୁନି ଗୋସେଇଁ ମଠର ଉନ୍ନତିକରଣ, ମ୍ୟୁଜିୟମ ପ୍ରତିଷ୍ଠା ପାଇଁ ଏହି ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଥିଲା। ସାରଳା ମନ୍ଦିରର ମୁଖ୍ୟ ପୂଜକ ରଞ୍ଜନ କୁମାର ପଣ୍ଡାଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ସାରଳା ସଂସ୍କୃତି ଗବେଷକ ରମାକାନ୍ତ ରାଉଳ, କୈବଲ୍ୟ ପଣ୍ଡା, ସୁନୀଲ ମନୋହର ପଣ୍ଡା, ପଣ୍ଡିତ ସୁଧୀର ଦାଶ, ପ୍ରଣବ ରାଉଳ, ପ୍ରୀତିରଞ୍ଜନ ରଣା ଓ ଅମୃତମୟ ପଣ୍ଡାଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହିତ ମା’ ଶାରଳାଙ୍କ ବରିଷ୍ଠ ସେବାୟତ ଯୋଗଦେଇ ନିଜ ମତ ଉପସ୍ଥାପନ କରିଥିଲେ।

ସକାଳ THE SAKALA



## ବସୁନ୍ଧରା ନଦୀ ଜଳ ପ୍ରଦୂଷଣ ପ୍ରସଙ୍ଗ
# ରାସ୍ତାରୋକ ଆନ୍ଦୋଳନ ପରେ ଚେଇଁଲା ପ୍ରଶାସନ





**ଝାରସୁଗୁଡା, ୧୦।୧୦(ସମିସ)**

ଝାରସୁଗୁଡା ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ବସୁନ୍ଧରା ନଦୀଜଳ ପ୍ରଦୂଷଣକୁ ନେଇ ଶୁକ୍ରବାର ଝାରସୁଗୁଡା ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବସୁନ୍ଧରା ନଦୀ ଜଳ ପ୍ରଦୂଷଣ ସମସ୍ୟାକୁ ନେଇ ଆୟୋଜିତ ବୈଠକରେ ତହସିଲଦାର ଝାରସୁଗୁଡା ସଦାକର କୁମ୍ଭାର, ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣବୋର୍ଡ ଅଧିକାରୀ ଝାରସୁଗୁଡା, ଏସ୍‌ଡ଼ିପିଓ ବ୍ରଜରାଜନଗର ଚିନ୍ତାମଣି ପ୍ରଧାନ, ଜିଏମ ଏମ୍‌ସିଏଲ ବସୁନ୍ଧରା, ଜିଏମ ଏନ୍‌ଟିପିସି ଦରଲିପାଳି, ଓସିପିଏଲ ମନୋହରପୁର ଖଣି ଅଧିକାରୀ, ରାଜପୁର, ଲୋଇସିଂହ, ଗୌରମାଲ, ଚନ୍ଦନୀମାଲ ପଞ୍ଚାୟତର ସରପଞ୍ଚଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ଜନସାଧାରଣ ଉପସ୍ଥିତ ଥିଲେ। ତେବେ ଗତ ମଙ୍ଗଳବାର ଦିନ ବସୁନ୍ଧରା ନଦୀ ଜଳ ପ୍ରଦୂଷଣକୁ ନେଇ ରାଜପୁର ଗ୍ରାମ ନିକଟସ୍ଥ ଗାନ୍ଧିଛକରୁ ସୁନ୍ଦରଗଡ଼କୁ ସଂଯୋଗ କରୁଥିବା ରାସ୍ତା ଅବରୋଧ କରିବା ସହିତ ରାଜପୁର ଗ୍ରାମବାସୀଙ୍କ ସମେତ ସ୍ଥାନୀୟ ଜନସାଧାରଣ ଧାରଣାରେ ବସିଥିଲେ। ଅନେକ ସମୟରେ ନଦୀର ଉପର ମୁଣ୍ଡରେ ଥିବା କମ୍ପାନୀ ନଦୀକୁ ପ୍ରଦୂଷିତ କରୁଥିବା ନେଇ ରାଜପୁର ପଞ୍ଚାୟତବାସୀ ଝାରସୁଗୁଡା ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିଆସୁଛନ୍ତି। ବସୁନ୍ଧରା ନଦୀ ପ୍ରଦୂଷଣକୁ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ କର୍ଣ୍ଣପାତ କରୁନଥିବା ଅଭିଯୋଗ କରି ମଙ୍ଗଳବାର ରାଜପୁର ଠାରେ ରାଜପୁର ପଞ୍ଚାୟତବାସୀଙ୍କ ସମେତ ସ୍ଥାନୀୟ ଜନସାଧାରଣ ରାସ୍ତାରୋକ କରିବା ସହିତ ଆମରଣ ଅନଶନରେ ବସିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଝାରସୁଗୁଡା ତହସିଲଦାର ସଦାକର କୁମ୍ଭାର ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ।ଗ୍ରାମବାସୀ ତାଙ୍କୁ ନଦୀକୁ ନେଇ ପ୍ରଦୂଷିତ ନଦୀ ଜଳକୁ ପ୍ରଦର୍ଶନ କରାଇଥିଲେ। ଏହାପରେ ରାଜପୁରପଞ୍ଚାୟତ କାର୍ଯ୍ୟାଳୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ତିନିଦିନ ମଧ୍ୟରେ ବିଭିନ୍ନ କମ୍ପାନୀ, ସୁନ୍ଦରଗଡ଼ ଓ ଝାରସୁଗୁଡା ଜିଲ୍ଲା ପ୍ରଶାସନ ଏବଂ ସ୍ଥାନୀୟ ଜନସାଧାରଣଙ୍କ ଉପସ୍ଥିତିରେ ବୈଠକ ସହିତ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ପରେ ରାଜପୁର ପଞ୍ଚାୟତବାସୀ ରାସ୍ତାରୋକ ଆନ୍ଦୋଳନରୁ ଓହରିଥିଲେ। ପ୍ରତିଶ୍ରୁତି ଅନୁଯାୟୀ ବସୁନ୍ଧରା ନଦୀ ଜଳ ପ୍ରଦୂଷଣ ସମ୍ବନ୍ଧରେ ଶୁକ୍ରବାର ସମସ୍ତ ପକ୍ଷକୁ ଡାକି ଝାରସୁଗୁଡା ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ନଦୀ ଜଳ ପ୍ରଦୂଷଣକୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। କେବଳ ପ୍ରତିଶ୍ରୁତି ନଦେଇ ଅଞ୍ଚଳବାସୀ ଯେପରି ନଦୀରେ ସ୍ୱଚ୍ଛ ଜଳ ପାଇପାରିବେ ଏବଂ ସୁନ୍ଦରଗଡ଼ ଅଞ୍ଚଳର କୌଣସି କମ୍ପାନୀ ଯୋଗୁଁ ନିଜର ଜୀବନକୁ ବାଜି ଲଗାଇବା ଭଳି ପରିସ୍ଥିତି କମ୍ପାନୀ କର୍ତ୍ତୃପକ୍ଷ ସୃଷ୍ଟି କରୁଥିବା ଗ୍ରାମବାସୀ ଅଭିଯୋଗ କରିବା ସହିତ ଝାରସୁଗୁଡା ଆଞ୍ଚଳିକ ନିୟନ୍ତ୍ରଣ ବୋର୍ଡ ନିକଟରେ ମଧ୍ୟ ଅଭିଯୋଗ କରାଯାଇଥିଲେ ସୁଦ୍ଧା ଏହା ନିଜ କ୍ଷେତ୍ରର ନୁହଁ କହି ନିଜର ଦାୟିତ୍ୱ ସାରିଦେଉଥିବା ଅଭିଯୋଗ କରି ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଥିଲେ। ଏହା ସହିତ ରାସ୍ତାରୋକ କରାଯାଇଥିବା ଦିନ ତହସିଲଦାରଙ୍କ ଉପସ୍ଥିତିରେ ନିଆଯାଇଥିବା ଜଳର ନମୁନା ମଧ୍ୟ ଦେଖାଯାଇଥିଲା। ଆୟୋଜିତ ବୈଠକରେ ସମସ୍ତ ପକ୍ଷକୁ ନେଇ ଏକ କମିଟି ଗଠନ କରାଯାଇ ଆଗାମୀ ଦିନରେ ସରଜମିନ ତଦନ୍ତ କରାଯାଇ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହିତ ସମସ୍ୟାର ସମାଧାନ କରାଯିବା ନେଇ ବୈଠକରେ ଆଲୋଚନା ହୋଇଥିଲା।

**ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ**

# 'କଳିଙ୍ଗରାଜ' ଚାଷ ଆଣିଛି ମୁହଁରେ ହସ

**ଝାରସୁଗୁଡ଼ା, ୧୦।୧୦ (ସମିସ):** ଦୃଢ଼ ଇଚ୍ଛାଶକ୍ତି ଥିଲେ ଜଟିଳରୁ ଜଟିଳ କାର୍ଯ୍ୟ ମଧ୍ୟ ସହଜ ହୋଇପାରିବ। ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକ ଅଧୀନ ବଞ୍ଜାରୀ ଗ୍ରାମର ଜୟଦେବ ବିଶ୍ୱାଳ ଏହାକୁ ସତ୍ୟ ପ୍ରମାଣିତ କରିଛନ୍ତି। ଚାଷ କେବଳ ଜୀବିକା ନୁହେଁ, ଏହା ଏକ ସ୍ୱାବଲମ୍ବୀ ଓ ସମୃଦ୍ଧିମୟ ଜୀବନ ପାଇଁ ସାଧନ ହୋଇପାରେ ବୋଲି ସେ ଉଦାହରଣ ସୃଷ୍ଟି କରିଛନ୍ତି। ଜଣେ ସଫଳ ଚାଷୀ ଭାବରେ ସହ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ବିକଶିତ କିସମର ବିହନ ପ୍ରଦାନ କରିଥିଲେ। ପୂର୍ବରୁ ଜୟଦେବ ସ୍ଥାନୀୟ ବଜାରରୁ କିଣିଥିବା ମକା ତଥା ସ୍ୱୟଂ ସଂରକ୍ଷିତ ବିହନ ଚାଷ କରି ଉତ୍ପାଦନ ଓ ଆୟ କମ ପାଉଥିଲେ। କିନ୍ତୁ କୃଷି ବିଜ୍ଞାନ କେନ୍ଦ୍ର ଝାରସୁଗୁଡ଼ା ପକ୍ଷରୁ ସାହାଯ୍ୟ, ସହଯୋଗ ଓ ତାଲିମ ପାଇ 'କଳିଙ୍ଗରାଜ' ମକା ଚାଷରୁ ସେ ବର୍ଷକୁ ମୋଟ ୨ ଲକ୍ଷ ୩୦ ହଜାର ଟଙ୍କା ଉପାର୍ଜନ ସହ ୧ ଲକ୍ଷ ୧୨ ହଜାର




ବର୍ତ୍ତମାନ ସେ ନିଜର ତଥା ଆଖପାଖ ଅଞ୍ଚଳର ଅନେକ ଚାଷୀଙ୍କ ପାଇଁ ଆଦର୍ଶ ହୋଇଛନ୍ତି। ନିଜ ପାଖରେ ଥିବା ୧୬ ଏକର ଜମିରେ ମକା, ପୋଟଳ, ବାଇଗଣ, ବିଭିନ୍ନ ପ୍ରକାର ପନିପରିବା, ଫଳ ଆଦି ଚାଷ କରୁଛନ୍ତି। ଅଧିକ ଉପାର୍ଜନକ୍ଷମ ହେବା ପାଇଁ ଜୟଦେବ କୃଷି ବିଜ୍ଞାନ କେନ୍ଦ୍ର, ଝାରସୁଗୁଡ଼ା ଦ୍ୱାରା ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେଠାରେ ତାଙ୍କର ମକା ଚାଷ ପ୍ରତି ମନବଳାଇଥିଲେ। ତାଙ୍କ ଆଗ୍ରହକୁ ଦେଖି ବୈଜ୍ଞାନିକମାନେ 'କଳିଙ୍ଗରାଜ' ଚାଷ ପଦ୍ଧତି ସମ୍ବନ୍ଧୀୟ ଆବଶ୍ୟକୀୟ ମାର୍ଗଦର୍ଶନ କରିବା ଟଙ୍କା ଲାଭ କରୁଛନ୍ତି। ଉନ୍ନତ ପ୍ୟାକେଜ୍ ଓ ଅଭ୍ୟାସଗୁଡ଼ିକୁ ଗ୍ରହଣ କରିବା ଯୋଗୁଁ ତାଙ୍କ ଆୟ ବୃଦ୍ଧି ପାଇଛି। ପ୍ରାୟ ୪ଟି ଗ୍ରାମର ଚାଷୀଙ୍କୁ ସେ ମକା ଚାଷ ସମ୍ବନ୍ଧୀୟ ନିଜ ଅଭିଜ୍ଞତା ନେଇ ନିଜ ଆୟ ଦ୍ୱିଗୁଣିତ କରିବାକୁ ସଚେତନ କରୁଛନ୍ତି। ସେ ଫସଲ ଉତ୍ପାଦନ ବିଶେଷକରି ଧାନ ଓ ମକା ଚାଷ ସମୟରେ ପ୍ରତିବର୍ଷ ଶ୍ରମ ଦିବସରେ ୨୩୦ ରୁ ୨୪୦ ଜଣଙ୍କୁ ନିୟୋଜିତ କରୁଛନ୍ତି। ଯାହାଦ୍ୱାରା ସେ କେବଳ ନିଜ ପାଇଁ ନୁହେଁ ବରଂ ସ୍ଥାନୀୟ ଅଞ୍ଚଳର ଆର୍ଥିକ ପ୍ରଗତିରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛନ୍ତି କହିଲେ ଭୁଲ ହେବ ନାହିଁ।

## ହାତୀର ମୃତଦେହ ଠାବ
## ଗର୍ଭାଶୟରେଅସ୍ୱାଭାବିକ ଭ୍ରୂଣରୁ ମୃତ୍ୟୁ

**ଦେବଗଡ଼, ୧୦।୧୦(ସମିସ):** ଦେବଗଡ଼ ବନଖଣ୍ଡରେ ପୁଣି ଏକ ହାତୀର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଦେବଗଡ଼ ବନାଞ୍ଚଳ ତିଲେଇବଣି ସେକ୍ସନ ସରଣଖୋଳ ବିଟ୍ ନିକଟ ପ୍ରଭାଶୁଣି ସଂରକ୍ଷିତ ଜଙ୍ଗଲରେ ଶୁକ୍ରବାର ଏକ ଗର୍ଭବତୀ ମାଇ ହାତୀର ମୃତଦେହ ଠାବ ହୋଇଛି। ହାତୀର ଆନୁମାନିକ ୨୦/୨୨ ବର୍ଷ ବୟସ ହୋଇଥିବା ସୂଚନା ରହିଛି। ହାତୀର ଗର୍ଭାଶୟରେ ଅସ୍ୱାଭାବିକ ଭ୍ରୂଣ ଯୋଗୁଁ ମୃତ୍ୟୁ ଘଟିଥିବା ବ୍ୟବଛେଦ ପରେ ଜଣା ପଡ଼ିଛି। ତେବେ ହାତୀ ମୃତ୍ୟୁକୁ ସ୍ୱାଭାବିକ ବୋଲି ବନ ବିଭାଗ ପକ୍ଷରୁ ସୂଚନା ରହିଛି। ତେବେ ଗତ ଏକ ସପ୍ତାହ ମଧ୍ୟରେ ୨ଟି ହାତୀର ମୃତ୍ୟୁ ଘଟିଥିବା ବେଳେ ଏକ ମାସ ମଧ୍ୟରେ ୪ ହାତୀର ମୃତ୍ୟୁ ସାଧାରଣରେ ଆଲୋଡନ ସୃଷ୍ଟି କରିଛି।

## ଚୋରି ଅଭିଯୋଗରେ ଜଣେ ଗିରଫ

**ଝାରସୁଗୁଡା, ୧୦।୧୦(ସମିସ):** ଝାରସୁଗୁଡା ଜିଲ୍ଲା ଓରିଏଣ୍ଟ ଥାନା ଅଞ୍ଚଳରୁ ୱାଶିଙ୍ଗ ମେସିନ ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି ଅଭିଯୋଗରେ ଜଣେ ଅଭିଯୁକ୍ତକୁ ଗିରଫ ଶୁକ୍ରବାର ଓରିଏଣ୍ଟ ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି।ସୂଚନା ଅନୁଯାୟୀ ଓରିଏଣ୍ଟ ଥାନା ଆଦର୍ଶନଗର ଅଞ୍ଚଳର ଅପର୍ଣ୍ଣା ଚୌଧୁରୀ ଘରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ନେଇ ଶୁକ୍ରବାର ସନ୍ଧ୍ୟାରେ ଓରିଏଣ୍ଟ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ କୁ ଭିତ୍ତିକରି ଓରିଏଣ୍ଟ ଥାନା ପୋଲିସ ପକ୍ଷରୁ କେଶ ନମ୍ବର ୧୮୦ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ପୁଲିସ ପକ୍ଷରୁ ତଦନ୍ତ କରାଯାଇ ଜଣେ ଅଭିଯୁକ୍ତକୁ ଗିରଫ କରିବା ସହିତ ଚୋରି ସାମଗ୍ରୀ ଉଦ୍ଧାର କରାଯାଇ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ ଓରିଏଣ୍ଟ ଥାନା ଗୁରୁବାରବଜାରର ରାଜୁରାମ ସାରଥୀ (୩୫)ହୋଇଥିବା ବେଳେ ଅଭିଯୁକ୍ତ ନିକଟରୁ ଏକ ପୁରୁଣା ୱାଶିଂଗ ମେସିନ, ଆକୁଅଗାର୍ଡ, ଇଲେକ୍ଟ୍ରିକ ଓଭେନ, ଗ୍ୟାସ ସିଲିଣ୍ଡର, ଏକ ଟ୍ରଲି ବ୍ୟାଗ ଓ ବାସକୁସନ ଜବତ କରାଯାଇଥିବା ନେଇ ପୋଲିସ ତରଫରୁ ସୂଚନା ଦିଆଯାଇଛି।

## କଂଗ୍ରେସର 'ଭୋଟ ଚୋରି' ଦସ୍ତଖତ ଅଭିଯାନ



**ଦେବଗଡ଼, ୧୦।୧୦(ସମିସ):** ଜିଲ୍ଲା କଂଗ୍ରେସ ପକ୍ଷରୁ 'ଭୋଟ ଚୋର ଗାଦି ଛାଡ଼'ଅଭିଯାନ କାର୍ଯ୍ୟକ୍ରମ ଅନ୍ତର୍ଗତ ଦସ୍ତଖତ ଅଭିଯାନ ତିଲେଇବଣି ବ୍ଲକ କଲଣ୍ଡା ପଞ୍ଚାୟତର ସମନ୍ତ୍ରପାଲି ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ବିଜେପି ସରକାରଙ୍କ ଦ୍ୱାରା ବିଭିନ୍ନ ରାଜ୍ୟରେ ଭୋଟ ଚଞ୍ଚକତା କରାଯାଇ ଗାଦିସୀନ ହେବାର ତଥ୍ୟ ପ୍ରମାଣ ସହ ରାହୁଲ ଗାନ୍ଧୀ ସର୍ବସାଧାରଣରେ ପର୍ଦ୍ଦାଫାଶ କରିବା ପର ଠାରୁ କଂଗ୍ରେସ ଏହି ଘଟଣାକୁ ନେଇ ଘରେ ଘରେ ଜନସଚେତନ କାର୍ଯ୍ୟକ୍ରମ ହାତକୁ ନେଇଛି। ଶୁକ୍ରବାର ଜିଲ୍ଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ସମନ୍ତ୍ରାପାଲି ଠାରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପିସିସି ପର୍ଯ୍ୟବେକ୍ଷକ ଜୟନ୍ତ କୁମାର ସାହୁ, ପିସିସି ପର୍ଯ୍ୟବେକ୍ଷକ ସୁବ୍ରତ କୁମାର ପ୍ରଧାନ, ମହିଳା କଂଗ୍ରେସ ସଭାପତି ଲିତା ଆଚାର୍ଯ୍ୟ, ଛାତ୍ର କଂଗ୍ରେସ ସଭାପତି ଆନନ୍ଦ କୁମାର କୁଲ୍ଲା, ପୂର୍ବତନ ନଗର କଂଗ୍ରେସ ସଭାପତି ରେବତୀ ମୋହନ ପଟ୍ଟନାୟକ, ଆଦିବାସୀ କଂଗ୍ରେସ ସଭାପତି ସୁଶିଲ କୁମାର ଗୁଡିଆ, ଆକାଶ ଦାସ, ସୁମନ୍ତ କୁମାର ବେହେରା, ଅଲେଖ ନାୟକ, ସୁଶୀଲ କୁମାର ମାଝୀ, ଜିତେନ୍ଦ୍ର ବେହେରା, ବିନୟ କୁମାର ଦେବତା, ମିନତୀ ନାଏକ, ଅଶୋକ ବେହେରା, ବୁଲୁ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

## ବେଲପାହାଡ଼ ପୌରପରିଷଦ | ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ, ମାସକୁ ୩୦ ଲକ୍ଷ ଖର୍ଚ୍ଚ

**ଝାରସୁଗୁଡା, ୧୦।୧୦ (ସମିସ):** ବେଲପାହାଡ ପୌରାଞ୍ଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। କେବଳ ଲୋକଦେଖାଣିଆ କାମ କରି ଠିକାଦାର ପୋଷା ନିତି ଚାଲିଛି। ସହର ମଝିରେ ଗଦା ଗଦା ଅଳିଆ ପଡ଼ିଥିଲେ ହେଁ ଠିକାଦାରଙ୍କୁ ଲକ୍ଷ ଲକ୍ଷ ଟଙ୍କା ପୈଠ ହେଉଛି। ବେଲପାହାଡ ପୌର ପରିଷଦକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ଗତ ୨ ମାସରେ ଠିକାଦାରଙ୍କୁ ୬୦ ଲକ୍ଷ ଟଙ୍କା ପୈଠ କରାଯାଇଥିଲେ ହେଁ ସବୁ ଆଡେ କୁଢ଼କୁଢ଼ ଅଳିଆ ପଡ଼ିରହିଛି। ଯେଉଁ ୱାର୍ଡକୁ ଗଲେ ବା ସହରର ଗଳିକନ୍ଦିରେ ରାସ୍ତା କଡ଼ରେ ପଡ଼ି ରହିଛି ଅଳିଆ, ଆବର୍ଜନା। ହେଲେ ପୌର ଅଧିକାରୀ ବା କର୍ମଚାରୀଙ୍କୁ ଦେଖା ନ ଯିବା ଲୋକଙ୍କୁ ଆଶ୍ଚର୍ଯ୍ୟ କରୁଛି। ସଫେଇ କାର୍ଯ୍ୟ କରାଯାଇଥିବା ନେଇ ଯଦି ଟଙ୍କା ପୈଠ କରାଯାଇଛି ତେବେ ସଫେଇ କାର୍ଯ୍ୟକୁ କାହିଁକି ତଦାରଖ କରାଯାଉ ନାହିଁ ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ଦଶହରା ପୂର୍ବରୁ ୬୦ ଲକ୍ଷ ଟଙ୍କା ସାନିଟେସନ ଠିକାଦାରଙ୍କୁ ପୈଠ କରାଯାଇଛି। ହେଲେ ଏବେ ବେଲପାହାଡ ପୌରପରିଷଦର ୧୯ଟି ୱାର୍ଡର ବିଭିନ୍ନ ସ୍ଥାନରେ କୁଢକୁଢ ଅଳିଆ ପଡ଼ିବାସହ ଅଳିଆ ଆବର୍ଜନା ବର୍ଷା ପାଣି ଜମି ରହିଛି। ଯାହାଫଳରେ ଲୋକେ ଦୁର୍ଗନ୍ଧ, ଡେଙ୍ଗୁ, ହଇଜା, ଝାଡାବାନ୍ତି କାଛୁ କୁଣ୍ଡିଆ ପରି ବିଭିନ୍ନ ରୋଗବ୍ୟାଧିର ଶିକାର ହେଉଛନ୍ତି। ପୌରପ୍ରଶାସନ ପକ୍ଷରୁ ପରିମଳ ବ୍ୟବସ୍ଥା ଉପରେ ଧ୍ୟାନଦେଇ ପ୍ରତିଦିନ ଅଳିଆ ଆବର୍ଜନା ସଫା କରାଯିବା ସହ ଡ୍ରେନେଜ ବ୍ୟବସ୍ଥା କରାଯାଉ ବୋଲି ଲୋକେ ଦାବି କରିଛନ୍ତି।ଏନେଇ ପୌର କାର୍ଯ୍ୟନିର୍ବାହୀ ଅଧୀକାରୀଙ୍କୁ ପଚାରିବାରୁ ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯିବ ସେ ନିଜେ ବୁଲି କି କାର୍ଯ୍ୟ ତଦାରଖ କରିବେ ଏବଂ ପୌରପରିଷଦକୁ ସଫା ସୁତୁରା ରଖିବା ପାଇଁ ସାନିଟେସନ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯିବ ବୋଲି ବେଲପାହାଡ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରକାଶ କରିଛନ୍ତି।

**ସବୁଠି କୁଢ଼କୁଢ଼ ଅଳିଆ ଆବର୍ଜନା**



## 'ସ୍ୱଚ୍ଛ ସହର ଯୋଡ଼ି' ଯୋଜନା
# ବିଏମ୍‌ସି ଓ ଦେବଗଡ଼ ପୌର ପରିଷଦ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ

**ଦେବଗଡ଼, ୧୦।୧୦ (ସମିସ):** ରାଜ୍ୟ ସରକାରଙ୍କ ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରଣାଳୟ ଏବଂ ସ୍ୱଚ୍ଛଭାରତ ମିଶନ ଅଧିନସ୍ଥ 'ସ୍ୱଚ୍ଛ ସହର ଯୋଡି' ଯୋଜନାରେ ଭୁବନେଶ୍ୱର ମହାନଗର ନିଗମ ଓ ଦେବଗଡ଼ ପୌର ପରିଷଦ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ ହୋଇଛି। ସହରାଞ୍ଚଳର ସ୍ୱଚ୍ଛତା ଏବଂ ରକ୍ଷଣାବେକ୍ଷଣ ଉଦ୍ଦେଶ୍ୟରେ ଭୁବନେଶ୍ୱର ମହାନଗର ନିଗମ ଓ ଦେବଗଡ଼ ପୌର ପରିଷଦ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିବା ଜଣାପଡ଼ିଛି। ଏହି ଚୁକ୍ତିମାନା ସ୍ୱକ୍ଷରିତ ହେବା ସମୟରେ ଭୂବନେଶ୍ୱର ମହାନଗର ନିଗମର କମିଶନର ଚଞ୍ଚଳ ରାଣା ଓ ମେୟର ସୁଲୋଚନା ଦାସ ଉପସ୍ଥିତ ରହି ଦେବଗଡ଼ ପୌର ପରିଷଦର ଭାରପ୍ରାପ୍ତ ନଗରପାଳ ପ୍ରଜିତ କୁମାର ଭୋଜ ଓ ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁଙ୍କ ସହିତ ଉକ୍ତ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। ଏହାଦ୍ୱାରା ନଶ୍ୱର ମହାନଗର ଓ ଦେବଗଡ଼ ପୌର ପରିଷଦର ମିଳିତ ସହଯୋଗରେ କିଭଳି ଉଭୟ ସହର ସ୍ୱଚ୍ଛ ଓ ସୁନ୍ଦର ରହିପାରିବ ସେଥିନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇପାରିବ ବୋଲି ଦେବଗଡ଼ ପୌର ପରିଷଦର ଭାରପ୍ରାପ୍ତ ନଗରପାଳ ଶ୍ରୀ ଭୋଜ ଆଜି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# କନ୍ୟା ଭ୍ରୂଣହତ୍ୟା ନିଷେଧ ଉପଦେଷ୍ଟା ମଣ୍ଡଳୀ ବୈଠକ




**ଝାରସୁଗୁଡ଼ା, ୧୦।୧୦(ସମିସ):** ଜିଲ୍ଲାରେ କନ୍ୟା ଭ୍ରୂଣ ହତ୍ୟା ନିଷେଧ କରାଯିବା ସହ ଲିଙ୍ଗ ନିରୂପଣ ଆଇନକୁ କଡ଼ାକଡି ଭାବରେ ପାଳନ କରିବା ସକାଶେ ଉପଦେଷ୍ଟା ମଣ୍ଡଳୀ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡା, ଡାକ୍ତର ରାଧାରମଣ ବିର୍ତିଆ, ଡିପିଏମ ଦୀପକ ମହାନ୍ତି, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପୂର୍ଣ୍ଣବତୀ ହେଲେନ ଖେସ, ସହକାରୀ ଆଇନ ପରିଚାଳକ ସୋମଦତ୍ତ ପୁରୋହିତ, ସିଏଚସି ଓ ପିଏଚ୍‌ସିର ମେଡ଼ିକାଲ ଅଫିସର, ସିଡିପିଓ ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ଜିଲ୍ଲାର କୌଣସି ଅଲ୍ଟ୍ରାସାଉଣ୍ଡ କ୍ଲିନିକରେ ଲିଙ୍ଗ ନିରୂପଣ କରାଯାଉଛି କି ନାହିଁ ସେ ସମ୍ପର୍କରେ ଜାଣିବା ପାଇଁ ନିୟମିତ ତଥା ଅଚାନକ ଅଲ୍ଟ୍ରାସାଉଣ୍ଡ କ୍ଲିନିକ ଗୁଡିକ କମିଟି ମାଧ୍ୟମରେ ଯାଞ୍ଚ କରିବା ପାଇଁ ଆଲୋଚନା କରାଯାଇଥିଲା। ଜିଲ୍ଲାସ୍ତରୀୟ ମାସିକ ଆନ୍ତଃବିଭାଗୀୟ କନଭରଜେନ୍ସ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। ପୋଲିଓ ଟିକାକରଣ ସମ୍ପର୍କିତ ଆନୁସଙ୍ଗିକ ପ୍ରସ୍ତୁତି ଏବଂ ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ପରିଚାଳିତ ସମସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ବୈଠକରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା।ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏବଂ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ସମେତ ବିଭିନ୍ନ ବିଭାଗ ଗୁଡିକ ପାରସ୍ପରିକ ସହଯୋଗ ଓ ସମନ୍ୱୟ ରକ୍ଷା ପୂର୍ବକ ବିଭିନ୍ନ କାର୍ଯ୍ୟକରିବାକୁ ବୈଠକରେ ପରାମର୍ଶ ଦିଆଯାଇଛି।

## ବେଆଇନ ବାଣ ଜବତ

**ଇବଥର୍ମାଲ, ୧୦।୧୦(ସମିସ):** ଲଖନପୁର ବ୍ଲକ ବନହରପାଲି ଥାନା ପୁଲିସ ତେଲେନପାଲି ବଜାରରେ ଏକ ମୋବାଇଲ ଦୋକନରୁ ବେଆଇନ ବାଣ ଜବତ କରିଛି। ସୂଚନା ମତେ ତେଲେନପାଲି ବଜାରରେ ରାମଚନ୍ଦ୍ର ଦାସ(୫୫)ଙ୍କ ମୋବାଇଲ ଦୋକାନ ରହିଛି। ଦୋକାନରେ ମୋବାଇଲ ବିକ୍ରି ସହିତ ଆଗକୁ ଦୀପାବଳି ପାଇଁ ଦୋକାନକୁ ଲାଗିଥିବା ଅନ୍ୟଏକଘରେ ବାଣ ମହଜୁଦ କରି ରାମଚନ୍ଦ୍ର ଓ ତାଙ୍କ ପୁଅ ଉତ୍ତମ ଦାସ(୨୪)ଚୋରାରେ ବିକ୍ରି କରୁଥିଲେ।କୌଣସି ସୂତ୍ରରୁ ଖବରପାଇ ବନସରପାଲି ଥାନା ଆଇଆଇସି ରଞ୍ଜିତ ନାଏକଙ୍କ ନେତୃତ୍ୱରେ ପୁଲିସ ଦୋକାନ ଉପରେ ଚଢ଼ାଉ କରି ପ୍ରାୟ ୫୦ ହଜାର ଟଙ୍କାର ବେଆଇନ ବାଣ ଜବତ କରିଛି। ପୁଲିସ ରାମଚନ୍ଦ୍ର ଓ ପୁଅ ଉତ୍ତମ ନାମରେ ମାମଲା ରୁଜୁ କରିଛି।

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

**ଝାରସୁଗୁଡା, ୧୦।୧୦(ସମିସ):** ଶୁକ୍ରବାର ଦିନ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଝାରସୁଗୁଡ଼ା ପକ୍ଷରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଜିଲ୍ଲା ଏବଂ ଦୌରାଜଜ୍ ତଥା ପ୍ରାଧିକରଣ ର ଅଧ୍ୟକ୍ଷ ଅଧ୍ୟକ୍ଷ ଶ୍ରୀ ପ୍ରଶାନ୍ତ କୁମାର ନାୟକ ଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା କୋର୍ଟ ପରିସର ରେ ପାଳିତ ହୋଇ ଯାଇଛି। ଏହି ଅବସରରେ ଆୟୋଜିତ ଏକ ସଚେତନତା କାର୍ଯ୍ୟକ୍ରମରେ ମାନସିକ ସ୍ୱାସ୍ଥ୍ୟ ନିୟମ, ମାନସିକ ସ୍ୱାସ୍ଥ୍ୟ ଓ ଯତ୍ନ ନିୟମ, ମାନସିକ ସ୍ୱାସ୍ଥ୍ୟ ଭଲ ରଖିବା ପାଇଁ କିପରି ପ୍ରତିଷେଧକ ପଦକ୍ଷେପ ଆମେ ନେଇ ପାରିବା ଇତ୍ୟାଦି ବିଷୟ ଗୁଡିକ ଉପରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀ ନାୟକଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ହୋଇଥିବା ବେଳେ ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା) ର ଅଧ୍ୟକ୍ଷ ଶ୍ରୀ ଅଶ୍ୱିନୀ କୁମାର ନାୟକ, ପରିବାର ଅଦାଲତର ବିଚାରପତି ଶ୍ରୀ ଲୋକନାଥ ସାହୁ, ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ଶ୍ରୀ ସଦାଶିବ ଜେନା, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀ ସ୍ମୃତି ରଞ୍ଜନ ମହାପାତ୍ର, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ଶ୍ରୀମତୀ ଆଲୋକମୟୀ ପ୍ରଧାନ, ବରିଷ୍ଠ ଦେୱାନି ବିଚାରପତି (ଏଲ୍.ଆର) ସୁଶ୍ରୀ ଦେବଶ୍ରୀ ସାହୁ, ବରିଷ୍ଠ ଦେୱାନି ବିଚାରପତି ଡ. ସନ୍ଧ୍ୟା ରଥ, ସିଭିଲ କୋର୍ଟ ରେଜିଷ୍ଟ୍ରାର ଶ୍ରୀ ରାଜେନ୍ଦ୍ର କୁମାର ଦାସ, ବରିଷ୍ଠ ଦେୱାନି ବିଚାରପତି (ମହିଳା ନ୍ୟାୟାଳୟ) ଶ୍ରୀମତୀ ପ୍ରତ୍ୟୁଷା କିରଣ, ଉପଖଣ୍ଡ ସ୍ତରିୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁଶ୍ରୀ ଗାୟତ୍ରୀ ମିଶ୍ର, କନିଷ୍ଠ ଦେୱାନି ବିଚାରପତି ସୁଶ୍ରୀ ମୋନାଲିସା ପ୍ରଧାନ ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (କଗନିଜେନ୍ସ) ସୁଶ୍ରୀ ସୁପ୍ରାସି ସୋନାଲି ମହାପାତ୍ର ପ୍ରମୁଖ ବିଚାର ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁନିଲ କୁମାର ପଣ୍ଡା ଏବଂ ମାନସିକ ସାମାଜିକ କର୍ମୀ କୁମାରୀ ଅଞ୍ଜଳି ଯୋଗ ଦେଇଥିଲେ। ପ୍ରାଧିକରଣ ର ପ୍ୟାନେଲ୍ ଓକିଲ, ଆଇନ ସେବା ପ୍ରତିପକ୍ଷ ଓକିଲ ଏବଂ ଜିଲ୍ଲା କୋର୍ଟ ର କର୍ମଚାରୀ ମାନେ ଉପସ୍ଥିତ ଥିଲେ।




## ହାତୀ ମୃତଦେହ ଠାବ ଘଟଣା
### ବିଦ୍ୟୁତ୍ କରେଣ୍ଟ ଯୋଗେ ହତ୍ୟା ସ୍ପଷ୍ଟ
# ୧୧ଦିନ ବିଚାର ବିଭାଗୀୟ ହାଜତକୁ ଗଲା ଅଭିଯୁକ୍ତ

**ଦେବଗଡ଼, ୧୦।୧୦(ସମିସ)**

ଦେବଗଡ଼ ବନଖଣ୍ଡ ରିଆମାଳ ରେଞ୍ଜ ରେଙ୍ଗାଲବେଡା ସେକ୍ସନ ଅଧୀନ କାଉଁସିଲତା ଗାଁରୁ ବୁଧବାର ସକାଳେ ଦନ୍ତାର ମୃତ୍ୟୁ ଘଟଣା ସାମ୍ନାକୁ ଆସିଥିଲା। ମୃତ ହାତୀର ଶବ ବ୍ୟବଚ୍ଛେଦ ପରେ ବିଦ୍ୟୁତ୍ ଆଘାତ ଯୋଗୁଁ ମୃତ୍ୟୁ ହୋଇଥିବା ସ୍ପଷ୍ଟ ହେବା ପରେ ବନ ବିଭାଗ ପକ୍ଷରୁ ତଦନ୍ତ କରାଯାଇଥିଲା। ତଦନ୍ତ ପରେ ସେହି ଗାଁର ମାଧବ ଚନ୍ଦ୍ର ବେହେରା ନାମକ ବ୍ୟକ୍ତିକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅଦାଲତରେ ଅଭିଯୁକ୍ତର ଜାମିନ ନାମଞ୍ଜୁର ହେବା ସହ ୧୧ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବୁଧବାର କାଉଁସିଲତା ଗାଁ ରାସ୍ତା କଡରେ ଏକ ଦନ୍ତା ହାତୀର ମୃତଦେହ ଠାବ ପରେ ବନ ବିଭାଗ ପକ୍ଷରୁ ତଦନ୍ତ ଜୋରଦାର କରାଯାଇଥିଲା। ତଦନ୍ତରେ ସେହି ଗାଁର ମାଧବ ବେହେରା ସୌର ବିଦ୍ୟୁତ ସହାୟତାରେ ବିଦ୍ୟୁତ ତାର ଟାଣି ଥିବା ଏବଂ ସେହି ବିଦ୍ୟୁତ ସଂସ୍ପର୍ଶରେ ଆସି ହାତୀର ମୃତ୍ୟୁ ଘଟିଥିବା ଜଣାପଡ଼ିଥିଲା। ଏହାପରେ ଅଭିଯୁକ୍ତ ମାଧବକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ବନଖଣ୍ଡ ଅଧିକାରୀ ସୁଶ୍ରୀ ରଶ୍ମି ଜୀ ସୂଚନା ପ୍ରଦାନ କରିଛନ୍ତି।



# ଦମ୍ପତିଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ କନେଷ୍ଟେବଲ ନିଲମ୍ବିତ

**ନାକଟିଦେଉଳ, ୧୦।୧୦(ସମିସ)**

ସମ୍ବଲପୁର ଜିଲ୍ଲା ନାକଟିଦେଉଳ କିସିଣ୍ଡା ଥାନାର ଜଣେ କନେଷ୍ଟବଲ ଦମ୍ପତିଙ୍କୁ ଦୁର୍ବ୍ୟବହାର ସହ ମାଡ଼ ମାରିଥିବା ଅଭିଯୋଗ କ୍ରମେ ନିଲମ୍ବିତ ହୋଇଛନ୍ତି। ସ୍ୱାମୀ ସ୍ତ୍ରୀଙ୍କ କଳହରେ ଅଭିଯୋଗ ଦେବା ପାଇଁ ଥାନାକୁ ଆସିଥିବା ଦମ୍ପତିଙ୍କୁ ଦାୟିତ୍ୱରେ ଥିବା କନେଷ୍ଟବଲ ଦୁର୍ବ୍ୟବହାର କରିବା ସହ, ସ୍ୱାମୀଙ୍କୁ ଥାର୍ଡ଼ ଡିଗ୍ରୀ କରିବା ଅଭିଯୋଗରେ ଆଜି ଜଣେ କନେଷ୍ଟବଲଙ୍କୁ ନିଲମ୍ବିତ କରାଯାଇଛି। ସୂଚନା ଅନୁସାରେ ସମ୍ବଲପୁର ଜିଲ୍ଲା କିସିଣ୍ଡା ଥାନା ମହୁକୁଦଗାଁର ରମେଶ ମୁଖି ଓ ରିତା ମୁଖି ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ ଝଗଡ଼ାକୁ ନେଇ ରିତା ମୁଖି କିସିଣ୍ଡା ଥାନାକୁ ଅଭିଯୋଗ ଦେବା ପାଇଁ ଆସିଥିଲେ। ଥାନାଧିକାରିଣୀ ଅଞ୍ଜଳି କୁମ୍ଭାର ସମ୍ବଲପୁରରେ ଦଶହରା ଡିଉଟି ପାଇଁ ଅନୁପସ୍ଥିତ ଥିବାବେଳେ ଡିଉଟିରେ ଥିବା କନେଷ୍ଟବଲ ବୈଦନାଥ ବେହେରା ରମେଶ ମୁଖୀକୁ ସମାଧାନ ପାଇଁ ଫୋନ ମାଧ୍ୟମରେ ଥାନାକୁ ଡାକି ଥିଲେ। ଉଭୟ ଥାନାରେ ପହଞ୍ଚିବା ପରେ କୌଣସି



ଅଭିଯୋଗ ଗ୍ରହଣ ନକରି ଓଲଟି ଉଭୟଙ୍କୁ ଦୁର୍ବ୍ୟବହାର କରିବା ସହ ଥାନା ଭିତରେ ସ୍ୱାମୀ ରମେଶ ମୁଖିଙ୍କୁ ମାଡ଼ ମାରିଥିଲେ। ଏହି ଘଟଣାକୁ ନେଇ ଉଭୟ ଦମ୍ପତି ପୁଲିସ ମହାନିର୍ଦ୍ଦେଶକଙ୍କୁ ଟ୍ୱିଟ କରି ଜଣାଇଥିଲେ। ଘଟଣାକୁ ଗୁରୁତ୍ୱ ନେଇ ଆଜି ସମ୍ବଲପୁର ଏସ୍‌ପି କନେଷ୍ଟବଲ ବୈଦନାଥ ବେହେରାଙ୍କୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଏ ଘଟଣାକୁ ନେଇ ଆମକୁ ନ୍ୟାୟ ଦରକାର ବୋଲି ଉଭୟ ଦମ୍ପତି ପ୍ରକାଶ କରିଛନ୍ତି।



ସମ୍ବଲପୁର : ଚାରିଆଡ଼େ କୁଢ଼କୁଢ଼ ଆବର୍ଜନା

# ଭିସୁଟ୍‌ରେ ଷ୍ଟାର୍ଟଅପ୍ ବୁଟ୍ କ୍ୟାମ୍ପ




**ସମ୍ବଲପୁର, ୧୦।୧୦ (ସମିସ):** ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ଇ-ସେଲ୍‌ଫ ଏବଂ ଏଫ୍‌ଟିବିଆଇ-ଏନ୍‌ଆଇଟି ରାଉରକେଲା ପକ୍ଷରୁ ଆଜି ଷ୍ଟାର୍ଟଅପ୍ ବୁଟ୍ କ୍ୟାମ୍ପ ୨୦୨୫ ଆୟୋଜିତ ହୋଇଯାଇଛି। ଏଥିରେ ଉଦୀୟମାନ ଉଦ୍ଭାବକ, ଷ୍ଟାର୍ଟଅପ୍ ଉତ୍ସାହୀ ଏବଂ ଶିଳ୍ପ ପରାମର୍ଶଦାତାମାନେ ଯୋଗଦେଇଥିଲେ। ଭିସୁଟ୍ କୁଳପତି ପ୍ରଫେସର ଦୀପକ କୁମାର ସାହୁ ଏହାକୁ ଉଦ୍ଘାଟନ କରି ଛାତ୍ରଛାତ୍ରୀ ମାନଙ୍କୁ ନିଜ ଧାରଣାକୁ ପ୍ରଭାବଶାଳୀ ଉଦ୍ୟମରେ ପରିଣତ କରିବାକୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ରାଉରକେଲାରୁ ଦୁଇଜଣ ବିଶିଷ୍ଟ ଅତିଥି ଏଫ୍‌ଟିବିଆଇର ସଭାପତି ପ୍ରଫେସର ସୁବ୍ରତ ପଣ୍ଡା ଏବଂ ଏଫ୍‌ଟିବିଆଇର ସିଇଓ ଚିରଞ୍ଜିବ ସାମଲ ଯୋଗ ଦେଇଥିଲେ। ସେମାନେ ଷ୍ଟାର୍ଟଅପ୍ ଇନକ୍ୟୁବେସନ, ପାଣ୍ଠି ଯୋଗାଣର ସୁଯୋଗ ଏବଂ ଧାରଣା ଯାଞ୍ଚର ଗୁରୁତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ଭିସୁଟ୍‌ର ଡଃ ତୃପ୍ତି ରଞ୍ଜନ ମହାପାତ୍ର, ଭିପି ଟେକ୍ନିକାଲ୍ ସୋସାଇଟି, ଡଃ ଆଦିତ୍ୟ କୁମାର ହୋତା ଏବଂ ଅନିଲ କୁମାର ମୁର୍ମୁ ଉପସ୍ଥିତ ଥିଲେ। ଆଜିର ପ୍ରମୁଖ ଆକର୍ଷଣ ଥିଲା ଆଇଡିଆ ପିଚିଂ ଅଧିବେଶନ, ଯେଉଁଥିରେ ୧୨ଟି ଛାତ୍ର ଦଳ ଏଫ୍‌ଟିବିଆଇର ବିଶେଷଜ୍ଞ ପ୍ୟାନେଲ୍ ସମ୍ମୁଖରେ ସେମାନଙ୍କର ଅଭିନବ ଧାରଣା ଉପସ୍ଥାପନ କରିଥିଲେ। ବିଚାରକଙ୍କ ଦ୍ୱାରା ସତର୍କ ମୂଲ୍ୟାଙ୍କନ ପରେ, ଶ୍ରେଷ୍ଠ ତିନୋଟି ଦଳକୁ ସେମାନଙ୍କର ଉଲ୍ଲେଖନୀୟ ଧାରଣା ପାଇଁ ପୁରସ୍କୃତ କରାଯାଇଥିଲା। ଷ୍ଟାର୍ଟଅପ୍ ବୁଟ୍ କ୍ୟାମ୍ପ୍ ୨୦୨୫ କେବଳ ଏକ ଶିକ୍ଷଣ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିନଥିଲା, ବରଂ ଉଦ୍ୟୋଗୀ ଏବଂ ନବସୃଜନକାରୀଙ୍କ ପରବର୍ତ୍ତୀ ପିଢ଼ିକୁ ଗଢ଼ି ତୋଳିବାରେ ଭିସୁଟ୍ ବୁର୍ଲା ଏବଂ ଏନଆଇଟି ରାଉରକେଲା ମଧ୍ୟରେ ସହଯୋଗକୁ ମଧ୍ୟ ସୁଦୃଢ଼ କରିଥିଲା।

# ମରାମତି ହେବ କୁଲତାପଡ଼ା ବ୍ରିଜ୍ ଗାର୍ଡୱାଲ

**ସମ୍ବଲପୁର, ୧୦।୧୦ (ସମିସ) :** ଗତ ମଙ୍ଗଳବାର ସନ୍ଧ୍ୟାରେ ଠାକୁରପଡ଼ାରୁ କେନ୍ଦ୍ରୀୟ ବିଦ୍ୟାଳୟକୁ ଯିବା ରାସ୍ତାରେ ରଣେଶ୍ୱର ରାମଚଣ୍ଡୀ ମନ୍ଦିର ପାଖରେ ଥିବା କୁଲତାପଡ଼ା ଧୋବିଯୋର ବ୍ରିଜ କଡ଼ ଧସି ଯାଇଥିଲା। ବ୍ରିଜ୍‌ର ମନ୍ଦିରପଟକୁ ରାସ୍ତାକଡ଼ରେ ପ୍ରାୟ ୧୫ ଫୁଟ୍‌ରୁ ଊର୍ଦ୍ଧ୍ୱ ଗାତ ହୋଇଯାଇଛି। ଏହି ଗାତ ଦେଇ ପୋଲ ତଳ ପାଣି ଦେଖାଯାଉଛି। ବ୍ୟସ୍ତବହୁଳ ରାସ୍ତାର ଗାତ ଚାରିକଡ଼େ ବ୍ୟାରିକେଡ ଦିଆଯାଇଥିବାବେଳେ ଆଜି ତୃତୀୟ ଦିନ ମଧ୍ୟ କାମ ଆରମ୍ଭ ହୋଇପାରିନାହିଁ। ଏଠାରେ ଲୁହାଛଡ଼ ଦେଇ ଗାର୍ଡ ୱାଲ କରାଯିବ ବୋଲି ସୂଚନା ଦେଇଛନ୍ତି ପୂର୍ତ୍ତ ବିଭାଗ ଏସ୍‌ଡିଓ ବିନୀତ ଲାକ୍ରା। ଉଲ୍ଲେଖଯୋଗ୍ୟ ଯେ, ଏହି ରାସ୍ତାରେ ଗୁରୁନାନକ ପବ୍ଲିକ ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ-୧, ବିକାଶ ହସପିଟାଲ ସହ ଜାତୀୟ ରାଜପଥକୁ ଯୋଗାଯୋଗ କରୁଥିବାରୁ ଦିନରାତି ୨୪ ଘଣ୍ଟା ଏହି ରାସ୍ତାରେ ଯାତାୟାତ ଲାଗି ରହିଥାଏ। ଏହାସହ ରେଳନଗର ଥିବାରୁ ଭାରୀଯାନ ଗୁଡ଼ିକରେ ସାମଗ୍ରୀ ନେବାଆଣିବା ମଧ୍ୟ ଲାଗି ରହିଥାଏ।



# ହୀରାକୁଦ ଜଳସ୍ତର ୬୨୯.୮୯ ଫୁଟ୍, ବନ୍ଦ ହେଲା ୩ ଗେଟ୍

**ସମ୍ବଲପୁର, ୧୦।୧୦ (ସମିସ):** ହୀରାକୁଦ ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ପାଖାପାଖି ରହୁଥିବାବେଳେ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ଏହି ସ୍ତର ବଜାୟ ରଖିବାକୁ ମୁଖ୍ୟବନ୍ଧ କର୍ତ୍ତୃପକ୍ଷଙ୍କ ଉଦ୍ୟମ ଜାରି ରହିଛି। ପ୍ରବେଶ ଜଳ ପରିମାଣ ହ୍ରାସ ପାଇବାରୁ ଶୁକ୍ରବାର ସକାଳେ ୮ଟା ୨୦ ମିନିଟରୁ ୮ଟା ୪୫ ମିନିଟ ମଧ୍ୟରେ ନଦୀବନ୍ଧର ୩ଟି ଗେଟ୍ ବନ୍ଦ କରାଯାଇଛି।

ଶୁକ୍ରବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୮୯ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱ ଓ ଡାହାଣ ପାର୍ଶ୍ୱର ଗୋଟିଏ ଲେଖାଏ ଏହିଭଳି ମୋଟ ୨ଟି ସ୍ଲୁଇସ୍ ଗେଟ୍‌ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୯୪, ୨୨୪ ଘନଫୁଟ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୬୮, ୮୧୦ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୩୨, ୮୬୦ ଘନଫୁଟ ଜଳ ନିଷ୍କାସିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୧, ୬୩୨ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ପାଇଁ ୪, ୦୭୫ ଘନଫୁଟ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୨୧, ୦୦୦ ଘନଫୁଟ ଜଳ ପ୍ରବାହିତ ହେଉଥିବାବେଳେ ପଥର୍ଲାଠାରେ ୫୦, ୫୦୯ ଘନଫୁଟ, ଖଇରମାଲଠାରେ ୧, ୬୬, ୦୦୦ ଘନଫୁଟ, ବାରମୁଲଠାରେ ୧, ୪୮, ୦୦୦ ଘନଫୁଟ ଏବଂ ମୁଣ୍ଡଲୀଠାରେ ୨, ୦୧, ୯୨୦ ଘନଫୁଟ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୨.୦୧ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୪.୬୦ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୩୭ ଫୁଟ୍ ରହିଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ।

# ଫାଟକ ଦୁର୍ଗାପୂଜା ଲଟେରୀ ଉଠାଣ ତାରିଖ ପରିବର୍ତ୍ତିତ

**ସମ୍ବଲପୁର, ୧୦।୧୦ (ସମିସ):** ଚଳିତବର୍ଷ ଦଶହରା ସମୟରେ ବର୍ଷା ଯୋଗୁଁ ବାଧାପ୍ରାପ୍ତ ହୋଇ ଫାଟକ ଦୁର୍ଗାପୂଜାର ଲଟେରୀ ଟିକଟ ଆଶାନୁରୂପ ଭାବେ ବିକ୍ରୟ ହୋଇପାରିନାହିଁ। ଏଣୁ ଦୁର୍ଗାପୂଜା କମିଟି ପକ୍ଷରୁ ଲଟେରୀ ଉଠାଣର ସ୍ଥିରୀକୃତ ତାରିଖ ୧୯.୧୦.୨୫ ପରିବର୍ତ୍ତେ ଏହି ଲଟେରୀ ଉଠାଣ ଆସନ୍ତା ୯.୧୧.୨୫ରେ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଏନେଇ ସହଯୋଗ କରିବାପାଇର୍ ଫାଟକ ବୁଢ଼ାରଜା ଦୁର୍ଗାପୂଜା କମିଟି ପକ୍ଷରୁ ଜନସାଧାରଣଙ୍କୁ ସହଯୋଗ କରିବା ପାଇଁ ଅନୁରୋଧ କରାଯାଇଛି।

# ରାମଗଡ଼ପଡ଼ାରେ ସଫେଇ କାର୍ଯ୍ୟକ୍ରମ



**ସମ୍ବଲପୁର, ୧୦।୧୦ (ସମିସ):** 'ସ୍ୱଚ୍ଛତା ହିଁ ସେବା'କୁ ଆଧାର କରି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ବୁଢ଼ାରଜା ନଗର ପକ୍ଷରୁ ରାମଗଡ଼ପଡ଼ାଠାରେ ଥିବା ହନୁମାନ ମନ୍ଦିର, କୀର୍ତ୍ତନ ମଣ୍ଡପ ଓ ପାର୍ଶ୍ୱରେ ଥିବା ଖୋଲା ମଣ୍ଡପର ପରିସରକୁ ମହାନଗର ଅଧିକାରୀ ଓ କର୍ମଚାରୀଙ୍କ ସହ ସାମୁହିକ ସଫେଇ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରାନ୍ତ ପ୍ରମୁଖ ଲକ୍ଷ୍ମଣ ନାୟକ, ମହନଗର ପ୍ରଚାରକ ପ୍ରଫୁଲ୍ଲ ସାହୁ, ବିବେକାନନ୍ଦ ଦାଶ, ସୁରଥ ଭୋଇ, ହରି ହରିପାଲ, ବିଶ୍ୱରଞ୍ଜନ ଜେନା, ବ୍ୟୋମକେଶ ସାହୁ, ଅଭିଳାଷ ମୁଣ୍ଡା, ବିନୟ ସୋନି, ଆକାଶ ପାଢ଼ୀ, ଆଶୁତୋଷ ପଣ୍ଡା, ଧୀରେନ ମେହେର, ରୁଦ୍ର କର୍ଣ୍ଣ, ଅଶୋକ ସିଂ, ଗଗନ ବିହାରୀ ଶବର, ଘନଶ୍ୟାମ ବାଗ, ସାନ ଛତ୍ରିଆଙ୍କ ସହିତ ପଡ଼ା ଅଧିବାସୀ ଖୁସିରାମ ଛତ୍ରିଆ, ଭବାନୀ ଶଙ୍କର ତାଣ୍ଡି, ଧରଣୀଧର ବାଗ ପ୍ରମୁଖ ସାମିଲ ହୋଇଥିଲେ।

# କୋଲ୍‌ଇଣ୍ଡିଆର ଚତୁର୍ଥ ସିଏସ୍‌ଆର୍ ସମ୍ମିଳନୀ




**ସମ୍ବଲପୁର, ୧୦।୧୦ (ସମିସ):** ମହାନଦୀ କୋଲଫିଲ୍ଡସ ଲିମିଟେଡ (ଏମସିଏଲ) ଗୋପାଳପୁରଠାରେ କୋଲଇଣ୍ଡିଆର ସିଏସଆର୍ ସମ୍ମିଳନୀର ଚତୁର୍ଥ ସଂସ୍କରଣ ଆୟୋଜନ କରିଛି। ଏହି ଏକଦିବସୀୟ ସମ୍ମିଳନୀରେ କୋଲଇଣ୍ଡିଆ ଓ ସହାୟକ କମ୍ପାନୀ ଗୁଡ଼ିକର ବରିଷ୍ଠ ଅଧିକାରୀ, ସିଏସଆର ପ୍ରୋଫେସନାଲମାନେ ଏକାଠି ହୋଇଥିଲେ। ଏଠାରେ ସିଏସଆର୍‌ର ନୂତନ ଦୃଷ୍ଟିକୋଣ, ସର୍ବୋତ୍ତମ ପ୍ରଥା ଏବଂ ରଣନୀତି ବିଷୟରେ ଆଲୋଚନା ହୋଇଥିଲା। କୋଲଇଣ୍ଡିଆ ଲିମିଟେଡ ଅଧ୍ୟକ୍ଷ ପି.ଏମ ପ୍ରସାଦ, କୋଲଇଣ୍ଡିଆ ନିର୍ଦ୍ଦେଶକ (ଏଚ୍‌ଆର) ଡ. ବିନୟ ରଞ୍ଜନ, ଏମସିଏଲ୍‌ର ଅଧ୍ୟକ୍ଷ ତଥା ପ୍ରବନ୍ଧ ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ତଥା ବିଶିଷ୍ଟ ଅତିଥିମାନେ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କୋଲଇଣ୍ଡିଆର ମୁଖ୍ୟ ସତର୍କତା ଅଧିକାରୀ, ଏମସିଏଲ୍‌ର କାର୍ଯ୍ୟକାରୀ ନିର୍ଦ୍ଦେଶକବୃନ୍ଦ, ଏମସିଏଲ ମୁଖ୍ୟ ସତର୍କତା ଅଧିକାରୀ ତଥା ସହାୟକ କମ୍ପାନୀ ଗୁଡ଼ିକର ନିର୍ଦ୍ଦେଶକମାନେ ଉପସ୍ଥିତ ଥିଲେ। କୋଇଲା ଏବଂ ଖଣି ରାଜ୍ୟ ମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ଦେଶରେ ବିଭିନ୍ନ ସିଏସଆର ପରିଯୋଜନା ମାଧ୍ୟମରେ ସାମଗ୍ରିକ ବିକାଶ ପ୍ରତି କୋଲଇଣ୍ଡିଆର ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ। କୋଲଇଣ୍ଡିଆ ଅଧ୍ୟକ୍ଷ ଶ୍ରୀ ପ୍ରସାଦ ତାଙ୍କ ବକ୍ତବ୍ୟରେ ଏମସିଏଲର ସିଏସଆର ଉଦ୍ୟମ ଏବଂ ତାହାର ସାମାଜିକ ପ୍ରଭାବର ମହତ୍ତ୍ୱପୂର୍ଣ୍ଣ ଭୂମିକା ବିଷୟରେ କହିଥିଲେ। ସମ୍ମିଳନୀରେ ଭାରତ ସରକାରଙ୍କ ଭାରୀ ଉଦ୍ୟୋଗ ଓ ସାର୍ବଜନିକ ଉପକ୍ରମ ମନ୍ତ୍ରାଳୟର ପୂର୍ବତନ ସଚିବ ଡ. ଭାସ୍କର ଚାଟାର୍ଜୀ, ଟାଟା ସାମାଜିକ ବିଜ୍ଞାନ ସଂସ୍ଥାନ (ଟିଆଇଏସ୍‌ଏସ୍), ମୁମ୍ବାଇର ସିଏଆର ଉତ୍କୃଷ୍ଟତା କେନ୍ଦ୍ରର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଏସ୍ ଶିବରାଜୁ ବିଶିଷ୍ଟ ବକ୍ତା ଭାବେ ଯୋଗ ଦେଇଥିଲେ।

# ମଦ ବିକ୍ରି ବନ୍ଦ ପାଇଁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର



**ରେଢ଼ାଖୋଲ, ୧୦।୧୦ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅନ୍ତର୍ଗତ କୁକଡ଼ାବାହାଲି ଗ୍ରାମ ପଞ୍ଚାୟତ ଅଧୀନ ବଡକଷିବାହାଲ ଗ୍ରାମରେ ମଦବିକ୍ରି ବନ୍ଦ କରିବା ଦାବିରେ ଗ୍ରାମବାସୀ ମାନେ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ କରିଛନ୍ତି ଯେ ଗ୍ରାମରେ ସ୍କୁଲ ଏବଂ ମନ୍ଦିର ରହିଛି। ଏହା ସମ୍ମୁଖରେ ବେଆଇନ ଭାବରେ ମଦ ଦୋକାନ ଓ କୁଟିଆ ଭାଟିରେ ଖୋଲା ଖୋଲି ମଦ ବିକ୍ରି ଚାଲିଥିବାରୁ ସଦାସର୍ବଦା ବିଦ୍ୟାଳୟରେ ଅଧ୍ୟୟନ କରୁଥିଲା ଛୋଟଛୋଟ ଛାତ୍ରଛାତ୍ରୀ ଏବଂ ମନ୍ଦିରକୁ ଆସୁଥିବା ଗ୍ରାମର ମହିଳା ସହିତ ପଡୋଶୀ ଗ୍ରାମରୁ ଆସିଥିବା ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଉପରେ ଖରାପ ପ୍ରଭାବ ପଡୁଛି।ବିଭିନ୍ନ ସମୟରେ ଉକ୍ତ ସ୍ଥାନରେ ହେଉଥିବା ଅଶ୍ଳୀଳ ଭାଷାର ଗାଳି ଗୁଲଜ ଛାତ୍ରଛାତ୍ରୀ ମନରେ ଖରାପ ପ୍ରଭାବ ପକାଉଛି।ତା ସହିତ ଗ୍ରାମରେ ପରିବାର ମଧ୍ୟରେ କଳହ ଲାଗି ରହୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଯଦି ଗ୍ରାମରେ ମଦ ବିକ୍ରି ବନ୍ଦ ନ ହୁଏ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏଥିରେ ରେଢ଼ାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଶରତ କୁମାର ପ୍ରଧାନ, ପ୍ରଶାନ୍ତ ପ୍ରଧାନ, ଗୋଲକ ପ୍ରଧାନ, ତରୁଣ ପ୍ରଧାନ, ନିରଞ୍ଜନ ରାଉଳ, ଅନିରୁଦ୍ଧ ପ୍ରଧାନ, ଅରକ୍ଷିତ ସାହୁ ବବୁଲୁ ପ୍ରଧାନ ପ୍ରମୁଖ ସହିତ ଗ୍ରାମବାସୀ ସାମିଲ ଥିଲେ।

## ୧୨ରୁ ପଲ୍‌ସ ପୋଲିଓ ଟିକାକରଣ

# ଜିଲ୍ଲାରେ ୭୯୯୯୦ ଶିଶୁଙ୍କୁ ଟିକା ଦେବାକୁ ଲକ୍ଷ୍ୟ ଧାର୍ଯ୍ୟ

**ସମ୍ବଲପୁର, ୧୦।୧୦(ସମିସ):** ଇଣ୍ଟେନ୍ସିଫାଏଡ୍ ପଲ୍ସ ପୋଲିଓ ଇମ୍ୟୁନାଇଜେସନ୍ (ଆଇପିପିଆଇ)-୨୦୨୫ କାର୍ଯ୍ୟକ୍ରମକୁ ନେଇ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଟାସ୍କ ଫୋର୍ସ ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମସ୍ତଙ୍କ ସୁରକ୍ଷାକୁ ନିଶ୍ଚିତକରି ଟୀକାକରଣର ଅଗ୍ରଗତି ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସୂଚନା ଅନୁଯାୟୀ ଚଳିତବର୍ଷ ପୋଲିଓ ଟୀକାକରଣ କାର୍ଯ୍ୟକ୍ରମ ଆସନ୍ତା ୧୨ ତାରିଖରେ ଆୟୋଜିତ ହେବ। ୧୨ ତାରିଖ ବିଭିନ୍ନ ବୁଥମାନଙ୍କରେ ଟୀକାକରଣ କରାଯିବାକୁ ଥିବାବେଳେ ୧୩ ଓ ୧୪ ତାରିଖ ଘରକୁ ଘର ବୁଲି ଟୀକାକରଣ କରାଯିବ। ଅଙ୍ଗନବାଡ଼ି କର୍ମୀମାନଙ୍କୁ କାର୍ଯ୍ୟରେ ନିୟୋଜିତ କରାଯିବ। ସମସ୍ତ ସମ୍ପୃକ୍ତ ବିଭାଗ ଅଧିକାରୀ ମାନଙ୍କୁ ଉପରୋକ୍ତ କାର୍ଯ୍ୟ ସୂଚାରୁରୂପେ ତୁଲାଇବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

ସମ୍ବଲପୁର ଜିଲ୍ଲାରେ ମୋଟ ୮୮୨ଟି ବୁଥ୍, ୪୧ଟି ଟ୍ରାନ୍‌ଜିଟ୍ ପଏଣ୍ଟ ଓ ୨୧ଟି ମୋବାଇଲ ଟିମ୍ ଜରିଆରେ ଏହି ପଲ୍ସ ପୋଲିଓ ଟୀକାକରଣ କରାଯିବ। ଏଥିରେ ୧୮୮୮ ଜଣ ଟିମ୍ ମେମ୍ବର ଏବଂ ୯୧ ଜଣ ସୁପରଭାଇଜର ନିୟୋଜିତ ହେବେ। ଜିଲ୍ଲାରେ ମୋଟ ୨୭୦୪୩୪ ଘରମାନଙ୍କରେ ୭୯୯୯୦ ଜଣ ଶିଶୁଙ୍କୁ ଏହି ଟୀକା ଦେବାକୁ ଲକ୍ଷ୍ୟ ରଖାଯାଇଛି। ଏଥିନୁଯାୟୀ, ବାମରା ବ୍ଲକରେ ୬୬୫୩ ଜଣ ଶିଶୁଙ୍କୁ ଟୀକାକରଣ କରିବାକୁ ଲକ୍ଷ୍ୟ ରହିଥିବାବେଳେ ଧନକଉଡ଼ା ବ୍ଲକରେ ୩୬୨୪ ଶିଶୁ, ଜମନକିରା ବ୍ଲକରେ ୫୫୬୬ ଶିଶୁ, ଯୁଯୋମୁରା ବ୍ଲକରେ ୭୦୪୩ ଶିଶୁ, କୁଚିଣ୍ଡା ବ୍ଲକରେ ୩୮୦୯ ଶିଶୁ, କୁଚିଣ୍ଡା ଏସ୍‌ଡିଏଚ୍‌ରେ ୧୦୨୦ ଶିଶୁ, ମାନେଶ୍ୱର ବ୍ଲକରେ ୩୬୭୪ ଶିଶୁ, ନାକଟିଦେଉଳ ବ୍ଲକରେ ୫୫୭୦ ଶିଶୁ, ରେଢ଼ାଖୋଲ ବ୍ଲକରେ ୪୭୭୮ ଶିଶୁ, ରେଢ଼ାଖୋଲ ଏସ୍‌ଡିଏଚ୍‌ରେ ୧୩୨୭ ଶିଶୁ, ରେଙ୍ଗାଲି ବ୍ଲକରେ ୭୧୩୬ ଶିଶୁ ଏବଂ ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ୨୯୭୯୦ ଜଣ ଶିଶୁଙ୍କ ପୋଲିଓ ଟୀକା ଦିଆଯିବ। ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟ ପକ୍ଷରୁ ସମ୍ବଲପୁର ଜିଲ୍ଲା ସକାଶେ ୮୭୫୫୬ ଶିଶୁଙ୍କୁ ଟୀକାକରଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

# ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଜମନକିରା, ୧୦।୧୦(ସମିସ):** ଜମନକିରା ବ୍ଲକ ଅନ୍ତର୍ଗତ ଖର୍ସନମାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ନାଥ ୨୮ ବର୍ଷ ଧରି ଶିକ୍ଷକତା କରି ଅବସର ଗ୍ରହଣ କରିଛନ୍ତି। ଗୁରୁବାର ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସଭାରେ ଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ତଥା ଜିଲ୍ଲା ଶିକ୍ଷକ ସଂଘର ଉପଦେଷ୍ଟା ଭୁବନେଶ୍ୱର ଦ୍ୱିବେଦୀ, ଦିଲୀପ ବହିଦାର, ଜମନକିରା ଶିକ୍ଷକ ସଂଘର ପୂର୍ବତନ ସଭାପତି ଈଶ୍ୱର ଚନ୍ଦ୍ର ମହାକୁଲ, ଖର୍ସନମାଲ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ପ୍ରଶାନ୍ତ ପଣ୍ଡା, ଜମନକିରା ବ୍ଲକ ବିଇଓ କାର୍ଯ୍ୟାଳୟ ହିସାବ ରକ୍ଷକ ନିରଞ୍ଜନ ନାୟକ, ଖର୍ସନମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ରୀନା ପଧାନଙ୍କ ସହ ଖର୍ସନମାଲ ପଞ୍ଚାୟତ ହାଇସ୍କୁଲ ପ୍ରଧାନ ଶିକ୍ଷକ ବିଶ୍ୱାମିତ୍ର ଦୀପ ମଞ୍ଚାସୀନ ଥିଲେ। ସଭାକୁ ସହକାରୀ ଶିକ୍ଷକ କେଶବ ପାତ୍ର ପରିଚାଳନା କରିଥିବା ବେଳେ ଅବନ୍ତି ନାଏକ ଓ ଶ୍ୱେତାଲୀନ ଦର୍ଶନ ପାଢ଼ୀ ସହଯୋଗ କରିଥିଲେ। ଶେଷରେ ମହେଶ୍ୱର ଡନସେନା ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ବଲପୁର ଡାକ ବିଭାଗ ପକ୍ଷରୁ ଜାତୀୟ ଡାକ ସପ୍ତାହ

**ସମ୍ବଲପୁର, ୧୦।୧୦ (ସମିସ) :** ସମ୍ବଲପୁର ଡାକ ବିଭାଗ ପକ୍ଷରୁ ଜାତୀୟ ଡାକ ସପ୍ତାହ ୨୦୨୫ ପାଳିତ ହୋଇଯାଇଛି। 'ଲୋକଙ୍କ ପାଇଁ ପୋଷ୍ଟ - ସ୍ଥାନୀୟ ସେବା, ବିଶ୍ୱସ୍ତରୀୟ ପହଞ୍ଚିବା' ବିଷୟବସ୍ତୁ ଅଧୀନରେ ଲୋକମାନଙ୍କୁ ସଂଯୋଗ କରିବାରେ ଏବଂ ସମ୍ପ୍ରଦାୟକୁ ସଶକ୍ତ କରିବାରେ ଇଣ୍ଡିଆନ ପୋଷ୍ଟର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରାଯାଇଛି। ସପ୍ତାହବ୍ୟାପୀ ଏହି ଉତ୍ସବରେ ଡାକ ସେବା ଏବଂ ଗ୍ରାହକଙ୍କ ସମ୍ପୃକ୍ତିର ବିଭିନ୍ନ ଦିଗ ଉପରେ ଧ୍ୟାନ ଦେଇ ସ୍ୱତନ୍ତ୍ର ପାଳନ ଏବଂ ସାର୍ବଜନୀନ ଯୋଗାଯୋଗ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ୬ ତାରିଖ ଇଣ୍ଡିଆ ପୋଷ୍ଟ ଦ୍ୱାରା ପ୍ରଦାନ କରାଯାଇଥିବା ଉନ୍ନତ ଡିଜିଟାଲ୍ ଉପକରଣ ଏବଂ ଅନଲାଇନ୍ ସେବାର ବ୍ୟବହାର ପ୍ରଦର୍ଶନୀ, ୭ରେ ଆର୍ଥିକ ଅନ୍ତର୍ଭୁକ୍ତି ଦିବସ: ଡାକ ବ୍ୟାଙ୍କିଂ, ସଞ୍ଚୟ ଏବଂ ବୀମା ସେବାକୁ ପ୍ରୋତ୍ସାହିତ କରିବା ପାଇଁ ସଚେତନତା ଅଭିଯାନ ଏବଂ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ, ୮ରେ ଡାକପତ୍ର ସଂଗ୍ରହ ଏବଂ ନାଗରିକ କେନ୍ଦ୍ରିକ ଦିବସ: ଡାକଟିକଟ ସଂଗ୍ରହ ଏବଂ ଏହାର ସାଂସ୍କୃତିକ ଗୁରୁତ୍ୱ ବିଷୟରେ ସଚେତନତା ପ୍ରସାର ପାଇଁ ସମ୍ବଲପୁରର ଫିଲାଟେଲି ବ୍ୟୁରୋରେ ସ୍ୱତନ୍ତ୍ର ଡାକପତ୍ର ସଂଗ୍ରହ କର୍ମଶାଳା ଏବଂ ସ୍କୁଲ ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା, ୯ରେ ବିଶ୍ୱ ଡାକ ଦିବସ: ନୂତନତ୍ୱ ଏବଂ ଗ୍ରାହକ-କୈନ୍ଦ୍ରିକ ସେବା ପ୍ରଦାନ ପ୍ରତି ଡାକ କର୍ମଚାରୀଙ୍କ ପ୍ରତିବଦ୍ଧତା ଏବଂ ୧୦ରେ ଗ୍ରାହକ ଦିବସ: ମତାମତ ସଂଗ୍ରହ, ଅଭିଯୋଗର ସମାଧାନ ଏବଂ ଡାକ-ଗ୍ରାହକ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଗ୍ରାହକ ସାକ୍ଷାତ ଏବଂ ଡାକ ଚୌପାଲ ଅଧିବେଶନ କରାଯାଇଥିଲା।



## ଜାତୀୟ ରାଜପଥରେ ପଡୁଛି ପାଉଁଶ

# ଏନ୍‌ଏଚ୍‌ଏଆଇକୁ ତାଗିଦ କଲା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ

**ସମ୍ବଲପୁର, ୧୦।୧୦ (ସମିସ)**

ସମ୍ବଲପୁର ଅଇଁଠାପାଲିଠାରେ ଜାତୀୟ ରାଜପଥ ନଂ. ୫୩ ଉପରେ ନିର୍ମାଣ ଚାଲିଛି ୩.୫ କିଲୋମିଟର ଲମ୍ବ ଛଅ ଲେନ୍ ବିଶିଷ୍ଟ ଫ୍ଲାଏଓଭର। ଏହା ସରଲାକାନିଠାରୁ ଆରମ୍ଭ ହୋଇ ବିକାଶ ସ୍କୁଲ ପର୍ଯ୍ୟନ୍ତ ରହିବ। ଏହି ବ୍ରିଜ ନିର୍ମାଣ ସମୟରେ ଯାତାୟାତ ପାଇଁ ରାସ୍ତାକଡ଼କୁ ବ୍ୟବହାର କରାଯାଉଛି। ବିନା ଅନୁମତିରେ ବହୁସଂଖ୍ୟାରେ ଟ୍ରକ୍ ବୋଝେଇ ପାଉଁଶ (ଫ୍ଲାଏ ଆସ୍) ଆଣି ଏଠାରେ ପକାଯାଉଛି। ଏହି ପାଉଁଶ ଦ୍ୱାରା ସମଗ୍ର ଅଞ୍ଚଳ ପ୍ରଦୂଷିତ ହେଉଛି। ଜାତୀୟ ରାଜପଥ କଡ଼ରେ ଘଞ୍ଚ ଜନବସତି ଥିବାବେଳେ ସର୍ବସାଧାରଣ ସ୍ଥାନରେ ଏଭଳି ଟ୍ରକ୍ ଟ୍ରକ୍ ପାଉଁଶ ପକାଇବାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଏନେଇ ଅଭିଯୋଗ ହେବାପରେ ସମ୍ବଲପୁରସ୍ଥିତ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ପତ୍ରସଂଖ୍ୟା ୫୫୨୯ ତା. ୯.୧୦.୨୦୨୫ରେ ଜାତୀୟ ରାଜପଥ ପ୍ରାଧୀକରଣ (ଏନ୍‌ଏଚ୍‌ଏଆଇ) କୁ ତାଗିଦ କରାଯାଇଛି। ପ୍ରଦୂଷଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଡଃ ସତ୍ୟନାରାୟଣ ନନ୍ଦ ଏନ୍‌ଏଚ୍‌ଏଆଇ ପ୍ରକଳ୍ପ ନିର୍ଦ୍ଦେଶକ, ସମ୍ବଲପୁରଙ୍କୁ ପତ୍ର ଲେଖିଛନ୍ତି। ଏଥିରେ ଅଇଁଠାପାଲିଠାରେ ଜାତୀୟ ରାଜପଥ କଡ଼ରେ ଫ୍ଲାଏଆସ୍ ଡମ୍ପିଂ କରିବା ଦ୍ୱାରା ସ୍ଥାନୀୟ ବାସିନ୍ଦାମାନେ ଧୂଳି ଯୋଗୁଁ ଶ୍ୱାସଜନିତ ଓ ଅନ୍ୟ ବ୍ୟାଧିର ଶିକାର ହେଉଛନ୍ତି। ଏପରିକି ଫ୍ଲାଏଆସ୍ ସ୍ଥାନୀୟ ପରିବେଶ ସହିତ ଜଳଉତ୍ସ ଗୁଡ଼ିକ ପ୍ରଦୂଷିତ କରୁଛି। ଏହି ଚିଠିରେ ତୁରନ୍ତ ଜାତୀୟ ରାଜପଥ ଉପରେ ପାଉଁଶ ପକାଇବା ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ପର୍ଯ୍ୟାବରଣ ଉପରେ ପ୍ରଭାବ ଏବଂ ଲୋକଙ୍କ ସ୍ୱାସ୍ଥ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି ଅନୁଧ୍ୟାନ କରିବାକୁ କୁହାଯାଇଛି। ନିୟମ ଉଲ୍ଲଂଘନ କରିଥିବା ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାପାଇଁ କୁହାଯାଇଛି। ଏହାସହ ପାଉଁଶ ବଦଳରେ ଅନ୍ୟ ଫିଲିଂ ସାମଗ୍ରୀ ବ୍ୟବହାର କରିବା ଏବଂ ସ୍ଥାନୀୟ ଲୋକଙ୍କ ସମସ୍ୟା ଦୂର କରିବା ପାଇଁ ନିଆଯାଇଥିବା ଆକ୍ସନ ପ୍ଲାନ ବିଷୟରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଜଣାଇବାକୁ ନିର୍ଦ୍ଦେଶ ରହିଛି।

ଉଲ୍ଲେଖଯୋଗ୍ୟ ଯେ, ସମ୍ବଲପୁର-ସୁନ୍ଦରଗଡ଼ କରିଡରରେ ରହିଛି ବହୁସଂଖ୍ୟାରେ ବଡ଼ ବଡ଼ କମ୍ପାନୀ। ଏହି କମ୍ପାନୀ ଗୁଡ଼ିକ ନିୟମାନୁସାରେ ଆସ୍ ପଣ୍ଡ ନିର୍ମାଣ କରି ସେଠାରେ ପାଉଁଶ ପକାଇବା କଥା। କିନ୍ତୁ ନିୟମ ଉଲ୍ଲଂଘନ କରି କମ୍ପାନୀ ଗୁଡ଼ିକର ଫ୍ଲାଏଆସ୍ ଆଣି କେତେବେଳେ ରାସ୍ତା କଡ଼ ତ ଆଉ କେତେବେଳେ କ୍ଷେତ କିମ୍ବା ଜନବସତି ନିକଟରେ ପକାଇଦେଉଥିବା ଦେଖାଯାଉଛି। ଜାତୀୟ ରାଜପଥ ତଥା ସର୍ବସାଧାରଣ ଜାଗାରେ ଫ୍ଲାଏଆସ୍ ଡମ୍ପିଂ କରି ସବୁ ନିୟମକୁ ଫୁ' କରାଯାଉଥିବା ସମ୍ବଲପୁରରେ ଚର୍ଚ୍ଚା ହେଉଛି।

## ଦୋକାନ ଆଇବେଷ୍ଟସ ଭାଙ୍ଗି ଟଙ୍କା ଚୋରି ଅଭିଯୋଗ

**ବୀରମହାରାଜପୁର, ୧୦।୧୦ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା ଦୁର୍ଗକେଇଲା ପଞ୍ଚାୟତର ଶାଗକୁରି ଛକରେ ଥିବା ଏକ ଦୋକାନର ଆଇବେଷ୍ଟସ ଭାଙ୍ଗି ଚୋରି ହୋଇଛି। ଦୋକାନରୁ ୫, ୬୦୫ ଟଙ୍କା ଚୋରି ହୋଇଥିବା ମାଲିକ ସୁଲେଖ ସାହୁ ଅଭିଯୋଗ କରିଛନ୍ତି। ଶାଗକୁରି ଛକରେ ସେ ଏକ ଜଳଖିଆ ଦୋକାନ କରିଛନ୍ତି। ଏହାସହ ସେଠାରେ ସେ ସାଇକଲ ମରାମତି କରନ୍ତି। ଦୋକାନଟି ଗାଁରୁ ଅଳ୍ପ ଦୂରରେ ରହିଛି। ଠେଙ୍ଗୋ ଫାଣ୍ଡିରେ ଏ ସମ୍ପର୍କରେ ସେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ତଦନ୍ତ ଜାରି ରହିଥିବା ଫାଣ୍ଡି ଅଧିକାରୀ ରୁଦ୍ର ବଗ୍ରାଳ କହିଛନ୍ତି।

## ବାଘମାରି ଗଜଲକ୍ଷ୍ମୀପୂଜା ନାମଯଜ୍ଞ ଉଦ୍‌ଯାପିତ

**ବିରମହାରାଜପୁର, ୧୦।୧୦ (ସମିସ):** ବୀରମହାରାଜପୁର ସହର ଉପକଣ୍ଠ ବାଘମାରି ଗ୍ରାମର ଗଜଲକ୍ଷ୍ମୀପୂଜା ଓ ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ନାମଯଜ୍ଞ ପୂର୍ଣ୍ଣାହୁତି ସହ ନଗର କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଦାଧିଭାଣ୍ଡ ଭଙ୍ଗାଯିବା ପରେ ସଙ୍କୀର୍ତ୍ତନ ବୈଠକି ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବା ସଙ୍କୀର୍ତ୍ତନ ଦଳ ଓ ଛୁଟ୍କରୀ ସଙ୍କୀର୍ତ୍ତନ ଦଳ ସାମିଲ ଥିଲେ। ଏ ବର୍ଷ ମା ଗଜଲକ୍ଷ୍ମୀଙ୍କ ପୂଜକ ଭାବେ ପଣ୍ଡିତ ରବିନ୍ଦ୍ର ପୁରୋହିତ ଓ ପ୍ରଦ୍ୟୁମ୍ନ ପୁରୋହିତ କାର୍ଯ୍ୟ ତୁଲାଇଥିଲେ। କର୍ତ୍ତା ଭାବେ ଅମିତ ପ୍ରଧାନ ଓ ତାଙ୍କ ପତ୍ନୀ ରଶ୍ମିତା ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। ନାମଯଜ୍ଞ ପୂଜା ପାଇଁ ସତ୍ୟନାରାୟଣ ପଣ୍ଡା ଓ ତାଙ୍କ ପତ୍ନୀ ଉପଶ୍ରି ମିଶ୍ର କାର୍ଯ୍ୟ ନିର୍ବାହ କରିଥିଲେ।

## ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା

**ବୌଦ୍ଧ, ୧୦।୧୦(ସମିସ):** ସ୍ଥାନୀୟ ଟାଉନ ହଲଠାରେ ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରାଜିନ୍ଦ୍ର କିଶାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଉପ ଜିଲ୍ଲାପାଳ ବିନୟ ଭୋଇ, ବରିଷ୍ଠ ନାଗରିକ ନବୀନ ମହାପାତ୍ର, ବିପ୍ର ଚରଣ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ବରିଷ୍ଠ ନାଗରିକ ମାନଙ୍କ ପାଇଁ ଥିବା ବିଭିନ୍ନ ସରକାରୀ ଯୋଜନା ଓ ସରକାରୀ ସୁବିଧା ସୁଯୋଗ ସମ୍ପର୍କରେ ସଚେତନ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ନାଗରିକଙ୍କୁ ନିଃଶୁଳ୍କରେ ସ୍ୱାସ୍ଥ୍ୟ ପରୀକ୍ଷା ଓ ଯୋଗାସନ କରାଯାଇଥିଲା। ସମସ୍ତ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ୫୦ ବର୍ଷ ପୂର୍ତ୍ତି କାଳୀପୂଜା ପାଇଁ ପ୍ରସ୍ତୁତି

**ବିନିକା, ୧୦।୧୦ (ସମିସ):** ବିନିକା ଗଙ୍ଗତରଙ୍ଗିତ କାଳୀପୂଜା ଏଥର ୫୦ବର୍ଷରେ ପଦାର୍ପଣ କରୁଛି। ଏହି ପୂଜା ମହାସମାରୋହରେ ପାଳିତ ହେବ। ସୁବର୍ଣ୍ଣଜୟନ୍ତୀ ପାଳନ ନେଇ ସ୍ଥାନୀୟ କମ୍ୟୁନିଟି ସେଣ୍ଟରରେ କମିଟି ସଭାପତି ଭୁବନେଶ୍ୱର ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପଡ଼ାବାସୀ ଉପସ୍ଥିତ ଥିଲେ। ଏଥର ପୂଜାକୁ କିପରି ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳନ କରାଯିବ ସେନେଇ ସମସ୍ତେ ମତାମତ ରଖିଥିଲେ। ଚଳିତ ମାସ ୨୦ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ କାଳୀପୂଜା ହେବାକୁ ଯାଉଛି। ଅବସରରେ ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ପ୍ରସ୍ତାବ ଗ୍ରହଣ କରାଯାଇଥିଲା।

## ଗଜଲକ୍ଷ୍ମୀ ପୂଜା ଅବସରରେ ୧୦ହଜାର ୮ ଦୀପଯଜ୍ଞ

**ବୌଦ୍ଧ, ୧୦।୧୦ (ସମିସ):** ବୌଦ୍ଧ ସହରର ଲକ୍ଷ୍ମୀବଜାର ପୂଜା କମିଟି ତରଫରୁ ଆୟୋଜିତ ଗଜଲକ୍ଷ୍ମୀ ପୂଜାର ଚତୁର୍ଥ ସନ୍ଧ୍ୟାରେ ୧୦ହଜାର ୮ ଟି ଦୀପ ଦାନ କରାଯାଇଛି। ଏହି ଅବସରରେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ, ବୌଦ୍ଧ ଆଦର୍ଶ ଥାନା ଅଧିକାରୀ ନଳିନୀକାନ୍ତ ଦାସ ଏବଂ ହଜାର ହଜାର ଶ୍ରଦ୍ଧାଳୁ ଦୀପ ଜାଳିଥିଲେ। ପ୍ରଥମେ ମା’ ମହାଲକ୍ଷ୍ମୀଙ୍କ ପାଖରେ ସନ୍ଧ୍ୟାଆଳତୀ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା।

## ସଂଘ ଦ୍ୱାରା ସେବା ଦିବସ

**ବୌଦ୍ଧ, ୧୦।୧୦(ସମିସ):** ଉତ୍କଳମଣି ଗୋପବନ୍ଧୁ ଜୟନ୍ତୀ ତଥା ସେବା ଦିବସ ଅବସରରେ ବୁଦ୍ଧଦେବ ସଂଯୁକ୍ତ ଶାଖା, ବୌଦ୍ଧର ସ୍ୱୟଂସେବକମାନେ ଗୋପବନ୍ଧୁ ପ୍ରତିମୂର୍ତ୍ତି ପରିସରରେ ସଫେଇ କରିଥିଲେ। ଶାଖାର ସ୍ୱୟଂସେବକ ରଘୁନାଥ ଷଡ଼ଙ୍ଗୀ, ଗଜେନ୍ଦ୍ର ସାହୁ, ରଞ୍ଜିତ ମହାକୁଳ, ଶ୍ୟାମସୁନ୍ଦର ମହାପାତ୍ର, ବ୍ରଜେଶ ସାହୁ ପ୍ରମୁଖ ସାମିଲ ଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାବ୍ଦୀ ବର୍ଷ ଅବସରରେ ଏଭଳି ବିଭିନ୍ନ ସମାଜ କଲ୍ୟାଣ କାର୍ଯ୍ୟ ଓ ପୂଜ୍ୟପୂଜା ସ୍ୱୟଂସେବକ ମାନେ କରିବାପାଇଁ ସଂକଳ୍ପ ନେଇଛନ୍ତି।

## ବିଶ୍ୱ ଦୃଷ୍ଟି ଦିବସ ପାଳିତ

**ବୌଦ୍ଧ, ୧୦।୧୦(ସମିସ):** ପୀତାବଳୀ ଉଚ୍ଚ ବିଦ୍ୟାଳୟ ମର୍ଜାକୁଦ ଠାରେ ବିଶ୍ୱ ଦୃଷ୍ଟି ଦିବସ ପାଳିତ ହୋଇଯାଇଛି। ଏହି ଦିବସ ପାଳନ ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଡାକ୍ତର ସଂଘମିତ୍ରା ପଣ୍ଡାଙ୍କ ଅଧ୍ୟକ୍ଷତାରେ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସନ୍ତୋଷ କୁମାର ତ୍ରିପାଠୀ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡାକ୍ତର ସାନ୍ତା ନିବେଦିତା, ଚକ୍ଷୁରୋଗ ବିଶେଷଜ୍ଞ ଡାକ୍ତର ବଲ୍ଲଭ ପ୍ରଧାନ, ସ୍ୱାସ୍ଥ୍ୟ ବିଭାଗ ର ଅନ୍ୟାନ୍ୟ କର୍ମଚାରୀ, ଆଶାକର୍ମୀ, ଶିକ୍ଷକ ଶିକ୍ଷୟିତ୍ରୀ, ଉପସ୍ଥିତ ଥିଲେ।

## ଖଣ୍ଡହତା ଗଜଲକ୍ଷ୍ମୀ ପୂଜାରେ କଂସ ଦରବାର ଉଦ୍‌ଘାଟିତ

**ବୀରମହାରାଜପୁର, ୧୦।୧୦ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅଧୀନ ଖଣ୍ଡହତାରେ ହେଉଥିବା ଗଜଲକ୍ଷ୍ମୀ ପୂଜା ଅବସରରେ କଂସ ଦରବାର ଆରମ୍ଭ ହୋଇଯାଇଛି। ଗଜଲକ୍ଷ୍ମୀ ପୂଜା କମିଟିର ସଭାପତି ରୁଦ୍ର ପ୍ରକାଶ ମିଶ୍ରଙ୍କ ଅଧତାରେ ସରପଞ୍ଚ ଜୟଶ୍ରୀ ଦେହୁରୀ ମୁଖ୍ୟଅତିଥି ଏବଂ ଇନ୍ଦିରା ଗାନ୍ଧୀ ହାଇସ୍କୁଲର ହିନ୍ଦୀ ଶିକ୍ଷକ ରଣଜିତ ମିଶ୍ର, ଶିକ୍ଷୟିତ୍ରୀ ସଂଯୁକ୍ତା ମିଶ୍ର, କୋଷାଧ୍ୟକ୍ଷ ପ୍ରଦୀପ ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରମୋଦ କୁମାର ପଣ୍ଡା ସାଂସ୍କୃତିକ ମଞ୍ଚକୁ ପରିଚାଳନା କରିଥିଲେ। ମୁକ୍ତାକାଶ ରଙ୍ଗ ମଞ୍ଚରେ ପରିବେଷଣ ହୋଇଥିଲା ଲୀଳା ନାଟକ। ଦେବକୀ ବସୁଦେବଙ୍କ ବିବାହ, କଂସଙ୍କୁ ଦୈବବାଣୀ, କଂସଙ୍କ ସିଂହାସନ ଆରୋହଣ ଆଦି ପରିବେଷଣ ହୋଇଥିଲା। ଏହା ସହିତ ମଞ୍ଚରେ ସମ୍ବଲପୁରୀ, ଡାଲଖାଇ, ଆଧୁନିକ ନୃତ୍ୟ, ଲୋକନୃତ୍ୟ ଆଦି ପରିବେଷଣ ହୋଇଥିଲା।

## ବାବୁପାଲିରେ ରକ୍ତଦାନ ଓ ଚକ୍ଷୁ ଶିବିର



**ବିନିକା, ୧୦।୧୦(ସମିସ):** ବାବୁପାଲି ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ଗ୍ରାମ୍ୟ ଯୁବଗୋଷ୍ଠୀ, ଅମୃତ କୁଟୁମ୍ବ ଓ ତ୍ରିଲୋଚନ ନେତ୍ରାଳୟର ମିଳିତ ଆନୁକୂଲ୍ୟରେ ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ଓ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ବିନିକା ବିଡ଼ିଓ ମଣ୍ଟୁ ଖମାରୀ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୌଦାମିନୀ ସାହୁ, ପୂର୍ବତନ ସରପଞ୍ଚ ରୁଦ୍ର ନାରାୟଣ ସାହୁ ଯୋଗ ଦେଇଥିଲେ। ମହିଳାଙ୍କ ସମେତ ମୋଟ ୪୦ଜଣ ରକ୍ତଦାନ କରିଥିଲେ। ସେହିପରି ୨୧୦ଜଣଙ୍କ ନିଃଶୁଳ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥିରୁ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ପାଇଁ ୩୦ଜଣଙ୍କୁ ସମ୍ବଲପୁର ତ୍ରିଲୋଚନ ନେତ୍ରାଳୟକୁ ରେଫର୍ କରାଯାଇଥିବା ବେଳେ ୧୨୭ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିଲା। ଅନ୍ୟପକ୍ଷରେ ୧୦୦ରୁ ଅଧିକ ବ୍ୟକ୍ତିଙ୍କ ସୁଗର ପରୀକ୍ଷା କରାଯାଇଥିଲା। ବୁର୍ଲା ରକ୍ତ ଭଣ୍ଡାର କର୍ମଚାରୀ ଆସି ରକ୍ତ ସଂଗ୍ରହ କରିଥିଲେ।

# ପ୍ରହସନ ପାଲଟିଛି ସରକାରୀ ଯୋଜନା

**ବୀରମହାରାଜପୁର, ୧୦।୧୦(ସମିସ)**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକରେ ସରକାରୀ ଯୋଜନା ଲୋକଙ୍କ କାମରେ ଆସୁ ନ ଥିବା ଅଭିଯୋଗ ହେଉଛି। କେନ୍ଦ୍ର ଓ ରାଜ୍ୟ ସରକାର ପ୍ରଣୟନ କରୁଥିବା ବିଭିନ୍ନ ଯୋଜନା ହିତାଧିକାରୀଙ୍କ ପାଖରେ ଠିକଣା ସମୟରେ ପହଞ୍ଚି ପାରୁନି। ଏଥିଯୋଗୁଁ ହିତାଧିକାରୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଗରିବ ଲୋକଙ୍କ ପାଇଁ ପରିବାର ମଙ୍ଗଳ ଯୋଜନା ପ୍ରହସନ ପାଲଟିଛି। ପରିବାର ମୁଖ୍ୟ ଲୋକ (ଯାହାର ବୟସ ୬୦ରୁ କମ୍ ହୋଇଥିବ)ଙ୍କ ମୃତ୍ୟୁ ଘଟିଲେ ତାଙ୍କ ସ୍ତ୍ରୀଙ୍କୁ ପରିବାର ମଙ୍ଗଳ ଯୋଜନା ଆଧାରରେ ୨୦ ହଜାର ଟଙ୍କା ମିଳିଥାଏ। ବିପିଏଲ ପାରିବାରର ହୋଇ ମଧ୍ୟ ସେହି ଟଙ୍କା ବିଧବା ହିତାଧିକାରୀଙ୍କୁ ପାଇବାକୁ ୬ ମାସରୁ ଅଧିକ ସମୟ ଲାଗିଯାଉଛି। ଅନ୍ତୋଦୟ ଯୋଜନା ଅଧୀନରେ ଗରିବ ହିତାଧିକାରୀଙ୍କୁ ସାମିଲ କରି ମାସକୁ ୩୫ କେଜି ଚାଉଳ ଯୋଗାଇଦେବ ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ରହିଛି। ମାତ୍ର ଏହି ବ୍ଲକରେ ପ୍ରକୃତ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯାଉ ନ ଥିବା ଚର୍ଚ୍ଚା ହେଉଛି। ରେସନ କାର୍ଡ ପାଇଁ ୩ ହଜାରରୁ ୫ହାଜର ଯିଏ ଦେଉଛନ୍ତି ତାର ହେଉଛି। ଯେଉଁ ଗରୀବ ଲୋକମାନେ ଦେଇ ପାରୁନାହାନ୍ତି ସେମାନଙ୍କୁ ସର୍ଭର ଚାଲୁନାହି ବୋଲି କହି ଫେରାଇ ଦିଆଯାଉଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମଧ୍ୟ ପ୍ରକୃତ ହିତାଧିକାରୀ ପାଇବାରୁ ବାଦ୍

**ବୀରମହାରାଜପୁର ବ୍ଲକ**

ପଡ଼ିଥିବା ଅଭିଯୋଗ ହେଉଛି। ପ୍ରଧାମନ୍ତ୍ରୀ ଆବାସ ଗୃହ ନିର୍ମାଣର ଲେବର୍ ଟଙ୍କା ଅନେକ ହିତାଧିକାରୀ ପାଉ ନ ଥିବା ଅଭିଯୋଗ ହେଉଛି। ବୃଦ୍ଧ ବୃଦ୍ଧା, ବିଧବା, ବିକଳାଙ୍ଗଙ୍କ ଭତ୍ତା ମଧ୍ୟ ବର୍ତ୍ତମାନ ଡିବିଟି ମାଧ୍ୟମରେ ସହଜ ଓ ସରଳ କରିବା ପାଇଁ ସରକାର ଯୋଜନା କରୁଛନ୍ତି। ମାତ୍ର ସେଇ ଟଙ୍କା ମଧ୍ୟ ଠିକ ଭାବେ ପାଉ ନ ଥିବାରୁ ହିତାଧିକାରୀ ବ୍ଲକରୁ ପଞ୍ଚାୟତ ଓ ପଞ୍ଚାୟତରୁ ବ୍ଲକକୁ ଯା ଆସ କରି ହଇରାଣ ହେଉଥିବା ଦେଖିବାକୁ ମିଳିଛି। ୮୦ ବର୍ଷରୁ ଅଧିକ ବୃଦ୍ଧବୃଦ୍ଧାଙ୍କୁ ତୁରନ୍ତ ୩୫୦୦ଟଙ୍କା ଯୋଗାଇଦେବାର ନିୟମ ଥିଲେ ହେଁ ସିରିଏଲ ହିସାବରେ ମିଳିବ ବୋଲି ଦାୟିତ୍ୱରେ ଥିବା ଅଧିକାରୀ କହିଛନ୍ତି। ବିବାହ ପଞ୍ଜିକରଣ ପାଇଁ ଅଫିସକୁ ଗଲେ ଅଧିକାରୀ ପ୍ରାୟ ରହୁନାହାନ୍ତି। ୨/୩ ହଜାର ନ ଦେଲେ ରେଜିଷ୍ଟ୍ରେସନ୍ ହୋଇ ପାରୁ ନ ଥିବା ଅଭିଯୋଗ ହେଉଛି। ଏହାଫଳରେ ଲୋକମାନେ ଅନେକ ହଇରାଣ ହରକତ ହେଉଥିବା ଦେଖିବାକୁ ମିଳିଛି। ସରକାର ଜନ୍ମରୁ ମୃତ୍ୟୁ ଯାଏଁ ମାଳ ମାଳ ଯୋଜନା ପ୍ରସ୍ତୁତ କରିଚାଲିଥିବା ବେଳେ ହିତାଧିକାରୀଙ୍କ ପାଖରେ ଏହା ନ ପହଞ୍ଚି ବାଟବଣା ହେବାରେ ଲାଗିଛି। କେବଳ ଏତିକି ନୁହେଁ; ବ୍ଲକର ମୁଖ୍ୟ ଫାଟକଟି କୁଆଡେ ଗଲା ପ୍ରଶାସନର କାହାରି ପାଖରେ ଖବର ନାହିଁ। ଫାଟକ ମେଲା ପଡ଼ିଥିବାରୁ ଅବାଧରେ ଗାଈ ବଳଦ ଓ କୁକୁର ବ୍ଲକ ଭିତରକୁ ପ୍ରବେଶ କରୁଛନ୍ତି। ତେବେ ଏନେଇ ସବୁ ନେଇ ବିଡିଓଙ୍କୁ ପଚାରିବାରୁ ତାଙ୍କ ନିକଟରେ କିଛି ଅଭିଯୋଗ ନାହିଁ। ଅଭିଯୋଗ ଆସିଲେ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ମୁଖ୍ୟ ଫାଟକ ସମ୍ପର୍କରେ ମଧ୍ୟ କିଛି ଜାଣି ନ ଥିବା କହିଥିଲେ।

## ପଲଶାଗୋରା ଉଚ୍ଚ ବିଦ୍ୟାଳୟରେ ପୋଷଣ ସଚେତନତା କାର୍ଯ୍ୟକ୍ରମ



**ପଲଶାଗୋରା, ୧୦।୧୦(ସମିସ):** କଣ୍ଟାମାଳ ବ୍ଲକ ଆଇସିଡିଏସ୍ ତରଫରୁ ପୋଷଣ ମାସ ପାଳନ ଅବସରରେ ପଲଶାଗୋରା ମିଳିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ସଚେତନତା ସୃଷ୍ଟି ପାଇଁ ରଚନା, କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ଅଶୋଭ ରଞ୍ଜନ ମାଳି, ସିଡ଼ିପିଓ ପଙ୍କଜିନୀ ମିଶ୍ର, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୀବ ପ୍ରହରାଜ, ବରିଷ୍ଠ ଶିକ୍ଷୟିତ୍ରୀ ନିରୁପମା ମହାପାତ୍ର, ସୁପରଭାଇଜର ବାସନ୍ତୀ ମହାକୁଡ଼, ସତ୍ୟଭାମା ନାଏକ, ପୋଷଣ ଇସି ପୁରନ୍ଦର ମେହେର ପ୍ରମୁଖ ଯୋଗ ଦେଇଥିଲେ।

## ସିଦ୍ଧାର୍ଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବରିଷ୍ଠ ନାଗରିକ ଦିବସ

**ବିନିକା, ୧୦।୧୦(ସମିସ):** ବିନିକା ସ୍ଥିତ ସିଦ୍ଧାର୍ଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି। ବିଦ୍ୟାଳୟ ଅଧକ୍ଷା ରେଖା ପ୍ରଧାନ ଏଥିରେ ଅଧକ୍ଷତା କରିଥିଲେ। ବରିଷ୍ଠ ନାଗରିକଙ୍କ ସମାଜ ପ୍ରତି ଅବଦାନ, ତାଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା, ଦାୟିତ୍ୱ ନିର୍ବାହର ଅଭିଜ୍ଞତା ଆଦି ବିଷୟରେ ସୂଚନା ଦେଇ ତାଙ୍କ ପ୍ରତି ନିବିଡ଼ ସମ୍ମାନ ରକ୍ଷା କରିବା ଆମର କର୍ତ୍ତବ୍ୟ ବୋଲି ଅଧକ୍ଷା କହିଥିଲେ। ମୁଖ୍ୟବକ୍ତା ଭାବେ ଖେଳ ଶିକ୍ଷକ ନାରାୟଣ ଚୌଧୁରୀ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ମନୋଜ ମେହେର, ମନିଷ ଆଚାର୍ଯ୍ୟ, ଯତୀନ୍ଦ୍ର ଦଣ୍ଡସନା, ଆକାଶ ପ୍ରଧାନୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ବରିଷ୍ଠ ନାଗରିକଙ୍କ ପ୍ରତି ସମ୍ମାନ ସକାଶେ ଅଧ୍ୟାପକ ନୀଳମାଧବ ଛତ୍ର ଉପସ୍ଥିତ କର୍ମଚାରୀ, ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ଶପଥ ପାଠ କରାଇଥିଲେ।

## ମୁରାସୁର ଦରବାରରେ ବିଷ୍ଣୁ-ଲକ୍ଷ୍ମୀଙ୍କ ସ୍ୱୟମ୍ବର

**ବୀରମହାରାଜପୁର, ୧୦।୧୦(ସମିସ):** ବୀରମହାରାଜପୁର ବ୍ଲକ ମୃଣ୍ଡିରେ ୪୩ତମ ଗଜଲକ୍ଷ୍ମୀ ପୂଜାର ଚତୁର୍ଥ ଦିବସରେ ମୁରାସୁର ଦରବାରରେ ବିଷ୍ଣୁ-ଲକ୍ଷ୍ମୀଙ୍କ ସ୍ୱୟମ୍ବର ହୋଇଛି। ରାଜ ଅତିଥି ଭାବେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ଶାଖା ପରିଚାଳକ ଭବାନୀ ଶଙ୍କର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ରବୀନ୍ଦ୍ର ହୋତା, ନମିତା ହୋତା, ଶେଷଦେବ ବାରିକ୍, ସତ୍ୟବାନ୍ ପୁରୋହିତ, ବ୍ରଜ ଗୋପାଳ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ବରୁଣ ରାଜା ଲକ୍ଷ୍ମୀଙ୍କ ବିବାହ ପାଇଁ ସ୍ୱୟମ୍ବର ସଭା ଆୟୋଜନ କରିଥିଲେ। ବିଷ୍ଣୁ ଓ ଲକ୍ଷ୍ମୀଙ୍କ ବିବାହ ଅନୁଷ୍ଠିତ ହୋଇଥିଲା। ଦିନବେଳା ଗଜଲକ୍ଷ୍ମୀ ପୂଜା, ହୋମଯଜ୍ଞ, ପୁଷ୍ପାଞ୍ଜଳି ହୋଇଥିବା ବେଳେ ସନ୍ଧ୍ୟାରେ ସନ୍ଧ୍ୟା ଆଳତି ହୋଇଥଲା। ଏହି କାର୍ଯ୍ୟକ୍ରମରେ ଗଜଲକ୍ଷ୍ମୀ ପୂଜା କମିଟିର ସଭାପତି ଲବ ସାହୁ, ଉପସଭାପତି ଧନଞ୍ଜୟ ସାହୁ, ଉପଦେଷ୍ଟା ରାଜଗୋପାଳ ପାଣିଗ୍ରାହୀ, ସତ୍ୟଞ୍ଜିବ ମିଶ୍ର, କୁଶ ସାହୁ, ପରମାନନ୍ଦ ଜଟି, ସମ୍ପାଦକ ତ୍ରୀୟଞ୍ଜିବ ମିଶ୍ର, ବିଦ୍ୟାଧର ଖୁଡ଼ିଆ, କୋଷାଧ୍ୟକ୍ଷ ସତ୍ୟମୋହନ ବେଦପାନି ପ୍ରମୁଖ ସହଯୋଗ କରିଥିଲେ।

## ମହିଳା ଗ୍ରାମସଭା ପ୍ରସ୍ତୁତି ବୈଠକ




**ବୌଦ୍ଧ, ୧୦।୧୦(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ବୀରନରସିଂହପୁର ପଞ୍ଚାୟତରେ ଅଲିଭା ମହସଂଘ ସହାୟତାରେ ମହିଳା ଗ୍ରାମସଭା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ପଞ୍ଚାୟତର ଶତାଧିକ ମହିଳା, କଲେଜ ଛାତ୍ରୀ ଓ ଜନପ୍ରତିନିଧି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କ୍ଷେତ୍ର ସହଯୋଗୀ ସୁପ୍ରିୟା ଦେହୁରୀ ସ୍ୱାଗତ କରିଥିଲେ। କ୍ଷେତ୍ର ପ୍ରଶିକ୍ଷକ ପ୍ରତାପ ମେହେର ସଭା ପରିଚାଳନା କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ବି. ପ୍ରିୟଙ୍କା ପଞ୍ଚାୟତର ମହିଳାମାନଙ୍କୁ ନେଇ ଥିବା ଅନେକ ଯୋଜନା ବିଷୟରେ କହିଥିଲେ। ସରପଞ୍ଚ ଚନ୍ଦନା ବେହେରା ଉପସ୍ଥିତ ଥିଲେ। ଶେଷରେ ଶ୍ରୀକାନ୍ତ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

### ପଲଶାଗୋରାରେ ମୁରାସୁର ଦରବାରର ତୃତୀୟ ସନ୍ଧ୍ୟା

## ମୁରାସୁରର ସଞ୍ଜିବନୀପୁର, ଯମଭୁବନ ଆକ୍ରମଣ

**ପଲଶାଗୋରା, ୧୦।୧୦(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ସ୍ୱସ୍ତିକ କ୍ଲବ ଦ୍ୱାରା ଆୟୋଜିତ ଗଜଲକ୍ଷ୍ମୀ ପୂଜା ଅବସରରେ ମୁରାସୁର ଦରବାର କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହୁଛି। ତୃତୀୟ ସନ୍ଧ୍ୟାରେ ମୁରାସୁରର ସଞ୍ଜିବନୀପୁର ଓ ଯମଭୁବନ ଆକ୍ରମଣ ଓ ପରାସ୍ତ ଉପରେ ରହିଥିବା ପୌରାଣିକ ବର୍ଣ୍ଣନାକୁ ନେଇ ନାଟକ ମଞ୍ଚସ୍ଥ ହୋଇଛି। ମୁରାସୁରଙ୍କ ରାଜକୀୟ ଅତିଥି ଭାବେ ବରିଷ୍ଠ ବିଜେଡି ନେତା ସୁଧୀର ମହାକୁଡ଼, ବିଜେପି ଯୁବନେତା ପିନାକ ରଣା, ସୋନପୁରର ବରିଷ୍ଠ ନେତା ପ୍ରକାଶ ଚନ୍ଦ୍ର ସାହୁ, ଓକିଲ ପ୍ରତାପ ସାହୁ ପ୍ରମୁକ ଯୋଗ ଦେଇଥିଲେ। ଏହି ସଭାକୁ ଅଚ୍ୟୁତ ଖମାରି ପରିଚାଳନା କରିଥିଲେ।



## ମେଧାବୀ ଛାତ୍ରଛାତ୍ରୀ ପ୍ରୋତ୍ସାହନ ବୃତ୍ତି ରାଶି ପ୍ରଦାନ



**ବୌଦ୍ଧ, ୧୦।୧୦(ସମିସ):** ବୌଦ୍ଧ ବ୍ଲକ ଲକ୍ଷ୍ମୀ ପ୍ରସାଦ ପଞ୍ଚାୟତ ଅଧୀନ ଜଗତି ଯୁଜି ହାଇସ୍କୁଲ ସଭାଗୃହରେ ରଞ୍ଜିତା ମହାନ୍ତି ସ୍ମୃତି ମେଧାବୀ ଛାତ୍ରଛାତ୍ରୀ ପ୍ରୋସାହନ ବୃତ୍ତି ପ୍ରୋତ୍ସାହନ ରାଶି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ଦେବେନ୍ଦ୍ର ଦେହୁରୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଶିକ୍ଷାଧିକାରୀ ଟେମଲାଲ ଦୁବେ ମୁଖ୍ୟ ଅତିଥି, ପୁରାତନ ଛାତ୍ର ଓ ଛାତ୍ରବୃତ୍ତି ଯୋଜନାର ସଂଯୋଜକ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିପ୍ରଚରଣ ମହାନ୍ତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଉତ୍ସବ ସାହୁ, ପୁରାତନ ଛାତ୍ର ତଥା ପଣ୍ଡିତ ସୁଶୀଲ ପାଣିଗ୍ରାହୀ, ଲୋପାମୁଦ୍ରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ମନୋଜ ଗୁରୁ, ସ୍ୱେଚ୍ଛାସେବୀ ବିଶି କେସନ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ୨୦୨୪ -୨୫ ହାଇସ୍କୁଲ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ବାଳିକା ବର୍ଗରୁ ଅହଲ୍ୟା ସେଠୀ ଓ ବାଳକ ବର୍ଗରୁ ଜଗନ ମେହେରଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଅର୍ଥରାଶି ପୁରସ୍କାର ସହିତ ଦେଇ ସମ୍ମାନିତ କରାଯାଇଥିଲା। ଶିକ୍ଷୟିତ୍ରୀ ସସ୍ମିତା ମହାରଣା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ସସ୍ମିତା ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଜୟଦେବ କଲତା, ହୃଦାନନ୍ଦ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ସଙ୍ଗୀତା ପାତ୍ର ପାଇଲେ ମୁଖ୍ୟମନ୍ତ୍ରୀ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର


**ବିରମହାରାଜପୁର, ୧୦।୧୦(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକର ପ୍ରକୃତିପ୍ରେମୀ ସଙ୍ଗୀତା ପାତ୍ରଙ୍କୁ ଜିଲ୍ଲା ବନ ବିଭାଗ ତରଫରୁ ୭୧ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର ପ୍ରଦାନ କରାଯାଇଛି। ସଙ୍ଗୀତା ପରିବେଶ ସୁରକ୍ଷା, ବନ୍ୟପ୍ରାଣୀଙ୍କ ସୁରକ୍ଷା ନିମନ୍ତେ ବ୍ୟାପକ ସଚେତନତା, ବିଲୁପ୍ତ ଘରଚଟିଆଙ୍କ ସଂରକ୍ଷଣ, ଆହତ ତଥା ଅସୁରକ୍ଷିତ ପଶୁପକ୍ଷୀଙ୍କୁ ଉଦ୍ଧାର କରି ସୁରକ୍ଷିତ ବାସସ୍ଥଳରେ ଛାଡ଼ିବା, ଗ୍ରୀଷ୍ମ ଋତୁରେ ଜୀବଜନ୍ତୁଙ୍କୁ ପ୍ରଚଣ୍ଡ ଖରାରେ ପାଣି ଯୋଗାଇବା, ପକ୍ଷୀଙ୍କ ପାଇଁ ଜଙ୍ଗଲରେ ମାଟିପତ୍ରରେ ପାଣି ଯୋଗାଇବା ଆଦି କାର୍ଯ୍ୟ କରିଥାଆନ୍ତି। ବାନାଗ୍ନି ନିରାକରଣ ଓ ଜଳବାୟୁ ପରିବର୍ତ୍ତନର ସ୍ଥିତିକୁ ସୁଧାର ଆଣିବା ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ସଙ୍ଗୀତା ନିଜ ପ୍ରଚେଷ୍ଟାରେ ଜାରି ରଖିଛନ୍ତି। ବନ୍ୟ ପ୍ରାଣୀ ସୁରକ୍ଷା ଦିଗରେ ତାଙ୍କ କାର୍ଯ୍ୟକୁ ପ୍ରଶଂସା କରି ଓଡ଼ିଶା ସରକାରଙ୍କ ତରଫରୁ ଜିଲ୍ଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ତାଙ୍କୁ ମାନପତ୍ର, ଉତ୍ତରୀୟ ସହ ୨୫ହାଜର ଟଙ୍କାର ଚେକ୍ ମୁଖ୍ୟ ଅତିଥି ଜିଲ୍ଲାପାଳ ଡ. ନୃପରାଜ ସାହୁଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଛି।

## ପ୍ରତ୍ୟେକ ଦିନ ଫାଳେ ଅଣ୍ଡା ଖାଇବାକୁ ପରାମର୍ଶ



**ବୌଦ୍ଧ, ୧୦।୧୦(ସମିସ):** ବୌଦ୍ଧ ଜିଲ୍ଲପାଳଙ୍କ ସଦ୍‌ଭାବନା ଗୃହରେ ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗ ଆୟୋଜନକ୍ରମେ ବିଶ୍ୱ ଅଣ୍ଡା ଦିବସ ପାଳିତ ହୋଇଛି। ପ୍ରଥମ ଅଧିବେଶନରେ ଏକ ଆଲୋଚନାଚକ୍ର ବୈଜ୍ଞାନିକ ଓ ଚାଷୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହାକୁ ବୌଦ୍ଧ ଉପ ଜିଲ୍ଲାପାଳ ବିନୟ ଭୋଇ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଉପ ନିର୍ଦ୍ଦେଶକ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟ ଡା. ଶୁଭେନ୍ଦୁ ଶେଖର ସାହୁ ପରିଚାଳନା କରିଥିଲେ। ଏଥିରେ ନ୍ୟୁଷ୍ଟ୍ରିସିଆନିଷ୍ଟ ସୁଚରିତା ତ୍ରିପାଠୀ ଅଣ୍ଡାର ଉପକାରିତା ଓ ଅପକାରିତା ଉପରେ ବିସ୍ତୃତ ଭାବରେ ଆଲୋକପାତ କରିଥିଲେ। ପ୍ରତ୍ୟେକ ଦିନ ଫାଳେ କୁକୁଡା ଓ ବତକ ଅଣ୍ଡା ଖାଇବାକୁ ପରାମର୍ଶ ଦେଇଥିଲେ। ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା ତପନ ଦ୍ୱିବେଦୀ ସଚେତନ କରାଇଥିଲେ।

## ବୌଦ୍ଧ ଜିଲ୍ଲାସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର



**ବୌଦ୍ଧ, ୧୦।୧୦(ସମିସ):** ସ୍ଥାନୀୟ ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବୌଦ୍ଧ ଜିଲ୍ଲାସ୍ତରୀୟ ବିଜ୍ଞାନ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ୍ ଦୁବେ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ଯୋଗ ଦେଇଥିଲେ। ବରିଷ୍ଠ ବିଜ୍ଞାନ ଶିକ୍ଷକ ସତ୍ୟନାରାୟଣ ସ୍ୱାଇଁ ସଭାପତିତ୍ୱ କରିଥିଲେ। ସବ୍ୟସଚୀ ମହିସାଲ୍ ଏବଂ ଅଶ୍ରୁମୋଚନ ପଣ୍ଡା ବିଚାରକ ଭାବେ ଦାୟିତ୍ୱ ନିଭାଇଥିଲେ। ଛାତ୍ରୀ ସ୍ୱାତୀ ସ୍ନେହା ସାସିନି ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟ ସ୍ତରରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆମ୍ବଗାଁ ଜନତା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମୌସୁମୀ ସୁନା ଦ୍ୱିତୀୟ ସ୍ଥାନ ଅଧବକାର କରିଛନ୍ତି। କଣ୍ଟାମାଳ ସରକାରୀ ଉଚ୍ଚ ବିଦ୍ୟାଳୟର ପୂର୍ଣ୍ଣମାସୀ ସାହୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜୟନ୍ତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ



**ବୌଦ୍ଧ, ୧୦।୧୦(ସମିସ)**

ବୌଦ୍ଧ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲା ତାଲିମକେନ୍ଦ୍ରଠାରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଛି। ଏହି ଦିବସ ପାଳନ ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଂଘମିତ୍ରା ପଣ୍ଡା ଅଧକ୍ଷତା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ଏକ ସଚେତନତା ପଦଯାତ୍ରାକୁ ସେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରା ଜିଲ୍ଲା ତାଲିମକେନ୍ଦ୍ରଠାରୁ ଆରମ୍ଭ ହୋଇଥିଲା। ଏହା ସହର ପରିକ୍ରମା କରି ଲୋକଙ୍କୁ ସଚେତନ କରିଥିଲା। ଏହି ପଦଯାତ୍ରାରେ ଆଶାକର୍ମୀ, ଏଏନଏମ ଛାତ୍ରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଓ ଅଧିକାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଂଘମିତ୍ରା ପଣ୍ଡା ଅଧକ୍ଷତା କରିଥିଲେ। ଏହି ବୈଠକରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସନ୍ତୋଷ ତ୍ରିପାଠୀ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରବାର କଲ୍ୟାଣ) ଡାକ୍ତର ଅମିତାଭ ଦାସ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡାକ୍ତର ସାନ୍ତା ନିବେଦିତା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡାକ୍ତର ନାରାୟଣ ପସାୟତ, ଡାକ୍ତର ପ୍ରବୀର ଦାସ, ସ୍ୱାସ୍ଥ୍ୟବିଭାଗର ଅନ୍ୟାନ୍ୟ କର୍ମଚାରୀ, ଆଶାକର୍ମୀ, ଏଏନଏମ ଛାତ୍ରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଉପସ୍ଥିତ ଥିଲେ। ଆମେ କିପରି ନିଜର ମାନସିକ ସ୍ୱାସ୍ଥ୍ୟପ୍ରତି ଯତ୍ନବାନ ହେବା ସେ ସମ୍ବନ୍ଧିତ ବିଭିନ୍ନ ବାର୍ତ୍ତା ଓ ଉପାୟମାନ ବକ୍ତାମାନେ ବୁଝାଇ କହିଥିଲେ। ଯେଉଁମାନେ ମାନସିକ ସ୍ୱାସ୍ଥ୍ୟ ଚିକିତ୍ସା ଆବଶ୍ୟକ କରୁଛନ୍ତି ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମାନସିକ ସ୍ୱାସ୍ଥ୍ୟ ବିଭାଗରେ ଚିକିତ୍ସିତ ହେବା ପାଇଁ ପରାମର୍ଶ ଦିଆଯାଇଥିଲା।

## ପୂଜା ପତ୍ରିକା 'ଭାଷା ବିକାଶ' ଉନ୍ମୋଚିତ



ବାଲେଶ୍ୱର, ୧୦।୧୦(ସମିସ): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ପୂଜାସଂଖ୍ୟା ପତ୍ରିକା 'ଭାଷା ବିକାଶ' ସ୍ଥାନୀୟ ସ୍ୱପ୍ନ ନାଟ୍ୟାଳୟରେ ଉନ୍ମୋଚିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଫକୀରମୋହନ ସାହିତ୍ୟ ପରିଷଦ ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ର ପତ୍ରିକାଟିକୁ ଉନ୍ମୋଚନ କରି ଏକ ଇଂରାଜୀ କବିତାର ଉଦାହରଣ ଦେଇ କହିଥିଲେ, 'ପ୍ରକୃତ ସାରସ୍ୱତ ସାଧକମାନେ ସଦାସର୍ବଦା ସର୍ଜନ କାର୍ଯ୍ୟରେ ନିଜକୁ ବ୍ୟସ୍ତ ରଖିଥାନ୍ତି। ଫଳରେ କାହାରି ପ୍ରତି ସେମାନଙ୍କର ଘୃଣା, ଦ୍ୱେଷ ବା ପରଶ୍ରୀକାତରତା ନଥାଏ'। ଅନୁଷ୍ଠାନ ସମ୍ପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପତ୍ରିକାଟିର ପ୍ରକାଶନ ଦିଗରେ ନାନା ବାଧାବିଘ୍ନ ସତ୍ତ୍ୱେ ସମସ୍ତଙ୍କର ସହଯୋଗରେ ସୁନ୍ଦର ହୋଇଥିବାରୁ କୃତଜ୍ଞତା ପ୍ରକାଶ କରିଥିଲେ। ଉପସଭାପତି ନାଟ୍ୟକାର ନିରଞ୍ଜନ ରାଉତ, ଅନ୍ୟତମ ଉପସଭାପତି ଗାଳ୍ପିକ ନିବାରଣ ଜେନା ଓ ପ୍ରତିଷ୍ଠାତା ସଦସ୍ୟ ଶରତ କୁମାର ମହାପାତ୍ର ଅନୁଷ୍ଠାନର ଦୀର୍ଘ ୧୫ ବର୍ଷର ସାରସ୍ୱତ ଯାତ୍ରା ସମ୍ପର୍କରେ ଅଭିବ୍ୟକ୍ତି ରଖିଥିଲେ। ସଂଗଠନ ସମ୍ପାଦକ ତପନ ରାୟ ଓଡ଼ିଆ ସାହିତ୍ୟର ବିକାଶ ନିମନ୍ତେ ପତ୍ରିକାରେ ଗବେଷଣାଧର୍ମୀ ଲେଖାଗୁଡ଼ିକୁ ପ୍ରକାଶ କରିବାରେ ଅଗ୍ରାଧିକାର ଦେବା ନିମନ୍ତେ ପ୍ରସ୍ତାବ ଦେଇଥିଲେ। କୋଷାଧ୍ୟକ୍ଷ ଦୀପକ ଘୋଷ ପତ୍ରିକା ପ୍ରକାଶନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସଭା ପୂର୍ବରୁ ଶ୍ରୀ ଘୋଷଙ୍କ ରଚନାରେ ଦୁର୍ଗାବନ୍ଦନା ଗୀତଟିକୁ କଲ୍ୟାଣୀ ନନ୍ଦଙ୍କ ସଙ୍ଗଯୋଜନାରେ ଅର୍ଚ୍ଚନା କର, ପୁଷ୍ପଲତା ଚକ୍ରବର୍ତ୍ତୀ, କବିତା ଜେନା, ପ୍ରିୟରାଣୀ ମଲ୍ଲିକ, ଶାନ୍ତି ବିଶି, ପୟୋଧି ମଲ୍ଲିକ ଓ ଅମିତା ଦାସ ପ୍ରମୁଖ ସମବେତ କଣ୍ଠରେ ଗାନ କରିଥିଲେ। ଡ. ଶିରୀଷ ଚନ୍ଦ୍ର ଜେନା, ଅଞ୍ଜଳି ପଣ୍ଡା ଓ ପଦ୍ମଲୋଚନ ପ୍ରଧାନ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଯୁଗ୍ମସମ୍ପାଦକ କୁମରନାଥ ପାତ୍ର ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ଅନ୍ୟତମ ଯୁଗ୍ମସମ୍ପାଦକ ଶାନ୍ତିଲତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲା କାରାଗାରକୁ ମନୋରଞ୍ଜନାତ୍ମକ ସାମଗ୍ରୀ ବଣ୍ଟନ




ବାଲେଶ୍ୱର, ୧୦।୧୦(ସମିସ): ରୋଟାରୀ କ୍ଲବ୍ ଅଫ ବାଲେଶ୍ୱର ପକ୍ଷରୁ ଆଜି ଜିଲ୍ଲା କାରାଗାରରେ ଅନ୍ତେବାସୀଙ୍କ ପାଇଁ ମନୋରଞ୍ଜନାତ୍ମକ ସାମଗ୍ରୀ ବଣ୍ଟନ କରାଯାଇଛି। ଏହି ଅବସରରେ କ୍ଲବ୍‌ର ଅଧ୍ୟକ୍ଷ ଦେବାଶିଷ ଦାସ, ସଚିବ କମଳକାନ୍ତ ମୁଦୁଲି ଯୋଗଦେଇ ରୋଟାରୀ କ୍ଲବ୍‌ର ଏହି ପଦକ୍ଷେପ ଦ୍ୱାରା ଅନ୍ତେବାସୀମାନେ ନିଜ ମନକୁ ସୁସଂଗଠିତ ରଖିବେ ଓ ସାମାଜିକ ଜୀବନ ପାଇଁ ପୁନଃ ପ୍ରସ୍ତୁତ ହେବେ ବୋଲି କହିଥିଲେ। କାରାଗାର ସୁପରିଣ୍ଟେଣ୍ଡେଣ୍ଟ ଓ କାରାଗାର ଅନ୍ୟ ଅଧିକାରୀମାନେ ରୋଟାରି କ୍ଲବ୍‌ର ଏହି ପ୍ରୟାସକୁ ସ୍ୱାଗତ କରି ଧନ୍ୟବାଦ ଜଣାଇଥିଲେ। ଏହି ଦିନଟିରେ ରୋଟାରୀ ସଦସ୍ୟମାନଙ୍କ ମଧ୍ୟରେ ପୂର୍ବତନ ଅଧ୍ୟକ୍ଷମାନେ, ଜ୍ୟେଷ୍ଠ ରୋଟାରିଆନ୍ ଓ ଯୁବ ସଦସ୍ୟମାନେ ଉପସ୍ଥିତ ଥିଲେ।

## ଜୋନ୍‌ସ୍ତରୀୟ ଦସ୍ତଖତ ଅଭିଯାନ ଓ ଶୋଭାଯାତ୍ରା

ବାଲେଶ୍ୱର, ୧୦।୧୦(ସମିସ): କଂଗ୍ରେସ ଦଳ ପକ୍ଷରୁ ସଦର ନିର୍ବାଚନ ମଣ୍ଡଳୀର ଶ୍ରୀରାମପୁର ପଞ୍ଚାୟତରେ ଜୋନ୍‌ସ୍ତରୀୟ ଦସ୍ତଖତ ଅଭିଯାନ ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କାଟୁଳଡିହା ଠାରୁ ଶୋଭାଯାତ୍ରା ଆରମ୍ଭ ହୋଇ ହଳଦୀପାଳ ପର୍ଯ୍ୟନ୍ତ




ଯାଇଥିଲା। ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଦାସଙ୍କ ନିର୍ଦ୍ଦେଶ କ୍ରମେ ଆଜି ଦଳର ଯୁବ ନେତା ସରୋଜ ଲେଙ୍କାଙ୍କ ନେତୃତ୍ୱରେ ଘର ଘର ଯାଇ କର୍ମୀମାନେ ଦସ୍ତଖତ ସଂଗ୍ରହ କରିଥିଲେ। ଏଥିସହ ଭୋଟ ଚୋରି ସମ୍ପର୍କରେ ବୁଝାଇବା ସହ ଏହା ଦ୍ୱାରା କିଭଳି ସମ୍ବିଧାନ ଓ ଗଣତନ୍ତ୍ରକୁ ନଷ୍ଟ କରାଯାଇ ଏକ ଛତ୍ରବାଦ ଶାସନ ପାଇଁ ଷଡ଼ଯନ୍ତ୍ର କରାଉଛି ସେ ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ସଦର ବ୍ଲକ ସଭାପତି ଜୟକୃଷ୍ଣ ବେହେରା, ରେମୁଣାର ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ଅମିତ ପତି, ଲିପୁ ମିଶ୍ର, ଭାଗବତ ଦାସ, ଦୈତାରୀ ଦଳେଇ, କାଳୀ ଚରଣ ଜେନା, ମନୋରଞ୍ଜନ ବେହେରା, ଜୁବୁଲି ପଣ୍ଡା ପ୍ରମୁଖ ଏହି ଅଭିଯାନରେ ସାମିଲ ହୋଇଥିଲେ।

### ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା

# ୬ଟି ବିଦ୍ୟାଳୟ ପାଇଁ ଆସିଛି ଟଙ୍କା; ଏଯାଏଁ ହୋଇନି ଶିଳାନ୍ୟାସ

ବାଲେଶ୍ୱର, ୧୦।୧୦(ସମିସ)

ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏଁ ପ୍ରାଥମିକ ଅତ୍ୟାଧୁନିକ ବିଦ୍ୟାଳୟ ହେବ। ପ୍ରାଥମିକ ବିଦ୍ୟାଳୟକୁ ଆଦର୍ଶ ବିଦ୍ୟାଳୟ ଭାବେ ସୁଦୃଢ଼ୀକରଣ କରାଯିବ। ଉନ୍ନତ ଭିତ୍ତିଭୂମି, ଗୁଣାତ୍ମକ ଶିକ୍ଷା ଓ ସାମଗ୍ରୀକ ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇ ପିଲାମାନଙ୍କର ମୌଳିକ ଜ୍ଞାନ ଓ ବୌଦ୍ଧିକ ବିକାଶକୁ ସୁଦୃଢ଼ କରିବା ଦିଗରେ ପଦକ୍ଷେପ ନିଆଯିବ। ଏସମସ୍ତ କାର୍ଯ୍ୟ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା'(ଜିଏମ୍‌ଏପିଭି) ରେ ହେବ ବୋଲି ନୂତନ ସରକାର ଘୋଷଣା କରିଥିଲେ। ଯୋଜନାରେ ବାଲେଶ୍ୱର ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ୬ଟି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୧୦୪ଟି ଅର୍ଥାତ୍ ସମୁଦାୟ ୧୧୦ଟି ବିଦ୍ୟାଳୟର ନାମ ତାଲିକା କରାଯାଇ ପଠାଯାଇଛି। ହେଲେ ପରିତାପର ବିଷୟ ଯେ ଏଯାଏଁ ଏହି ଯୋଜାନା ଶୁଭାରମ୍ଭ ହୋଇନାହିଁ। ପ୍ରଥମ ୬ଟି ବିଦ୍ୟାଳୟ ପାଇଁ ଟଙ୍କା ଆସିଛି ହେଲେ ଶିଳାନ୍ୟାସ ହୋଇନଥିବାରୁ ନିର୍ମାଣ କାମ ହୋଇପାରୁନଥିବା ଡିଇଓ ଆଣ୍ଡ ଡିପିସି କାର୍ଯ୍ୟାଳୟରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ରାଜ୍ୟରେ ନୂତନ ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରାଥମିକ ଶିକ୍ଷାର ଉନ୍ନତୀକରଣ ପାଇଁ ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଥିଲେ। ଏଥିରେ ରାଜ୍ୟରେ ଖୁବ୍ ଶୀଘ୍ର 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା'ର ଶୁଭାରମ୍ଭ କରାଯିବ ବୋଲି ସୂଚନା ଦେଇଥିଲେ। ଏହି ଯୋଜନା ଅନୁଯାୟୀ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏଁ ଅତ୍ୟାଧୁନିକ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କରାଯିବ। ରାଜ୍ୟରେ ସମୁଦାୟ ୬, ୭୯୪ଟି ବିଦ୍ୟାଳୟ ନିର୍ମାଣ କରାଯିବ। ସତ୍ୟବାଦୀ ବନ ବିଦ୍ୟାଳୟରେ ଯେପରି ଏକ ଆଦର୍ଶ ଶିକ୍ଷା ପରିବେଶ ଥିଲା, ସେହିଭଳି ଏହି ବିଦ୍ୟାଳୟଗୁଡ଼ିକରେ ମଧ୍ୟ ପିଲାମାନଙ୍କ ପାଇଁ ଆଦର୍ଶ ଶିକ୍ଷା ପରିବେଶ ସୃଷ୍ଟି କରିବାକୁ ଲକ୍ଷ୍ୟ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏଥିରେ ବିଶେଷ କରି ପିଲାମାନଙ୍କର ଭାଷା ଜ୍ଞାନ ଓ ମୌଳିକ ଗାଣିତିକ ଜ୍ଞାନ ଉପରେ ଗୁରୁତ୍ୱ ଆରୋପ କରାଯିବ। ଏହାଦ୍ୱାରା ପିଲାମାନେ ଉଚ୍ଚତର ଶ୍ରେଣୀରେ ସହଜରେ ଶିକ୍ଷା ଗ୍ରହଣ କରିପାରିବେ। ଉନ୍ନତ ଭିତ୍ତିଭୂମି, ଗୁଣାତ୍ମକ ଶିକ୍ଷା ଓ ସାମଗ୍ରୀକ ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇ ପିଲାମାନଙ୍କର ମୌଳିକ ଜ୍ଞାନ ଓ ବୌଦ୍ଧିକ ବିକାଶକୁ ସୁଦୃଢ଼ କରିବା

- ଜିଏମ୍‌ଏପିଭି ଯୋଜନାରେ ଜିଲ୍ଲାର ୧୧୦ ବିଦ୍ୟାଳୟ ତାଲିକା ପ୍ରସ୍ତୁତ
- ୨୦୨୪-୨୫ ବର୍ଷରେ ୬ଟି, ୨୦୨୫-୨୬ ବର୍ଷରେ ୧୦୪ଟି ବିଦ୍ୟାଳୟ
- ୩୫୬ଟି ପଞ୍ଚାୟତର ୧୧୦ଟି ବିଦ୍ୟାଳୟ ଟାର୍ଗେଟ, କିଛି ପଦକ୍ଷେପ ନାହିଁ

ଦିଗରେ ପଦକ୍ଷେପ ନିଆଯିବ। ଏହି ଯୋଜନାରେ ନୂଆ କ୍ଲାସ ରୁମ୍, ବାଳକ ଓ ବାଳିକାମାନଙ୍କ ପାଇଁ ପୃଥକ ଟଏଲଟର ବ୍ୟବସ୍ଥା, ପ୍ରାଚୀର ନିର୍ମାଣ, ସବୁଜ ପରିବେଶ, ଡିଜିଟାଲ ଲାଇବ୍ରେରୀ ଓ ଲାଙ୍ଗୁଏଜ୍ ଲ୍ୟାବ୍, ଖେଳପଡ଼ିଆ, ଡାଇନିଂ ହଲ୍, କମ୍ପ୍ୟୁଟର ଓ ସ୍ମାର୍ଟବୋର୍ଡ ଆଦିର ବ୍ୟବସ୍ଥା କରାଯିବ। ଏହାସହିତ କ୍ରୀଡ଼ା, ଶାରୀରିକ ବ୍ୟାୟମ ଏବଂ ସାମାଜିକ ଓ ସାଂସ୍କୃତିକ ଶିକ୍ଷା ଉପର ମଧ୍ୟ ଗୁରୁତ୍ୱ ଦିଆଯିବ। ହେଲେ ବର୍ତ୍ତମାନ ସୁଦ୍ଧା ଏହି ଯୋଜନା କାର୍ଯ୍ୟକାରୀ ହୋଇନାହିଁ। ମିଳିଥିବା ସୂଚନାନୁଯାୟୀ, ଏହି ଯୋଜନାରେ ବାଲେଶ୍ୱର ଜିଲ୍ଲାର ୧୨ଟି ବ୍ଲକର ୩୬୫ ପଞ୍ଚାୟତର ୩୬୫ ବିଦ୍ୟାଳୟର ସାମିଲ କରାଯିବ। ୨୦୨୪-୨୫ ବର୍ଷରେ ୬ଟି ଏବଂ ୨୦୨୫-୨୬ ବର୍ଷରେ ୧୦୪ ଟି ବିଦ୍ୟାଳୟ ତାଲିକା ପ୍ରସ୍ତୁତ କରାଯାଇ ସରକାରଙ୍କୁ ପଠାଯାଇଛି। ବାହାନଗା ବ୍ଲକର ୨୪ ପଞ୍ଚାୟତର ୭ଟି, ବାଲିଆପାଳର ୨୮ଟି ପଞ୍ଚାୟତର ୯ଟି, ଭୋଗରାଇର ୫୦ ପଞ୍ଚାୟତର ୧୬ଟି, ବସ୍ତା ବ୍ଲକର ୩୧ ପଞ୍ଚାୟତର ୧୦ଟି, ଖଇରା ବ୍ଲକର ୩୭ଟି ପଞ୍ଚାୟତର ୧୧ଟି, ଜଳେଶ୍ୱରର ୩୫ ପଞ୍ଚାୟତର ୧୧ଟି, ରେମୁଣାର ୩୨ ପଞ୍ଚାୟତର ୧୦ଟି, ନୀଳଗିରିର ୨୫ ପଞ୍ଚାୟତର ୮ଟି, ଔପଦାର ୧୧ ପଞ୍ଚାୟତର ୩ଟି, ସଦରର ୩୭ ପଞ୍ଚାୟତର ୧୧ଟି, ସିମୁଳିଆର ୨୨ ପଞ୍ଚାୟତର ୭ଟି ଏବଂ ସୋରର ୨୪ ପଞ୍ଚାୟତର ୭ଟି ବିଦ୍ୟାଳୟକୁ ତାଲିକାଭୁକ୍ତ କରାଯାଇଛି। ତେବେ ସମ୍ପୃକ୍ତ ସ୍କୁଲର ସିଭିଲ୍ କାର୍ଯ୍ୟ ସମ୍ପାଦନ ଏବଂ ଡିପିଆର ପ୍ରସ୍ତୁତି ପାଇଁ ଗ୍ରାମୀଣ ନିର୍ମାଣ ବିଭାଗ ବାଲେଶ୍ୱରର ଅଧିକ୍ଷକ ଯନ୍ତ୍ରୀଙ୍କୁ ୬ଟି ସ୍କୁଲ ପାଇଁ ୧୫୦୦.୦୦ ଲକ୍ଷ (ପ୍ରତି ସ୍କୁଲ ପାଇଁ ୨୫୦.୦୦ ଲକ୍ଷ ଟଙ୍କା) ପ୍ରଦାନ କରାଯାଇସାରିଛି ବୋଲି ଦିଶା ବୈଠକ ତଥା ପୁସ୍ତକରେ ସୂଚନା ଦିଆଯାଇଛି। ଏବାବଦରେ ଜିଲ୍ଲା ଶିକ୍ଷା ଅଧିକାରୀ ବସନ୍ତ ନାୟକଙ୍କୁ ପଚାରିବାରୁ ଏବାବଦରେ ପ୍ଲାନିଂ କୋର୍ଡିନେଟରଙ୍କୁ ଯୋଗାଯୋଗ କରିବାକୁ ସୂଚନା ଦେଇଥିଲେ। ଏନେଇ ଚିଠି ଆସିବା ପରେ ଜିଲ୍ଲା କମିଟି ବୈଠକ ହୋଇଥିଲା। ଗାଇଡଲାଇନ୍ ଅନୁସାରେ ସମସ୍ତ ବିଧାୟକ, ବିଇଓ, ଡିଇଓ ଏବଂ ଜିଲ୍ଲାପାଳଙ୍କ ଉପସ୍ଥିତିରେ ବିଦ୍ୟାଳୟ ନାମ ଚୟନ କରି ତାଲିକା କରାଯାଇ ପଠାଯାଇଛି। ଆମ ଜିଲ୍ଲା ପାଇଁ ୧୧୦ଟି ବିଦ୍ୟାଳୟ ତାଲିକା ପଠାଯାଇଛି। ହେଲେ କିଛି ଆପ୍ରୋଭାଲ୍ ହୋଇନାହିଁ। ବର୍ତ୍ତମାନ ସୁଦ୍ଧା ତାଲିକାଭୁକ୍ତ ବିଦ୍ୟାଳୟଗୁଡ଼ିକ ମଞ୍ଜୁର ହୋଇନାହିଁ। ଟଙ୍କା ଆସିଛି, ହେଲେ କୌଣସି ସ୍କୁଲକୁ ଯାଇନାହିଁ। ଶିଳାନ୍ୟାସ ହେଲେ ହିଁ କିଛି କାମ ହୋଇପାରିବ। ସରକାରଙ୍କ ତରଫରୁ କିଛି କାମ ପାଇଁ ନିର୍ଦ୍ଦେଶ ବା ଚିଠି ଆସିନାହିଁ। ଶିଳାନ୍ୟାସ ହେଲେ ନିର୍ମାଣ କାମ ହେବ ବୋଲି ସୂଚନା ମିଳିଛି।

## ମଦଦୋକାନ ଖୋଲିବା ବିରୁଦ୍ଧରେ ପ୍ରତିବାଦ



ବାଲେଶ୍ୱର, ୧୦।୧୦(ସମିସ): ମିଳିତ ନିଶା ନିବାରଣ ଅଭିଯାନ (ମନା)ର ବୈଠକ ନେଳିଆବାଗସ୍ଥିତ ଅଫିସଗୃହରେ ସଭାପତି ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ତରଫରୁ ବାଲେଶ୍ୱର ଜିଲ୍ଲାରେ ବନ୍ଦ ହୋଇଥିବା ୧୭ଟି ମଦ ଦୋକାନ ପୁଣି ଖୋଲାଯିବା ପ୍ରସ୍ତାବ ବିରୋଧରେ ବୈଠକରେ ଆଲୋଚନା କରାଯାଇଥିଲା। ଏହାକୁ ବିରୋଧ କରି ସରକାରଙ୍କୁ ଏସମ୍ବନ୍ଧରେ ସ୍ମାରକପତ୍ର ଦେବାପାଇଁ ସିଦ୍ଧାନ୍ତ ନିଆଗଲା। ଉକ୍ତ ବୈଠକରେ ବରିଷ୍ଠ ଉପଦେଷ୍ଟା ସୁବ୍ରତ କର, ଡ. କେଶବ ଚରଣ ପଣ୍ଡା, ସମ୍ପାଦିକା ସୁଶ୍ରୀ ଗୀତାଞ୍ଜଳି ସିଂହ, ଡ. କ୍ଷିତୀଶ୍ୱର ଦାଶ, ପ୍ରଫୁଲ୍ଲ ଦାସ, ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ଲକ୍ଷ୍ମଣ ଚରଣ ବିଶ୍ୱାଳ, ପ୍ରଭାକର ସାହୁ (ଖ), ସୁନାମଣି ଜେନା, ରବିନାରାୟଣ ଭୋଳ, ଶଚୀନ୍ଦ୍ର ଦାସ, ସନାତନ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ବେଣୁଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶକ୍ତି ନଗରରେ ରାସ୍ତା ଓ ଡ୍ରେନ୍ ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ ଉତ୍ସବ

ବାଲେଶ୍ୱର, ୧୦।୧୦(ସମିସ): ବାଲେଶ୍ୱର ପୌରପାଳିକା ଅଧୀନ ୱାର୍ଡନମ୍ବର ୨୦ର ଶକ୍ତିନଗର ଗ୍ରାମରେ କଂକ୍ରିଟ ରାସ୍ତା ଓ ଡ୍ରେନ ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ମାନସ କୁମାର ଦତ୍ତ ଏବଂ ସମ୍ମାନିତ ଅତିଥି ପୌରାଧ୍ୟକ୍ଷା



ସବିତା ସାହୁ, ୱାର୍ଡ ନମ୍ବର ୨୦ ଓ ୨୧ର କାଉନସିଲର ଯଥାକ୍ରମେ ନିରୂପମା ଦାଶ ଓ ଚିତ୍ତରଞ୍ଜନ ପଣ୍ଡା, ସମାଜସେବୀ ଶୈଳେନ୍ଦ୍ର ପ୍ରସାଦ ଦାଶ, ସୀତାକାନ୍ତ ସ୍ୱାଇଁ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଶକ୍ତିନଗର ଆଞ୍ଚଳିକ ଉନ୍ନୟନ କମିଟିର ସଭାପତି କିଶୋର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ସଭା ଆୟୋଜିତ ହୋଇଥିଲା। ସଭାରେ ଆଞ୍ଚଳିକ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଶକ୍ତିନଗର ଏବଂ ଉଦୟନଗର ଅଞ୍ଚଳରେ ରାସ୍ତାଘାଟ ଓ ଡ୍ରେନ ନିର୍ମାଣ ଇତ୍ୟାଦି କାର୍ଯ୍ୟରେ ଗୁରୁତ୍ୱ ଦେଇ କାର୍ଯ୍ୟ ଆଗେଇ ନେବାକୁ ଅତିଥିମାନେ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଆଞ୍ଚଳିକ ଉନ୍ନୟନ କମିଟିର ସମ୍ପାଦକ ଚିତ୍ରେଶ୍ୱର ମହାନ୍ତି, ସହସମ୍ପାଦକ ଶମ୍ଭୁନାଥ ବିଶ୍ୱାଳ, କୋଷାଧ୍ୟକ୍ଷ ମନୋରଞ୍ଜନ ମିଶ୍ର, କାର୍ଯ୍ୟକାରୀ ସଦସ୍ୟସଦସ୍ୟା ଉଷାରାଣୀ ରାଜ୍, ସୁଜାତା ଜେନା, ବନ୍ଦନା ରାଉତ, ସସ୍ମିତା ଦାସ, ସାବିତ୍ରୀ ସାହୁ, ଶିତଳା ଦାସ, ଯୋଗଜ୍ୟୋତିଷ୍ମାନ୍ ଗିରି, ହରେକୃଷ୍ଣ ନନ୍ଦ, ରଘୁନାଥ ରାଉତ, ବସନ୍ତ ଖୁଣ୍ଟିଆ, ହରିହର ପାଣିଗ୍ରାହୀ, ବାପୁନ୍ ପାତ୍ର ଏବଂ ଶକ୍ତି ନଗର ଡେଭଲପମେଣ୍ଟ କମିଟିର କାର୍ଯ୍ୟକର୍ତ୍ତା ରାଜେନ୍ଦ୍ର ଜେନାଙ୍କ ସମେତ ବିପିନ୍ ବିହାରୀ କର, କୃଷ୍ଣଚନ୍ଦ୍ର ମାଝୀ, ରାୟବାବୁ ଏବଂ ଉଦୟଶକ୍ତି ବିକାଶ ମଞ୍ଚର କାର୍ଯ୍ୟକର୍ତ୍ତା ଭାସ୍କର ଚନ୍ଦ୍ର ପାଢ଼ି, କରୁଣାକର ମହାପାତ୍ର, ସଞ୍ଜୟ ରାଉତ ଓ ନାରୀନେତ୍ରୀ ଧରିତ୍ରୀ ଓ ସଚଳା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଶିକ୍ଷାବିତ କରୁଣାକର ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଏଫ୍‌ଏମ୍‌ୟୁରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

ବାଲେଶ୍ୱର, ୧୦।୧୦(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟ ପ୍ରୟୋଗିକ ମନୋବିଜ୍ଞାନ ବିଭାଗ ପକ୍ଷରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଇଛି। ଚଳିତବର୍ଷ ଏହି ଦିବସର ମୁଖ୍ୟ ବିଷୟ ଥିଲା 'ଆପାତକାଳୀନ ପରିସ୍ଥିତିରେ ମନୋସ୍ୱାସ୍ଥ୍ୟ ସେବା ପ୍ରାପ୍ୟତା'। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ସମସ୍ତଙ୍କୁ




ଜୀବନର ବିପଦ ସମୟରେ ମନୋବଳ ଧାରଣ କରି ସତ୍ୟ, ଶାନ୍ତି ଓ ସୁସ୍ଥ ମନୋଭାବ ସହ ଆଗକୁ ବଢ଼ିବାକୁ ପ୍ରେରିତ କରିଥିଲେ। ମୁଖ୍ୟଅତିଥି ଭାବେ ଉତ୍କଳ ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଉଦୟନାଥ ଦାଶ ନିଜ ଅଭିଭାଷଣରେ 'ଶୁଣିବା, ଶିଖିବା ଓ ଯତ୍ନଶୀଳ ହେବା' ବିଷୟରେ ଅତ୍ୟନ୍ତ ପ୍ରେରଣାଦାୟକ ବ୍ୟାଖ୍ୟାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡ. ସୋମଦେବ ମିତ୍ର ଯୋଗଦେଇ 'ମନୋସ୍ୱାସ୍ଥ୍ୟ ଯନ୍ତ୍ରଣାରୁ ସମୃଦ୍ଧି ପର୍ଯ୍ୟନ୍ତ ଯାତ୍ରା' ବିଷୟରେ ଅତ୍ୟନ୍ତ ସୁବୋଧ ଓ ଦୃଷ୍ଟାନ୍ତମୂଳକ ଉପସ୍ଥାପନା କରିଥିଲେ। ସଭା ମାଧ୍ୟମରେ ଅଂଶଗ୍ରହଣକାରୀମାନେ ମନୋରୋଗ ସମ୍ପର୍କିତ ଅନ୍ଧବିଶ୍ୱାସକୁ ଦୂରକରି ପ୍ରାଞ୍ଜଳ ଆଲୋଚନା ଓ ସାମୂହିକ ସଚେତନତା ବୃଦ୍ଧିରେ ଆଗକୁ ଆସିବାର ପ୍ରୟାସ କରିଥିଲେ। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ପରିକଳ୍ପନାରେ ୧୧ ଅକ୍ଟୋବରରେ ବିଭାଗ ପକ୍ଷରୁ 'ଶୁଣିବା ଦକ୍ଷତା ପରାମର୍ଶ ଓ ମନୋନିଦାନର କେନ୍ଦ୍ରବିନ୍ଦୁ' ନାମକ ଜାତୀୟ କାର୍ଯ୍ୟଶାଳା ଆୟୋଜନ କରାଯାଇଛି। ଏହି ଦୁଇଦିନିଆ କାର୍ଯ୍ୟକ୍ରମଟି, ମୁଖ୍ୟ ପ୍ରଯୋଜକ ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ (କୁଳପତି), ପ୍ରଯୋଜକ ପ୍ରଫେସର ଭାସ୍କର ବେହେରା (ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ), ସମ୍ପାଦିକା ଡ. ରାଜଶ୍ରୀ ଦତ୍ତ (ସଂଯୋଜିକା, ପ୍ରୟୋଗୀକ ମନୋବିଜ୍ଞାନ ବିଭାଗ), ଓ ସହସମ୍ପାଦକ ଶଶାଙ୍କ ଶେଖର ଗଡ଼ନାୟକ, ଜସ୍ମିନ ସାମନ୍ତରାୟ ଓ ଜୟନ୍ତୀ ମାଳା ପ୍ରମୁଖଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା।

## ଇନ୍ଦ୍ରଧନୁ ପକ୍ଷରୁ କୁମାର ଉତ୍ସବ



ବାଲେଶ୍ୱର, ୧୦।୧୦(ସମିସ): ନୃତ୍ୟ ସଙ୍ଗୀତ କଳାମନ୍ଦିର ଓ ପୁରାତନ ଛାତ୍ର ସଂସଦର ମିଳିତ ସହଯୋଗରେ ଇନ୍ଦ୍ରଧନୁ ଅନୁଷ୍ଠାନ ପକ୍ଷରୁ ଟାଉନହଲରେ କୁମାର ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ, ସମ୍ମାନିତ ଅତିଥି ବସ୍ତା ବିଧାୟିକା ସୁବାସିନୀ ଜେନା, ବିଶିଷ୍ଟ ଅଭିନେତା ତନ୍ମୟ ମିଶ୍ର ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ସଂଗଠକ ଶରତ ଚନ୍ଦ୍ର ଦାଶ କୁମାର ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। କାର୍ଯ୍ୟକାରୀ ସଭାପତି ସୁଜିତ ଦେବଙ୍କ ପୌରୋହିତ୍ୟରେ ପରିଚାଳିତ ହୋଇଥିଲା। ସମ୍ପାଦକ ବ୍ରହ୍ମନାଥ ରଥ ପ୍ରାକ ସୂଚନା ପ୍ରଦାନ କରିଥିଲେ। ନୃତ୍ୟ ସଙ୍ଗୀତ କଳାମନ୍ଦିରର ସମ୍ପାଦକ ଲକ୍ଷ୍ମୀନାରାୟଣ ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ନୃତ୍ୟ ସଙ୍ଗୀତ କଳାମନ୍ଦିରର ୪୦ଜଣ ଛାତ୍ରଛାତ୍ରୀ ଗୁରୁ ଭାସ୍କର ଚନ୍ଦ୍ର ଗୁଲାରଙ୍କ ନେତୃତ୍ୱରେ ବ୍ରଜନାଥ ରଥ ଓ ସୁକୁମାର ସାହୁଙ୍କ ନିର୍ଦ୍ଦେଶିତ କୁମାର ପୂର୍ଣ୍ଣିମା ସଙ୍ଗୀତ ଗାନ କରିଥିଲେ। ସଭା ପରେ ସ୍କୁଲର ୧୨୦ ଜଣ ଛାତ୍ରୀ କୁମାର ପୂର୍ଣ୍ଣିମା ଗୀତରେ ନୃତ୍ୟ ପରିବେଷଣ କରିଥିଲେ। ଏହି ନୃତ୍ୟ ଗୁରୁ ଉର୍ମିଳା ସାହୁଙ୍କ ନିର୍ଦ୍ଦେଶନାରେ କରାଯାଇଥିଲା। ସହଯୋଗ କରିଥିରେ ଶିକ୍ଷୟିତ୍ରୀ ପ୍ରଜ୍ଞା ପାରମିତା ପାତ୍ର ଓ ଅରୋଦିଆ ସ୍ୱାଇଁ।

# ଦୀର୍ଘଦିନ ଧରି ଅବହେଳିତ ହୋଇପଡ଼ିଛି ରାସ୍ତା

ବାଲେଶ୍ୱର, ୧୦।୧୦(ସମିସ)

ଦୀର୍ଘଦିନ ଧରି ଅବହେଳିତ ହୋଇପଡ଼ିଛି ସଦର ବ୍ଲକ ଅଧୀନ ଗେଙ୍ଗୁଟି ପଞ୍ଚାୟତ ଜମ୍ବେଶ୍ୱରପୁର ଗ୍ରାମର ରାସ୍ତା। ଯାହା ଜନଜାତି, ଉପଜାତି ଓ ଆର୍ଥିକ ଅନଗ୍ରସର ବର୍ଗକୁ ନେଇ ଗଢ଼ା ତିନୋଟି ବସ୍ତିକୁ ସଂଯୋଗ କରୁଥିବା ଗ୍ରାମର ପ୍ରମୁଖ ରାସ୍ତା। ପ୍ରାୟ ଅଧକିଲୋମିଟରରୁ ଅଧିକ ଥିବା ରାସ୍ତାଟି ଅବହେଳିତ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ମରଣଯନ୍ତା ପାଲଟିଛି। ୩୦ରୁ ଅଧିକ ପରିବାରର ଛାତ୍ରଛାତ୍ରୀ, କୃଷକ, ଶ୍ରମିକ, ଦିବ୍ୟାଙ୍ଗ ବାସିନ୍ଦାଙ୍କ ନିୟମିତ ବ୍ୟବହାର କରୁଥିବା ରାସ୍ତାଟିର ଦୁରାବସ୍ଥା ବାବଦରେ ଖବର ପ୍ରକାଶ ପାଇବା ପରେ ଆଞ୍ଚଳିକ ସୁରକ୍ଷା ମଞ୍ଚର ସଭାପତି କମଳ ଲୋଚନ ରାଉତଙ୍କ ସହିତ ସଂଗଠନର କର୍ମକର୍ତ୍ତାମାନେ ସହଯୋଗର ହାତ ବଢ଼ାଇଥିଲେ। ସେମାନଙ୍କର ଏକ ସ୍ୱତନ୍ତ୍ର ପ୍ରତିନିଧି ଦଳ ପରିଦର୍ଶନରେ ଆସି ପରିସ୍ଥିତିର ଗୁରତ୍ୱତାକୁ ଉପଲବ୍ଧି କରି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଆଶୁ ନିର୍ମାଣ ନହେଲେ ଅବହେଳିତ ବର୍ଗର ମୌଳିକ ଅଧିକାର ଲାଭ ପାଇଁ ଜନ ଆନ୍ଦୋଳନ ଓ ଧାରଣା ଦେବା ପାଇଁ ଲିଖିତ ଭାବେ ଜିଲ୍ଲାପାଳଙ୍କୁ ଜଣାଇଥିଲେ। ସେହି ବସ୍ତିରେ ଭିନ୍ନକ୍ଷମ ଜାତୀୟ ତଥା ପ୍ରତିଭାବାନ ଭିନ୍ନକ୍ଷମ କ୍ରୀଡ଼ାବିତ ସୁଧାକର ସେଠୀ ୯୦ ଶତକଡା ଅସ୍ଥିଶଲ୍ୟ ଦିବ୍ୟାଙ୍ଗ ହୋଇଥିବାସ୍ଥଳେ ରାସ୍ତାଟି ଏମିତି ଅବହେଳିତ ହୋଇପଡ଼ିବା ଏବଂ ସ୍ଥାୟୀ ନିର୍ମାଣ ନହେବା



ତଦନ୍ତ କଲେ ସଦର ବିଡିଓଙ୍କ ସହ ସ୍ୱତନ୍ତ୍ର ଟିମ

ଅଞ୍ଚଳବାସୀଙ୍କ ପାଇଁ ଦୁଃଖର କାରଣ ପାଲଟିଛି। କାଦୁଅ ପଚପଚ ସଡ଼କ ହେତୁ ବସ୍ତିର ପିଲାମାନଙ୍କୁ ପାଠପଢ଼ିବାକୁ ଯିବା କଷ୍ଟକର ହୋଇପଡ଼ିବା ସହ କୌଣସି ଜରୁରୀକାଳୀନ ଗାଡି ସେବା ପ୍ରଦାନ ପାଇଁ ବସ୍ତି ଭିତରେ ପଶିପାରୁନାହିଁ। ଶଯ୍ୟାଶାୟୀ ବୟସାଧିକ ପାଇଁ ଆଶୁ ସେବା ଏହି ପରିସ୍ଥିତିରେ କୌଣସିମତେ ସମ୍ଭବ ନୁହେଁ। ଉଚ୍ଚପଦସ୍ତ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବାଲେଶ୍ୱର ସଦର ବିଡିଓଙ୍କ ସହ ୯ ଜଣିଆ ସ୍ୱତନ୍ତ୍ର ଟିମଙ୍କ ସହ ସ୍ଥାନୀୟ ସରପଞ୍ଚଙ୍କ ସ୍ୱାମୀ ସତ୍ୟନାରାୟଣ ଆଚାର୍ଯ୍ୟ ସ୍ଥାୟୀ ନିର୍ମାଣ ପାଇଁ ଆବେଦନ କରାଯାଇଥିବା ରାସ୍ତାକୁ ବୁଲି ଦେଖିବାସହ ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରିଥିଲେ। ରାସ୍ତାଜନିତ ସମସ୍ୟାରେ ପୀଡିତ ଅଧିବାସୀ ବନପ୍ରଭା ପ୍ରଧାନ, କିଶୋର କୁମାର ବେହେରା, ବାସନ୍ତୀ ପ୍ରଧାନ, ଅଜୟ ଦାସ, ଜିତେନ୍ଦ୍ର ଦାସ, ଜ୍ଞାନମଣୀ ବେହେରା, ନିଶାକର ସେଠୀ ପ୍ରମୁଖ ଯାତାୟାତ ଅନୁପଯୋଗୀ ଗ୍ରାମାଞ୍ଚଳ ରାସ୍ତାଟି ସ୍ଥାୟୀ ପକ୍କା ସଡ଼କ ନିର୍ମାଣ ପାଇଁ ଜଣାଇଥିଲେ। ସଦର ବିଡିଓ ଯାତାୟାତ ଅନୁପଯୁକ୍ତ ରାସ୍ତାଟିର ପରିସ୍ଥିତି ସୁଧାରିବା ପାଇଁ ଆଶୁ ନିର୍ମାଣର ପ୍ରତିଶ୍ରୁତି ଦେଇଥିଲେ। ଅବହେଳିତ ବସ୍ତିର ନବନିର୍ମାଣ ଅପେକ୍ଷାରେ ଥିବା ରାସ୍ତା ଆଶୁ ନିର୍ମାଣ ପାଇଁ ସଦର ବିଡିଓଙ୍କ ପ୍ରତିଶ୍ରୁତି ବସ୍ତିବାସିନ୍ଦାଙ୍କୁ ଆଶାରେ ଆଲୋକ ଦେଖାଇଛି।

# ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ ପାଳିତ




ବାଲେଶ୍ୱର, ୧୦।୧୦(ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ନୂତନ ଅଡିଟୋରିୟମରେ ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ-୨୦୨୫ପାଳିତ ହୋଇଯାଇଛି। ଏହି ଦିବସ ପାଳନ ଅବସରରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲ୍ଲାର ବରିଷ୍ଠ ନାଗରିକ ମଞ୍ଚର ଉପଦେଷ୍ଟା ଅନ୍ତର୍ଯ୍ୟାମୀ ନାୟକ ପୌରୋହିତ୍ୟ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରଶାସନ ବାଲେଶ୍ୱର, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜନ କରାଯାଇଥିଲା। ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ଦାସ ମଞ୍ଚ ପରିଚାଳନା କରିଥିଲେ। ଏହି ଦିବସ ପାଳନ ଅବସରରେ ଏକ ମନୋଜ୍ଞ ଯୋଗ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ପରେ ବରିଷ୍ଠ ନାଗରିକମାନଙ୍କ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ମୁଖ୍ୟବକ୍ତା ଭାବେ ଭାରତ ସରକାରଙ୍କ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ, ପୂର୍ବତନ ଅତିରିକ୍ତ ନିର୍ଦ୍ଦେଶକ ରାମକୃଷ୍ଣ ଶର୍ମା ସମେତ ସମସ୍ତ ଅତିଥି ଜଗନ୍ନାଥଙ୍କ ନିକଟରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିଭା ବେହେରା ଅତିଥି ପରିଚୟ, ସ୍ୱାଗତ ସମ୍ବର୍ଦ୍ଧନା ଏବଂ ଏହି ଦିବସ ପାଳନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସରକାରଙ୍କ ବରିଷ୍ଠ ନାଗରିକ ଆଇନ-୨୦୧୬ ଅନୁଯାୟୀ ସରକାରୀ ସହାୟତା, ବିଭିନ୍ନ ପ୍ରକାରର ସାମାଜିକ ସମସ୍ୟାରେ ସମ୍ମୁଖୀନ ହେବା, ଘରୋଇ ହିଂସା ପ୍ରସଙ୍ଗରେ ବକ୍ତବ୍ୟ ରଖିବା ସହିତ ପ୍ରଶାସନ ତରଫରୁ ବରିଷ୍ଠ ନାଗରିକ ପରିଚୟପତ୍ର, ସାମାଜିକ ସମ୍ମାନ, ନ୍ୟାୟ, ଚିକିତ୍ସାଳୟରେ ସ୍ୱତନ୍ତ୍ର ବ୍ୟବସ୍ଥା, ଯାତ୍ରା(ବସ୍, ରେଳଭଡ଼ା) ରିହାତି, ବରିଷ୍ଠଙ୍କ ଆଶ୍ରୟସ୍ଥଳ ନିର୍ମାଣ ଦାବି ଉପସ୍ଥାପନ କରାଯାଇଥିଲା। ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ବାଲେଶ୍ୱର ସଦର ଉପଜିଲ୍ଲାପାଳ ଶିବ ମାଳବ୍ୟ ବରିଷ୍ଠଙ୍କ ନିମନ୍ତେ ସମସ୍ତ ସାହାଯ୍ୟ ସହଯୋଗ କରିବା ପାଇଁ ସମ୍ମତି ପ୍ରକାଶ କରିଥିଲେ। ଶେଷରେ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟ ଗୌରାଙ୍ଗ ପାଣିଗ୍ରାହୀ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ଦିବସ ପାଳନ ଅବସରରେ ଉପସ୍ଥିତ ସମସ୍ତ ଅତିଥିଙ୍କ ସମେତ ପୂର୍ବତନ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କମଳାକାନ୍ତ କର, ସହକାରୀ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ପ୍ରମୁଖ ମଞ୍ଚାସିନ ଥିବାବେଳେ ଜିଲ୍ଲାର ବିଭିନ୍ନ ବ୍ଲକରୁ ବରିଷ୍ଠ ନାଗରିକ (ଉଭୟ) ଯୋଗଦେଇଥିଲେ। ଏଥିସହିତ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକ ରୁ ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ଏବଂ ପାରଦର୍ଶିତା ପାଇଁ ସମ୍ବର୍ଦ୍ଧିତ ହୋଇଥିଲେ।

## ଉର୍ବର ଚାଷଜମି ପାଲଟିଛି ବେଣା ଜଙ୍ଗଲ

# ବେଣାମୁକ୍ତ କରି କୃଷିଭିତ୍ତିକ ଶିଳ୍ପ କରାଯିବା ଦାବି

ପଟ୍ଟାମୁଣ୍ଡାଇ, ୧୦।୧୦(ସମିସ)



ଓଡ଼ିଶାର ଅନ୍ୟତମ ପ୍ରମୁଖ କୃଷି ପ୍ରଧାନ ଅଞ୍ଚଳ ଭାବେ ବର୍ଷ ବର୍ଷ ଧରି ପଟ୍ଟାମୁଣ୍ଡାଇର ସ୍ୱତନ୍ତ୍ର ପରିଚୟ ରହିଛି। ଏକଦା ଏଠାକାର ଉତ୍ପାଦିତ ଚାଉଳଠାରୁ ଆରମ୍ଭ କରି ବିଭିନ୍ନ ସାମଗ୍ରୀ ରାଜ୍ୟ ଓ ରାଜ୍ୟ ବାହାରକୁ ଯାଉଥିଲା। ନିଜର କୃଷିଜାତ ସାମଗ୍ରୀ ବିକ୍ରି କରି ଚାଷୀ ଦୁଇ ପଇସା ଉପାର୍ଜନ କରିବା ଦ୍ୱାରା ଆର୍ଥିକ କ୍ଷେତ୍ରରେ ସଶକ୍ତ ହେଉଥିଲା। କୃଷିର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଯୋଜନା ପରେ ଯୋଜନା ପ୍ରସ୍ତୁତ କରୁଥିଲେ ମଧ ତା'ର କୌଣସି ଝଲକ ପଟ୍ଟାମୁଣ୍ଡାଇରେ ଦେଖିବାକୁ ମିଳୁନାହିଁ। କାରଣ ନିର୍ଦ୍ଦିଷ୍ଟ ଯୋଜନା ଅଭାବରୁ ପଟ୍ଟାମୁଣ୍ଡାଇ ଅଞ୍ଚଳର କୃଷି କ୍ଷେତ୍ରରେ ଆଖିଦୃଶିଆ ବିକାଶ ପରିଲକ୍ଷିତ ହେଉନାହିଁ। ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ଶହ ଶହ ଏକର ଉର୍ବର ଚାଷଜମି ବେଣା ଜଙ୍ଗଲରେ ପରିପୂର୍ଣ୍ଣ ହୋଇପଡ଼ିଛି। ବର୍ଷ ବର୍ଷ ଧରି ଏହି ସମସ୍ୟା ଲାଗି ରହିଛି। ଚାଷୀଙ୍କ ଉର୍ବର ଚାଷଜମି ବେଣା ଜଙ୍ଗଲରେ ପରିପୂର୍ଣ୍ଣ ହୋଇଥିବାରୁ ଚାଷ କାମ ହୋଇପାରୁନାହିଁ। ଘରେ ପୁଅ ବେକାର ହୋଇ ଘରେ ବସିଛି। କୌଣସି ରୋଜଗାର ବାଟ ନ ପାଇ ବେକାର ହୋଇ ବସିଥିବା ଭେଣ୍ଡିଆ ପୁଅ ପରିବାର ଉପରେ ବୋଝ ହେଉଛି। ଫଳରେ ଚାଷୀଙ୍କ ଆର୍ଥିକ ସ୍ଥିତି ବିଗିଡି ଯାଉଛି। ଚରମ ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଚାଷୀ କରଜ ଭାର ସହି ନ ପାରି ଆତ୍ମହତ୍ୟା ବାଟ ବାଛି ନେଉଛି। କାମ ଧନ୍ଦା ନ ପାଇ ବେରୋଜଗାରିଆ ବେକାର ପୁଅ ପରିବାର ଲୋଭ ତୁଟାଇ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଚାଲିଯାଉଛି। ରାଜ୍ୟ ବାହାରେ ପେଟ ବିକଳରେ ପଡ଼ି ରହିଥିବା ବେକାର ଯୁବକ ଅଧିକାଂଶ ସମୟରେ ଶୋଷଣ ଓ ଅତ୍ୟାଚାରର ଶିକାର ହୋଇ ଜୀବନ ହାରିବା ଘଟଣା ସମ୍ବାଦପତ୍ରର ଶିରୋନାମା ପାଲଟି ଯାଉଛି। ତେଣୁ ଧୋୟାଞ୍ଚଳର ଚାଷଜମିକୁ ବେଣାମୁକ୍ତ କରି କୃଷିଭିତ୍ତିକ ଶିଳ୍ପ କରାଯିବାକୁ ଦାବି ହେଉଛି।

ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳରେ ଥିବା ଶହ ଶହ ଏକର ଉର୍ବର ଚାଷଜମି ବେଣା ଜଙ୍ଗଲରେ ପରିପୂର୍ଣ୍ଣ ହୋଇଛି। ପଟ୍ଟାମୁଣ୍ଡାଇ ବ୍ଲକର ବାଲିପାଟଣା, ବାଛରା, ଅଣ୍ଡରା, ପେଣ୍ଠପାଳ, ତରଡ଼ିପାଳ, ଅଳପୁଆ, ବଲୁରିଆ, ସିଂହଗା, ଅମୃତମଣୋହି ଆଦି ପଞ୍ଚାୟତ ବନ୍ୟା, ବାତ୍ୟା, ମରୁଡ଼ି ଆଦି ପ୍ରାକୃତିକ ବିପର୍ଯ୍ୟୟର ଚିର ସହଚର। ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳ ଚାଷୀ ପ୍ରାକୃତିକ ବିପର୍ଯ୍ୟୟରେ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହେଉଥିବାବେଳେ ଚାଷଜମି ବେଣାମୟ ହୋଇପଡ଼ିବା ଫଳରେ କୌଣସି ଫସଲ କରି ନ ପାରି ପୁନଃରାୟ କ୍ଷତିଗ୍ରସ୍ତ ହୋଇ ନିଜ ଭାଗ୍ୟକୁ ନିନ୍ଦୁଛି। କୃଷି ଓ କୃଷକର ଉନ୍ନତି ପାଇଁ ସରକାର ଅନେକ ଯୋଜନା ହାତକୁ ନେଇଥିଲେ ମଧ ଉର୍ବର ଚାଷଜମିକୁ ବେଣାମୁକ୍ତ କରିବା ପାଇଁ କୌଣସି ଯୋଜନା କରିବା ଦେଖାଯାଉନାହିଁ। ରାଜ୍ୟ ସରକାର ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳରେ ଥିବା ଶହ ଶହ ଏକର ଚାଷଜମିକୁ ବେଣାମୁକ୍ତ କରିବା ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବା ସହିତ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା କଲେ ଚାଷର ଉନ୍ନତି ସହିତ ଦାଦନ ସମସ୍ୟା ଅନେକାଂଶରେ ଦୂର ହୋଇପାରିବ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି।

## ୪୨ ବର୍ଷରେ ଦେସାହି ଗଜଲକ୍ଷ୍ମୀ ପୂଜା



ଗୋବିନ୍ଦପୁର, ୧୦।୧୦(ସମିସ): ଆଳି ବ୍ଲକ ଅନ୍ତର୍ଗତ ଦେସାହି ଗ୍ରାମରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେଉଛି। ଏହି ପୂଜା ୪୨ ବର୍ଷରେ ପଦାର୍ପଣ କରିଛି। ପ୍ରତିଦିନ ଭଜନ କୀର୍ତ୍ତନ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ କରାଯାଉଛି। ପଞ୍ଚାୟତର ସମିତିସଭ୍ୟ ସନ୍ତୋଷ ବେହୁରିଆ ଓ ସ୍ଥାନୀୟ ଜନସାଧାରଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଚାଲିଛି।

## ବାଲିଆପଦା ଓ ନେତୁଆରେ ଗଜଲକ୍ଷ୍ମୀ ପୂଜା





ପଞ୍ଚୁପାଣ୍ଡବ, ୧୦।୧୦(ସମିସ): ଛୋଟି ପଞ୍ଚାୟତ ଅନ୍ତର୍ଗତ ବାଲିଆପଦା ଓ ନେତୁଆ ଗ୍ରାମରେ ଗଜଲକ୍ଷ୍ମୀ ପୂଜା ହେଉଛି। ଯୁଗଜ୍ୟୋତି କମିଟି ଓ ମହାଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଉଭୟ ଗ୍ରାମରେ ପୂଜା ହେଉଥିବାରୁ ଏଠାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ଦୁଇ ମଣ୍ଡପ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଦୋକାନ ବଜାର ଲାଗିଛି। ହଜିଯାଇଥିବା ଆମ ଅତୀତକୁ ମନ ପକାଇବାକୁ ଅତୀତର ଜିନିଷ ପ୍ରଦର୍ଶନ କରାଯାଇଥିବା ଦେଖିବାକୁ ମିଳୁଛି। ଦୁଇ ମଣ୍ଡପ ପାଖାପାଖି ହୋଇଥିବାରୁ ଦୂରଦୂରାନ୍ତରୁ ଲୋକେ ଏଠାକୁ ଆସୁଥିବା ମହାଲକ୍ଷ୍ମୀ ପୂଜା କମିଟି ସଭାପତି ନିର୍ମଳ ମଲ୍ଲ କହିଛନ୍ତି।

## ମାଟିଆପଡ଼ା ହାଇସ୍କୁଲରେ ବନ୍ୟପ୍ରାଣୀ ସପ୍ତାହ



ପଟ୍ଟାମୁଣ୍ଡାଇ, ୧୦।୧୦(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ମାଟିଆପଡ଼ା ହାଇସ୍କୁଲରେ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ କବି ମନୋଜ ଶତପଥୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଦିହୁଡ଼ିପୁର ସରପଞ୍ଚ ନରେଶ ମଲିକ ମୁଖ୍ୟଅତିଥି, ସମାଜସେବୀ ସତ୍ୟବ୍ରତ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ବିଶ୍ୱ ପ୍ରସିଦ୍ଧ ଭିତରକନିକାର ଜୈବ ବିବିଧତାର ବିବିଧତା ଓ ବନ୍ୟ ପ୍ରାଣୀଙ୍କ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ବିଜ୍ଞାନ ଶିକ୍ଷକ ସ୍ୱପ୍ନେଶ୍ୱର ଆଚାର୍ଯ୍ୟ ଓ ଶିକ୍ଷୟିତ୍ରୀ ଶୁଭଶ୍ରୀ ପରିଡ଼ା ଜନସଂଖ୍ୟା ବୃଦ୍ଧି ଯୋଗୁଁ ଜୀବଜନ୍ତୁଙ୍କ ଉପରେ ଏହାର ପ୍ରଭାବ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ କହିଥିଲେ। ସହକାରୀ ଶିକ୍ଷକ ମାନସ ରଞ୍ଜନ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାକୁ ସହକାରୀ ଶିକ୍ଷକ ବିନୋଦ ସାହୁ, ବିନ୍ଦୁରେଖା ନାୟକ ଓ ଚନ୍ଦ୍ରଭାନୁ ସାହୁ ପରିଚାଳନା କରିଥିଲେ। ଶେଷରେ ଶିକ୍ଷିତ୍ରୀ ପୁଷ୍ପଲତା ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏ ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ଚନ୍ଦ୍ରଭାନୁ ସାହୁ, ଶୁଭାଶିଷ ପତ୍ରୀ, ରଞ୍ଜିତ ସାହୁ ଓ ମାଧୁରୀ ଭୁଏ ପରିଚାଳନା କରିଥିଲେ।

# ଦୀନବନ୍ଧୁ ସାହୁଙ୍କ ଜୟନ୍ତୀ ସମାରୋହ



କେନ୍ଦ୍ରାପଡ଼ା, ୧୦।୧୦(ସମିସ): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଦୀନବନ୍ଧୁ ସାହୁଙ୍କ ୧୧୬ତମ ଜୟନ୍ତୀ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅବସରପ୍ରାପ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଡ. ସତ୍ୟଜିତ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଦୀନବନ୍ଧୁ ସାହୁ ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ। ସେ କହିଥିଲେ, କେନ୍ଦ୍ରାପଡ଼ା ଏକ କୃଷିଭିତ୍ତିକ ଅଞ୍ଚଳ। ବିଗତ ୬୦ ବର୍ଷ ଭିତରେ କିଛି ରାସ୍ତା, ଗାଡି, ଘରବାଡି ବଢ଼ିଛି। ତେବେ ଆମର କିଛି ପରିବର୍ତ୍ତନ ହୋଇନାହିଁ। ଆମ ଗାଁର ପିଲା ମୋତେ ହୋମଗାର୍ଡ ହେବାକୁ ସୁପାରିଶ କରିବା ପାଇଁ କହୁଛନ୍ତି। କେନ୍ଦ୍ରାପଡ଼ାର ପ୍ରାକ୍ତନ ଜନନେତା, ଓଡ଼ିଶାର ପ୍ରାକ୍ତନ ମନ୍ତ୍ରୀ ଓ ଅଧିବକ୍ତା ସ୍ୱାଧୀନତା ପୂର୍ବରୁ ପାଟନାରୁ ଅର୍ଥନୀତିରେ ଏମଏ ଓ ପରେ ଆଇନ ପାଠ ସାରି ଆଡଭୋକେଟ ଜେନେରାଲ ଓ ମନ୍ତ୍ରୀ ଥାଇ ଏଠାରେ ମହାବିଦ୍ୟାଳୟ ସ୍ଥାପନାଠାରୁ ଗ୍ରାମୀଣ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଯେଉଁ ପରିକଳ୍ପନା କରିଥିଲେ ତାହା ଏବେ ଅଧୁରା ରହିଛି। ୭୦ ଦଶକରେ ଆମ ସ୍ଥିତି ଯାହା ଥିଲା, ସେଥିରେ ବିଶେଷ କିଛି ସୁଧାର ଆସିନାହିଁ ବୋଲି ଡ. ମହାନ୍ତି କହିଥିଲେ। ଏ ଅବସରରେ କଲେଜ ପକ୍ଷରୁ ମୁଖ୍ୟଅତିଥି ଡ. ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ୟାପଟେନ ସୀମା ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଅଧ୍ୟକ୍ଷ ପ୍ରଫେସର ଜେନା ସ୍ୱାଗତ ଭାଷଣ, ଆବାହକ ପ୍ରାଧ୍ୟାପକ ବିଶ୍ୱରଞ୍ଜନ ପୁହାଣ ଅତିଥି ପରିଚୟ ଓ ଅଧ୍ୟାପକ ରଞ୍ଜିତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ବେହେରା, ପ୍ରାଧ୍ୟାପକ ନନ୍ଦକିଶୋର ପରିଡ଼ା, କୈଳାସ ବରାଳ, ଡ. ପ୍ରଦୀପ୍ତ ଦାଶ, ଡ. ଦେବେନ୍ଦ୍ର ଗୋଛାୟତ, ତପନ ପତି, ଡ. ଶ୍ରୀଧର ସାମଲ, ଡ. ପ୍ରଭାକର ମଲ୍ଲିକ, ବିଜୟ ଦାସ, ଆଇନଜୀବୀ ଧିରେନ ସାହୁ, ପ୍ରାଧ୍ୟାପିକା ଡ. ବାସନ୍ତୀ ଶୁକ୍ଳା, ଡ. ଦୀପ୍ତି ରାୟ, ଡ. ପୂର୍ବାଶା ପ୍ରିୟଦର୍ଶିନୀ, ପୂର୍ଣ୍ଣମାସୀ ପଣ୍ଡା ପ୍ରମୁଖଙ୍କ ସମେତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ମା' ଲକ୍ଷ୍ମୀଙ୍କ ଆଶୀର୍ବାଦ ଭିକ୍ଷାକଲେ ପାଟକୁରା ବିଧାୟକ



ଡେରାବିଶ, ୧୦।୧୦(ସମିସ): ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଆଜି ଡେରାବିଶ ବ୍ଲକ ଅନ୍ତର୍ଗତ ଗୁଆଳସିଂ, କାଉପଡ଼ା, ଚାଟରାଚକଡ଼ା, କୁରୁଜଙ୍ଗା, ରଘୁଦେଇପୁର, ଲକ୍ଷ୍ମୀନାରାୟଣପୁର, ଏଣ୍ଡର, ବାଲିଆ, ଗୋଲରାହାଟ ଆଦି ପଞ୍ଚାୟତକୁ ଯାଇ ବିଭିନ୍ନ ପୂଜା ମଣ୍ଡପରେ ମା' ଗଜଲକ୍ଷ୍ମୀଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ବିଧାୟକ ଶ୍ରୀ ମହାପାତ୍ରଙ୍କ ସହିତ ବରିଷ୍ଠ ବିଜେଡି ନେତା ସରୋଜ ନାୟକ, ମନୋରଞ୍ଜନ ଉପାଧ୍ୟାୟ, ନରସିଂହପୁର ସରପଞ୍ଚ ସୁଧିର ଖଟୁଆ, ଚାଟରାଚକଡ଼ା ସମିତିସଭ୍ୟ ନିରଞ୍ଜନ କର, ବାଲିଆ ସରପଞ୍ଚ ପ୍ରବୀର ସିଂ, ଦିଲ୍ଲୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ




ପଟ୍ଟାମୁଣ୍ଡାଇ, ୧୦।୧୦(ସମିସ): ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ କୋର୍ଟର ଅତିରିକ୍ତ ଜିଲ୍ଲା ଜଜ୍ ବିଦ୍ୟାଧର ପୃଷ୍ଟି ପୌରୋହିତ୍ୟ କରି ସମଗ୍ର ବିଶ୍ୱରେ ମାନସିକ ରୋଗୀଙ୍କ ସଂଖ୍ୟା ବୃଦ୍ଧି ଏକ ଆହ୍ୱାନ ଭାବେ ଦେଖା ଦେଇଥିବାରୁ ଏହାର ନିୟନ୍ତ୍ରଣ ଓ ନିରାକରଣ ଦିଗରେ ସବୁ ମହଲରେ ଉଦ୍ୟମ କରାଯିବା ସହିତ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ସିଭିଲ ଜଜ ବିଦ୍ୟୁତଲତା ପ୍ରଧାନ, ଜେଏମଏଫସି ଡିକେ ବାଲକ୍ରିଷ୍ଣନ ବିଶ୍ୱରେ ମାନସିକ ରୋଗୀ ବୃଦ୍ଧି ସମାଜ ପାଇଁ ଚିନ୍ତାଜନକ ହୋଇଥିବାରୁ ବ୍ୟାପକ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ପଟ୍ଟାମୁଣ୍ଡାଇ ଓକିଲ ସଂଘ ଉପସଭାପତି ସୁରେଶ ନରେନ୍ଦ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲ ଡା. ତାପସ ସାହୁ, ଓକିଲ ସଂଘ ସମ୍ପାଦକ ରବୀନ୍ଦ୍ର ଦାଶ, ସହସମ୍ପାଦକ ମନୋଜ ନାୟକ, ଲିଗାଲ ଏଡ୍ ପ୍ୟାନେଲ ଆଡ଼ଭୋକେଟ ଗୀତାଞ୍ଜଳି ପୃଷ୍ଟି, ଆଡ଼ଭୋକେଟ ବିଜୟ ରାଉତ, ହୃଦାନନ୍ଦ ମହାନ୍ତି, ଲିଗାଲ ଏଡ କର୍ମକର୍ତ୍ତା ଅପର୍ଣ୍ଣା ସାମଲ, ମୋହନ ଦାସଙ୍କ ସମେତ ସ୍ୱାସ୍ଥ୍ୟ କର୍ମଚାରୀ ଓ ଆଶା କର୍ମୀ ଯୋଗ ଦେଇଥିଲେ। ଆଡଭୋକେଟ ଧୀରେନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

# ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ

କେନ୍ଦ୍ରାପଡ଼ା, ୧୦।୧୦(ସମିସ): ଜିଲ୍ଲା ପ୍ରଶାସନ, ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମିଳିତ ଆନୁକୂଲ୍ୟରେ





ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ମ୍ୟୁନିସିପାଲିଟି ଟାଉନ ହଲ୍‌ରେ ଆୟୋଜିତ ବୈଠକରେ ଜିଲ୍ଲାପାଳ ରଘୁରାମ ଆର ଆୟର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମନୋରଞ୍ଜନ ରାଉତ, ପ୍ରାକ୍ତନ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଦାସ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ପୂର୍ବତନ ଅଧ୍ୟାପକ ଅଜୟ ସାମଲ ପ୍ରମୁଖ ଉପସ୍ଥିତ ରହି ବରିଷ୍ଠ ନାଗରିକଙ୍କ ସମସ୍ୟା, ସରକାରୀ ସୁବିଧା ସୁଯୋଗ, ଆଇନ ବ୍ୟବସ୍ଥା ଇତ୍ୟାଦି ବିଷୟରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ ବେହୁରା ଜିଲ୍ଲା ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଉଥିବା ସୁବିଧା ଓ ବିଗତ ଦିନରେ ଦିଆଯାଉଥିବା ସୁବିଧା ସମ୍ପର୍କରେ ମତ ରଖିଥିଲେ। ଭିନ୍ନକ୍ଷମ ବିଦ୍ୟାଳୟ ଅଧ୍ୟକ୍ଷ ସୁଧାଂଶୁ ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ମଣ୍ଡଳ ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ବେହୁରା ଧନ୍ୟବାଦ ଅର୍ପଣ କରିଥିଲେ। ଯୋଗଗୁରୁ ସଞ୍ଜୟ ମଥାନଙ୍କ ନେତୃତ୍ୱରେ ନାଚଗୀତ ପରିବେଷଣ ହୋଇଥିବାବେଳେ ସଙ୍ଗୀତ ଗୁରୁ କଳାକାର ପଣ୍ଡାଙ୍କ ନେତୃତ୍ୱରେ ସଚେତନତା ଧର୍ମୀ କାର୍ଯ୍ୟକ୍ରମ କରାଯାଇଥିଲା। ସ୍ୱାଧୀନତା ସଂଗ୍ରାମୀ ବିମ୍ବାଧର ମୁଦୁଲି ଓ ୧୦ ଜଣ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଚାନ୍ଦୋଳ ବଜାର ଗଜଲକ୍ଷ୍ମୀ ମଣ୍ଡପ ବୁଲିଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ



ଡେରାବିଶ, ୧୦।୧୦(ସମିସ): ଚାନ୍ଦୋଳ ବଜାରର ବିଭିନ୍ନ ଗଜଲକ୍ଷ୍ମୀ ପୂଜା ମଣ୍ଡପକୁ ଆଜି ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯାଇ ମା'ଙ୍କ ଦର୍ଶନ କରିଛନ୍ତି। ଆଜି ଅପରାହ୍ନରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଚାନ୍ଦୋଳସ୍ଥ ଦଳୀୟ କାର୍ଯ୍ୟାଳୟରେ ପହଞ୍ଚିବା ପରେ ତାଙ୍କୁ ରାଜ୍ୟ ବିଜେପି ମୁଖପାତ୍ର ତେଜେଶ୍ୱର ପରିଡ଼ା ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ପରେ ଶ୍ରୀ ପରିଡ଼ା ମନ୍ତ୍ରୀଙ୍କୁ ଚାନ୍ଦୋଳ ବଜାରରେ ହୋଇଥିବା ବିଭିନ୍ନ ଗଜଲକ୍ଷ୍ମୀ ପୂଜା ମଣ୍ଡପକୁ ନେଇଥିଲେ। ମନ୍ତ୍ରୀଙ୍କ ସହିତ ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ବିଜେପି ଜିଲ୍ଲା ସଭାପତି ଶଶାଙ୍କ ସେଠୀ, କିଶୋର ପଣ୍ଡା, ଗୀତାଞ୍ଜଳି ସେଠୀ, କୃଷ୍ଣଚନ୍ଦ୍ର ପଣ୍ଡା, ସୁନାକାର ବେହେରା, ସ୍ମାରକ ମହାନ୍ତି, ବିଜୟ ଜେନା, ଭଞ୍ଜନ ମହାନ୍ତି, ଦୀପ୍ତିକାନ୍ତ ସାହୁ, କଳ୍ପତରୁ ଶତପଥୀ ପ୍ରମୁଖ ସାମିଲ ଥିଲେ।

# ପ୍ରତି ମଣ୍ଡପକୁ ମିଳିବ ୫୦ ହଜାର ଟଙ୍କା: ସଂସ୍କୃତି ମନ୍ତ୍ରୀ



କେନ୍ଦ୍ରାପଡ଼ା, ୧୦।୧୦(ସମିସ): କେନ୍ଦ୍ରାପଡ଼ାର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଭାଇଚାରାର ଅନନ୍ୟ ନିଦର୍ଶନ। ଏଠାରେ ସବୁ ସମ୍ପ୍ରଦାୟର ଲୋକେ ପୂଜାରେ ନିଜକୁ ସାମିଲ କରିଥା'ନ୍ତି। କେନ୍ଦ୍ରାପଡ଼ା ଗଜଲକ୍ଷ୍ମୀ ପୂଜାକୁ ଅଧିକ ସରସ ସୁନ୍ଦର କରିବା ପାଇଁ ପ୍ରତି ମଣ୍ଡପକୁ ୫୦ ହଜାର ଟଙ୍କା ସରକାରୀ ଅନୁଦାନ ପ୍ରଦାନ କରାଯିବ ବୋଲି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ନୂଆ ବସଷ୍ଟାଣ୍ଡରେ ଥାନପତି ପୂଜା କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମହାକାଳପଡ଼ା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ ଯୋଗଦେଇ କହିଲେ ରାଜ୍ୟ ସରକାର କେନ୍ଦ୍ରାପଡ଼ା ଜିଲ୍ଲା ପ୍ରତି ବେଶ ସମ୍ବେଦନଶୀଳ ଅଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଜେପି ଜିଲ୍ଲା ସଭାପତି ଶଶାଙ୍କଶେଖର ସେଠୀ, ପୂର୍ବତନ ଜିଲ୍ଲା ସଭାପତି କିଶୋର ପଣ୍ଡା, ରାଜନଗର ବିଜେପି ନେତା ଲଳିତ ବେହେରା, ଗୀତାଞ୍ଜଳି ସେଠୀ, ପ୍ରତାପ ଦାସ, ଉମାକାନ୍ତ ପଟ୍ଟନାୟକ, ଆଳି ବିଜେପି ନେତା କୃଷ୍ଣଚନ୍ଦ୍ର ପଣ୍ଡା, ଭୁବନମୋହନ ଜେନା, ନେହେରୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଥାନପତି କମିଟି ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୨ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ପଞ୍ଚୁପାଣ୍ଡବ, ୧୦।୧୦(ସମିସ): ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମସ୍ଥ ଦାମୋଦରଜୀଉ ବିଦ୍ୟାପୀଠରେ ଦୁଇଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଶରତ ଭୋଇ ଜୁଲାଇ ୩୧ ଓ




ଦୈତାରୀ ସାମଲ ସେପ୍ଟେମ୍ବର ୩୦ ତାରିଖରେ ଅବସର ନେଇଥିଲେ। ପ୍ରଧାନଶିକ୍ଷକ ବିଭୂତି ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଅବସରକାଳୀନ ସମ୍ବର୍ଦ୍ଧନାରେ ମୁଖ୍ୟଅତିଥି ଭାବେ ପରିଚାଳନା କମିଟି ସଭାପତି ରବୀନ୍ଦ୍ର ସାମଲ, ମୁଖ୍ୟବକ୍ତା ସମର ସାମଲ, ସମ୍ମାନିତ ଅତିଥି ଭାବେ ଅତିଥି ଶିକ୍ଷକ କୈଳାସ ବାସୁଲି, ପୂର୍ବତନ କର୍ମଚାରୀ ବୀରବର ସାହୁ, କୈଳାସ ସାହୁ ଯୋଗ ଦେଇଥିଲେ। ବଜାର ନୋଡାଲ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଲିଲିମା ସାମଲ, ଶିକ୍ଷକ ଅକ୍ଷୟ ନାୟକ, ପ୍ରଶାନ୍ତ ଜେନା, ପ୍ରଶାନ୍ତ ନାୟକ, ବିଭୂତି ଘଡାଇ, ଗୟାଧର ମହାପାତ୍ର ପ୍ରମୁଖ ପରିଚାଳନା କରିଥିବାବେଳେ ଖେଳ ଶିକ୍ଷକ ନିରଞ୍ଜନ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ବିରଜା ଦାସଙ୍କୁ ଜୁଆଣିଆ ଓ ପେଟପଡ଼ା ସମିତି ଦାୟିତ୍ୱ

ଆଳି, ୧୦।୧୦(ସମିସ): ଗୋବିନ୍ଦପୁର ପ୍ରାଥମିକ ସମବାୟ ସମିତି ସମ୍ପାଦକ ବିରଜା ପ୍ରସାଦ ଦାସଙ୍କ ଆଳି ବ୍ଲକସ୍ଥ ଆଳି କଟକ ସେଣ୍ଟ୍ରାଲ କୋଅପରେଟିଭ ବ୍ୟାଙ୍କ ପକ୍ଷରୁ ନୂତନ ଭାବେ ଗଢ଼ିଉଠିଥିବା ଜୁଆଣିଆ ଓ ପେଟପଡ଼ା ସମବାୟ ସମିତି ଦାୟିତ୍ୱ ଦିଆଯାଇଛି।



ଜୁଆଣିଆ ଓ ପେଟପଡ଼ା ସମବାୟ ସମିତିର ପୂର୍ବ ସମ୍ପାଦକଙ୍କ ନାମରେ ଦୁର୍ନୀତି ଅଭିଯୋଗ ହୋଇଥିଲା। ବାରମ୍ବାର ଚାଷୀ ଅଭିଯୋଗ ଆଣିବା ପରେ ଓଡ଼ିଶା ଷ୍ଟେଟ କୋଅପରେଟିଭ ବ୍ୟାଙ୍କର ଚିଫ ଜେନେରାଲ ମ୍ୟାନେଜରଙ୍କ ନିର୍ଦ୍ଦେଶ କ୍ରମେ ଉକ୍ତ ଦୁଇ ସମବାୟରେ ସ୍ୱତନ୍ତ୍ର ଅଡିଟ ହେବା ସହ ଦୁର୍ନୀତି ପ୍ରମାଣ ମିଳିବା ପରେ ଦୁଇ ସମ୍ପାଦକଙ୍କୁ ନିଲମ୍ବିତ କରାଯାଇଥିଲା। ଦୀର୍ଘଦିନ ଧରି ଏହି ସମବାୟ ସମିତିରେ କାହାକୁ ଦାୟିତ୍ୱ ନ ଦିଆଯିବା ଫଳରେ ଚାଷୀ ସରକାରୀ ଯୋଜନାରୁ ବଞ୍ଚିତ ହେଉଥିଲେ। ବାଧ୍ୟ ହୋଇ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଅନ୍ୟ ସମ୍ପାଦକଙ୍କୁ ଦାୟିତ୍ୱ ଦିଆଯାଇଥିଲେ ମଧ୍ୟ ସମ୍ପାଦକ ନିଯୁକ୍ତି ହୋଇପାରି ନ ଥିଲା। ପୁଣି ଚାଷୀ ଏଆରସିଏସ, ଡିଆରସିଏସଙ୍କ ସହ ଜିଲ୍ଲାପାଳଙ୍କୁ ଭେଟି ଜଣାଇଥିଲେ। ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ସମାଧାନ ବାଟ ଫିଟିଥିଲା। ଆଜି କେନ୍ଦ୍ରାପଡ଼ା ସମବାୟ ସହନିବନ୍ଧକ ପକ୍ଷରୁ ପେଟପଡ଼ା ଓ ଜୁଆଣିଆ ସମବାୟ ସମିତି ସମ୍ପାଦକ ଭାବେ ଗୋବିନ୍ଦପୁର ସମବାୟ ସମିତି ସମ୍ପାଦକ ବିରଜା ପ୍ରସାଦ ଦାସଙ୍କୁ ଦାୟିତ୍ୱ ଦିଆଯାଇଛି।

## ଆଳି କଲେଜରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

ଆଳି, ୧୦।୧୦(ସମିସ): ବିଶ୍ୱରେ ବଢ଼ିଚାଲିଥିବା ମାନସିକ ଅସୁସ୍ଥତା ରୋକିବା ଲକ୍ଷ୍ୟ ନେଇ ଆଜି ସାରା ବିଶ୍ୱରେ ପାଳିତ ହୋଇଛି ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ। ଆଳି କଲେଜ ପରିସରରେ ଏହା ପାଳନ କରାଯାଇଛି। ଆଳି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦେବାନ ସତ୍ୟଦର୍ଶୀ ନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ କଲେଜ ଛାତ୍ରଛାତ୍ରୀ ଓ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କ ମାନସିକ ସୁସ୍ଥତା ବଜାୟ ରଖିବା ପାଇଁ ଉଦ୍ଦିଷ୍ଟ ସରକାରୀ ଦାୟିତ୍ୱ ଓ ଆଇନର ସୂଚନା ଦେଇଥିଲେ। ଆଇନଜୀବୀ ପ୍ରମୋଦ ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଡଭୋକେଟ ଶରତ ମହାନ୍ତି, ଅକ୍ଷୟ ମଲ୍ଲିକ, ଆଳି ମହାବିଦ୍ୟାଳୟ ଅଧ୍ୟକ୍ଷ ରବିନାରାୟଣ ଦାଶ, ଆଇନଜୀବୀ ମୃତ୍ୟୁଞ୍ଜୟ ସାମଲ, ନୃସିଂହ ଦୀକ୍ଷିତ ପ୍ରମୁଖ ଯୋଗ ଦେଇଥିଲେ।

## ୧୮ ମାସ ହେଲା ମିଳିନି ଦରମା

# ବିଡିଓଙ୍କ କାର୍ଯ୍ୟାଳୟରେ ରାତ୍ର ଜଗୁଆଳି ଓ ସୁଇପରଙ୍କ ଧାରଣା

ରାଜନଗର, ୧୦।୧୦(ସମିସ)




ରାଜନଗର ବ୍ଲକର ୧୭ଟି ରୂପାନ୍ତରିତ ବିଦ୍ୟାଳୟରେ କାର୍ଯ୍ୟରତ ସୁଇପର ଓ ରାତ୍ର ଜଗୁଆଳ ଦୀର୍ଘ ୧୮ ମାସ ହେଲା ଦରମା ପାଉନାହାନ୍ତି। ଦରମା ମିଳୁ ନ ଥିବାରୁ ପରିବାର ଉପବାସରେ ରହୁଛନ୍ତି। ଏ ନେଇ ବିଡିଓଙ୍କୁ ଭେଟି ଅଭିଯୋଗ କରିଥିଲେ। କୌଣସି ପଦକ୍ଷେପ ନ ନେବାରୁ ରାତ୍ର ଜଗୁଆଳି ଓ ସୁଇପର ଆଜି ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ।

ସୂଚନା ମୁତାବକ, ୱାଚ ଆଣ୍ଡ ୱାର୍ଡ ବ୍ୟବସ୍ଥାରେ ୫ଟି ରୂପାନ୍ତରିତ ବିଦ୍ୟାଳୟରେ ୩ ବର୍ଷ ପୂର୍ବେ ନିଯୁକ୍ତି ଦିଆଯାଇଥିଲା। ପ୍ରତି ବିଦ୍ୟାଳୟରେ ଘର ସଫେଇ ପାଇଁ ଜଣେ ଓ ରାତ୍ର ଜଗୁଆଳି ପାଇଁ ଜଣଙ୍କୁ ନିଯୁକ୍ତି ଦିଆଯାଇଥିଲା। ସିଧାସଳଖ ଏହି ନିଯୁକ୍ତି ଦିଆ ନ ଯାଇ ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ନିଯୁକ୍ତି ଦିଆଯାଇଥିଲା। ବ୍ଲକରେ ପ୍ରାୟ ୩୪ ଜଣଙ୍କୁ ନିଯୁକ୍ତି ମିଳିଥିଲା। ଦେଢ ବର୍ଷ ହେଲା ଏହି ସୁଇପର ଓ ରାତ୍ର ଜଗୁଆଳିଙ୍କୁ ଦରମା ମିଳୁନାହିଁ। ଆଜି ୫ଟି ରୂପାନ୍ତରିତ ବିଦ୍ୟାଳୟରେ କାର୍ଯ୍ୟରତ ସୁଇପର ଓ ରାତ୍ର ଜଗୁଆଳି ରାଜନଗର ବ୍ଲକ କାର୍ଯ୍ୟାଳୟରେ ଧାରଣାରେ ବସିବା ସହିତ ଆମ ପରିବାର କିପରି ଚଳିବ ବୋଲି ପ୍ରଶ୍ନ କରିଥିଲେ। ୧୫ ଦିନ ମଧ୍ୟରେ ଦରମା ପ୍ରଦାନ ପାଇଁ ପଦକ୍ଷେପ ନିଆଯିବ ବୋଲି ବିଡିଓଙ୍କ ପତିଶ୍ରୁତି ପରେ ଧାରଣରୁ ଉଠିଥିଲେ। ରାଜେଶ ମଲ୍ଲିକ, ପ୍ରେମଲତା ବିଶ୍ୱାଳଙ୍କ ନେତୃତ୍ୱରେ ଧାରଣା ଦିଆଯାଇଥିଲା।

## ମହାକାଳପଡ଼ା ତହସିଲଦାର ଗିରଫ

ଭୁବନେଶ୍ୱର, ୧୦।୧୦(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ତହସିଲଦାର ଶିବପ୍ରସାଦ ମଲ୍ଲିକଙ୍କୁ ଗିରଫ କରାଯାଇଛି। ତାଙ୍କ ପାଖରୁ ଠାବ ସଂପତ୍ତି ତାଙ୍କ ଆୟଠାରୁ ୧୯୦ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

**ଆୟଠାରୁ ୧୯୦ ପ୍ରତିଶତ ଅଧିକ ସଂପତ୍ତି**

ତାଙ୍କ ନାମରେ ୪ଟି ବହୁତଳ କୋଠା ଥିବା ବେଳେ ୭ଟି ବହୁ ମୂଲ୍ୟବାନ ପ୍ଲଟ୍, ଆକାଉଣ୍ଟରେ ୧୮ ଲକ୍ଷ ଟଙ୍କା ରହିଛି। ସେହିପରି ଚଢ଼ଉ ବେଳେ ଭିଜିଲାନ୍ସ ତାଙ୍କ ଘରୁ ନଗଦ ୧.୫୫ ଲକ୍ଷ ଜବତ କରିଥିଲା। ଏସବୁ ସଂପତ୍ତିର ଉତ୍ସ ସଂପର୍କରେ ସେ ହିସାବ ଦେଇନପାରିବାରୁ ତାଙ୍କୁ ଗିରଫ କରାଯାଇଛି। ଗତ ୨୩ ତାରିଖରେ ୨୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ ଶିବପ୍ରସାଦ।